ଧରିତ୍ରୀ 52 Years
ପୃଷ୍ଠା-୮+୮
ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨୨/୨୦୨୬ (୮+୮=୧୬ ପୃଷ୍ଠା) Bhubaneswar, Thursday, January 22/2026 Page 16 ₹ 7.00
୫୨ଶ ଭାଗ ୬୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 60 ମୂଲ୍ୟ ₹୭/-

# ଭାଜପାକୁ ଶିନ୍ଦେଙ୍କ ଝଟକା

**ମହାରାଷ୍ଟ୍ରର କଲ୍ୟାଣ-ଡୋମ୍ବିଭଲି ମହାନଗର ନିଗମ (କେଡିଏମ୍‌ସି) ନିର୍ବାଚନ ପରେ ସେଠାରେ ଏକ ବଡ଼ଧରଣର ରାଜନୈତିକ ହଟଚମଟ ଦେଖିବାକୁ ମିଳିଛି। ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଏବଂ ରାଜ ଠାକ୍‌ରେଙ୍କ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍‌) ମଧ୍ୟରେ ନୂଆ ମେଣ୍ଟ ହୋଇଛି। ଶିନ୍ଦେଙ୍କ ଏହି ଝଟକା ଯୋଗୁ ସେଠାରେ ଭାଜପାର 'ମେୟର ସ୍ୱପ୍ନ' ଧୂଳିସାତ୍‌ ହୋଇଛି। ଏହାସହ ରାଜ୍ୟ ରାଜନୀତିରେ ବଡ଼ଭାଇ ସାଜିଥିବା ଭାଜପାକୁ ଶିନ୍ଦେ ଖାତିର କରୁ ନ ଥିବା ମଧ୍ୟ ଏକପ୍ରକାର ସ୍ପଷ୍ଟ ହୋଇଛି। ଭାଜପା, ଶିନ୍ଦେଙ୍କ ଶିବସେନା ଓ ଅଜିତ ପାୱାରଙ୍କ ଏନ୍‌ସିପିକୁ ନେଇ ଗଠିତ ମେଣ୍ଟ 'ମହାୟୁତି'ରେ ୨ ସପ୍ତାହ ପୂର୍ବରୁ ହିଁ ଫାଟ ଦେଖିବାକୁ ମିଳିଥିଲା। ଠାଣେ ଜିଲାର ଅମ୍ବରନାଥ ଏବଂ ଅକୋଲା ଜିଲାର ଅକୋଟ ପୌର ପରିଷଦ ପାଇଁ ଭାଜପା ଯଥାକ୍ରମେ ତା'ର ଚିର ରାଜନୈତିକ ଶତ୍ରୁ କଂଗ୍ରେସ ଓ ଅସାଦୁଦ୍ଦିନ ଓୱାଇସିଙ୍କ ଦଳ ଏଆଇଏମ୍‌ଆଇଏମ୍‌ ସହ ହାତ ମିଳାଇଥିଲା। ଅମ୍ବରନାଥ ଓ ଅକୋଲା ପୌର ପରିଷଦ ଶିନ୍ଦେଙ୍କ ଗଡ଼ ଥିବାବେଳେ ସେଠାରୁ ଶିବସେନାକୁ ହଟାଇବା ପାଇଁ ନିର୍ବାଚିତ ଭାଜପା କାଉନ୍‌ସିଲରମାନେ ଏଭଳି ପଦକ୍ଷେପ ନେଇଥିଲେ। ଭାଜପା ନେତା ତଥା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଉକ୍ତ ମେଣ୍ଟକୁ ଗ୍ରହଣ କରି ନ ଥିଲେ ମଧ୍ୟ ତାହା ଶିନ୍ଦେଙ୍କୁ ସନ୍ତୁଷ୍ଟ କରିପାରି ନ ଥିବା କଲ୍ୟାଣ-ଡୋମ୍ବିଭଲି ଘଟଣାରୁ ସ୍ପଷ୍ଟ ହୋଇଛି।**

## କଲ୍ୟାଣ-ଡୋମ୍ବିଭଲି ମହାନଗର ନିଗମ ପାଇଁ ରାଜ ଠାକ୍‌ରେଙ୍କ ସହ ହାତ ମିଳାଇଲେ




ଏକନାଥ ଶିନ୍ଦେ ଓ ରାଜ୍‌ ଠାକ୍‌ରେ ।

**ମୁମ୍ବାଇ,୨୧।୧**

ମହାୟୁତିର ୩ ଦଳ ମଧ୍ୟରେ ମତଭେଦ ଓ କ୍ଷମତା ଲୋଭର ପ୍ରତିଫଳନ ପୌର ନିର୍ବାଚନରେ ସ୍ପଷ୍ଟ ଦେଖିବାକୁ ମିଳିଛି। ଭାଜପା ଓ ଏକନାଥ ଶିନ୍ଦେଙ୍କ ଶିବସେନା ମିଳିତ ଭାବେ ପୌର ନିର୍ବାଚନ ଲଢ଼ିଥିବାବେଳେ ଅନ୍ୟତମ ସହଯୋଗୀ ଅଜିତ୍‌ ପାୱାରଙ୍କ ଏନ୍‌ସିପି ଏକାକୀ ଲଢ଼ିଥିଲା। ଜାନୁଆରୀ ୧୫ରେ ହୋଇଥିବା ୨୯ ମହାନଗର ନିଗମ ନିର୍ବାଚନରେ ଭାଜପା ଓ ଶିବସେନା ମେଣ୍ଟକୁ ଆଶାତୀତ ସଫଳତା ମିଳିଥିଲା। ଜନାଦେଶକୁ ଆଧାର କଲେ ବ୍ରିହନ୍‌ମୁମ୍ବାଇ ମହାନଗର ନିଗମ (ବିଏମ୍‌ସି) ସମେତ ୨୫ଟି ମହାନଗର ନିଗମରେ ଏହି ମେଣ୍ଟର ପ୍ରାର୍ଥୀ ମେୟର ହେବା କଥା। ହେଲେ ଭାଜପା ଓ ଶିବସେନା ମଧ୍ୟରେ ଥିବା ମତଭେଦ ନିର୍ବାଚନ ଫଳ ପ୍ରକାଶ ପରେ ଭିନ୍ନ ସମୀକରଣ ସୃଷ୍ଟି କରିଛି, ଯାହାର ଉଦାହରଣ ହେଉଛି କଲ୍ୟାଣ-ଡୋମ୍ବିଭଲି ମହାନଗର ନିଗମ (କେଡିଏମ୍‌ସି)। ମୋଟ ୧୨୨ ଆସନ ବିଶିଷ୍ଟ କେଡିଏମ୍‌ସିରେ କୌଣସି ଦଳକୁ ସ୍ପଷ୍ଟ ବହୁମତ ମିଳି ନ ଥିଲା। ବହୁମତ ପାଇଁ ୬୨ଟି ଆସନର ଆବଶ୍ୟକତା ଥିବାବେଳେ ଶିବସେନା (ଶିନ୍ଦେ) ୫୩, ଭାଜପା ୫୦, ଶିବସେନା (ୟୁବିଟି) ୧୧, ଏମ୍‌ଏନ୍‌ଏସ୍‌ ୫, କଂଗ୍ରେସ ୨ ଏବଂ ଏନ୍‌ସିପି(ଏସ୍‌ପି) ୧ଟି ଆସନରେ ବିଜୟୀ ହୋଇଛନ୍ତି। ରାଜ୍ୟରେ ଭାଜପା ଓ ଶିନ୍ଦେଙ୍କ ସେନା ଏକାଠି ଶାସନ କରୁଥିଲେ ମଧ୍ୟ କେଡିଏମ୍‌ସିରେ ମେୟର ପଦ ପାଇଁ ଉଭୟଙ୍କ ମଧ୍ୟରେ ଟଣାଓଟରା ଚାଲିଥିଲା। ଭାଜପା ପ୍ରଥମ ଅଢ଼େଇ ବର୍ଷ ପାଇଁ ମେୟର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ଆକାଶରେ ପରିବର୍ତ୍ତନ

# ଆଜି ୪,୫୭,୬୮୧ ହିତାଧିକାରୀଙ୍କୁ ମିଳିବ ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୨୧।୧(ସୁଚିସ୍ମିତା ସାହୁ)**

ନୂଆ ହିତାଧିକାରୀଙ୍କ ସମେତ ପୂର୍ବରୁ କୌଣସି କାରଣରୁ ବାଦ୍‌ ପଡ଼ିଥିବା ମୋଟ ୪ଲକ୍ଷ ୫୭ହଜାର ୬୮୧ଜଣ ମହିଳାଙ୍କୁ ଗୁରୁବାର ସୁଭଦ୍ରା ଟଙ୍କା ମିଳିବ। ଓୟୁଏଟି କୃଷି ଶିକ୍ଷା ସଦନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମା'ମାନଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରିବେ। ରାଜ୍ୟର ବିଭିନ୍ନ ଜିଲାରୁ ସୁଭଦ୍ରା ହିତାଧିକାରୀମାନେ ଅଂଶଗ୍ରହଣ କରିବେ। ☞ପୃଷ୍ଠା-୪

SIKSHA 'O' ANUSANDHAN
SAAT-2026
Empowering students for a brighter future
HOTEL MANAGEMENT PROGRAMMES
■ BHMCT (Bachelor of Hotel Management and Catering Technology)
■ MBA (Hospitality Management)
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2025
■ 15th Best in University Category
■ 25th Best in Overall Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT, Please visit: www.soa.ac.in

# ଗ୍ରୀନ୍‌ଲାଣ୍ଡ ପାଇଁ ବଳ ପ୍ରୟୋଗ କରାଯିବ ନାହିଁ: ଟ୍ରମ୍ପ

## 'ଭୁଲ୍‌ ଦିଗକୁ ଗୁହାଁଉଛି ୟୁରୋପ'

**ଡାଭୋସ୍‌,୨୧।୧(ରଏଟର୍ସ)**

ଗ୍ରୀନ୍‌ଲାଣ୍ଡକୁ ଅକ୍ତିଆର କରିବା ପାଇଁ ଆମେରିକା ବଳ ପ୍ରୟୋଗ କରିବ ନାହିଁ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ସ୍ପଷ୍ଟ କରିଛନ୍ତି। ୟୁରୋପ ସହ ଭୂରାଜନୈତିକ ଉତ୍ତେଜନା ସୃଷ୍ଟିର କେନ୍ଦ୍ରବିନ୍ଦୁ ପାଲଟିଥିବା ଏହି ଖଣିଜ ସମ୍ପଦ ପ୍ରାଚୁର୍ଯ୍ୟ ଦ୍ୱୀପକୁ ଆମେରିକା ହିଁ ସୁରକ୍ଷା ଦେଇପାରିବ ବୋଲି ସେ କହିଛନ୍ତି।

ଗ୍ରୀନ୍‌ଲାଣ୍ଡ ଅକ୍ତିଆର ଉଦ୍ୟମକୁ ନେଇ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସହ ଆମେରିକାର ଉତ୍ତେଜନା ପ୍ରକାଶ ପାଇଥିବାବେଳେ ସୁଇଜରଲାଣ୍ଡର ଡାଭୋସ୍‌ରେ ଚାଲିଥିବା ୱାର୍ଲ୍ଡ ଇକୋନୋମିକ୍‌ ଫୋରମ୍‌ (ଡବ୍ଲ୍ୟୁଇଏଫ୍‌)ର ବାର୍ଷିକ ସମ୍ମିଳନୀକୁ ସମ୍ବୋଧିତ କରି ଟ୍ରମ୍ପ ଏଭଳି ମନ୍ତବ୍ୟ ଦେଇଛନ୍ତି। ବିଶ୍ୱନେତାମାନଙ୍କୁ ୭୦ ମିନିଟ ଧରି ସମ୍ବୋଧନ କରିବାବେଳେ ସେ କହିଛନ୍ତି, ଆମେରିକା ବିଶ୍ୱ ଅର୍ଥନୀତିର ଇଞ୍ଜିନ୍‌। ବୈଶ୍ୱିକ ସମୃଦ୍ଧି ଆମେରିକୀୟ ଶକ୍ତି ଓ ଅଭିବୃଦ୍ଧି ଉପରେ ନିର୍ଭର କରେ। ଆମେରିକାର ବଜାରଗୁଡ଼ିକ ସମୃଦ୍ଧ ହୋଇଥିବାବେଳେ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଛି। ତାଙ୍କ ଶାସନକାଳରେ ଉନ୍ନତ ଆତ୍ମବିଶ୍ୱାସ ସୃଷ୍ଟି କରାଯାଇପାରିଛି। ☞ପୃଷ୍ଠା-୪

DSPL-487


## ଦିଲ୍ଲୀରେ ଆଜି




ନୂଆଦିଲ୍ଲୀରେ ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଜୀବନୀ ଆଧାରିତ ପୁସ୍ତକ ' ଦି ଲାଇଫ୍ ଆଣ୍ଡ୍ ଲିଗାସି ଅଫ୍ ଅରୁଣ ଜେଟ୍‌ଲୀ'କୁ ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଉନ୍ମୋଚନ କରୁଛନ୍ତି। (ଫଟୋ- ଚମନ ଗୌତମ)

# ୨୭ ବର୍ଷ ପରେ ଅବସର ନେଲେ ସୁନୀତା ୱିଲିୟମ୍ସ

**ୱାଶିଂଟନ୍,୨୧।୧**

ଭାରତୀୟ ବଂଶୋଦ୍ଭବ ନାସା ମହାକାଶଚାରୀ ସୁନୀତା ୱିଲିୟମ୍ସ ୨୭ ବର୍ଷ ସେବା ପ୍ରଦାନ ପରେ ଅବସର ନେଇଛନ୍ତି। ୨୦୨୫ ଡିସେମ୍ବର ୨୭ରୁ ତାଙ୍କ ଅବସର କାର୍ଯ୍ୟକାରୀ ହୋଇଥିବା ନାସା ପକ୍ଷରୁ ମଙ୍ଗଳବାର ଜାରି ଏକ ବିବୃତିରେ ସୂଚନା ଦିଆଯାଇଛି।

ନାସା ଆଡ୍‌ମିନିଷ୍ଟ୍ରେଟର ଜାରେଡ୍ ଇସାକ୍‌ମ୍ୟାନ୍ ମହାକାଶ ଯାତ୍ରାରେ ମାନବ ଅନ୍ତରୀକ୍ଷ ଉଡ଼ାଣର ଏକ ପ୍ରବର୍ତ୍ତକ ଭାବେ ସୁନୀତାଙ୍କୁ ଅଭିହିତ କରିଛନ୍ତି। ତାଙ୍କ ନେତୃତ୍ୱ ଭବିଷ୍ୟତରେ ମହାକାଶ ଅନ୍ୱେଷଣରେ ବିଶେଷ ସହାୟକ ହେବ ବୋଲି ପ୍ରଶଂସା କରିଛନ୍ତି।

୧୯୯୮ରେ ମହାକାଶ ଯାତ୍ରା ପାଇଁ ନାସା ପକ୍ଷରୁ ସୁନୀତାଙ୍କୁ ଚୟନ କରାଯାଇଥିଲା। ସୁନୀତା ୩ଟି ମିଶନରେ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ (ଆଇଏସ୍ଏସ୍)କୁ ଯାତ୍ରାକରି ସେଠାରେ ମୋଟ ୬୦୮ ଦିନ ବିତାଇଛନ୍ତି। ନାସା ମହାକାଶଚାରୀ ବୁଚ୍ ୱିଲମୋରଙ୍କ ସହ ସୁନୀତାଙ୍କ ଶେଷ ମହାକାଶ ଯାତ୍ରା ବେଳେ ଆଇଏସ୍ଏସ୍‌ରେ ଉଭୟେ ୨୮୬ ଦିନ ବିତାଇଥିଲେ। ଜଣେ ଆମେରିକୀୟ ଭାବେ ଦୀର୍ଘତମ ସିଙ୍ଗଲ ସ୍ପେସ୍‌ଫ୍ଲାଇଟ୍‌ରେ ଯାତ୍ରା କରିବାରେ ସେ ଷଷ୍ଠ। ଇତିମଧ୍ୟରେ ସୁନୀତା ୯ ଥର ସ୍ପେସ୍‌ୱାକ୍ କରି ୬୨ ଘଣ୍ଟା ୬ ମିନିଟ୍ ଅତିବାହିତ କରିଥିଲେ। ମହାକାଶରେ ମାରାଥନ୍ କରିବାରେ ମଧ୍ୟ ସେ ପ୍ରଥମ।

**୯ ସ୍ପେସ୍‌ୱାକ୍, ୩ ମିଶନ୍, ମହାକାଶରେ ୬୦୮ ଦିନ**



## ଲଟେରି ବାଛିବ ମୁମ୍ବାଇ ମେୟର

# ଭାଜପା, ଶିନ୍ଦେ ସେନା ଛକାପଞ୍ଝା

**ବ୍ରିହନ୍‌ମୁମ୍ବାଇ ମହାନଗର ନିଗମ (ବିଏମ୍‌ସି) ନିର୍ବାଚନ ଶେଷ ହୋଇଥିଲେ ମଧ୍ୟ ଦେଶର ଆର୍ଥିକ ରାଜଧାନୀ ଏଯାଏ ନୂଆ ମେୟର ପାଇନାହିଁ। ବିଜୟୀ ମହାଯୁତି ମେଣ୍ଟ ସହଯୋଗୀ ଭାଜପା ଏବଂ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଶିବସେନା ମଧ୍ୟରେ ମେୟର ପଦକୁ ନେଇ ଚାଲିଥିବା ଛକାପଞ୍ଝା କେବଳ ଏହାର କାରଣ ନୁହେଁ। ପ୍ରକୃତ କଥା ହେଉଛି ଆନୁଷ୍ଠାନିକ ଭାବେ ନୂଆ ହାଉସ୍ ଗଠନ ପରେ ଯାଇ ମେୟର ନିର୍ବାଚନ ଏକ ପୃଥକ୍ ଆଇନଗତ ପ୍ରକ୍ରିୟାରେ ଆରମ୍ଭ ହୋଇଥାଏ। କେଉଁ ବର୍ଗର କର୍ପୋରେଟର ପରବର୍ତ୍ତୀ ମେୟର ହେବେ ତାହା ଏକ ଲଟେରି ଜରିଆରେ ସ୍ଥିର କରାଯାଇଥାଏ। ବିଏମ୍‌ସି ସମେତ ୨୯ ମହାନଗର ନିଗମ ପାଇଁ ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଉକ୍ତ ଲଟେରି ଗୁରୁବାର କରାଯିବ ବୋଲି ମହାରାଷ୍ଟ୍ର ସହରାଞ୍ଚଳ ବିକାଶ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।**

**ମୁମ୍ବାଇ,୨୧।୧**

ଏସିଆର ସବୁଠୁ ଧନୀ ମହାନଗର ନିଗମ ବିଏମ୍‌ସି ନିର୍ବାଚନ ଜାନୁଆରୀ ୧୫ରେ ଅନୁଷ୍ଠିତ ହୋଇଥିଲା। ୨୨୭ ଆସନ ବିଶିଷ୍ଟ ବିଏମ୍‌ସି ଦଖଲ ପାଇଁ ମ୍ୟାଜିକ୍ ନମ୍ବର ହେଉଛି ୧୧୪। ଭାଜପାକୁ ୮୯ ଆସନରେ ସଫଳତା ମିଳିଥିବାବେଳେ ଶିନ୍ଦେ ସେନା ୨୯ ଆସନରେ ବିଜୟୀ ହୋଇଛି। ଉଦ୍ଧବ ଠାକ୍‌ରେଙ୍କ ଶିବସେନା ୟୁବିଟି ୬୫ ଆସନରେ ସୀମିତ ରହିଛି। ମୁଖ୍ୟମନ୍ତ୍ରୀରୁ ଉପମୁଖ୍ୟମନ୍ତ୍ରୀ ପଦକୁ ଓହ୍ଲାଇଥିବା ଶିନ୍ଦେ ନିଜ ଦଳରୁ ମେୟର ଚାହୁଁଛନ୍ତି। ତେଣୁ ଶିବସେନାରୁ ଜଣେ ପ୍ରଥମ ଅଢ଼େଇ ବର୍ଷ ଓ ପରେ ଭାଜପାରୁ ଜଣେ ପରବର୍ତ୍ତୀ ଅଢ଼େଇ ବର୍ଷ ମେୟର ହୁଅନ୍ତୁ ବୋଲି ଶିନ୍ଦେ ଦାବି କରିଥିବା କୁହାଯାଉଛି। କିନ୍ତୁ ଭାଜପା ପ୍ରଥମ ଥର ପାଇଁ ପାଇଥିବା ସୁଯୋଗକୁ ହାତଛଡ଼ା କରିବାକୁ ଚାହୁଁନାହିଁ। ଏଭଳି ସ୍ଥିତିରେ ମେୟର ପଦ କିଏ ଦଖଲ କରିବ ତାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି।



ଇତିମଧ୍ୟରେ ମହାରାଷ୍ଟ୍ର ସରକାରଙ୍କ ସହରାଞ୍ଚଳ ବିକାଶ ବିଭାଗ ପକ୍ଷରୁ ଲଟେରି କରାଯିବା ଉପରେ ବିଜ୍ଞପ୍ତି ପ୍ରକାଶ ପାଇଛି। ମହାରାଷ୍ଟ୍ରର ମେୟରମାନେ କର୍ପୋରେଟରଙ୍କ ଜରିଆରେ ନିର୍ବାଚିତ ହୁଅନ୍ତି। କିନ୍ତୁ ସାଧାରଣ ବର୍ଗ କିମ୍ବା ମହିଳା, ତଫସିଲଭୁକ୍ତ ଜାତି (ଏସ୍‌ସି), ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ଅଥବା ଅନ୍ୟ ପଛୁଆ ବର୍ଗ (ଓବିସି)ରୁ ମେୟର କରାଯିବା ନେଇ ପ୍ରଥମେ ଲଟେରି କରାଯାଇଥାଏ। ଏହି କାଟାଗୋରି ନିର୍ଦ୍ଧାରିତ ହେବା ପରେ ଯୋଗ୍ୟ କର୍ପୋରେଟରମାନେ ନିଜ ନାମାଙ୍କନପତ୍ର ଦାଖଲ କରନ୍ତି। ନାମାଙ୍କନ ଶେଷ ହେବା ପରେ ମ୍ୟୁନିସିପାଲ କର୍ପୋରେଶନ୍‌ର ଏକ ସ୍ୱତନ୍ତ୍ର ବୈଠକରେ ମେୟର ନିର୍ବାଚନ କରାଯାଇଥାଏ। ସମ୍ବିଧାନର ୭୪ତମ ସଂଶୋଧନ ଅନୁଯାୟୀ ରୋଟେଶନ୍‌ଭିତ୍ତିରେ ବିଭିନ୍ନ ବର୍ଗକୁ ସୁଯୋଗ ମିଳିଥାଏ। ଗୁରୁବାର ଲଟେରି ହେବାକୁ ଥିବାବେଳେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ବୁଧବାର ଡାଭୋସ୍‌ରେ ଚାଲିଥିବା ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ (ଡବ୍ଲ୍ୟୁଇଏଫ୍) ବାର୍ଷିକ ସମ୍ମିଳନୀରେ ଯୋଗଦେଇଛନ୍ତି। ତେଣୁ ଫଡ଼ନବିସ ଫେରିବା ପରେ ବିଏମ୍‌ସିର ପ୍ରଶାସନିକ ନିୟନ୍ତ୍ରଣ କାହା ହାତରେ ରହିବ ସେନେଇ ନିଷ୍ପତ୍ତି ନିଆଯିବ। ଏହା ପୂର୍ବରୁ ଶିନ୍ଦେ ସେନାର ନବନିର୍ବାଚିତ କର୍ପୋରେଟରମାନେ ମୁମ୍ବାଇର ଏକ ହୋଟେଲରେ ଅବସ୍ଥାନ କରିଛନ୍ତି। ଶିନ୍ଦେଙ୍କ ଦଳ ଏହାକୁ 'ଓରିଏଣ୍ଟେଶନ୍ ସେସନ୍' ବୋଲି କହୁଥିବାବେଳେ ବିରୋଧୀ ରିସର୍ଟ ପଲିଟିକ୍ସର ଅଭିଯୋଗ ଆଣିଛନ୍ତି।

# ଦିଲ୍ଲୀ ପ୍ରଦୂଷଣ: କେନ୍ଦ୍ରକୁ କାର୍ଯ୍ୟ ଯୋଜନା ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୧।୧**

ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ବାୟୁ ପ୍ରଦୂଷଣ ବଢ଼ିବାରେ ଲାଗିଛି। ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ଖରାପ ହେବାରେ ଲାଗିଥିବାବେଳେ ଏଥିରେ ସୁଧାର ଆଣିବା ପାଇଁ କେଉଁସବୁ କାର୍ଯ୍ୟ ଯୋଜନା କରାଯାଇଛି ତାହା ୪ ସପ୍ତାହ ମଧ୍ୟରେ ଦାଖଲ କରିବାକୁ କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କୁ ବୁଧବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ସିଜେଆଇ ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠରେ ଶୁଣାଣି ବେଳେ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟି ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏକ୍ୟୁଆଇ ମ୍ୟାନେଜମେଣ୍ଟ କମିଶନ ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ ଯେ, ଯାନବାହନ ଚଳାଚଳଜନିତ ବାୟୁ ପ୍ରଦୂଷଣ ଦିଲ୍ଲୀ-ଏନ୍‌ସିଆର୍‌ରେ ସବୁଠୁ ବିପଜ୍ଜନକ। ଏକ୍ୟୁଆଇରେ ସୁଧାର ଆଣିବା ପାଇଁ ସିଏକ୍ୟୁଏମ୍ ୧୫ଟି ପଦକ୍ଷେପ ସୁପାରିସ କରିଛନ୍ତି।

# ଆରାବଲୀର ଅପୂରଣୀୟ କ୍ଷତି କରିପାରେ ବେଆଇନ ଖନନ

**ନୂଆଦିଲ୍ଲୀ,୨୧।୧**

ଆରାବଳୀ ପର୍ବତମାଳାରେ ବେଆଇନ ଖନନ ଯୋଗୁ ଏହାର ପରିବେଶ ପାଇଁ ଅପୂରଣୀୟ କ୍ଷତି ହୋଇପାରେ ବୋଲି ବୁଧବାର ସୁପ୍ରିମକୋର୍ଟ କହିଛନ୍ତି। ବିଭିନ୍ନ କ୍ଷେତ୍ରରେ ଅଭିଜ୍ଞତାସମ୍ପନ୍ନ ବ୍ୟକ୍ତିମାନଙ୍କୁ ନେଇ ବିଶେଷଜ୍ଞ କମିଟି ଗଠନ କରାଯିବ। ଉକ୍ତ କମିଟି ଆରାବଳୀରେ ଖନନ ଓ ଏ ସମ୍ପର୍କିତ ପ୍ରସଙ୍ଗଗୁଡ଼ିକରେ ଅନୁଧ୍ୟାନ କରିବ। ଏକ୍ସପର୍ଟ କମିଟି ଗଠନ ପାଇଁ ୪ ସପ୍ତାହ ମଧ୍ୟରେ ପରିବେଶବିତ୍ ଓ ବୈଜ୍ଞାନିକମାନଙ୍କ ନାମ ସୁପାରିସ କରିବାକୁ ସିଜେଆଇ ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଉକ୍ତ କମିଟି କାର୍ଯ୍ୟ କରିବ। ସୁପ୍ରିମକୋର୍ଟ ଆରାବଳୀର ସଂଜ୍ଞା ସମ୍ପର୍କିତ ନଭେମ୍ବର ୨୦ ରାୟ ଉପରେ ରଖିଥିବା ସ୍ଥଗିତାଦେଶକୁ ବଳବତ୍ତର ରଖିଛନ୍ତି। ଆରାବଳୀରେ ବେଆଇନ ଖନନ ଯୋଗୁ ପରିବେଶ ଉପରେ ପଡୁଥିବା ପ୍ରଭାବକୁ ନେଇ ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ନିଜ ଆଡୁ ଶୁଣାଣି କରୁଛନ୍ତି।



# ବିଶ୍ୱର ସର୍ବବୃହତ୍ ନ୍ୟୁକ୍ଲିୟର ପ୍ଲାଣ୍ଟ ପୁନଃ କାର୍ଯ୍ୟକ୍ଷମ

## ଫୁକୁଶିମା ବିପର୍ଯ୍ୟୟର ୧୫ ବର୍ଷ ପରେ

**ଟୋକିଓ,୨୧।୧**

୨୦୧୧ରେ ଫୁକୁଶିମା ନ୍ୟୁକ୍ଲିୟର ମେଲ୍ଟଡାଉନ୍ ପରେ ବିଶ୍ୱର ଏହି ସର୍ବବୃହତ୍ ଆଣବିକ କେନ୍ଦ୍ର ବୁଧବାର ଉତ୍ତର-କେନ୍ଦ୍ରୀୟ ଜାପାନରେ ପୁନଃ କାର୍ଯ୍ୟକ୍ଷମ ହୋଇଛି। ବୈଦ୍ୟୁତିକ ଚାହିଦା ବୃଦ୍ଧିପାଉଥିବାବେଳେ ପ୍ରାକୃତିକ ସମ୍ପଦରେ ଦୁର୍ବଳ ଜାପାନ ୧୫ ବର୍ଷ ପରେ ଆଟୋମିକ୍ ପାୱାର ବା ପରମାଣୁ ଶକ୍ତି ଉପଯୋଗ କରି ଏହାକୁ ମେଣ୍ଟାଇବାକୁ ଉଦ୍ୟମ ଆରମ୍ଭ କରିଛି।

କାଶିୱାଜକି-କାରିୱା ନ୍ୟୁକ୍ଲିୟର ପ୍ଲାଣ୍ଟରେ ଶକ୍ତି ଉତ୍ପାଦନର ପ୍ରଥମ ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ। କାରଣ ଟୋକିଓ ଇଲେକ୍ଟ୍ରିକ୍ ପାୱାର କମ୍ପାନୀ ହୋଲ୍ଡିଂସ ଏହାକୁ ଅପରେଟ କରୁଛି। ଏହି ସଂସ୍ଥା ବିଧ୍ୱସ୍ତ ଫୁକୁଶିମା ଦାଇଚି ପ୍ଲାଣ୍ଟକୁ ମଧ୍ୟ ପରିଚାଳନା କରିଥାଏ। ତେଣୁ ସୁରକ୍ଷାକୁ ନେଇ ମଧ୍ୟ ଅନେକ ଆପତ୍ତି ଉଠୁଛି। ୨୦୧୧ ମାର୍ଚ୍ଚ ୧୧ରେ ଫୁକୁଶିମାରେ ଏକ ବଡ଼ ଆଣବିକ ଦୁର୍ଘଟଣା ଘଟିଥିଲା। ଭୂକମ୍ପ ଓ ସୁନାମି ଯୋଗୁ ଇଲେକ୍ଟ୍ରିକାଲ ଗ୍ରୀଡ୍ ଅକାମୀ ହୋଇଯାଇଥିଲା। ଫଳରେ ଉକ୍ତ ପାୱାର ପ୍ଲାଣ୍ଟରେ ଗଚ୍ଛିତ ଶକ୍ତି ପ୍ରାୟତଃ ଶେଷ ହୋଇଯାଇଥିଲା।

# ସିଆର୍‌ପିଏଫ୍‌ର ନେତୃତ୍ୱ ନେବେ ସିମରନ୍ ବାଲା

## ସାଧାରଣତନ୍ତ୍ର ଦିବସ ପରେଡ୍

**ନୂଆଦିଲ୍ଲୀ,୨୧।୧**

ଜାନୁଆରୀ ୨୬ରେ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ପାଳନ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପରେଡ୍‌ରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ନେତୃତ୍ୱ ନେବେ ଜମ୍ମୁ-କଶ୍ମୀରର ସିମରନ୍ ବାଲା। ୨୬ ବର୍ଷୀୟା ସିଆର୍‌ପିଏଫ୍ କମାଣ୍ଡାଣ୍ଟ ସିମରନ୍‌ଙ୍କ ନେତୃତ୍ୱରେ ପୁରୁଷ କଣ୍ଟିନ୍‌ଜେଣ୍ଟ ପକ୍ଷରୁ ପରେଡ୍ କରାଯିବ।



ପୂର୍ବରୁ ମହିଳା ଅଫିସରମାନେ ସିଆର୍‌ପିଏଫ୍‌ର କେବଳ ମହିଳା କଣ୍ଟିନ୍‌ଜେଣ୍ଟର ନେତୃତ୍ୱ ନେଇଥିବାବେଳେ ଏଥର ଏହି ବାର୍ଷିକ ଇଭେଣ୍ଟରେ ପ୍ରଥମ ଥର ପାଇଁ ଜଣେ ମହିଳା ୧୪୦ରୁ ଊର୍ଦ୍ଧ୍ୱ ପୁରୁଷ ଯବାନଙ୍କୁ କମାଣ୍ଡ କରିବାକୁ ଯାଉଛନ୍ତି। ରାଜୌରି ଜିଲାର ସିମରନ୍ ସିଆର୍‌ପିଏଫ୍‌ରେ ଯୋଗଦେବାରେ ତାଙ୍କ ଜିଲାରୁ ପ୍ରଥମ ମହିଳା। ସେ ଜମ୍ମୁର ଗାନ୍ଧୀନଗର ମହିଳା ସରକାରୀ କଲେଜରୁ ରାଜନୀତି ବିଜ୍ଞାନରେ ସ୍ନାତକ। ୨୦୨୫ ଏପ୍ରିଲରେ ସେ ସିଆର୍‌ପିଏଫ୍‌ରେ ଯୋଗଦେଇଥିଲେ।

## ଫୁରସତ୍

# ବିଶ୍ୱର ବିପଜ୍ଜନକ ରାସ୍ତା

**ବି**ଶ୍ୱର ବିଭିନ୍ନ ସ୍ଥାନରେ ଏଭଳି ରାସ୍ତା ରହିଛି ଯାହା ଅତ୍ୟନ୍ତ ବିପଦପୂର୍ଣ୍ଣ। ଗାଡ଼ି ଚଳାଇବା ସମୟରେ ସାମାନ୍ୟ ଭୁଲ୍ ଜୀବନ ବି ନେଇପାରେ। ଏଠାରେ ପୃଥିବୀର ପାଞ୍ଚଟି ବିପଦପୂର୍ଣ୍ଣ ରାସ୍ତା ବିଷୟରେ ସୂଚିତ କରାଯାଉଛି..

**ଡେଥ୍ ରୋଡ୍ (ବଲିଭିଆ):** ଏହି ରାସ୍ତାର ନାମରୁ ଜଣାପଡ଼େ ଏହା କେତେ ବିପଦପୂର୍ଣ୍ଣ। ଏହି ରାସ୍ତାରେ ଗାଡ଼ି ଚଳାଇବା ଅତ୍ୟନ୍ତ କଷ୍ଟକର । ପ୍ରତିବର୍ଷ ଏହି ରାସ୍ତାରେ ପ୍ରାୟ ୨୦୦ରୁ ୩୦୦ ଦୁର୍ଘଟଣା ଘଟେ। ତଥାପି ଏହି ରାସ୍ତାଟିକୁ ଅଧିକାଂଶ ସମୟରେ ସାଇକେଲ ଚାଳକମାନେ ଉପଭୋଗ କରନ୍ତି। ଓଭରଲୋଡ୍ ଯାନବାହନ ପ୍ରାୟତଃ ଏହି ରାସ୍ତାରୁ ତଳକୁ ଖସି ପଡ଼ିଥାଏ।

**ଜୋଜି ଲା ପାସ୍ ହାଇୱେ:** ବିଶ୍ୱର ସବୁଠୁ ବିପଦପୂର୍ଣ୍ଣ ରାସ୍ତା ମଧ୍ୟରୁ ଏହା ଅନ୍ୟତମ। ଏହି ରାସ୍ତାଟି କଶ୍ମୀର ଏବଂ ଲଦାଖ ମଧ୍ୟରେ ଥିବା ଏକ ପର୍ବତ ପାର୍ଶ୍ୱରେ ନିର୍ମିତ। ଉକ୍ତ ରାସ୍ତାରେ ପ୍ରବଳ ଧୂଳି ଉଡ଼ିଥାଏ ; ଯାହା ଗାଡ଼ି ଚଳାଇବା ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ ପରିବେଶ ସୃଷ୍ଟି କରିଥାଏ। ତୁଷାରପାତ ସମୟରେ ରାସ୍ତାଟି ବନ୍ଦହେବାର ମଧ୍ୟ ଆଶଙ୍କା ଥାଏ। ଲୋକେ ଏହି ରାସ୍ତାରେ ନିରନ୍ତର ଯାତାୟାତ କରନ୍ତି। ୩୫୨୮ ଫୁଟ ଉଚ୍ଚ ପର୍ବତ ଉପରେ ନିର୍ମିତ ଏହି ରାସ୍ତାଟି ପ୍ରାୟ ୯ କିଲୋମିଟର ଲମ୍ବା।



**କାବୁଲ-ଜଲାଲାବାଦ ରାଜପଥ:** ଆଫଗାନିସ୍ତାନର କାବୁଲରୁ ଜଲାଲାବାଦ ପର୍ଯ୍ୟନ୍ତ ରହିଛି ୧୪୩ କିଲୋମିଟର ଲମ୍ବା ରାଜପଥ। ସଂକୀର୍ଣ୍ଣ ହେବା ସହ ଏହି ରାସ୍ତାରେ ଅନେକ ବାଙ୍କ ରହିଛି, ଯାହା ଯାନବାହନ ପାଇଁ ବିପଦପୂର୍ଣ୍ଣ ହୋଇଥାଏ। କାବୁଲ ଏବଂ ଜଲାଲାବାଦକୁ ସଂଯୋଗ କରୁଥିବା ଏହି ଏକମାତ୍ର ରାସ୍ତାରେ ପ୍ରାୟତଃ ଓଭରଟେକିଂ କରିବା ସମୟରେ ଦୁର୍ଘଟଣା ଘଟେ।

**ତୁର୍କୀର ଟ୍ରାବଜୋନ୍ ଅଞ୍ଚଳର ଡି-୯୧୫:** ବିଶ୍ୱର ବିପଦପୂର୍ଣ୍ଣ ରାଜପଥ ମଧ୍ୟରୁ ଅନ୍ୟତମ ଏହି ରାଜପଥ। ଏହି ରାଜପଥର ଗୋଟିଏ ପାର୍ଶ୍ୱରେ ଉଚ୍ଚ ପର୍ବତ ଏବଂ ଅନ୍ୟ ପାର୍ଶ୍ୱରେ ଗାର୍ଡୱାଲ ନାହିଁ। ତେଣୁ ଏହି ରାସ୍ତାରେ ଯାତ୍ରା ଚାଳକ ଲାଗି ସବୁବେଳେ କାଠିକର ହୋଇଥାଏ।

**ଅପରାଧୀଙ୍କ ଚରାଭୂଇଁ:** ଇଜିପ୍ଟର ଦୁଇଟି ପର୍ଯ୍ୟଟନ ସ୍ଥଳ, ଲକ୍ସର ଏବଂ ହୁରଘାଡ଼ାକୁ ସଂଯୋଗ କରୁଛି ୨୯୯ ମାଇଲ ଲମ୍ବର ରାସ୍ତା। ଏହି ରାସ୍ତାକୁ ଅତିକ୍ରମ କରିବା ଲାଗି ପ୍ରାୟ ୪ ଘଣ୍ଟା ୪୦ ମିନିଟ୍ ସମୟ ଲାଗେ। ଉକ୍ତ ରାସ୍ତା ଡକାୟତି, ଅପହରଣ, ହତ୍ୟା ଏବଂ ବଳାତ୍କାର ଭଳି ଘଟଣା ପାଇଁ ଏହି ଚର୍ଚ୍ଚିତ।

# ବ୍ରେକ୍ ନେଲେ ଜାକିର ଖାନ୍

**ମୁମ୍ବାଇ**

ଲୋକପ୍ରିୟ ଷ୍ଟାଣ୍ଡ-ଅପ୍ କମେଡିଆନ ଭାବେ ପରିଚିତ ଜାକିର ଖାନ୍। ଏଣିକି ତାଙ୍କ ପ୍ରଶଂସକଙ୍କୁ ନିରାଶହେବାକୁ ପଡ଼ିବ। କାରଣ ସ୍ୱାସ୍ଥ୍ୟଗତ ସମସ୍ୟା ତଥା ବ୍ୟକ୍ତିଗତ କାରଣ ପାଇଁ ସେ ୨୦୩୦ ପର୍ଯ୍ୟନ୍ତ ଲାଇଭ ଶୋ'ରୁ ବିରତି ନେଉଥିବା ଘୋଷଣା କରିଛନ୍ତି। ଜାକିରଙ୍କ ଟିମ୍‌ର ସୂଚନା ଅନୁଯାୟୀ, ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ମଞ୍ଚ ପ୍ରଦର୍ଶନରୁ ଦୂରେଇରହିବେ। ତେବେ ଜୁନ୍ ୨୦ ପର୍ଯ୍ୟନ୍ତ ହେବାକୁଥିବା ପ୍ରତିଟି ଶୋ' ତାଙ୍କ ପାଇଁ ଏକ ଉତ୍ସବ ସଦୃଶ।

ଇନ୍‌ଷ୍ଟାଗ୍ରାମରେ ଏହି ନିଷ୍ପତ୍ତି ବିଷୟରେ ଜାକିର ଲେଖିଛନ୍ତି, ଏଥର ମୁଁ ଅଧିକ ସହରକୁ ଯାଇପାରିବି ନାହିଁ, ତେଣୁ ଆପଣମାନେ ଟିକେ କଷ୍ଟକରି ଶୋ' ଦେଖିବାକୁ ଆସନ୍ତୁ।ଗତବର୍ଷ ଜାକିର ନ୍ୟୁୟର୍କର ପ୍ରସିଦ୍ଧ 'ମାଡିସନ ସ୍କୋୟାର ଗାର୍ଡେନ'ରେ ହିନ୍ଦୀରେ କମେଡି ପ୍ରଦର୍ଶନକରି ପ୍ରଥମ ଭାରତୀୟ ଭାବେ ଇତିହାସ ରଚିଥିଲେ। ୬,୦୦୦ ଦର୍ଶକଙ୍କ ସମ୍ମୁଖରେ ସେ ଏହି ସଫଳତା ପାଇଥିଲେ।

୨୦୧୨ରେ 'ଇଣ୍ଡିଆଜ୍ ବେଷ୍ଟ ଷ୍ଟାଣ୍ଡ-ଅପ୍' ପ୍ରତିଯୋଗିତା ଜିତିବା ପରେ ଜାକିର ରାତାରାତି ଲୋକପ୍ରିୟ ହୋଇଥିଲେ। ନିଜର 'ସକ୍ତ ଲୌଣ୍ଡା' ଅନ୍ଦାଜ ପାଇଁ ପରିଚିତ ଜାକିରଙ୍କ 'ହକ୍ ସେ ସିଙ୍ଗଲ' ଏବଂ 'କକ୍ଷା ଗ୍ୟାରଭି' ଭଳି ଶୋ' ଦର୍ଶକଙ୍କ ମଧ୍ୟରେ ବେଶ୍ ଆଦୃତ ହୋଇଛି।



# ତମାଖୁ ପ୍ରସ୍ତୁତି, ବିକ୍ରୟ ଉପରେ ପ୍ରତିବନ୍ଧକ

ଭୁବନେଶ୍ୱର,୨୧।୧(ସୁଚିସ୍ମିତା ସାହୁ)

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସାଧାରଣ ଜନ ସ୍ୱାସ୍ଥ୍ୟର ସୁରକ୍ଷା ଦୃଷ୍ଟିକୋଣରୁ ରାଜ୍ୟ ସରକାର ଓଡ଼ିଶାରେ ଗୁଟ୍‌ଖା, ପାନ ମସଲା, ଜର୍ଦ୍ଦା, ଖଇନି ଓ ତମାଖୁ କିମ୍ବା ନିକୋଟିନ୍ ଯୁକ୍ତ ସମସ୍ତ ପ୍ରକାର ଖାଦ୍ୟ ପଦାର୍ଥର ଉତ୍ପାଦନ, ପ୍ରସ୍ତୁତି, ପ୍ୟାକେଜିଂ, ଗଚ୍ଛିତ ରଖିବା, ପରିବହନ, ବାଣିଜ୍ୟ ଓ ବିକ୍ରୟ ଉପରେ ପ୍ରତିବନ୍ଧକ ଜାରି କରିଛନ୍ତି। ଏହି ନିଷେଧାଜ୍ଞା ଖାଦ୍ୟ ସୁରକ୍ଷା ଓ ମାନକ ଆଇନ-୨୦୦୬ ଏବଂ ଖାଦ୍ୟ ସୁରକ୍ଷା ଓ ମାନକ (ବିକ୍ରୟ ଉପରେ ପ୍ରତିବନ୍ଧକ ଓ ନିୟନ୍ତ୍ରଣ) ବିଧି-୨୦୧୧ର ଧାରା ୨.୩.୪ ଅନୁଯାୟୀ ଜାରି କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଏବଂ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଏଆଇ)ଙ୍କ ଗାଇଡଲାଇନ୍ ଅନୁସାରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ତମାଖୁ ଓ ନିକୋଟିନ୍‌ଯୁକ୍ତ ପଦାର୍ଥଗୁଡ଼ିକ ମୁଖ, ଗଳା, ଅନ୍ତର୍ନିହିତ ଅଙ୍ଗରେ କ୍ୟାନ୍‌ସର ସହିତ ଗୁରୁତର ରୋଗ ସୃଷ୍ଟି କରୁଛି। ବିଶେଷ କରି ଶିଶୁ ଓ ଯୁବପିଢ଼ିଙ୍କ ସ୍ୱାସ୍ଥ୍ୟ ପାଇଁ ଏହା ଅତ୍ୟନ୍ତ ହାନିକାରକ। ତେଣୁ ସାର୍ବଜନୀନ ସ୍ୱାସ୍ଥ୍ୟ ହିତରେ ଏହି ନିଷେଧ ଲାଗୁ କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନୋଟିଫିକେସନ ନମ୍ବର ୨୦୬୫/୨୧।୧।୨୦୨୬ ଅନୁସାରେ ଏହି ନିଷେଧାଦେଶ ଲାଗୁ କରାଯାଇଛି। ସାଧାରଣ ଲୋକଙ୍କୁ ଏହି ନିଷେଧାଜ୍ଞା ପାଳନ କରି ସୁସ୍ଥ ଓ ତମାଖୁମୁକ୍ତ ଓଡ଼ିଶା ଗଠନରେ ସହଯୋଗ କରିବାକୁ ରାଜ୍ୟ ସରକାର ଆହ୍ୱାନ କରିଛନ୍ତି।



ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ବୁଧବାର ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ 'ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା - ୨୦୨୬'କୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମା' ଦୁର୍ଗା ପ୍ରାଇମେରୀ ଫିଶେରୀ କୋ-ଅପରେଟିଭ୍ ସୋସାଇଟିକୁ ୨ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରୁଛନ୍ତି। ଉପସ୍ଥିତ ଅଛନ୍ତି ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅଧିକାରୀମାନେ। (ଫଟୋ- ବିକାଶ ନାୟକ)

# ମାଛ ଉତ୍ପାଦନରେ ଓଡ଼ିଶା ହେବ ୧ ନମ୍ବର: ମୁଖ୍ୟମନ୍ତ୍ରୀ

## ଆରମ୍ଭ ହେଲା ମତ୍ସ୍ୟ-ପ୍ରାଣୀ ସମାବେଶ

- ଗୋଶାଳା ନିର୍ମାଣ ପାଇଁ ରାଜସ୍ୱ ବିଭାଗ ଦେବ ଜମି
- ବିଭିନ୍ନ ଯୋଜନାର ସହାୟତା ରାଶି ପ୍ରଦାନ, ଶ୍ରେଷ୍ଠ ଚାଷୀ ପୁରସ୍କୃତ

ଭୁବନେଶ୍ୱର,୨୧।୧
(ଅନୁରାଧା ମହାରଣା)

ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଉଥିବାବେଳେ ଆଗକୁ ମତ୍ସ୍ୟ ଉତ୍ପାଦନରେ ମଧ୍ୟ ଓଡ଼ିଶା ଦେଶରେ ଏକ ନମ୍ବର ହେବ। ଭୁବନେଶ୍ୱର ଜନତା ମଇଦାନଠାରେ ୩ଦିନିଆ 'ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା ୨୦୨୬'କୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ, ଆମ ରାଜ୍ୟର ଚାଷୀଙ୍କ ମଧ୍ୟରୁ ପ୍ରାୟ ୯୨ପ୍ରତିଶତ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ। ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଆଗାମୀ ଦିନରେ ଜମି ହୋଲ୍ଡିଂ ଆହୁରି କମିଯିବ। ତେଣୁ କୃଷି ସହିତ ମାଛଚାଷ, ଗୋପାଳନ, ପ୍ରାଣୀ ପାଳନ କରିବା ଉଚିତ। ଏଥିପାଇଁ ସରକାରଙ୍କ ପକ୍ଷରୁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଛି। ୧୪୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ ହୋଇଛି। ଫଳରେ ଗତ ଦେଢ଼ବର୍ଷ ଭିତରେ ରାଜ୍ୟରେ ୧.୩୫ ଲକ୍ଷ ଲିଟର ଅଧିକ ଦୁଗ୍ଧ ଉତ୍ପାଦନ ହେଉଛି। କାମଧେନୁ ଯୋଜନାରେ ଚାଷୀଙ୍କୁ ୭୦ପ୍ରତିଶତ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇଦେଇ ସଙ୍କରଜାତୀୟ ଅଧିକ ଦୁଗ୍ଧ ପ୍ରଦାନକାରୀ ଗାଈ ଓ ମଇଁଷି ପାଳନ ପାଇଁ ଉତ୍ସାହିତ କରାଯାଉଛି। ଏହା ମାଧ୍ୟମରେ ୪.୭୩ ଲକ୍ଷ ହିତାଧିକାରୀଙ୍କୁ ୨୭୨ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏଥିସହିତ ଦୁଗ୍ଧ ବ୍ୟବସାୟୀଙ୍କ ପାଇଁ ଓମ୍‌ଫେଡ୍ ପକ୍ଷରୁ ଲିଟର ପିଛା ୨ ଟଙ୍କା ଅଧିକ ସହାୟତା ରାଶି ଦିଆଯାଉଛି। କେବଳ ମାଈ ବାଛୁରୀ ଜନ୍ମ ପାଇଁ ଲିଙ୍ଗ ନିରୂପିତ ଶୁକ୍ରାଣୁ ମାଧ୍ୟମରେ କୃତ୍ରିମ ପ୍ରଜନନ ଯୋଜନା ଆରମ୍ଭ କରାଯାଇଛି। ଏହା ମାଧ୍ୟମରେ ରାଜ୍ୟର ୨.୩୦ ଲକ୍ଷ ଗୋପାଳକ ଉପକୃତ ହୋଇଛନ୍ତି। ବର୍ତ୍ତମାନ ଆମର ସମୃଦ୍ଧ କୃଷକ ଯୋଜନା, ପିଏମ୍ ଓ ସିଏମ୍ କିଷାନ ଯୋଜନା ଏବଂ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ଫଳରେ ଏବେ ଗୋଟିଏ କୃଷକ ପରିବାରର ଆୟ ହାରାହାରି ବାର୍ଷିକ ୬୧,୦୦୦ ଟଙ୍କାରୁ ଅଧିକ ହୋଇପାରିଛି। ରାଜ୍ୟକୁ ମାଛ, ମାଂସ, କୁକୁଡ଼ା ମାଂସ, ଅଣ୍ଡା ଇତ୍ୟାଦିରେ ଆତ୍ମନିର୍ଭର କରିବା ପାଇଁ ଆମ ସରକାର ଦୃଢ଼ ସଂକଳ୍ପ କରିଛନ୍ତି। ଏବେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ୪ର୍ଥ ସ୍ଥାନରେ ରହିଛି। ଏକ ନମ୍ବର ସ୍ଥାନ ହାସଲ ପାଇଁ ଆମେ ଚେଷ୍ଟା ଜାରି ରଖିଛୁ। ସରକାରଙ୍କ ପକ୍ଷରୁ ଋଣରେ ରିହାତି, ମାଗଣା ଟିକା ବ୍ୟବସ୍ଥା, ପ୍ରାଣୀ ସ୍ୱାସ୍ଥ୍ୟ ସେବା ଆଦି ଯୋଗାଇ ଦିଆଯାଉଛି। ଛେଳି, ଘୁଷୁରି, କୁକୁଡ଼ା ଓ ବତକ ପାଳନ ପରି ଲାଭଜନକ କୃଷି ବ୍ୟବସାୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଅନ୍ୟପକ୍ଷରେ ଗୋମାତା ଚାଲାଣକାରୀଙ୍କୁ ଚେତାବନୀ ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାର ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ରାଶି ପ୍ରଦାନ କରିଥିଲେ। ସେହିପରି ଅନୁଗୋଳର ଦିଲୀପ ପ୍ରଧାନଙ୍କୁ 'ଗୋପାଳରତ୍ନ ସମ୍ମାନ' ଓ ଯାଜପୁରର ସୁକାନ୍ତ କୁମାର ବିଶ୍ୱାଳଙ୍କୁ 'ନେଟିଭ୍ ବ୍ରିଡ୍ କଞ୍ଜରଭେଶନ ଆୱାର୍ଡ' ଏବଂ ମତ୍ସ୍ୟ ଉତ୍ପାଦନ ଓ ପ୍ରାଣୀ ପାଳନ କ୍ଷେତ୍ରରେ ୬ ଜଣ ଲେଖାଏ ଶ୍ରେଷ୍ଠ ଚାଷୀଙ୍କୁ ପୁରସ୍କୃତ କରିଥିଲେ ମୁଖ୍ୟମନ୍ତ୍ରୀ।

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଲେ, ଆମ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ରାଜ୍ୟରେ ଦୁଗ୍ଧ ବିପ୍ଳବରେ ନୂଆ ଦିଗନ୍ତ ଆଣିଛି। ମତ୍ସ୍ୟ ଓ ପ୍ରାଣୀ ପାଳନ କ୍ଷେତ୍ରରେ ଚାଷୀଙ୍କୁ ଅଧିକ ସଚେତନ କରିବା ଲାଗି ରାଜ୍ୟର ୩୧୪ ବ୍ଲକ ଏବଂ ୩୦ ଜିଲାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆୟୋଜନ ହୋଇଥିଲା। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଲେ, ଶସ୍ୟ ଉତ୍ପାଦନ ସହ ଆମ ଚାଷୀମାନେ ପ୍ରାଣୀ ପାଳନ ଓ ମତ୍ସ୍ୟ ଚାଷରେ ବହୁତ ଆଗେଇଲେଣି। ଆଗାମୀ ଦିନରେ ଗୋସମ୍ପଦ ଓ ଗୋମାତାର ସୁରକ୍ଷା ପାଇଁ ରାଜ୍ୟର ଯେକୌଣସି ସ୍ଥାନରେ ଗୋଶାଳା ନିର୍ମାଣ ହେବ। ସେଥିପାଇଁ ରାଜସ୍ୱ ବିଭାଗ ଜମି ଯୋଗାଇଦେବ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲାମ୍ ଧନ୍ୟବାଦ ଦେଇଥିଲେ।

## ସୁନା ଦେଢ଼ଲକ୍ଷ ପାରହେଲା




# ଶକ୍ତି ସଚିବ, ଜିଲାପାଳଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

## ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ ଘଟଣା

ଭବାନୀପାଟଣା,୨୧।୧
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବେଲମ୍ବା ଗାଁର ବିଧବା ଆଦିବାସୀ ମହିଳା ଫୁଲ ମାଝୀ ୧୩୨ କେଭି ବିଦ୍ୟୁତ୍ ତାର ଆଘାତରେ ମୃତ୍ୟୁବରଣ କରିବା ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) କଳାହାଣ୍ଡି ଜିଲାପାଳ ଓ ରାଜ୍ୟ ଶକ୍ତି ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି। ଆସନ୍ତା ୨ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବାକୁ ଏଥିରେ ନିର୍ଦ୍ଦେଶ ରହିଛି। ପୂର୍ବରୁ ୨୦୨୫ ସେପ୍ଟେମ୍ବର ୨୫ରେ କମିଶନ ପ୍ରଥମ ନୋଟିସ ଜାରି କରି ଦୁଇ ଅଧିକାରୀଙ୍କଠାରୁ ରିପୋର୍ଟ ମାଗିଥିଲେ। ହେଲେ ଏହାକୁ ଅଣଦେଖା କରି ଅଧିକାରୀ ଦ୍ୱୟ କୌଣସି ରିପୋର୍ଟ ଦାଖଲ କରି ନ ଥିବାରୁ କମିଶନ ଅସନ୍ତୋଷ ବ୍ୟକ୍ତ କରିବା ସହିତ ୨୦ ଜାନୁଆରୀ ୨୦୨୬ରେ ଦ୍ୱିତୀୟ ନୋଟିସ ଜାରି କରିଛନ୍ତି। ଆସନ୍ତା ୧୩ ଫେବୃଆରୀ ୨୦୨୬ ମଧ୍ୟରେ ସବିଶେଷ ବିବରଣୀ ଦାଖଲ କରିବା ପାଇଁ ଦୁଇ ଅଧିକାରୀଙ୍କୁ ଚେତାଇ ଦେଇଛନ୍ତି। କଳାହାଣ୍ଡିର ମାନବ ଅଧିକାର କର୍ମୀ ଦିଲୀପ କୁମାର ଦାସଙ୍କ ପକ୍ଷରୁ ଏହି ମାମଲା (ନଂ.୩୫୮/୧୮।୬।୨୦୨୫) ଦାଏର ହୋଇଥିଲା।

ପ୍ରକାଶ ଯେ, ଲାଞ୍ଜିଗଡ଼ ବ୍ଲକ ବାତେଲିମା ପଞ୍ଚାୟତ ବେଲମ୍ବା ଗ୍ରାମର ବିଧବା ମହିଳା ଫୁଲ ମାଝୀ ୧୬ ଏପ୍ରିଲ ୨୦୨୫ରେ ଏକ ଗଛରୁ ଶାଗ ତୋଳୁଥିବା ସମୟରେ ଛିଣ୍ଡି ପଡିଥିବା ୧୩୨ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ। ଫୁଲଙ୍କ ମୃତ୍ୟୁ ପରେ ତାଙ୍କର ୪ ନାବାଳକ ସନ୍ତାନଙ୍କ ଭାଗ୍ୟ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ଗଣମାଧ୍ୟମରେ ପ୍ରକାଶିତ ଖବରକୁ ଆଧାର କରି ମାନବ ଅଧିକାରୀ କର୍ମୀ ଦିଲୀପ କୁମାର ଦାସ କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରି ପୀଡିତ ଶିଶୁମାନଙ୍କୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ସହ ଦାୟିତ୍ୱରେ ଅବହେଳା ପ୍ରଦର୍ଶନ କରିଥିବା ଟାଟା ପାୱାର କମ୍ପାନୀ ଏବଂ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଦଣ୍ଡବିଧାନ ପାଇଁ ଦାବି ଜଣାଇଛନ୍ତି।

# ଘାଟିରୁ ୧୫ ଫୁଟ୍ ତଳକୁ ଖସି ଜଳିଗଲା ଟ୍ରେଲର

## ଗାଡ଼ିରୁ ଡେଇଁପଡ଼ି ଜୀବନ ବଞ୍ଚାଇଲେ ଡ୍ରାଇଭର

ପଟ୍ଟାଙ୍ଗି, ୨୧।୧(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗିରୁ ଆନ୍ଧ୍ରକୁ ସଂଯୋଗ କରିଥିବା ଜାତୀୟ ରାଜପଥର ରାଲେଗଡ଼ା ପଞ୍ଚାୟତ ନିକଟସ୍ଥ ଯୋଡିମାଦିଲି ଘାଟିରୁ ବୁଧବାର ଏକ ଟ୍ରେଲର ଖସିପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହାପରେ ଗାଡ଼ିଟି ସମ୍ପୂର୍ଣ୍ଣ ଜଳିଯାଇଛି। ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ଆନ୍ଧ୍ରର ଆରାକୁ ଅଞ୍ଚଳରୁ ଏକ ଟ୍ରେଲର (ଏପି୩୯-ୟୁଏମ୍-୬୧୮୩) କିଛି ଯନ୍ତ୍ରାଂଶ ଲୋଡ୍‌କରି ନନ୍ଦପୁର, ସେମିଳିଗୁଡ଼ା ହୋଇ ପଟ୍ଟାଙ୍ଗି ଦେଇ ବିଶାଖାପାଟଣା ଯାଉଥିଲା। ଯୋଡ଼ିମାଦିଲି ଘାଟିର ଗଡାଣିଆ ରାସ୍ତାରେ ଓହ୍ଲାଉ ଥିବାବେଳେ ଟ୍ରେଲର ବ୍ରେକ୍ ଫେଲ୍ ହୋଇଯାଇଥିଲା। ଏହା ପ୍ରାୟ ୧୫ଫୁଟ୍ ତଳକୁ ଗଡି ଚାଲିଯାଇଥିଲା। ଏହି ସମୟରେ ବଡ଼ ବଡ଼ ପଥର ସହ ଧକ୍କାହୋଇ ପ୍ରେସର ପାଇପ୍ ଫାଟିଯିବା ଫଳରେ ଟ୍ରେଲରରେ ନିଆଁ ଲାଗିଯାଇଥିଲା। ଜୀବନ ବଞ୍ଚାଇବାକୁ ଡ୍ରାଇଭର ଜୟ ପ୍ରକାଶ ବର୍ମା ଟ୍ରେଲରରୁ ଡେଇଁ ପଡ଼ିଥିଲେ। ଘଟଣା ସମ୍ପର୍କରେ ଖବରପାଇ ସୁଙ୍କି ଥାନା ଅଧିକାରୀ ଚତୁର୍ଭୁଜ ନାୟକ ଘଟଣାସ୍ଥଳରେ ପହଞ୍ଚି ଦମକଳ ଗାଡ଼ି ଡକାଇଥିଲେ। ଅଗ୍ନିଶମ ବାହିନୀ ଟ୍ରେଲରରେ ଲାଗିଥିବା ନିଆଁ ଲିଭାଇବାକୁ ଚେଷ୍ଟା କରିଥିବାବେଳେ ତାହା ସମ୍ପୂର୍ଣ୍ଣ ଜଳିଯାଇଥିଲା। ପଟ୍ଟାଙ୍ଗି ପୋଲିସ ଖବରପାଇ ପ୍ରାଥମିକ ତଦନ୍ତ କରିଛି। ଏ ନେଇ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି।



ଜଳିଯାଇଥିବା ଟ୍ରେଲର।

# ଯିଏ ଲୋକଙ୍କୁ ହଇରାଣ କରେ, ତାକୁ କାଢ଼ିଦିଏ: ନବୀନ

ଭୁବନେଶ୍ୱର, ୨୧।୧(ସୁନିତ୍ ମିଶ୍ର)

ପାଟକୁରାର ବିକାଶ ପାଇଁ ଜଣଙ୍କୁ ସୁଯୋଗ ଦିଆଯାଇଥିଲା। ଉକ୍ତ ବ୍ୟକ୍ତି ଭଲ କାମ କରିବେ ବୋଲି ଆଶା ଥିଲା। ହେଲେ ପରେ ଜାଣିବାକୁ ମିଳିଲା, ସେହି ନେତା ପାଟକୁରାର ଲୋକ ଏବଂ ସେହି ନିର୍ବାଚନମଣ୍ଡଳୀର କାମ ଅଟକାଉଛି। ଏହାଦ୍ୱାରା ବହୁ ଲୋକଙ୍କୁ ହଇରାଣ ହେବାକୁ ପଡୁଛି। ସମସ୍ତେ ଜାଣନ୍ତି ଯେଉଁମାନେ ଲୋକଙ୍କୁ ହଇରାଣ କରନ୍ତି, ସେମାନଙ୍କୁ ଦଳରୁ କାଢ଼ିଦିଏ ବୋଲି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି।

ନବୀନ ବୁଧବାର ପାଟକୁରା ନିର୍ବାଚନମଣ୍ଡଳୀର ଦଳୀୟ କର୍ମୀମାନଙ୍କ ସହ ନବୀନ ନିବାସରେ ଆଲୋଚନା କରିଥିଲେ। କିଛିଦିନ ତଳେ ଦଳ ବିରୋଧୀ କାର୍ଯ୍ୟ କରୁଥିବା ଅଭିଯୋଗରେ ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ବିଦାକରିବା ପରେ ପାଟକୁରାର ନେତା ଓ କର୍ମୀଙ୍କ ସହ ନବୀନଙ୍କ ଏହା ପ୍ରଥମ ଭେଟଘାଟ ଥିଲା। ନବୀନ ସମସ୍ତଙ୍କୁ ଭଲ କାମ କରିବାକୁ ଆହ୍ୱାନ ଦେବା ସହ ଅରବିନ୍ଦଙ୍କ ନାଁ ନ ନେଇ ତାଙ୍କୁ ଟାର୍ଗେଟ କରିଥିଲେ। ସୂଚନାଯୋଗ୍ୟ, ଅରବିନ୍ଦଙ୍କୁ ଦଳରୁ କାଢ଼ିବା ପରେ ବିଜେଡି ଭିତରେ ହଟଚମଟ ଚାଲିଛି। କାହିଁକି ତାଙ୍କୁ ଦଳରୁ ନିଲମ୍ବନ କରାଗଲା ତା'ର କାରଣ ଜାଣିବାକୁ କର୍ମୀଙ୍କ ଆଗ୍ରହ ରହିଛି। ଅରବିନ୍ଦ ମଧ୍ୟ ବାରମ୍ବାର ଗଣମାଧ୍ୟମ ଆଗରେ ନିଲମ୍ବନର କାରଣ ପଚାରିଛନ୍ତି। ମଙ୍ଗଳବାର ଦଳର କେତେଜଣ ବରିଷ୍ଠ ନେତାଙ୍କୁ ନବୀନ ନିବାସ ଡାକି କାହିଁକି ବରିଷ୍ଠ ନେତା ବିଜୟ ମହାପାତ୍ର ଏବଂ ତାଙ୍କ ପୁଅ ଅରବିନ୍ଦ ମହାପାତ୍ରଙ୍କୁ ଟାର୍ଗେଟ କରୁନ ବୋଲି କୁଆଡ଼େ କହିଥିବା ଚର୍ଚ୍ଚା ହେଉଛି।

# ଦୁବାଇ-ଭୁବନେଶ୍ୱର ବିମାନ ସେବା ବନ୍ଦ ନିଷ୍ପତ୍ତି ନିନ୍ଦନୀୟ: ବିଜେଡି

ଭୁବନେଶ୍ୱର, ୨୧।୧(ସୁନିତ୍ ମିଶ୍ର)

ବିଜେଡି ସରକାର ୨୦୨୩ ମେ ୧୫ରେ ଦୁବାଇ-ଭୁବନେଶ୍ୱରକୁ ସିଧାସଳଖ ବିମାନ ସେବା ଆରମ୍ଭ କରିଥିଲେ। ୟୁଏଇରେ ଥିବା ୪୦,୦୦୦ରୁ ଅଧିକ ଓଡ଼ିଆଙ୍କ ପାଇଁ ସପ୍ତାହରେ ୩ ଥର ସେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପର୍ଯ୍ୟଟନ, ବାଣିଜ୍ୟ ଏବଂ ସଂଯୋଗକୁ ସୁରକ୍ଷିତ ରଖିବା ଲାଗି ବିଜେଡି ପକ୍ଷରୁ ରାଜ୍ୟ ଭାଜପା ସରକାରଙ୍କୁ ହସ୍ତକ୍ଷେପ କରିବା ପାଇଁ ଦାବି କରାଯାଇଛି। ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଦୁବାଇରୁ ଭୁବନେଶ୍ୱରକୁ ସିଧାସଳଖ ବିମାନସେବା ବନ୍ଦକରିବା ପାଇଁ ଭାଜପା ସରକାରଙ୍କ ନିଷ୍ପତ୍ତି ନିନ୍ଦନୀୟ। ସିଧାସଳଖ ବିମାନସେବା ବନ୍ଦକରିବା ଭାଜପା ସରକାରଙ୍କ ଅଯୋଗ୍ୟତାର ଆଉ ଏକ ସଙ୍କେତ। ଏହି ନିଷ୍ପତ୍ତି ଦ୍ୱାରା ୟୁଏଇରେ ୪୦,୦୦୦ରୁ ଅଧିକ ଓଡ଼ିଆଙ୍କ ଗମନାଗମନ ପ୍ରଭାବିତ କରିବ। ୩୦ ମାର୍ଚ୍ଚ ୨୦୨୬ରୁ ଇଣ୍ଡିଗୋ ଦୁବାଇ-ଭୁବନେଶ୍ୱର ସିଧାସଳଖ ବିମାନକୁ ବନ୍ଦ କରିବାକୁ ଚାହୁଁଥିବାରୁ ପ୍ରବାସୀ ଓଡ଼ିଆ କ୍ଷତିର ସମ୍ମୁଖୀନ ହେବେ। ଇଣ୍ଡିଗୋ ଏୟାରଲାଇନ୍ସର ସେବାରେ ଯେଉଁ ଅସ୍ଥିରତା ହେଉଛି ତାହା ଓଡ଼ିଶାକୁ ସଂଯୁକ୍ତ ଆରବ ଏମିରେଟ୍ସ ସହ ସିଧାସଳଖ ଅନ୍ତର୍ଜାତୀୟ ବିମାନ ସେବା ଜାରି ରଖିବା ନେଇ ଅନିଶ୍ଚିତତା ସୃଷ୍ଟି ହେଉଛି। ଦୁବାଇ-ଭୁବନେଶ୍ୱର ରୁଟ୍ ପାଇଁ ଅନ୍‌ଲାଇନ ବୁକିଂ ବର୍ତ୍ତମାନ ଗ୍ରହଣ କରାଯାଉନାହିଁ ବୋଲି ଲେନିନ୍ କହିଛନ୍ତି।

# ବଳାତ୍କାର ପୀଡ଼ିତାଙ୍କ ଗର୍ଭନଷ୍ଟ ପାଇଁ ହାଇକୋର୍ଟଙ୍କ ଅନୁମତି

## ଗର୍ଭନଷ୍ଟ ପୂର୍ବରୁ ସଂଗ୍ରହ ହେବ ଭ୍ରୁଣ ନମୁନା

କଟକ,୨୧।୧(କାର୍ତ୍ତିକ ସାହୁ)

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଞ୍ଚଳର ଜଣେ ବଳାତ୍କାର ଶିକାର ପୀଡ଼ିତାଙ୍କ ଗର୍ଭନଷ୍ଟ ପାଇଁ ହାଇକୋର୍ଟ ଅନୁମତି ଦେଇଛନ୍ତି। ହାଇକୋର୍ଟ ବିଚାରପତି ସାବିତ୍ରୀ ରଥ ବୁଧବାର ମାମଲାର ଶୁଣାଣି କରି ଆସନ୍ତା ୨ ସପ୍ତାହ ମଧ୍ୟରେ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲରେ ପୀଡ଼ିତାଙ୍କ ଗର୍ଭପାତ କରାଇବାକୁ ଆଦେଶ ଦେଇଛନ୍ତି। ମାତ୍ର ତା' ପୂର୍ବରୁ ପୋଲିସ ତଦନ୍ତ ନିମନ୍ତେ ଭ୍ରୂଣର ଡିଏନ୍‌ଏ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରିବାକୁ ମଧ୍ୟ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, ଆବେଦନକାରୀ ପୀଡ଼ିତାଙ୍କ ପକ୍ଷରୁ ଗର୍ଭନଷ୍ଟ ପାଇଁ ପ୍ରଥମେ ଯାଜପୁର ଏସ୍‌ଡିଜେଏମ୍ ଅଦାଲତରେ ଆବେଦନ କରାଯାଇଥିଲା। ଅଦାଲତ ଆବେଦନର ବିଚାର କରି ୨ଜଣ ପଞ୍ଜୀକୃତ ଡାକ୍ତରଙ୍କ ମତ ନେଇ ଗର୍ଭନଷ୍ଟ କରିବାକୁ ଅନୁମତି ଦେଇଥିଲେ। ମାତ୍ର ବିଞ୍ଝାରପୁର ଥାନାରେ ମାମଲାର ତଦନ୍ତ ଚାଲିଥିବାରୁ ଭ୍ରୂଣର ଡିଏନ୍‌ଏ ପରୀକ୍ଷା ନିମନ୍ତେ ନମୁନା ସଂଗ୍ରହ ପାଇଁ ଅନୁମତି ଦେବାକୁ ଆବେଦନକାରୀ ଅଦାଲତଙ୍କୁ ପ୍ରାର୍ଥନା କରିଥିଲେ। ମାତ୍ର ତାଙ୍କର ଆବେଦନକୁ ଯାଜପୁର ଅଦାଲତ ଖାରଜ କରିଦେଇଥିଲେ। ତେଣୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ବିଞ୍ଝାରପୁର ଥାନାର ଆଇଆଇସିଙ୍କୁ ପୀଡ଼ିତାଙ୍କ ଭ୍ରୂଣ ନମୁନା ସଂଗ୍ରହ କରିବା ଲାଗି ତୁରନ୍ତ ପଦକ୍ଷେପ ନେବାକୁ ଆଦେଶ ଦେଇଛନ୍ତି। ଏଥିସହ ପୀଡ଼ିତାଙ୍କ ଭାଇ ଭୁବନେଶ୍ୱରରରେ ରହୁଥିବାରୁ ସେହିଠାରେ ଗର୍ଭପାତ କରାଇବାକୁ ପୀଡ଼ିତା ଇଚ୍ଛାପ୍ରକାଶ କରିଥିଲେ। ତେଣୁ ହାଇକୋର୍ଟଙ୍କ ଆଦେଶର ନକଲ ସହ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଅଧୀକ୍ଷକଙ୍କୁ ଅନୁରୋଧ କରିବା ନିମନ୍ତେ ବିଞ୍ଝାରପୁର ଥାନା ଆଇଆଇସିଙ୍କୁ ଅଦାଲତ ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ କରୁଣାକର ଗୟ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସାରଥୀ ଜ୍ୟୋତି ମହାନ୍ତି ମାମଲା ପରିଚାଳନା କରୁଥିଲେ।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଆଇସିଆର୍- ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୱାଟର ମ୍ୟାନେଜମେଣ୍ଟ ପକ୍ଷରୁ ଜାତୀୟ ଆଲୋଚନାଚକ୍ର, ସ୍ଥାନ: ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ ଅଡିଟୋରିୟମ, ଚନ୍ଦ୍ରଶେଖରପୁର, ସମୟ: ପୂର୍ବାହ୍ନ ୧୦ଟା।
- କୃଷି ଓଡ଼ିଶା-୨୦୨୬, ସ୍ଥାନ: ବିଜୁ ପଟ୍ଟନାୟକ ଖେଳ ପଡ଼ିଆ, ବରମୁଣ୍ଡା, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶୀ ଆର୍ଟିଷ୍ଟ ସୁସ୍ମିତା ପତି ଏବଂ କଳା ଦ ଆର୍ଟ ଚାରିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରେସ୍‌କ୍ଲବ, ମ୍ୟାଷ୍ଟର କ୍ୟାଣ୍ଟିନ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମହିଳା ଏବଂ ଶିଶୁ ବିକାଶ ବିଭାଗ ପକ୍ଷରୁ ୪ଲକ୍ଷ ୫୭ ହଜାର ଊର୍ଦ୍ଧ୍ୱ ସୁଭଦ୍ରା ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: କୃଷି ଶିକ୍ଷା ସଦନ, ଓୟୁଏଟି, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-୨୦୨୬ର ଉଦ୍‌ଯାପନୀ ସମାରୋହ, ସ୍ଥାନ: ଲୋକସେବା ଭବନ, କନ୍‌ଭେନ୍‌ସନ୍ ସେଣ୍ଟର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଶ୍ରୀ ସାଇବାବାଙ୍କ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସାଇ ହନୁମାନ ମନ୍ଦିର, ୟୁନିଟ୍ ୮, ସମୟ: ଅପରାହ୍ନ ୫ଟା।
- ମନନ ନାଟ୍ୟସଂସ୍ଥା ପକ୍ଷରୁ ଫାଉଣ୍ଡେସନ୍ ଡେ ପାଳନ ଅବସରରେ ଡ୍ରାମା ଫେଷ୍ଟିଭାଲ୍, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ରେଭେନ୍‌ସା ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ସମ୍ମିଳନୀର ଉଦ୍‌ଘାଟନ, ସ୍ଥାନ: ସେଭେନ୍ ପିଲାର୍ସ ଅଫ୍ ୱିଜ୍‌ଡମ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ମହାବିଦ୍ୟାଳୟ ପରିସର, ବଡମ୍ବା, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ସମାରୋହ, ସ୍ଥାନ: ରେଭେନ୍‌ସା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।
- ଥିଏଟର ମୁଭମେଣ୍ଟ ପକ୍ଷରୁ ଗ୍ଲୋବାଲ ଥିଏଟର ଫେଷ୍ଟିଭାଲ୍‌ର ଦ୍ୱିତୀୟ ଦିବସ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ବେଙ୍ଗପାଣିଆ ଜୟନ୍ତୀ ଉତ୍ସବ, ସ୍ଥାନ: ଗଦାଧର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- ସ୍ୱଦେଶୀ ସଂକଳ୍ପ ଦୌଡ଼, ସ୍ଥାନ: ଶିଶୁମନ୍ଦିର, ଖୋର୍ଦ୍ଧା, ସମୟ: ସକାଳ ୮ଟା।
- ଖୋର୍ଦ୍ଧା ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳା, ସ୍ଥାନ: ବିଡିଏ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ 'ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଆଜୀବିକା ମିଶନ ଗ୍ରାମୀଣ' ସଂକ୍ରାନ୍ତ କର୍ମଶାଳା, ସ୍ଥାନ: ଅଗ୍ରୱାଲା ଧର୍ମଶାଳା, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ମୁକୁନ୍ଦପ୍ରସାଦ ମେଳଣ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ୭୫ତମ ଗଙ୍ଗାମାତା ପୂଜା ଉତ୍ସବ, ସ୍ଥାନ: ବାହାବଳପୁର, ବାଲେଶ୍ୱର, ସମୟ: ସକାଳ ୮ଟା।
- ୩୫ତମ ଆନ୍ତଃ ଜିଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ, ସ୍ଥାନ: ବାହାବଳପୁର ଫିସାରି ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜଳ ଅର୍ପଣ ଦିବସ, ସ୍ଥାନ: ମହେଶପୁର ପଞ୍ଚାୟତ ଝାଟିଆବାଡ଼ି ଖେଳପଡ଼ିଆ, ଭୋଗରାଇ, ସମୟ: ପୂର୍ବାହ୍ନ ୧୧ଟା।
- 'ନାଟ୍ୟପ୍ରଭା'ର ବାର୍ଷିକ ଉତ୍ସବର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଏକ୍ସପୋ ଓଡ଼ିଶା-୨୦୨୬ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- କବି ଡ. ମହେଶ୍ୱର ଦାସଙ୍କ ଶ୍ରାଦ୍ଧ ଉତ୍ସବ, ସ୍ଥାନ: ଅନନ୍ତ ଆଶ୍ରମ, ଈଶାଣପୁର, ତିହିଡି, ସମୟ: ପୂର୍ବାହ୍ନ ୧୦ଟା।
- ମଣ୍ଡଳସ୍ତରୀୟ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଶିବ ମନ୍ଦିର ପଡ଼ିଆ, ଚାରିଡରଫ, ତିହିଡି, ସମୟ: ପୂର୍ବାହ୍ନ୧୦ଟା।
- ରାଷ୍ଟ୍ରୀୟ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଆକୁଳିକଣା, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ କନ୍ୟା ଶିଶୁ ଦିବସ ପାଳନ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଶାଳ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଦକ୍ଷିଣକୁରୁଆ, ଖଡ଼ିପଦା, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ଓଡ଼ାବାଲି ଦ୍ୱୀପ, ଧାମରା, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜିଲା ମହୋତ୍ସବ ଭଦ୍ରାୟଣୀର ୫ମ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ

- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା, ସ୍ଥାନ: କଚେରୀ ଷ୍ଟାଡିୟମ, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।
- ମୋରଡ଼ା ପ୍ରିମିୟର ଲିଗର ଉଦ୍‌ଯାପନୀ ଦିବସ, ସ୍ଥାନ: ଷ୍ଟାଡିୟମ ପଡିଆ, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ମକର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସିଂହଟିଆ ଶିବ ମନ୍ଦିର ପ୍ରାଙ୍ଗଣ, ବଡ଼ସାହି, ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର

- ଉତ୍କଳ ଆଶ୍ରମର ଶତବାର୍ଷିକୀ ସମାରୋହ, ସ୍ଥାନ: ଉତ୍କଳ ଆଶ୍ରମ ଜାତୀୟ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ଶିଶୁ କନ୍ୟା ଦିବସ, ସ୍ଥାନ: ଆଇଇସି ହଲ, ସମୟ: ମଧ୍ୟାହ୍ନ ୧୨ଟା।

## ଗଞ୍ଜାମ

- ବୁଦ୍ଧଗିରି ବିଦ୍ୟାପୀଠରେ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ବିରଧନଞ୍ଜୟପୁର (ବୁଗୁଡ଼ା), ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ଢେଙ୍କାନାଳ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଢେଙ୍କାନାଳ ମହିଷାପାଟ ପଲ୍ଲିଶ୍ରୀ ମେଳା ପଡିଆ, ସମୟ-ସନ୍ଧ୍ୟା ୬ଟା।

## ଅନୁଗୋଳ

- ସ୍ୱଦେଶୀ ସପ୍ତାହ ପାଳନ ଉପଲକ୍ଷେ ସହର ପରିକ୍ରମା, ସ୍ଥାନ: ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ : ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର

- ପରୀକ୍ଷା ପେ ଚର୍ଚ୍ଚା (ପିପିସି)ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୯ ଟା।

## ଯାଜପୁର

- ଇଭିଏମ୍ ଏବଂ ଭିଭିପିଏଟି ୱେର ହାଉସ ନିରୀକ୍ଷଣ, ସ୍ଥାନ : ୱେର ହାଉସ ପରିସର, ସମୟ : ପୂର୍ବାହ୍ନ ୧୦ଟା୩୦।
- ଡିଏମ୍‌ଏଫ୍ ଅଡିଟ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ଖଣ୍ଡପଡା ବିଧାୟକଙ୍କ ଜନ ଶୁଣାଣି, ସ୍ଥାନ: ଖଣ୍ଡପଡା ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ ଅବସରରେ ନୟାଗଡ଼ ସହରାଞ୍ଚଳସ୍ତରୀୟ ସାମୁହିକ ଗାନ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ସ୍ଥାନ: ପଠାଣି ସାମନ୍ତ ଜିଲା ସଂସ୍କୃତି ଭବନ ନୟାଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସପ୍ତମ ଦିବସ ମ୍ୟାଚ ଘଣାଶାଳିଆ ବନାମ ବଡବାଣପୁର କ୍ରିକେଟ କ୍ଲବ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା ।

## ରାୟଗଡ଼ା

- ବ୍ଲକସ୍ତରୀୟ ବନ୍ଦେ ମାତରମ୍ ସାମୂହିକ ଗାନ ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ରକ୍ତଦାନ ଶିବିର, ସ୍ଥାନ: ଗୁଣପୁର ରକ୍ତ ଭଣ୍ଡାର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ କନ୍ୟା ସନ୍ତାନ ଦିବସ, ସ୍ଥାନ: ମହିଳା ମହାବିଦ୍ୟାଳୟ, ରାୟଗଡ଼ା, ସମୟ: ମଧ୍ୟାହ୍ନ ୨ଟା।
- ବଂଶଧାରା ବସନ୍ତ ମହୋତ୍ସବ ନିମନ୍ତେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବାଘୁଆ ଦେଉଳ ପଛପଟ ଉତ୍ସବ ପଡ଼ିଆ, ଗୁଣପୁର, ସମୟ: ସନ୍ଧ୍ୟା ୬ ଟା।

## ନବରଙ୍ଗପୁର

- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରତିଯୋଗିତା, ସ୍ଥାନ : ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଉଦ୍‌ଯାପନୀ ଦିବସ, ସ୍ଥାନ: ଡାବୁଗାଁ ବ୍ଲକ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦

## କୋରାପୁଟ

- ମା ଶୀତଳା ଠାକୁରାଣୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନି ଦିବସ, ସ୍ଥାନ: କୋଟପାଡ଼ ନୁଆଁଗୁଡା ପଡ଼ିଆ, ସମୟ: ଅପରାହ୍ନ ୨ଟା।

## ମାଲକାନଗିରି

- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ପିଏମ୍‌ଶ୍ରୀ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ସମ୍ବଲପୁରୀ ଧନୁଯାତ୍ରାର ଅକ୍ରୁରଙ୍କ ଆଗମନ, କୃଷ୍ଣ ଓ ବଳରାମଙ୍କୁ ବିଦାୟ କାର୍ଯ୍ୟକ୍ରମ, ସ୍ଥାନ : ଚାଉଁରପୁର ଗ୍ରାମ, ସମୟ : ସକାଳ ୯ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ କଂସ ମହାରାଜଙ୍କ ନଗର ପରିକ୍ରମା, ସ୍ଥାନ : ଚେରୁଆପଡା ଅଞ୍ଚଳ, ସମୟ : ଅପରାହ୍ନ ୩ଟା।
- ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ସକାଶେ ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା, ସ୍ଥାନ: ପୁରୁଣା ମଞ୍ଚ, କୋଶଳ କଳା ମଣ୍ଡଳ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଲୋକସଙ୍ଗୀତ ପରିବେଷଣ, ସ୍ଥାନ: ନୂଆ ମଞ୍ଚ, କୋଶଳ କଳାମଣ୍ଡଳ, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା।
- ସାଂସ୍କୃତିକ ସଭା, ସ୍ଥାନ: ନୂଆ ମଞ୍ଚ, କୋଶଳ କଳାମଣ୍ଡଳ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ରାମମନ୍ଦିର ସ୍ଥାପନ ବାର୍ଷିକ ଉତ୍ସବ, ସ୍ଥାନ: କୋଏଲନଗର ସି'ବ୍ଲକ, ସମୟ: ସକାଳ ୮ଟା।
- ଗୁଣ୍ଡିଚା ମନ୍ଦିରରେ ରତ୍ନମୁଦ ଉତ୍ସବ, ସ୍ଥାନ: କୋଏଲନଗର ସି'ବ୍ଲକ ମନ୍ଦିର, ସମୟ: ସକାଳ ୮ଟା ୩୦।

## ବରଗଡ଼

- ଶ୍ରୀ ଶ୍ରୀ ଭାଗବତ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କୁଜାପାଲି (ଗୋଡଭଗା), ଅତାବିରା, ସମୟ: ସକାଳ ୮ଟା।
- ଶ୍ରୀ ଶ୍ରୀ ରାମ ଲଲାଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କୁମ୍ଭାରୀ, ବରପାଲି, ସମୟ: ସକାଳ ୮ଟା।
- ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ବିଶ୍ୱେଶ୍ୱର ବାବାଙ୍କ ମନ୍ଦିର, ସରଣ୍ଡା, ଅତାବିରା, ସମୟ: ସକାଳ ୮ଟା ୩୩।

## କଳାହାଣ୍ଡି

- ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ବ୍ରଜମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ନବମ ଗଡଜାତ ଲୋକ ମହୋତ୍ସବ ଉଦ୍‌ଯାପନ ଉତ୍ସବ, ସ୍ଥାନ: ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳପଡ଼ିଆ, ବୀରନରସିଂହପୁର, ହରଭଙ୍ଗା ବ୍ଲକ ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ଉତ୍ସବ ପ୍ରଧାନପାଟ-୨୦୨୬ ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ପ୍ରଧାନପାଟ ରୋଡ ବଡ଼ବଗିଚା, ସମୟ: ଅପରାହ୍ନ ୫ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁବର୍ଣ୍ଣପୁର

- ପାତାଳି ମହୋତ୍ସବରେ ଛପନ ପ୍ରହର ନାମଯଜ୍ଞର ଚତୁର୍ଥ ଦିବସ, ସ୍ଥାନ: ପାତାଳି ଶ୍ରୀକ୍ଷେତ୍ର, କୋଟସମଲାଇ, ଉଲୁଣ୍ଡା ବ୍ଲକ, ସମୟ: ସକାଳ ୭ଟା।
- ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।

## ନୂଆପଡ଼ା

- ଜାତୀୟ ଶିଶୁକନ୍ୟା ଦିବସ ଉପଲକ୍ଷେ ସଚେତନତା ପଦଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକତା ଛକ, ସମୟ: ସକାଳ ୮ଟା।
- ପାତାଳଗଙ୍ଗା ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ବୋଡେନ ଉଚ୍ଚ ବିଦ୍ୟାଳୟ ପଡିଆ ଦ୍ୱାରଶନୀ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରାହୁ ନକ୍ଷତ୍ରସ୍ଥ ଚନ୍ଦ୍ରଙ୍କ ପ୍ରଭାବରେ ବନ୍ଧୁଙ୍କ ନିକଟରେ ମନକଥା କହିପାରିବେ ନାହିଁ। ସାମାନ୍ୟ ଭୁଲ୍‌ରୁ ଆଜିର କାମଗୁଡ଼ିକ ବିଶୃଙ୍ଖଳିତ ହୋଇଯିବ। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ପରକଥା ଶୁଣି ମାନସିକ ଶାନ୍ତି ବ୍ୟାହତ ହେବ। ଅବଶ୍ୟ ପାରିବାରିକ ସମସ୍ୟାକୁ ସରଳଭାବେ ସମାଧାନ କରିବାରେ ସଫଳତା ପାଇବେ।

**ବୃଷ** ରବି ନିଜଭାବରୁ ଷଷ୍ଠସ୍ଥ ହେତୁ କୌଣସି ବୟସ୍କ ବ୍ୟକ୍ତିଙ୍କ ଦ୍ୱାରା ପାରିବାରିକ ସ୍ଥିତି ବିଡ଼ମ୍ବିତ ହୋଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ, ବନ୍ଧୁତ୍ୱ ସ୍ଥାପନରେ, ଲେଖାପଢ଼ାରେ କିଛିଟା ଉନ୍ନତି ପରିଲକ୍ଷିତ ହୋଇପାରିବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହୋଇପାରନ୍ତି।

**ମିଥୁନ** ଷଷ୍ଠାଧିପ ମଙ୍ଗଳ ଅଷ୍ଟମଭାବରେ ଅବସ୍ଥାନ କରି ବିପରୀତ ରାଜଯୋଗର ଫଳ ସ୍ୱରୂପ ଆରୋଗ୍ୟ, ଋଣପରିଶୋଧ କରାଇବେ। ଶନି ବିଭିନ୍ନ ସମସ୍ୟା ମାଧ୍ୟମରେ କାମକୁ ବିଳମ୍ବିତ କରାଇ ଅର୍ଥନୈତିକ ପ୍ରଗତିକୁ ରୋକି ଦେଇପାରେ। ବହୁପ୍ରତୀକ୍ଷିତ ଖବରଟି ଆଜି ପାଇବାରେ ଜଣେ ଅଜଣା ବନ୍ଧୁଙ୍କ ଅବଦାନ ରହିପାରେ।

**କର୍କଟ** ଦୁଃସ୍ଥାନସ୍ଥ ଚନ୍ଦ୍ର ପାପଯୁକ୍ତ ହୋଇ ଦୈହିକ ଓ ମାନସିକ ସ୍ତରକୁ କଳୁଷିତ କରିପାରେ। ଆଜିର ଆଲୋଚନା ପରିସରରେ କୌଣସି ବିବାଦୀୟ ମନ୍ତବ୍ୟ ଦେବା ଠିକ୍ ହେବ ନାହିଁ। ଅଧସ୍ତନ କର୍ମଚାରୀଙ୍କ ସହାୟତା ନେଇ ଅସଜଡ଼ା ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ସିଂହ** ଆଜିର ଚତୁର୍ଥାଧିପତି ଷଷ୍ଠସ୍ଥ ଯୋଗୁ ଦୈନିକ ଚର୍ଯ୍ୟାରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ହେବନାହିଁ। ଈର୍ଷାପରାୟଣ ହୋଇ ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ସ୍ୱାଭିମାନୀ ଓ କର୍ମଠ କାରଣରୁ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ପରିବାରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ।

**କନ୍ୟା** ଆଜି ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ ଯେଉଁ କାମରେ ହାତଦେବେ ସଫଳତା ନିଶ୍ଚିତ। ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। ସହକର୍ମୀଙ୍କ ସହ ଆଜିର ଭ୍ରମଣ ସୁଖ ଉପଭୋଗ୍ୟ ହୋଇପାରେ। ନୂତନ ବନ୍ଧୁସମ୍ପର୍କ, ବାଣିଜ୍ୟ ବ୍ୟବସାୟ, ସରକାରୀ କାର୍ଯ୍ୟ, ଇଣ୍ଟରଭ୍ୟୁ, ଯାତ୍ରାରେ ଅଭିଳାଷ ପୂରଣ ହୋଇପାରିବ।

**ତୁଳା** କେନ୍ଦ୍ରସ୍ଥ ଗ୍ରହମାନେ ଆପଣଙ୍କ କର୍ମଭାବ ଓ ପାରିବାରିକ ଜୀବନକୁ ସରସ ସୁନ୍ଦର କରିବେ। କିନ୍ତୁ ହସ୍ତା ନକ୍ଷତ୍ର କେତେକ କ୍ଷେତ୍ରରେ ଇଚ୍ଛା ବିରୋଧରେ କାମ କରି ଅନୁତାପ କରିବେ। ଈର୍ଷାପରାୟଣ ବ୍ୟକ୍ତି ପ୍ରତିଷ୍ଠା ଓ ପ୍ରଶଂସାକୁ ଭିନ୍ନାର୍ଥରେ ଗ୍ରହଣ କରି ଅପପ୍ରଚାର କରିପାରନ୍ତି। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ।

**ବିଛା** ଆଜିର ଚନ୍ଦ୍ର ଆପଣଙ୍କୁ ଭାବପ୍ରବଣତାର ସହ କଷ୍ଟପ୍ରଦ ଯାତ୍ରା କରାଇପାରେ। ପରିବାରରେ ନିଜର ଲୋକଙ୍କୁ ନେଇ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ କରିବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ, ପ୍ରକାଶନ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଦୂରେଇଯିବ। ଋଣ ପରିଶୋଧ ପାଇଁ ନୂତନ ଯୋଜନା କରିପାରନ୍ତି।

**ଧନୁ** ମଙ୍ଗଳଙ୍କ ସ୍ଥାନସ୍ଥିତିରୁ ଆଜି ଗୃହ, ଜମିବାଡ଼ି, ଯାନବାହନ କ୍ରୟ ପାଇଁ ଯୋଜନା କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ କରିବା ଭଲ। ଅଯାଚିତ ଭାବେ କାମ ହାସଲ କ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ସାହିତ୍ୟ, ସାମ୍ବାଦିକତା, ରାଜନୀତି କିମ୍ବା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ମକର** ଆଜି ଅଭିଳଷିତ ଦ୍ରବ୍ୟପ୍ରାପ୍ତି ଅସମ୍ଭବ ମନେହେବ। ରାଶିରେ ଚାରୋଟି ଗ୍ରହ ଅବସ୍ଥାନ କରିଥିବାରୁ କୌଣସି ବ୍ୟକ୍ତି ଶତ୍ରୁତା କଲେ ମଧ୍ୟ କ୍ଷତି କରିପାରିବେ ନାହିଁ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ, ରାଜନୀତିରେ, ସାଂସ୍କୃତିକ କାମରେ ପ୍ରଶଂସିତ ହେବେ। କର୍ମାରମ୍ଭ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିପାରନ୍ତି।

**କୁମ୍ଭ** ରାଶିରେ ରାହୁ ଏବଂ ଦ୍ୱାଦଶସ୍ଥ ଗ୍ରହ ପ୍ରଭାବରେ ଆପଣଙ୍କୁ ଖର୍ଚ୍ଚାନ୍ତ ହୋଇ ଦୂରଯାତ୍ରା କରିବାକୁ ପଡ଼ିପାରେ। ପ୍ରତ୍ୟେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ। ଆତ୍ମୀୟଙ୍କ ପକ୍ଷପାତିତାକୁ ନାପସନ୍ଦ କରିପାରନ୍ତି। ବିଶେଷ ଭ୍ରମଣଜନିତ ଶାରୀରିକ ଅସୁସ୍ଥତା ଲାଗିରହି ପାରେ।

**ମୀନ** କର୍ମାଧିପତିଙ୍କ ଶୁଭଦୃଷ୍ଟିରୁ ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ କାର୍ଯ୍ୟସିଦ୍ଧି ଘଟିବ। ନିଜ ଚତୁଃପାର୍ଶ୍ୱରେ ରହୁଥିବା ବ୍ୟକ୍ତିଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବେ। ବାହାର ଲୋକ ଯେତେ ଭଲ କହୁଥିଲେ ମଧ୍ୟ ଘରେ ଆଦର ପାଇବେ ନାହିଁ। ମକଦ୍ଦମା, ପରିବହନରେ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି।

ଆଜି ଜାନୁଆରୀ ୨୨ ତାରିଖ, ମାଘ ଶୁକ୍ଳ ଚତୁର୍ଥୀ ଗୁରୁବାର, ରାଶିନକ୍ଷତ୍ର-ଶତଭିଷା/କୁମ୍ଭ। ଦିବା ଘ. ୦୨।୨୬ ମି. ଗତେ ପୂର୍ବାଭାଦ୍ରପଦ ନକ୍ଷତ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୭ମି. ଗତେ ଘ.୦୭।୫୫ମି. ମଧ୍ୟେ, ଘ.୧୦।୫୨ମି. ଗତେ ଘ.୦୧।୦୪ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧।୨୦ମି. ଗତେ ଘ.୦୨।୪୩ ମି. ମଧ୍ୟେ ରାହୁକାଳ।

# ରାଜ୍ୟ ସଭା ନିର୍ବାଚନ ପ୍ରକ୍ରିୟା ତ୍ୱରାନ୍ୱିତ

### 'ଇସିଆଇ'ଙ୍କୁ ତଥ୍ୟଦେଲା 'ସିଇଓ'

**ଭୁବନେଶ୍ୱର,୨୧।୧ (ରବିନାରାୟଣ ଜେନା)** ଦେଶର ୧୦ ରାଜ୍ୟରେ ଖାଲି ହେବାକୁଥିବା ୩୭ ରାଜ୍ୟ ସଭା ଆସନ ଲାଗି ଭାରତର ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ପକ୍ଷରୁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଏ ସଂକ୍ରାନ୍ତରେ ଇସିଆଇଙ୍କ ସଚିବ ସୁମନ କୁମାର ଦାସ ୧୦ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ସଚିବ ସୁମନ ପତ୍ରରେ ଦର୍ଶାଇଛନ୍ତି, ରାଜ୍ୟ ସଭା ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେବା ପାଇଁ ରିଟର୍ଣ୍ଣିଂ ଅଫିସର(ଆର୍‌ଓ), ସହାୟକ ରିଟର୍ଣ୍ଣିଂ ଅଫିସର(ଏଆର୍‌ଓ), ଭୋଟ୍ ଗ୍ରହଣ ସ୍ଥାନ ଏବଂ ବାଲଟ୍ ବକ୍ସ ସମ୍ପର୍କରେ ତଥ୍ୟ ତୁରନ୍ତ ପ୍ରଦାନ କର। ଏହାକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ପକ୍ଷରୁ ବିଧାନସଭାଠାରୁ ତଥ୍ୟ ଲୋଡ଼ାଯାଇଥିଲା। ବିଧାନସଭା ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାରକରି ନିକଟରେ ସିଇଓଙ୍କ ପକ୍ଷରୁ ଇସିଆଇଙ୍କୁ ସମ୍ପୂର୍ଣ୍ଣ ତଥ୍ୟ ଦିଆଯାଇଥିବା ଜଣାପଡ଼ିଛି।

ଇସିଆଇ ସଚିବ ସୁମନ କୁମାର ଚଳିତମାସ ୫ରେ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି, ୧୦ ରାଜ୍ୟର ୩୭ ଟି ରାଜ୍ୟ ସଭା ଆସନ ଖାଲି ହେବାକୁ ଯାଉଛି। ସେଥିମଧ୍ୟରେ ଓଡ଼ିଶାର ୪ଟି ଆସନ ୨୦୨୬ ଏପ୍ରିଲ ୨ରେ ଖାଲିହେବାକୁ ଯାଉଛି। ଏହାସହିତ ମହାରାଷ୍ଟ୍ରର ୭, ତାମିଲନାଡୁର ୬ ଓ ପଶ୍ଚିମବଙ୍ଗର ୫ ଆସନ ଉକ୍ତ ଅବଧି ମଧ୍ୟରେ ଶେଷହେବାକୁ ଯାଉଛି। ଏହାସହିତ ତେଲଙ୍ଗାନାର ୨, ଆସାମର ୩, ବିହାରର ୫, ଛତିଶଗଡ଼ର ୨, ହରିୟାଣାର ୨ ଏବଂ ହିମାଚଳ ପ୍ରଦେଶର ଗୋଟିଏ ରାଜ୍ୟ ସଭା ଆସନ ଏପ୍ରିଲ ୯ରେ ଖାଲିହେବାକୁ ରହିଛି। ଏହି ନିର୍ବାଚନ ପ୍ରକ୍ରିୟାରେ ରିଟର୍ଣ୍ଣିଂ ଅଫିସର ଏବଂ ସହାୟକ ରିଟର୍ଣ୍ଣିଂ ଅଫିସରଙ୍କ ନିଯୁକ୍ତି ପାଇଁ ପ୍ରସ୍ତାବ ମଗାଯାଇଛି। ଏହି ପ୍ରସ୍ତାବରେ ଅଧିକାରୀମାନଙ୍କର ଟେଲିଫୋନ୍ ନମ୍ବର, ମୋବାଇଲ୍ ନମ୍ବର, ଫ୍ୟାକ୍ସ ନମ୍ବର ଏବଂ ଇ-ମେଲ୍ ଆଇଡି ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ। ଏହାସହିତ ଭୋଟ୍ ଗ୍ରହଣ ସ୍ଥାନ ଏବଂ ବ୍ୟବହାର ହେବାକୁ ଥିବା ବାଲଟ୍ ବକ୍ସର ପ୍ରକାର ସମ୍ପର୍କରେ ମଧ୍ୟ ବିସ୍ତୃତ ସୂଚନା ଦେବାକୁ କୁହାଯାଇଛି। ଓଡ଼ିଶା ସମେତ ଅନ୍ୟ ରାଜ୍ୟଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀମାନେ ଏହି ପ୍ରସ୍ତାବସବୁ ତୁରନ୍ତ ପଠାଇବାକୁ ନିର୍ଦ୍ଦେଶ ପାଇଥିବାରୁ ନିର୍ବାଚନ ପ୍ରକ୍ରିୟା ଶୀଘ୍ର ଆରମ୍ଭ ହେବା ସମ୍ଭାବନା ରହିଛି। ସୂଚନାଯୋଗ୍ୟ, ରାଜ୍ୟରେ ଖାଲି ହେବାକୁଥିବା ୪ଟି ରାଜ୍ୟ ସଭା ଆସନ ମଧ୍ୟରେ ଭାଜପାର ସୁଜିତ୍ କୁମାର ଓ ମମତା ମହନ୍ତ ରହିଥିବାବେଳେ ବିଜୁ ଜନତା ଦଳ(ବିଜେଡି)ର ମୁଜିବୁଲ୍ଲା (ମୁନା) ଖାଁ ଏବଂ ନିରଞ୍ଜନ ବିଶି ରହିଛନ୍ତି।

# ପ୍ରଥମ ପୃଷ୍ଠାରୁ...

## ଭାଜପାକୁ ଶିନ୍ଦେଙ୍କ ...

ପଦ ଦାବି କରୁଥିଲା। କିନ୍ତୁ ଶିନ୍ଦେ ସେନା ଏଥିରେ ରାଜି ନ ଥିଲା। ଫଳରେ ଶିନ୍ଦେଙ୍କ ଦଳ ରାଜ ଠାକ୍‌ରେଙ୍କ ଦଳ ଏମ୍‌ଏନ୍‌ଏସ୍ ସହ ହାତ ମିଳାଇଛି। ଏନେଇ ବୁଧବାର ଏକନାଥ ଶିନ୍ଦେଙ୍କ ପୁଅ ତଥା ଏମ୍‌ପି ଶ୍ରୀକାନ୍ତ ଶିନ୍ଦେଙ୍କ ନଭି ମୁମ୍ବାଇସ୍ଥିତ କୋଙ୍କଣ ଭବନରେ ଏମ୍‌ଏନ୍‌ଏସ୍ ନେତାଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ଶ୍ରୀକାନ୍ତ ଏମ୍‌ଏନ୍‌ଏସ୍‌ର ୫ ଜଣ କର୍ପୋରେଟରଙ୍କ ସମର୍ଥନ ରହିଥିବା ଘୋଷଣା କରିଛନ୍ତି। ଫଳରେ ଶିନ୍ଦେ ଗୋଷ୍ଠୀ ପାଖରେ ୫୮ ଆସନ ରହିଥିବାବେଳେ ବହୁମତ ପାଇଁ ଆଉ ୪ ଆସନ ଆବଶ୍ୟକ। ରିପୋର୍ଟ ଅନୁଯାୟୀ, ଉଦ୍ଧବ ଠାକ୍‌ରେଙ୍କ ଦଳ (ଶିବସେନା ୟୁବିଟି)ର ପ୍ରାୟ ୪ ଜଣ କର୍ପୋରେଟର ମଧ୍ୟ ଶିନ୍ଦେଙ୍କ କ୍ୟାମ୍ପକୁ ସମର୍ଥନ ଦେଇଥିବା ଜଣାପଡ଼ିଛି। ଏହା ଫଳରେ ଶିନ୍ଦେଙ୍କ ସଂଖ୍ୟା ୬୨ ଛୁଇଁଛି, ଯାହା ମେୟର ପଦ ହାସଲ ପାଇଁ ଯଥେଷ୍ଟ। ଏହି ଘଟଣାରେ ଉଦ୍ଧବ ଠାକ୍‌ରେଙ୍କୁ ମଧ୍ୟ ଝଟକା ଲାଗିଛି। କାରଣ ନିର୍ବାଚନ ପୂର୍ବରୁ ଦୀର୍ଘଦିନର ପାରିବାରିକ ଶତ୍ରୁତାକୁ ଭୁଲି ଉଦ୍ଧବ ଓ ତାଙ୍କ କାକା ପୁଅ ଭାଇ ରାଜ୍ ଠାକ୍‌ରେ ଏକାଠି ହୋଇଥିଲେ ଏବଂ ମିଳିତ ଭାବେ ନିର୍ବାଚନ ଲଢ଼ିଥିଲେ। ଏହି ଏକାଠିକୁ ମାସେ ନ ପୂରୁଣୁ ରାଜ୍ ଠାକ୍‌ରେ କରଛଡ଼ା ଦେଇ ଉଦ୍ଧବଙ୍କ ସାମ୍ପ୍ରତିକ ରାଜନୈତିକ ଶତ୍ରୁ ଏକନାଥ ଶିନ୍ଦେଙ୍କ ସହ ହାତ ମିଳାଇଛନ୍ତି। ଏହି ମେଣ୍ଟ ଜରିଆରେ ରାଜ୍ ଠାକ୍‌ରେ ପୁଣିଥରେ କଲ୍ୟାଣ-ଡୋମ୍ବିଭଲି ରାଜନୀତିରେ ନିଜର ଗୁରୁତ୍ୱ ପ୍ରମାଣିତ କରିଛନ୍ତି।

ଅନ୍ୟପକ୍ଷରେ ରାଜନୀତିର ଘୋଡ଼ା ବେପାର ଭୟ ଥିବା ନିଜ କର୍ପୋରେଟରମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଶିନ୍ଦେ ସେନା ସେମାନଙ୍କୁ ବିଭିନ୍ନ ଗୁପ୍ତ ସ୍ଥାନ ବା ହୋଟେଲକୁ ପଠାଇ ଦେଇଛି। ତେବେ ଭାଜପା ଏହି ଘଟଣାକୁ ନେଇ କିପରି ପ୍ରତିକ୍ରିୟା ଦେଉଛି ଏବଂ ଆଗାମୀ ମେୟର ନିର୍ବାଚନ ଦିନ କ'ଣ ଘଟିବାକୁ ଯାଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଆଜି ୪,୫୭,୬୮୧ ...

ମହିଳାଙ୍କୁ ଆବଶ୍ୟକ ଆର୍ଥିକ ଜ୍ଞାନ ପ୍ରଦାନ କରି ସ୍ୱାବଲମ୍ବନକୁ ସୁଦୃଢ଼ କରିବାକୁ ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଛି। ଯେପରି ଜଣେ ଯୋଗ୍ୟ ହିତାଧିକାରୀ ସୁଭଦ୍ରା ସହାୟତା ପାଇବାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଆବଶ୍ୟକ ଯାଞ୍ଚ ପରେ ଅଯୋଗ୍ୟଙ୍କୁ ବାଦ୍ ଦିଆଯିବା ସହ ଯୋଗ୍ୟ ତଥା ନୂଆ ହିତାଧିକାରୀଙ୍କୁ ଏଥିରେ ସାମିଲ କରାଯାଉଛି। ତେବେ ସହାୟତା ପାଇବାକୁ ଥିବା ଏହି ୪ଲକ୍ଷ ୫୭ହଜାର ୬୮୧ଜଣ ହିତାଧିକାରୀଙ୍କ ମଧ୍ୟରୁ ପୂର୍ବରୁ ବାଦ୍ ପଡିଥିବା ୨ ଲକ୍ଷ ୫୫ ହଜାର ୨୬୫ଜଣଙ୍କୁ ଯାଞ୍ଚ ପରେ ପୁଣିଥରେ ସାମିଲ କରାଯାଇଛି। ଗତ ନଭେମ୍ବର ମାସରେ ନୂଆ ହିତାଧିକାରୀଙ୍କ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ଯୋଜନାରେ ନୂଆକରି ୧ ଲକ୍ଷ ୭୮ ହଜାର ୩୯୮ ହିତାଧିକାରୀଙ୍କୁ ପ୍ରଥମଥର ପାଇଁ ୫ହଜାର ଲେଖାଏ ସୁଭଦ୍ରା ଟଙ୍କା ଦିଆଯିବ। ସେହିପରି ଅଭିଯୋଗ ଶୁଣାଣିରେ ୨୪ ହଜାର ୧୮ ଜଣ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯାଇଛି।

## ଗ୍ରୀନ୍‌ଲାଣ୍ଡ ପାଇଁ ବଳ ...

କିନ୍ତୁ ୟୁରୋପର ଅର୍ଥନୀତି ଓ ଅନ୍ୟ ନୀତିଗୁଡ଼ିକ ଉପଯୁକ୍ତ ଦିଗରେ ଯାଉନାହିଁ। ସେ ୟୁରୋପକୁ ଭଲ ପାଆନ୍ତି ଏବଂ ୟୁରୋପକୁ ଭଲ ସ୍ଥିତିରେ ଦେଖିବାକୁ ଚାହାନ୍ତି। କିନ୍ତୁ ୟୁରୋପ ଭୁଲ୍ ଦିଗକୁ ମୁହାଁଉଛି। ତେଣୁ ୟୁରୋପୀୟ ସରକାରମାନେ ପ୍ରବାସନ, ବାଣିଜ୍ୟ ଓ ଶକ୍ତି ଚୟନ ନେଇ ପୁନର୍ବିଚାର କରିବା ଉଚିତ।

ସେହିପରି ଗ୍ରୀନ୍‌ଲାଣ୍ଡ ପ୍ରସଙ୍ଗରେ ଟ୍ରମ୍ପ ଡେନ୍‌ମାର୍କଠାରୁ ଆମେରିକା ଏହି ଭୂଖଣ୍ଡକୁ ଅଧିଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ରଣନୈତିକ ଦୃଷ୍ଟିରୁ ଏହା ଉତ୍ତର ଆମେରିକାର ଏକ ଅଂଶ, ଯାହାକି ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ। ତେବେ ଗ୍ରୀନ୍‌ଲାଣ୍ଡକୁ ଅକ୍ତିଆର କରିବା ପାଇଁ ଆମେରିକା ବଳ ପ୍ରୟୋଗ କରିବ ନାହିଁ। ଏହା ଉପରେ ତୁରନ୍ତ ଆଲୋଚନା କରାଯିବା ଉଚିତ। ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ଏବଂ ୟୁରୋପୀୟ ସହଯୋଗୀ ଗ୍ରୀନ୍‌ଲାଣ୍ଡ ପ୍ରସଙ୍ଗରେ ଟ୍ରମ୍ପଙ୍କୁ ବିରୋଧ କରୁଥିବାରୁ ସେ ଏପରି କହିଥିବା ମନେକରାଯାଉଛି।

ଅଭିଭାଷଣ ଶେଷରେ ୨୦ ମିନିଟର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବେଳେ ଟ୍ରମ୍ପ କହିଥିଲେ, ଆମେ ଏକ ସୁନ୍ଦର ଡେନ୍‌ମାର୍କ ପାଇଁ ଲଢ଼େଇ କରିଥିଲୁ। ଏହା ଏକ ଭୂମି ନୁହେଁ, ବରଂ ଏକ ବୃହତ୍ ବରଫଖଣ୍ଡ। ଆମେରିକା, ରୁଷିଆ ଓ ଚାଇନା ମଝିରେ ଗ୍ରୀନ୍‌ଲାଣ୍ଡର ରଣନୈତିକ ଅବସ୍ଥିତି ରହିଛି। ରଣନୈତିକ ଦୃଷ୍ଟିରୁ ଆମେ ଏହାକୁ ଚାହୁଁଛୁ। ଗ୍ରୀନ୍‌ଲାଣ୍ଡରୁ ରେଆର ଆର୍ଥ ନେବା ଆମ ଉଦ୍ଦେଶ୍ୟ ନୁହେଁ। ଗ୍ରୀନ୍‌ଲାଣ୍ଡକୁ ଅନେକ ଦଶନ୍ଧି ଧରି ଆମେରିକା ଯେତିକି ଦେଇଛି, ସେହି ତୁଳନାରେ ଆମ ଦାବି ନଗଣ୍ୟ। ଲୋକେ ଭାବୁଛନ୍ତି ଆମେ ବଳ ପ୍ରୟୋଗ କରିବୁ। କିନ୍ତୁ ଆମକୁ ସେପରି କରିବାର ନାହିଁ। ମୁଁ ବଳ ପ୍ରୟୋଗ କରିବି ନାହିଁ।

ଟ୍ରମ୍ପ ଗୁରୁବାର ବିଦେଶ ନୀତି ସମ୍ପର୍କରେ ଅଧିକ ବକ୍ତବ୍ୟ ରଖିପାରନ୍ତି। ମଙ୍ଗଳବାର ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ପୂରଣ କରିଥିବା ଟ୍ରମ୍ପ ଡବ୍ଲ୍ୟୁଇଏଫ୍‌ର କାର୍ଯ୍ୟସୂଚୀକୁ ପ୍ରଭାବିତ କରିପାରନ୍ତି। ଡାଭୋସ୍ ସମିଟରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ଟ୍ରମ୍ପଙ୍କ ସାକ୍ଷାତ୍ କାର୍ଯ୍ୟକ୍ରମ ରହିଥିବା ସେ ସୂଚନା ଦେଇଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାହାକୁ ନ ରୁଚେ ଖିରି ଖିରିସା,**
**କିଏ ପାଉ ନାହିଁ ପଣସ ଖୋସା ।**

ନିଜ ଜୀବଦ୍ଦଶାରେ ପ୍ରତ୍ୟେକ ବ୍ୟକ୍ତି ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଆନ୍ତି । କାହା ଭାଗ୍ୟରେ ଖିରିପୁରି ଭଳି ମିଷ୍ଟାନ୍ନ ବ୍ୟଞ୍ଜନ ଖଞ୍ଜା ହୋଇ ରହୁଥିବା ବେଳେ ଆଉ କିଏ ଭୋକ ଉପାସରେ ପଡିରହି ଦିନ ବିତାଉଥିବା ଦେଖିବାକୁ ମିଳିଥାଏ । କର୍ମାନୁଯାୟୀ ଫଳ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**କେତେ ଶଚୀ ଗଲେଣି**
**ସେଇ ଇନ୍ଦ୍ର ଅଛି**
**କେତେ ଥାନେଦାର ଗଲେଣି**
**ସେଇ ଫାଣ୍ଡି ଅଛି ।**

ପଦ ଓ ଆସନ ଖାଲି ପଡ଼େନାହିଁ । ପଦାଧିକାରୀ ଆସନ ଖାଲି କରି ଚାଲିଯାଆନ୍ତି, ପୁଣି ନୂଆ ବ୍ୟକ୍ତି ଆସି ସେଇ ପଦ ଅଳଙ୍କୃତ କରିଥାନ୍ତି। ପଦବୀଧାରୀ ପରିବର୍ତ୍ତିତ ହୁଅନ୍ତି, କିନ୍ତୁ ପଦାସନ ଯେମିତି ଅଛି ସେମିତି ପଡ଼ିରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କୃଷି ଓଡ଼ିଶା: ରାଜ୍ୟର କୃଷି ପ୍ରଗତିକୁ ପ୍ରଦର୍ଶିତ କରୁଥିବା ଏକ ପ୍ରଗତିଶୀଳ ମଞ୍ଚ



କନକ ବର୍ଦ୍ଧନ ସିଂହଦେଓ

'କୃଷି ଓଡ଼ିଶା' ହେଉଛି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ଆୟୋଜିତ ଏକ ବାର୍ଷିକ କାର୍ଯ୍ୟକ୍ରମ, ଯାହା କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ରାଜ୍ୟର ପ୍ରଗତିକୁ ପ୍ରଦର୍ଶିତ କରିଥାଏ। ଏହି ବିଶାଳ ସମାବେଶ ଆଧୁନିକ, ସମସାମୟିକ, ପାରମ୍ପରିକ କୃଷି ଏବଂ ନବସୃଜନ ସହିତ ସମନ୍ୱୟ ରଖି ବର୍ଷ ବର୍ଷ ଧରି କୃଷି ପଦ୍ଧତିର ସଫଳତା ଓ ବିକାଶକୁ ପ୍ରଦର୍ଶନ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବରେ କାର୍ଯ୍ୟ କରିଆସୁଛି।

ଚଳିତ ବର୍ଷର ବିଷୟବସ୍ତୁ ''ଅନ୍ତର୍ଭୁକ୍ତୀକରଣ ମାଧ୍ୟମରେ ସହନଶୀଳ କୃଷି'' ରହିଛି। ଯାହା ରାଜ୍ୟରେ ଚାଷୀଙ୍କ ଉନ୍ନତି, ଅଗ୍ରଗତି, ସମ୍ପ୍ରଦାୟର ବିକାଶ ଏବଂ ଏକାଧାରରେ ସମୃଦ୍ଧ କୃଷି ଐତିହ୍ୟ, ଜୈବ ବିବିଧତାର ସଂରକ୍ଷଣ ସହିତ ଲିଙ୍ଗଗତ ଓ ପୁଷ୍ଟି ସମ୍ବେଦନଶୀଳ କୃଷି କଲ୍ୟାଣ ଭବିଷ୍ୟତ ଓ ରଣନୀତି ନିର୍ମାଣ ଉପରେ ପର୍ଯ୍ୟବସିତ।

ମୁଁ ରାଜ୍ୟରେ ବର୍ତ୍ତମାନ କୃଷିର ସ୍ଥିତି ଓ ଏହାର ପ୍ରଗତିକୁ ଅନୁଧ୍ୟାନ କରି ଦେଖିଛି ଯେ ଏହି କ୍ଷେତ୍ର ଏକଦା ଖାଦ୍ୟଶସ୍ୟରେ ନିଅଣ୍ଟିଆ ଥିଲା କିନ୍ତୁ ବର୍ତ୍ତମାନ ଏହା ଏକ ଖାଦ୍ୟଶସ୍ୟରେ ବଳକା ରାଜ୍ୟଭାବେ ପରିଗଣିତ। କେବଳ ସେତିକି ନୁହେଁ ବର୍ତ୍ତମାନ ଓ ବିଦେଶକୁ ମଧ୍ୟ ଚାଉଳ, ପନିପରିବା ଓ ଫଳମୂଳ ରପ୍ତାନି କରି ଅନ୍ନଦାତାଙ୍କୁ ସଶକ୍ତ କରିପାରୁଛି। ଏହି ବୈଶ୍ୱିକ ପରିବର୍ତ୍ତନର ସୂତ୍ରଧର ଆମ ମାଟିର କୃଷକମାନେ ହିଁ। ସେମାନେ ନିଜ ଜମିରେ ସୁନାର ଫସଲ ଫଳାଇ କେବଳ ନିଜ ଆବଶ୍ୟକତାକୁ ପୂରଣ କରୁନାହାନ୍ତି ବରଂ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟକୁ ରୋଜଗାର ପ୍ରଦାନ ଏବଂ ଜଳବାୟୁ ପରିବର୍ତ୍ତନ, ମୃତ୍ତିକା ସଂରକ୍ଷଣ ଭଳି ବିରାଟ ସମସ୍ୟାର ପ୍ରତିରୋଧ ପ୍ରତ୍ୟକ୍ଷରୂପେ କରି ଆଗାମୀ ପିଢ଼ି ପାଇଁ ମଧ୍ୟ ଏକ ସୁସ୍ଥ, ସ୍ଥିର କୃଷି ଭବିଷ୍ୟତ ନିର୍ମାଣ କରୁଛନ୍ତି। ରଣନୈତିକ ନୀତି ପଦକ୍ଷେପ, ପ୍ରଯୁକ୍ତିବିଦ୍ୟା ଗ୍ରହଣ, ଜଳବାୟୁ-ପ୍ରତିରୋଧୀ କୃଷି ଅଭ୍ୟାସ, ଡିଜିଟାଇଜେଶନ ଏବଂ ସ୍ଥାୟିତ୍ୱ ଉପରେ ଧ୍ୟାନ ଦ୍ୱାରା ଓଡ଼ିଶାର କୃଷି କ୍ଷେତ୍ର ଉଲ୍ଲେଖନୀୟ ଅଭିବୃଦ୍ଧି ଏବଂ ପରିବର୍ତ୍ତନ ଅନୁଭବ କରୁଛି। ରାଜ୍ୟ ଜନସଂଖ୍ୟାର ଏକ ସିଂହ ଭାଗର, ଖାଦ୍ୟ ଏବଂ ପୁଷ୍ଟି ସୁରକ୍ଷା ପାଇଁ କୃଷି କ୍ଷେତ୍ର ଜୀବନରେଖା ହୋଇରହିଛି। ଆସନ୍ତୁ ସମସ୍ତେ ମିଳିମିଶି ଏହି ସକାରାତ୍ମକ ପରିବର୍ତ୍ତନକୁ ସ୍ୱୀକାର କରିବା ଏବଂ ସଶକ୍ତୀକରଣକୁ ଆଗେଇ ନେବା।

ବର୍ତ୍ତମାନ, କୃଷି କ୍ଷେତ୍ର ଏକ ଗତିଶୀଳ ପରିବର୍ତ୍ତନ ଦେଇ ଗତି କରୁଛି, ଯାହା ରେକର୍ଡ ପରିମାଣର ଉତ୍ପାଦନ, ରଣନୈତିକ ନିବେଶ ଏବଂ ଏକ ଅନ୍ତର୍ଭୁକ୍ତ ପଥ ଆଡ଼କୁ ପରିବର୍ତ୍ତନ ଦ୍ୱାରା ବର୍ଣ୍ଣିତ। ରାଜ୍ୟ ଏହାର ବଜେଟ ଆବଣ୍ଟନ, ଅଭିନବ ଯୋଜନା ଓ କୃଷି କ୍ଷେତ୍ରରେ ଏକ ଅନ୍ତର୍ଭୁକ୍ତ ଏବଂ ସମଗ୍ର ସମାଜ ଆଭିମୁଖ୍ୟ ଉପରେ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି। ଓଡ଼ିଶା ଡିଜିଟାଲ କୃଷିରେ ଏକ ବିପ୍ଳବ ଆଣିଛି ଯାହାକୁ ଅନ୍ୟ ରାଜ୍ୟମାନେ ପରିବର୍ତ୍ତନ ପାଇଁ ଏକ ବ୍ଲୁପ୍ରିଣ୍ଟ ଭାବରେ ବ୍ୟବହାର କରିପାରିବେ। ଅଦ୍ୟାବଧି ରାଜ୍ୟର ପ୍ରାୟ ୪୯ ପ୍ରତିଶତ ଜନସଂଖ୍ୟା ସିଧାସଳଖ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ନିୟୋଜିତ ଅଛନ୍ତି।

ଓଡ଼ିଶା ଅର୍ଥନୈତିକ ସର୍ଭେ-୨୦୨୪-୨୫ ଅନୁଯାୟୀ, ସମୟ ସହିତ ତାଳଦେଇ, ଖାଦ୍ୟଶସ୍ୟ ଉତ୍ପାଦନ ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଉଲ୍ଲେଖନୀୟ ହାରରେ ବୃଦ୍ଧି ପାଉଛି। ଓଡ଼ିଶାରେ ୬୮.୮୦ ଲକ୍ଷ ହେକ୍ଟରରୁ ଅଧିକ ଚାଷ ଉପଯୋଗୀ ଜମି ଏବଂ ପ୍ରାୟ ୪.୫ କୋଟି ଜନସଂଖ୍ୟା ରହିଛି, ଏହା ସହିତ ଏକ ବିପୁଳ ଏବଂ ଗତିଶୀଳ ଯୁବ ଶ୍ରମଶକ୍ତି ଅଛି ଯାହାକୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (MKUY) ଅଧୀନରେ ସାହାଯ୍ୟ କରାଯାଉଛି, ଯାହା ନିଯୁକ୍ତି ସୃଷ୍ଟି କରୁଛି ଏବଂ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରୁଛି।

ବର୍ତ୍ତମାନର ସରକାର ରାଜ୍ୟର କୃଷି ପରିସ୍ଥିତିରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବା ପାଇଁ ସମସ୍ତ ଅଂଶୀଦାରଙ୍କୁ ସାମିଲ କରି ଏହି ଜୀବିକା କ୍ଷେତ୍ରରେ ଅଭିବୃଦ୍ଧି ଉପରେ ଧ୍ୟାନ ଦେଉଛି। ରାଜ୍ୟରେ ଏକ ଅନ୍ତର୍ଭୁକ୍ତ ଓ ସ୍ଥାୟୀ କୃଷି ଭବିଷ୍ୟତ ପାଇଁ କୃଷିକୁ ଅଧିକ ଲାଭଦାୟକ କରିବା ଏବଂ ଆମ ଯୁବପିଢ଼ି ପାଇଁ ନିଯୁକ୍ତି ସୃଷ୍ଟି କରିବା ଲାଗି ବର୍ତ୍ତମାନର ସରକାରଙ୍କ ଦ୍ୱାରା କିଛି ଭବିଷ୍ୟବାଦୀ, କୃଷକ ହିତୈଷୀ ନିଷ୍ପତ୍ତି ଏବଂ ଦୂରଦୃଷ୍ଟିପୂର୍ଣ୍ଣ ଯୋଜନା ଓ ପଦକ୍ଷେପ ନିଆଯାଇଛି।

ରାଜ୍ୟର ଧାନ ଚାଷୀଙ୍କୁ ଉତ୍ତମ ମୂଲ୍ୟ ପ୍ରଦାନ କରିବା ଓ ସେମାନଙ୍କୁ ସମାଜର ଆର୍ଥିକ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟ ସରକାର ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି। ଉଦାହରଣ, ୨୦୨୫ ଖରିଫ ଋତୁଠାରୁ ସରକାର ଚାଷୀଙ୍କଠାରୁ ପ୍ରତି କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ ସଂଗ୍ରହ କରୁଛନ୍ତି, (ଯାହାକି ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ମଧ୍ୟ ଅଧିକ) ଏବଂ ତତ୍ ସଙ୍ଗେସଙ୍ଗେ ସର୍ବନିମ୍ନ ସହାୟକ ମୂଲ୍ୟ ବ୍ୟତୀତ ଇନ୍‌ପୁଟ୍ ସହାୟତା ମଧ୍ୟ ପ୍ରଦାନ କରୁଛନ୍ତି।

ଶ୍ରୀ ଅନ ଯୋଜନାର ଲକ୍ଷ୍ୟ ହେଉଛି ଜଳବାୟୁ-ଅନୁକୂଳ ତଥା ପୁଷ୍ଟିକର ଖାଦ୍ୟ ମାଣ୍ଡିଆ, ଯଅ, ବାଜରା ଇତ୍ୟାଦିକୁ ପୁନରୁଦ୍ଧାର କରି ଦୈନନ୍ଦିନ ଜୀବନରେ ଲୋକଙ୍କ ଖାଦ୍ୟରେ ସାମିଲ କରିବା। ଏହି ଜଳବାୟୁ-ଅନୁକୂଳ ଫସଲଗୁଡ଼ିକ ସ୍ଥାୟୀ କୃଷି ଓ ପୁଷ୍ଟିକର ସୁରକ୍ଷାକୁ ପ୍ରୋତ୍ସାହିତ କରିବା ସହିତ ଆଭ୍ୟନ୍ତରୀଣ ଜିଲାଗୁଡ଼ିକର ଶୁଷ୍କ ଭୂମି ପାଇଁ ଉପଯୁକ୍ତ ଏବଂ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଆର୍ଥିକ ଉନ୍ନତିରେ ମୁଖ୍ୟ ବାହକ ସାଜିଛି।

ସିଏମ୍ କିଷାନ ହେଉଛି ଏକ କୃଷକ କଲ୍ୟାଣ ଯୋଜନା, ଯାହା ରାଜ୍ୟର କୃଷି ସମୃଦ୍ଧିକୁ ପ୍ରୋତ୍ସାହିତ କରିବା ଏବଂ ଚାଷୀଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ କରାଯାଇଛି। ଏହି ଯୋଜନାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ ଭୂମିହୀନ ଚାଷୀ ପରିବାରକୁ ଚାଷକାର୍ଯ୍ୟ ନିମନ୍ତେ ବର୍ଷକୁ ୨ଟି କିସ୍ତିରେ ୪୦୦୦ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଏହା ପ୍ରଗତିଶୀଳ, ଅନ୍ତର୍ଭୁକ୍ତ, କ୍ଷୁଦ୍ର ତଥା ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷି ପରିବାର ଉଭୟଙ୍କୁ ସଶକ୍ତ କରୁଛି।

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ହେଉଛି ଭାରତ ସରକାରଙ୍କ ଏକ ପ୍ରମୁଖ ଯୋଜନା, ଯେଉଁଥିରେ କୃଷକଙ୍କୁ, କୃଷି ଉତ୍ପାଦନ ଖର୍ଚ୍ଚ ପୂରଣ ପାଇଁ ସୁନିଶ୍ଚିତ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ବାର୍ଷିକ ୩ଟି କିସ୍ତିରେ ମୋଟ ୬୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

କୃଷି ବିଦ୍ୟା ନିଧି ଯୋଜନା ଅଧୀନରେ, ରାଜ୍ୟ ଏବଂ ଜାତୀୟ ସ୍ତରର ପ୍ରମୁଖ ପ୍ରତିଷ୍ଠାନଗୁଡ଼ିକରେ ଉଚ୍ଚଶିକ୍ଷା ପାଇଁ ସିଏମ୍ କିଷାନ ହିତାଧିକାରୀଙ୍କ ସନ୍ତାନସନ୍ତତିଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ୭୨ ହଜାରରୁ ଅଧିକ ଛାତ୍ରଛାତ୍ରୀ କୃଷି ବିଦ୍ୟା ନିଧି ଯୋଜନାରେ ଉପକୃତ ହୋଇଛନ୍ତି, ଯାହା ଉଲ୍ଲେଖନୀୟ ଅଭିବୃଦ୍ଧି ଏବଂ ସଫଳତାକୁ ଦର୍ଶାଉଛି।

ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା ହେଉଛି ଭାରତୀୟ କୃଷିକୁ ଅଧିକ ଉତ୍ପାଦନକ୍ଷମ, ସ୍ଥାୟୀ ଏବଂ କୃଷକଙ୍କୁ ଆର୍ଥିକ ରୂପେ ସମ୍ବୃଦ୍ଧଶାଳୀ କରିବା ପାଇଁ ଆରମ୍ଭ କରାଯାଇଥିବା ଏକ ଯୁଗାନ୍ତକାରୀ ସରକାରୀ ପଦକ୍ଷେପ। ଜଳସେଚନ, ମୃତ୍ତିକା ସଂରକ୍ଷଣ, ଋଣ, ତାଲିମ ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟା ସହାୟତା ପ୍ରଦାନ କରି, କୃଷକଙ୍କ ଆୟ ବୃଦ୍ଧି, ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରି ଆତ୍ମନିର୍ଭରଶୀଳ ଭାରତ ଗଠନରେ ପ୍ରମୁଖ ଭୂମିକା ନିର୍ବାହ କରୁଛି। ଏହା ଅଧୀନରେ, ଓଡ଼ିଶାକୁ ଡାଲି ଓ ତୈଳବୀଜ କ୍ଷେତ୍ରରେ ଆତ୍ମନିର୍ଭର ହେବାକୁ ପଡ଼ିବ।

ଖାଇବା ବେଳେ ଭାତ ହେଉ ଅବା ରୁଟି, ଡାଲି ସବୁଥିରେ ଖୋଜାପଡ଼େ। ସେହି ମର୍ମରେ, ଧାନ ଚାଷ ପରବର୍ତ୍ତୀ ପଡ଼ିଆ ଜମି ପରିଚାଳନା ଉପରେ ବ୍ୟାପକ ପ୍ରକଳ୍ପ (COMPREHENSIVE RICE FALLOW MANAGEMENT) ଏକ ପ୍ରମୁଖ ପଦକ୍ଷେପ ଯାହା ଏକ ପୁନଃ-ଉତ୍ପାଦନକାରୀ କୃଷି ପଦ୍ଧତି ଭାବରେ କାର୍ଯ୍ୟକାରୀ ହେଉଛି। ରବି ଋତୁରେ ସ୍ୱଳ୍ପ ଅବଧିର ଡାଲି ଏବଂ ତୈଳବୀଜ ଚାଷ ସହିତ ବିସ୍ତୃତ ଧାନ ପଡ଼ିଆ ଜମିକୁ ଉତ୍ପାଦନକ୍ଷମରେ ପରିଣତ କରିବା ଲକ୍ଷ୍ୟ ରହିଛି। ଏହି ପଦକ୍ଷେପ କେବଳ ମୃତ୍ତିକା ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ସାହାଯ୍ୟ କରେ ନାହିଁ, ବରଂ ଫସଲ ବୃଦ୍ଧି ତୀବ୍ରତା ମଧ୍ୟ ବୃଦ୍ଧି କରିଥାଏ। ତତ୍ ସହିତ ମୂଲ୍ୟ ସହାୟତା ଯୋଜନା ଅଧୀନରେ ଡାଲି ଏବଂ ତୈଳବୀଜ ଫସଲ କ୍ରୟ ଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହୋଇପାରୁଛି।

ରପ୍ତାନି ସମ୍ଭାବନା / ସ୍ଥାନୀୟ ବଜାର ସହିତ ସ୍ୱଦେଶୀ ସୁଗନ୍ଧିତ ଏବଂ ଅଣ-ସୁଗନ୍ଧିତ ଧାନର ପ୍ରୋତ୍ସାହନ ଓଡ଼ିଶାର ଐତିହ୍ୟ ଧାନ କିସମର ଚାଷକୁ ପୁନର୍ଜୀବିତ ଏବଂ ବିସ୍ତାର କରିବା ଲକ୍ଷ୍ୟ ରଖିଛି।

ସରକାର ରାଜ୍ୟରେ 'ବଳଭଦ୍ର ଜୈବିକ ଚାଷ ମିଶନ' ମାଧ୍ୟମରେ ଜୈବିକ ଏବଂ ରାସାୟନିକ ମୁକ୍ତ ଚାଷକୁ ପ୍ରୋତ୍ସାହିତ କରୁଛନ୍ତି। ଶ୍ରୀ ଜଗନ୍ନାଥ ମନ୍ଦିରରେ କୋଠଭୋଗ ଏବଂ ମହାପ୍ରସାଦ ପ୍ରସ୍ତୁତି ପାଇଁ ବଡ଼ ପରିମାଣରେ ସୁଗନ୍ଧିତ ଜୈବିକ ଚାଉଳ ଚାଷର ଏକ ଉପାଦାନ ''ଅମୃତ ଅନ୍ନ'' ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି, ଯାହା ଶ୍ରୀଜଗନ୍ନାଥ ସଂସ୍କୃତିର ପବିତ୍ରତାକୁ ମହିମାନ୍ୱିତ କରିବ।

ଏକ ମୋବାଇଲ ଆପ୍ ମାଧ୍ୟମରେ ଠିକ୍ ଏବଂ ବାସ୍ତବ-ସମୟ ତଥ୍ୟ ସଂଗ୍ରହ ପାଇଁ ଡିଜିଟାଲ ଫସଲ ସର୍ଭେ କରାଯାଇଛି। ଏହି ସର୍ଭେ ମାଧ୍ୟମରେ, ପ୍ରକୃତ ଫସଲ ବୁଣାଯାଇଥିବା କ୍ଷେତ୍ର ଆକଳନ କରାଯିବ ଯାହା କଷ୍ଟୋମାଇଜ୍‌ଡ କୃଷି ପରାମର୍ଶଦାତା ସେବା ଏବଂ ଅନ୍ୟାନ୍ୟ ସମ୍ପର୍କିତ ସୂଚନାର ଉତ୍ତମ ପ୍ରସାରଣରେ ସାହାଯ୍ୟ କରିବ। ଏହି ଏକକ ପଦକ୍ଷେପ ରାଜ୍ୟରେ ଏକ ପରିବର୍ତ୍ତନଶୀଳ କୃଷି ପାଇଁ ସରକାରୀ ସହାୟତାର ଏକ ସ୍ୱଚ୍ଛ, ନିର୍ଦ୍ଦିଷ୍ଟ-ଫସଲ ଓ ବାସ୍ତବ-ସମୟ ବିତରଣ ଦିଗରେ ଚାଷୀଙ୍କ ତଥ୍ୟାବଳୀକୁ ଲିପିବଦ୍ଧ କରିବ।

ବିଭିନ୍ନ କୃଷି ଯନ୍ତ୍ରପାତି, ଚାଷ ଖର୍ଚ୍ଚ ହ୍ରାସ ପାଇଁ ଉପକରଣ, ବିଶେଷକରି ମହିଳା ଚାଷୀଙ୍କ ଲାଗି ଉପଯୋଗୀ କୃଷି ଉପକରଣ, ଚାଷୀ ଏବଂ ଶ୍ରମିକଙ୍କ ପାଇଁ କଠିନ ପରିଶ୍ରମ ଲାଘବ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଫସଲ ଋତୁରେ ଶ୍ରମଶକ୍ତି ଅଭାବ ଦୂର କରିବା ପାଇଁ କୃଷି ଯନ୍ତ୍ରପାତି ଉପଲବ୍ଧ କରିବା ପାଇଁ ଆଞ୍ଚଳିକ ଏବଂ ଉପ-ବିଭାଗୀୟ ମେଳା ଆୟୋଜନ କରାଯାଉଛି, ଯେଉଁଠାରେ ସବ୍‌ସିଡିରେ ବିଭିନ୍ନ କୃଷି ଯନ୍ତ୍ରପାତିର ବିକ୍ରୟ ହୋଇଥାଏ।

ରାଜ୍ୟରେ ଶୀତଳ ଭଣ୍ଡାର ସୁବିଧା ଓ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ରାଜ୍ୟର ୫୮ଟି ଉପ-ଖଣ୍ଡରେ ଅତି କମ୍‌ରେ ଗୋଟିଏ ଶୀତଳ ଭଣ୍ଡାର ସ୍ଥାପନ କରିବା ପାଇଁ ଏକ ନୂତନ ଶୀତଳ ଭଣ୍ଡାର ନୀତି ପ୍ରଣୟନ କରାଯାଇଛି। ଏହା କୃଷି, ଉଦ୍ୟାନ କୃଷି ଓ ଆନୁଷଙ୍ଗିକ କୃଷି କ୍ଷେତ୍ରରୁ ଉତ୍ପାଦିତ ସାମଗ୍ରୀର ଉତ୍ତମ ବଜାର ସୁଯୋଗ, ମୂଲ୍ୟ ସଂଯୋଜନ ଏବଂ ଅମଳ ପରବର୍ତ୍ତୀ କ୍ଷତି ହ୍ରାସ କରିବ ଏବଂ ଅମଳ ହୋଇଥିବା ଫସଲର ଅଭାବୀ ବିକ୍ରୟକୁ ରୋକିବା ସହ କୃଷକଙ୍କ ଆୟ ବୃଦ୍ଧି କରିବାରେ ସାହାଯ୍ୟ କରିବ।

ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ଓଡ଼ିଶାରୁ ୟୁଏଇ, କାତାର, ଇଟାଲୀ, ପୋଲାଣ୍ଡ, ଆୟର୍ଲାଣ୍ଡ, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ, ସ୍ୱିଡେନ ଏବଂ ବେଲଜିୟମ ଭଳି ଦଶଟି ଦେଶକୁ ତାଜା ଫଳ ଓ ପନିପରିବା ରପ୍ତାନି କରିବା ପାଇଁ ପଦକ୍ଷେପ ନେଇଛନ୍ତି। ୧୩ଟି ଜିଲାର ୩୩ଟି ଏଫ୍‌ପିଓଙ୍କ ସମ୍ପୃକ୍ତିରେ ଆମ୍ରପାଲି ଏବଂ ଦଶେରୀ ଆମ୍ବ, ଡ୍ରାଗନ ଫଳ, ବରକୋଳି, ଭେଣ୍ଡି, ଲାଉ, ଲମ୍ବା ବିନ୍ସ, କଦଳୀ, ଅମୃତଭଣ୍ଡା ଏବଂ ସଜନା ଛୁଇଁ ରପ୍ତାନି କରାଯାଉଛି।

ଏହି ତିନି ଦିନିଆ କାର୍ଯ୍ୟକ୍ରମରେ ୧୨ଟି ବୈଷୟିକ ଅଧିବେଶନ ମାଧ୍ୟମରେ ଓଡ଼ିଶାରେ କୃଷିର ବର୍ତ୍ତମାନର ସ୍ଥିତି ପ୍ରଦର୍ଶନ କରାଯିବ, ଯାହାର ବିଷୟବସ୍ତୁ, ସ୍ଥିର ଖାଦ୍ୟ ବ୍ୟବସ୍ଥା ପାଇଁ ପଥ ପ୍ରସ୍ତୁତ କରିବା, ଆଲୋଚନା, ବିତର୍କ ଆଦି ରହିଛି। ଏହି ଅଧିବେଶନ ୨୦୩୬ ବର୍ଷ ପାଇଁ ବିକଶିତ ଓଡ଼ିଶା ଏବଂ ୨୦୪୭ ବର୍ଷ ପାଇଁ ବିକଶିତ ଭାରତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ।

୧୫,୦୦୦ରୁ ଅଧିକ ଚାଷୀଙ୍କ ସମାଗମ; ପ୍ରାୟ ୬୦ ଜଣ ଜାତୀୟ ଓ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପ୍ରଖ୍ୟାତ ବୈଜ୍ଞାନିକ ବକ୍ତା ଭାବେ ଯୋଗଦେବେ; ଆଧୁନିକ କୃଷି ଯନ୍ତ୍ରପାତି ପ୍ରଦର୍ଶନ ଏବଂ ଲାଇଭ୍ ପ୍ରଦର୍ଶନ; କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟପାଳନ, ପଶୁପାଳନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (SHG), କୃଷକ ଉତ୍ପାଦକ ସଂଗଠନ (FPO) କାର୍ଯ୍ୟକ୍ରମର ନେତୃତ୍ୱ ନେଉଥିବା ଚାଷୀମାନଙ୍କୁ ସମ୍ବର୍ଦ୍ଧନା; କୃତ୍ରିମ ବୁଦ୍ଧିମତ୍ତା-ସକ୍ଷମ ସୂଚନା ପ୍ରସାରଣ ଓ କୃଷକ ସୁବିଧା କେନ୍ଦ୍ର; କୁଇଜ, ବିତର୍କ, କାହାଣୀ କହିବା ଏବଂ ସ୍କିଟ୍ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଏହି କୃଷି ମହାକୁମ୍ଭକୁ ରାଜ୍ୟବାସୀଙ୍କ ନିମନ୍ତେ ଅଧିକ ଆକର୍ଷଣୀୟ ଓ ତାତ୍ପର୍ଯ୍ୟପୂର୍ଣ୍ଣ କରିବା ବ୍ୟବସ୍ଥା କରାଯାଇଛି।

ଏହି ତିନି ଦିନିଆ କୃଷି ଓ ସମାବେଶ ରାଜ୍ୟର ଚାଷୀ ବର୍ଗଙ୍କ ସ୍ୱପ୍ନକୁ ସାକାର କରିବା ସହିତ ଭବିଷ୍ୟତର କୃଷି ନବସୃଜନ, ଗବେଷଣା ଏବଂ ସମ୍ପ୍ରସାରଣ ପାଇଁ ପଥ ପ୍ରଶସ୍ତ କରିବ ଏବଂ ଓଡ଼ିଶାର ଲୋକଙ୍କ ପାଇଁ ଆହୁରି ଅଧିକ ଦୃଢ଼ ଏବଂ ଭବିଷ୍ୟବାଦୀ କୃଷି ପ୍ରଗତି ପାଇଁ ପ୍ରଦର୍ଶକ ସାଜିବ ବୋଲି ମୋର ଆଶା ଓ ବିଶ୍ୱାସ।

**(ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତୀକରଣ, ଶକ୍ତିମନ୍ତ୍ରୀ)**

# ୧୦ ବିଧାୟକଙ୍କ ସହ ନବୀନଙ୍କ ବୈଠକ



ନବୀନ ନିବାସଠାରେ ବୁଧବାର ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ଦଳୀୟ ବିଧାୟକମାନେ।

ଭୁବନେଶ୍ୱର, ୨୧।୧(ସୁନିତ୍ ମିଶ୍ର)

ନବୀନ ନିବାସଠାରେ ବୁଧବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବିଜେଡିର ୧୦ ଜଣ ବିଧାୟକଙ୍କୁ ଭେଟି ସେମାନଙ୍କ ସହ ତାଙ୍କ ନିର୍ବାଚନମଣ୍ଡଳୀରେ ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଓ ରଣକୌଶଳ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି। ଭାଜପା ସରକାର ବିରୋଧରେ ସୃଷ୍ଟି ହୋଇଥିବା ପ୍ରବଳ ଜନ ଅସନ୍ତୋଷକୁ ଅସ୍ତ୍ରକରି ଲୋକଙ୍କ ନିକଟତର ହେବାକୁ ସେ ପରାମର୍ଶ ଦେଇଛନ୍ତି। ସରକାରଙ୍କ ଜନବିରୋଧୀ କାର୍ଯ୍ୟ, ପ୍ରତିଶ୍ରୁତି ପୂରଣରେ ବିଫଳତା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ସେମାନଙ୍କ ନିର୍ବାଚନମଣ୍ଡଳୀର ବିକାଶ କାମ ବିଷୟରେ ବିଶେଷକରି ଚାଷୀଙ୍କ ସମସ୍ୟା, ଧାନକିଣା ସ୍ଥିତି ସମ୍ପର୍କରେ ମଧ୍ୟ ସେ ପଚାରି ବୁଝିଛନ୍ତି। ବିଜେଡି ଆଦର୍ଶରେ ଲୋକଙ୍କ ସେବା ଜାରି ରଖିବା ପାଇଁ ବିଧାୟକମାନଙ୍କୁ ନବୀନ ପରାମର୍ଶ ଦେଇଛନ୍ତି। ବୈଠକରେ ବିଧାୟକ ପ୍ରତାପ କେଶରୀ ଦେବ, ବିଭୂତି ଭୂଷଣ ବଳବନ୍ତରାୟ, ସାରଦା ପ୍ରସନ୍ନ ନାୟକ, ଦେବୀରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ଯୋଗେଶ କୁମାର ସିଂହ, ଅଧୀରାଜ ମୋହନ ପାଣିଗ୍ରାହୀ, ସୁନୀଲ ମହାନ୍ତି, ରୂପେଶ ପାଣିଗ୍ରାହୀ ଓ ରୋହିତ ଜୋଶେଫ ତିର୍କୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ।

# ବାଲେଶ୍ୱର: ସୋସିଆଲ ମିଡିଆ ପୋଷ୍ଟ ଉପରେ ଲାଗିଲା କଟକଣା

ବାଲେଶ୍ୱର, ୨୧।୧(ବାଞ୍ଛାନିଧି ଦେ)

ବାଲେଶ୍ୱରରେ ଘଟିଥିବା ଭିଡ଼ ହିଂସା ମାମଲାକୁ ଦୃଷ୍ଟିରେ ରଖି ଏସ୍‌ପି ପ୍ରତ୍ୟୁଷ ଦିବାକର ବୁଧବାର ସୋସିଆଲ ମିଡିଆ ପୋଷ୍ଟ ଉପରେ କଟକଣା ଜାରି କରିଛନ୍ତି। କୌଣସି ସମ୍ପ୍ରଦାୟ ବିରୋଧରେ ପୋଷ୍ଟ ନ କରିବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। କ୍ଷତିକାରକ ପୋଷ୍ଟଗୁଡ଼ିକର ସ୍କ୍ରିନ୍‌ଶଟ୍ କିମ୍ବା ଲିଙ୍କ୍ ରଖିବା ପାଇଁ ସୂଚନା ଦିଆଯାଇଛି। ସୋସିଆଲ ମିଡିଆରେ ଯଦି ଏଭଳି ପୋଷ୍ଟ ଆସୁଛି ତେବେ ପୋଲିସକୁ ଜଣାଇବା ଲାଗି ନିବେଦନ କରାଯାଇଛି। ବିଭିନ୍ନ ସୋସିଆଲ ମିଡିଆକୁ ଅପବ୍ୟବହାର କରାଯାଉଥିବା ଜଣାପଡ଼ିବା ପରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଯେଉଁମାନେ ତଥ୍ୟ ବା ପ୍ରମାଣ ନ ଥିବା ଭ୍ରମାତ୍ମକ ପୋଷ୍ଟ କରିବେ କିମ୍ବା ଶେୟାର କରିବେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି।

# ହାତୀ ଆକ୍ରମଣରେ ଚାଷୀ ମୃତ

କୁଆଁରମୁଣ୍ଡା, ୨୧।୧(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ବାରିଲେପ୍ଟା ଗ୍ରାମ ଗୁଙ୍ଗୁରିଟୋଲାରେ ହାତୀ ଆକ୍ରମଣରେ ବୁଧବାର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲବ ସିଂ(୪୯)। ଏନେଇ ବିଶ୍ରା ରେଞ୍ଜରେ ଏକ ଅପମୃତ୍ୟୁ ମାମଲା(ନଂ.୦୨/୨୬) ରୁଜୁ ହୋଇଛି। ବୁଧବାର ସକାଳ ପ୍ରାୟ ୭ଟାରେ ଲବ କୌଣସି କାମରେ ଘରୁ ଚାଲିକି ଯାଉଥିବାବେଳେ ହଠାତ୍ ଏକ ଗୋଠଛଡ଼ା ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ଦନ୍ତାଟି ତାଙ୍କୁ ଶୁଣ୍ଢରେ ଟେକି ପାଦରେ ଦଳିଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବିଶ୍ରା ରେଞ୍ଜ ଦାୟିତ୍ୱରେ ଥିବା ବୀରମିତ୍ରପୁର ରେଞ୍ଜର ସୁଦେଷ୍ଣା ପ୍ରଧାନ ଓ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

# ପୋଲ ତଳୁ ମିଳିଲା ଯୁବକଙ୍କ ମୃତଦେହ

ନୀଳଗିରି, ୨୧।୧(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ସିମୁଳିଆ ଥାନା କାଇଁଶି ଗ୍ରାମର ଧୂମା ମୁର୍ମୁ(୨୫) ମଙ୍ଗଳବାର ରାତି ପ୍ରାୟ ୧୦ଟା ସମୟରେ ବାଇକ୍‌ରେ ବନ୍ଧୁ ଘରୁ ଫେରୁଥିବା ବେଳେ ଗରଡ଼ି ରାସ୍ତାର କୁଞ୍ଜବଣିଆ ନିକଟସ୍ଥ ପୋଲରେ ବାଡେଇ ହୋଇ ତଳକୁ ଖସି ପଡିଥିଲେ। ବୁଧବାର ସକାଳେ ସ୍ଥାନୀୟ ଲୋକେ ପାଣିରେ ଏକ ବାଇକ୍ ଭାସୁଥିବା ଦେଖିବାକୁ ପାଇଥିଲେ। ପୋଲିସ ପହଞ୍ଚି ପ୍ରଥମେ ବାଇକ୍ ଏବଂ ପରେ ଯୁବକ ଧୂମାଙ୍କ ମୃତଦେହ ପାଣି ଭିତରେ ଥିବା ଜାଣିବାକୁ ପାଇଥିଲା। ନୀଳଗିରି ଅଗ୍ନିଶମ ବାହିନୀ ମୃତଦେହ ଉଦ୍ଧାର ପରେ ସ୍ଥାନୀୟ ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି।


ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

सत्यमेव जयते

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050
Email: roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ-୬
**ସର୍ବସାଧାରଣ ବିଜ୍ଞପ୍ତି**
*[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]*

ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୧୭୮୦ ତାରିଖ:- ୧୪।୦୧।୨୦୨୬
ସନ୍ଦର୍ଭ:
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୩)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ଓ୍ୱର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏସି୧୧୩୭୭୬୩ | ୟୁ୬୮୨୦୦ଓଡି୨୦୨୪ପିଟିସି୦୪୪୭୭୯ | ଜେଏଲ୍‌ଜି ଶ୍ରୀ ମହାବୀର ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏସି୦୯୨୩୦୦୪ | ୟୁ୨୭୧୦୯ଓଆର୍୨୦୨୧ପିଟିସି୦୩୬୮୪୬ | ପତିତପାବନ ମିନେରାଲ୍ସ ପ୍ରାଇଭେଟ୍ ଲିମିଟେଡ୍ |
| ୩ | ଏବି୯୫୦୯୧୪୩ | ୟୁ୪୫୩୦୯ଓଆର୍୨୦୧୬ପିଟିସି୦୨୫୯୪୫ | ଚିରଞ୍ଜିଲାଲ ପ୍ରୋଜେକ୍ଟ ପ୍ରାଇଭେଟ୍ ଲିମିଟେଡ୍ |

(୨) ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି । ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି ।
(୩) ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି ।
(୪) କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି ।

ଇର୍ଦ୍ଧନ ତିର୍କୀ, ସହକାରୀ ନିବନ୍ଧକ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0618/2526



**OFFICE OF THE SUPERINTENDING ENGINEER**
**PUBLIC WORK DEPARTMENT, BILASPUR CIRCLE, BILASPUR, CHHATTISGARH**
**निविदा निरस्तीकरण सूचना**
इस कार्यालय के निविदा आमंत्रण सूचना क्रमांक 434 दिनांक 02.12.2025 को अपेन्डिक्स 2.10 की कंडिका 4.6 के तहत् अपरिहार्य कारणवश निरस्त किया जाता है।
स्वा./- अधीक्षण अभियंता
लोक निर्माण विभाग
बिलासपुर मण्डल, बिलासपुर
G-252606157/3



*Specialised Adoption Agency*
**NISSAN SHALOM CHILDREN HOME**
At/P.O.: Ranipeta, Via: Paralakhemundi, Dist.: Gajapati, Odisha - 761201
Ph.: (+91) 8763593023, 7751811798, E-Mail: saa.nissan.gajapati@gmail.com
Letter No. 05/SAAGPT/2026 Date: 18.01.2026
**ADVERTISEMENT**
Specialised Adoption Agency (SAA), Gajapati is running by NISSAN Shalom Children Home intends for recruitment of 3 numbers of vacant Ayahs posts under Mission Vatsalaya Scheme. Applications softcopies complete in every aspect should reach through e-mail only to **saa.nissan.gajapati@gmail.com** on or before 05.02.2026 mentioning post applied for in subject line and addressed to the undersigned. Details and application forms may be downloaded from the district website **https://gajapati.odisha.gov.in**.
Sd./- Secretary
Specialised Adoption Agency
NISSAN Shalom Children Home
OIPR-33001/33024/1/25-26/0002



**FAKIR MOHAN UNIVERSITY**
Vyasa Vihar, Nuapadhi, Balasore, Odisha, PIN - 756089
No. FMU-DEV-CONV.-482/2026/516 Date: 21.1.2026
**NOTIFICATION**
It is notified for information of all concerned that as per the kind consent of her excellency. The President of India, the 12th Convocation of Fakir Mohan University, Balasore is scheduled to be held on 3rd February 2026 in New Campus of the University at Nuapadhi Campus.
For details please visit the University website **https://fmuniversity.nic.in**.
By order of the Vice-Chancellor
Sd./- Registrar



**ZILLA SWASTHYA SAMITI, RAYAGADA**
**(UNDER NATIONAL HEALTH MISSION)**
**In-House Advertisement**
Advt. No. 01/NHM/2026 Date: 20.01.2026
No. 33: Walk-in-Interview will be conducted to fill-up the vacancies under Zilla Swasthya Samiti (ZSS), Rayagada from the in-house contractual employees of NHM working in same post under OSH&FWS Society in other district and desiring to be posted in Rayagada district. Candidate who wish to appear at Walk-in-Interview against the vacancies (as per details given in the official website: **www.rayagada.odisha.gov.in**) will appear at the office of the CDM&PHO, Rayagada, At: Barijhola, P.O.: Rayagada, PIN - 765002 on 11.02.2026 & Registration timing will be from 10.30 A.M. to 12 Noon only. Number of vacancies under this advertisement is provisional which may increase or decrease depending upon the requirement at the time of selection. The undersigned reserves the right to cancel/reject any or all the applications without assigning any reason thereof.
Sd./- CDMPHO-cum-DMD, Rayagada
OIPR: 10001/10035/1/25-26/0002



GOVERNMENT OF ODISHA No. 47
**DEPARTMENT OF WATER RESOURCES**
**OFFICE OF THE ADDL. CHIEF ENGINEER**
**MECHANICAL CIRCLE, BHUBANESWAR**
Email Address: semechcircle104@gmail.com
**e-Procurement Notice - Bid Identification No. ACEM/MDC-49/2025-26**

| | | |
|---|---|---|
| 1. | Name of the Work | Mechanical Gate Works |
| 2. | No. of Works | 01 (One) |
| 3. | Category of Executors | SSI Units registered under DIC/NSIC/MSME for Irrigation Shutters/Hydro Mechanical Gates |
| 4. | Bid Identification No. | ACEM/MDC-49/2025-26 |
| 5. | Estimated Cost | Rs.10,72,646/- |
| 6. | Period of Completion | 01 (One) Calendar Month |
| 7. | Date & time of availability of bid documents in the portal | From Dt.22.01.2026 (10.00 A.M.) to Dt.03.02.2026 (5.30 P.M.) |
| 8. | Last date/time for receipt of bid in the portal | Dt.03.02.2026 (upto 5.30 P.M.) |
| 9. | Date and place of opening of Bid | Dt.04.02.2026 (12.00 Noon onwards in the O/o. the undersigned) |
| 10. | Name of the Officer Inviting Bid | Addl. Chief Engineer, Mechanical Circle, Bhubaneswar |

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.
Sd./- Addl. Chief Engineer
Mechanical Circle, Bhubaneswar
OIPR-32001/32405/1/25-26/0003



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
Lifeline of Odisha
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
No.CAD-3076
OFFICE OF THE SENIOR GENERAL MANAGER, (PROJECTS) - I
OPTCL TECH TOWER, JANPATH, SAHEED NAGAR, BHUBANESWAR-751007
**NOTIFICATION**
No.Sr.GM(TP&C)\Publication\Gaz\08\(Vol.V)/117 Dated : 15.01.2026
In accordance with Section-164 of the Indian Electricity Act, 2003 and in exercising the power conferred upon OPTCL vide Department of Energy, Government of Odisha Order No: R&R-II-10\2006\2353 dated 09.03.2006, the following transmission scheme, which is intended to be undertaken by the Odisha Power Transmission Corporation Limited for execution, are published for general information. The tentative estimated cost of the project is **Rs. 5.81 Crores**. It is also notified in the interest of the general public that any person interested in making representation regarding the execution of the above scheme, may submit such representation in writing so as to reach the Sr. General Manager (Project) – I, Tech Tower (7th floor), Odisha Power Transmission Corporation Limited, Janpath, Saheed Nagar, Bhubaneswar-751007 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.),EHT (Projects) Division, Bhubaneswar as mentioned against the work, on any working day during office hours.
**Name of the Work:-** Construction of 220kV Transmission LILO line from existing 220kV Mendhasal-Bhanjanagar D/C line to 220/33kV GSS at Hatabasta.
**Name of the Village in which the line will Pass :**
**Tahasil:** Bolagarh, **R.I Circle:** Pichukuli, **Revenue Village:** Pichukuli, Puania.
**Perceived benefit that may accrue :** This will facilitate the un-interrupted power supply to the villages' covers under the Tahasil of Bolagarh command area of Khurdha district & overall development of Odisha State in general.
FIPR-90/2025-26
OIPR-
ER. SUNIL KUMAR DANDSENA
Sr. General Manager (Projects- I)
/optcl.odisha /optcl_odisha

ତୁମେ ଯଦି କେବଳ ସାମାଜିକ ଓ ସାମୂହିକ ନିୟମଗୁଡିକୁ ମାନିବାକୁ ତତ୍ପର ହେଉଥାଅ- ଜାଣିରଖ ଯେ, ତୁମେ ତତ୍‌କ୍ଷଣାତ୍ ସେହି ସବୁ ନିୟମର କ୍ରୀତଦାସ ହୋଇ ରହିବ। ଏବଂ ତାହା ହିଁ ତୁମ ରୂପାନ୍ତର ପଥରେ କାର୍ଯ୍ୟ କରିବା ଦିଗରେ ଯଥେଷ୍ଟ ବାଧା ସୃଷ୍ଟି କରିବ। -ଶ୍ରୀମା

-ବରଦା ଚତୁର୍ଥୀ



# ଆକାଶରେ ପରିବର୍ତ୍ତନ



ଦେବଦତ୍ତ ପଟ୍ଟନାୟକ

ମଣିଷ ଆଭ୍ୟନ୍ତରୀଣ ଉପତ୍ୟକାରୁ ଉପକୂଳ, ଜଙ୍ଗଲରୁ ପର୍ବତ ଅଞ୍ଚଳକୁ ସ୍ଥାନାନ୍ତର ହୋଇଥିବାରୁ ତାହା ବିଭିନ୍ନ କାହାଣୀ ଓ ସଙ୍କେତ ବହନ କରିଥିଲା। ସେମାନଙ୍କ ସହ ଆକାଶ ଲଗାତର ଅନୁରକ୍ଷକ ମାର୍ଗସାଥୀ ହୋଇ ରହିଥିଲା। ତଥାପି ଆକାଶର ସ୍ଥିତି ସ୍ଥିର ରହୁ ନ ଥିଲା। ଅନେକ ପିଢ଼ି ଧରି ଲୋକମାନେ ଅନୁଭବ କରିଥିଲେ ଯେ, ଏକ ନିର୍ଦ୍ଦିଷ୍ଟ ଋତୁରେ ଗୋଟିଏ ସ୍ଥାନରେ ତାରାମଣ୍ଡଳ ଦୃଶ୍ୟମାନ ହେଉ ନ ଥିଲା। ଏକଦା ବସନ୍ତ ଋତୁ ଗୋଟିଏ ନକ୍ଷତ୍ର ଗୁଚ୍ଛ ଦ୍ୱାରା ଚିହ୍ନିତ ହେଉଥିଲା, କିନ୍ତୁ ପରେ ଆଉ ଗୋଟିଏ ଦ୍ୱାରା ଏହା ହେଲା। ଏହିଭଳି ଆକାଶରେ ଘଟୁଥିବା ପରିବର୍ତ୍ତନ ପୁରାତନ ଗବେଷକଙ୍କୁ ଦ୍ୱନ୍ଦ୍ୱରେ ପକାଇଥିଲା। ଅତୀତରେ ପ୍ରତ୍ନତତ୍ତ୍ୱବିତ୍‌ମାନେ କଶ୍ମୀରରେ ଏକ ଶିଳାଲେଖ ପାଇଥିଲେ। ଏଥିରେ ଶିକାରୀ, ପ୍ରାଣୀମାନେ ଓ ସେମାନଙ୍କ ଉପରେ ଦୁଇଟି ସୂର୍ଯ୍ୟର ଛବି ରହିଥିଲା। ହେଲେ ଏବକାର ପୃଥିବୀରେ ଗୋଟିଏ ସୂର୍ଯ୍ୟ। ପାଖାପାଖି ଖ୍ରୀଷ୍ଟପୂର୍ବ ୪୩୦୦ରେ ଏକ ସୁପରନୋଭା ବିସ୍ଫୋରଣ ହୋଇ କିଛି କ୍ଷଣ ପାଇଁ ଆକାଶରେ ଦୁଇଟି ଉଜ୍ଜ୍ୱଳ ବସ୍ତୁ ଦୃଶ୍ୟମାନ ହୋଇଥିଲା। ସେହି ସମୟରେ ବସନ୍ତ ଋତୁର ଭୋର ସମୟରେ ଜଣେ ଧନୁର୍ଦ୍ଧର ଏକ ଷଣ୍ଢକୁ ତୀରବିଧ କରିବା ଭଳି ଦୃଶ୍ୟ ଦେଖାଯାଇଥିଲା। ସେହି ଧନୁର୍ଦ୍ଧର ଥିଲା ଶିକାରୀ ତାରାମଣ୍ଡଳ ବା ମୃଗ ନକ୍ଷତ୍ରମଣ୍ଡଳ। ସେହି ଷଣ୍ଢ ଥିଲା ବୃଷ ରାଶି। ଏହା ସୂଚିତ କରୁଛି ଯେ, ଏହି ଶିଳା ଚିତ୍ର ସମ୍ଭବତଃ ୬୦୦୦ ବର୍ଷରୁ ଅଧିକ ସମୟର। ସେହି ସମୟରେ ମିଥୁନ ରାଶିର ନକ୍ଷତ୍ରଗଣ ସହ ବସନ୍ତର ବିଷୁବ (ମାର୍ଚ୍ଚ ୨୧ରେ ସୂର୍ଯ୍ୟ ବିଷୁବରେଖା ଉପରେ ରହନ୍ତି ଓ ଦିନରାତି ସମୟ ସମାନ ରହେ) ସମୟ ଠିକ୍ ରହିଥିଲା ଏବଂ ପରେ ବୃଷରାଶିକୁ ଚାଲିଯାଇଥିଲେ। ଏହିଭଳି ଭାବେ ଆକାଶ ବିନା କ୍ୟାଲେଣ୍ଡର ସମୟକୁ ଧାରଣ କରିଥିଲା।

ଖ୍ରୀଷ୍ଟପୂର୍ବ ୨୦୦୦ ପୂର୍ବରୁ ହରପ୍ପା ସଭ୍ୟତାର ଲୋକମାନେ ଏହି ସମାନ ପ୍ରକାରର ବ୍ରହ୍ମାଣ୍ଡୀୟ ବା ଆକାଶ ସମ୍ବନ୍ଧୀୟ ପରିବର୍ତ୍ତନ ଅନୁଭବ କରିଥିଲେ। ବସନ୍ତ ବିଷୁବ ରାଶିଚକ୍ରର ବୃଷରେ ରହିଥିଲା। କିନ୍ତୁ ହରପ୍ପାର ଲୋକମାନେ ଆକାଶକୁ ରାଶିଚକ୍ରରେ ଭାଗ କରି ନ ଥିଲେ। ବୃଷର ତାରାମଣ୍ଡଳ ମଧ୍ୟରେ ଏକ କ୍ଷୁଦ୍ର ନକ୍ଷତ୍ର କୃତ୍ତିକା ଉପରେ ଜାଣିବା ପାଇଁ ସେମାନଙ୍କ ଆଗ୍ରହ ରହିଥିଲା। ଏହି ୬ଟି କିମ୍ବା ୭ଟି ତାରା ବସନ୍ତର ଭୋର ସମୟରେ ଦୃଶ୍ୟମାନ ହେଉଥିଲେ। ତାହାକୁ ଦେଖି ବସନ୍ତ ଋତୁର ଆଗମନ ଜାଣି ପାରୁଥିଲେ। ପରେ ବ୍ରାହ୍ମଣ ଭଳି ବୈଦିକ ଶାସ୍ତ୍ର ସେମାନଙ୍କ ମହତ୍ତ୍ୱକୁ ଲିପିବଦ୍ଧ କରିଥିଲେ। ଏବେ ୪୦୦୦ ବର୍ଷ ପରେ ସେହି ସମାନ ପ୍ରକାର ନକ୍ଷତ୍ରଗୁଡ଼ିକ ଶରତ ଋତୁର ପୂର୍ବାକାଶରେ ଦେଖାଯାଉଛନ୍ତି ଏବଂ ଶୀତଦିନିଆ



ଫସଲ କରିବାର ସମୟ ସୂଚିତ କରୁଛନ୍ତି। ଦେଖିବାକୁ ଗଲେ, ପ୍ରକୃତି ଧୈର୍ଯ୍ୟର ସହ ସମୟକୁ ଧରି ରଖିଛି।

ଖ୍ରୀଷ୍ଟପୂର୍ବ ପାଖାପାଖି ୧୫୦୦ ବେଳକୁ ଯେତେବେଳେ ଆର୍ଯ୍ୟମାନେ ଭାରତରେ ପ୍ରବେଶ କରିଥିଲେ, ସେତେବେଳେ ବସନ୍ତ ବିଷୁବ ସମୟ ରାଶିଚକ୍ରର ବୃଷରୁ ମେଷକୁ ଚାଲିଯାଉଥିଲେ। ପାର୍ବତ୍ୟ ଅଞ୍ଚଳର ବାଣିଜ୍ୟପଥକୁ ନିୟନ୍ତ୍ରଣ କରିଥିବା ଗ୍ରୀକ୍ ଓ କୁଶାଣମାନେ ସେତେବେଳେ ମଧ୍ୟ ସମାନ ପ୍ରକାର ଆକାଶ ସ୍ଥିତି ଦେଖିଥିଲେ। ଖ୍ରୀଷ୍ଟପୂର୍ବ ୩୦୦ ପରେ ଯେତେବେଳେ ପୁରାଣ ରଚନା କରାଯାଇଥିଲା, ସେତେବେଳେ ବସନ୍ତ ବିଷୁବ ମୀନ ରାଶିକୁ ଚାଲିଯାଇଥିଲା। ଏହିପ୍ରକାର ଆକାଶର ସ୍ଥିତି ସହ ମୋଗଲ ଓ ଇଂରେଜମାନେ ପରିଚିତ ଥିଲେ। ଏବେ ଧୀରେ ଧୀରେ କିନ୍ତୁ ଅତି ମନ୍ଥର ଗତିରେ ଏହା କୁମ୍ଭକୁ ଚାଲିଯାଉଛି। ଆକାଶ ଏତେ ଧୀରେ ଧୀରେ ପରିବର୍ତ୍ତନ ହୋଇଛି ଯେ, କେବଳ ସଂସ୍କୃତି ବା ସଭ୍ୟତାଗୁଡ଼ିକ ହିଁ ତାହାକୁ ଜାଣିପାରିଛନ୍ତି।

ମନୁଷ୍ୟ ତାରାକୁ ଯୋଡ଼ି ଆକୃତି ଗଠନ କରି ସେମାନଙ୍କ ନାମ ଦେଇଛି। ଅତୀତରେ ଯେତେବେଳେ ଦୁଇଟି ସଂସ୍କୃତି ସମାନ ପ୍ରକାର କାହାଣୀ ଥିବା ସମାନ ତାରାମଣ୍ଡଳକୁ ସୂଚିତ କରିଛନ୍ତି, ସେତେବେଳେ ସେଥିରୁ ଜଣାପଡ଼େ ଯେ, ସେମାନଙ୍କ ମଧ୍ୟରେ ସମ୍ପର୍କ ରହିଥିଲା, ଅପ୍ରବାସ, ବାଣିଜ୍ୟ କିମ୍ବା ଆନ୍ତଃବିବାହ ହେଉଥିଲା। କୃତ୍ତିକା ତାରାମଣ୍ଡଳ ଏହାର ସର୍ବୋତ୍ତମ ଦୃଷ୍ଟାନ୍ତ। ଏହାର ଗଭୀର ଅର୍ଥ ରହିଛି। ପାଖାପାଖି ଖ୍ରୀଷ୍ଟପୂର୍ବ ୧୦,୦୦୦ରେ ଲୋକେ ୭ଟି ତାରାକୁ ଖାଲି ଆଖିରେ ସ୍ପଷ୍ଟ ଭାବେ ଦେଖିପାରୁଥିଲେ। ଖ୍ରୀଷ୍ଟପୂର୍ବ ୨୦୦୦ ସୁଦ୍ଧା, କେବଳ ୬ଟି ସ୍ପଷ୍ଟ ଭାବେ ଦେଖାଯାଉଥିଲେ, କାରଣ ଗୋଟିଏ ନକ୍ଷତ୍ର ଆଉ ଗୋଟିକର ଖୁବ୍ ନିକଟକୁ ଚାଲିଯାଇଥିଲା। ଅନେକ ପୁରାଣ ଅଦୃଶ୍ୟ ହୋଇଥିବା ସପ୍ତମ ଭଉଣୀ ବିଷୟରେ ସୂଚିତ କରିଛନ୍ତି। ପ୍ରାଚୀନ ବୈଦିକ ପୁରାଣଗୁଡ଼ିକରେ ବର୍ଣ୍ଣନା ରହିଛି ଯେ, ସାତ ଭଉଣୀ ୭ ଜଣ ଋଷିଙ୍କୁ ବିବାହ କରିଥିଲେ, ଯାହା ସପ୍ତର୍ଷି ଭାବେ ଜଣାଶୁଣା। ୬ ଭଉଣୀଙ୍କ ଉପରେ ବ୍ୟଭିଚାର ଅଭିଯୋଗ ଲଗାଯାଇ ସେମାନଙ୍କୁ ନିର୍ବାସିତ କରାଯାଇଥିଲା। ସେମାନେ ଏବେ ଅଲଗା ଭାବେ କୃତ୍ତିକା ନକ୍ଷତ୍ରମଣ୍ଡଳ ଭାବେ ରହିଛନ୍ତି। କେବଳ ବିଶ୍ୱସ୍ତ ଅରୁନ୍ଧତୀ ତାଙ୍କ ସ୍ୱାମୀ ବଶିଷ୍ଠଙ୍କ ସହିତ ଧ୍ରୁବତାରା ପାଖରେ ରହିଛନ୍ତି। ତେବେ ଆଦିବାସୀ ସମ୍ପ୍ରଦାୟଗୁଡ଼ିକ ତାରାମଣ୍ଡଳକୁ ଭିନ୍ନ ଭାବେ ଦେଖିଥିଲେ। ବଞ୍ଜାରାମାନେ (ଯାଯାବର ଗୋଷ୍ଠୀ) ଏହାକୁ ରତ୍ନ ଭାବେ ବିଚାର କରୁଥିଲେ। କୋଲାମ୍‌ମାନେ ପକ୍ଷୀ ସମୂହ ବୋଲି ଭାବୁଥିଲେ। ନିକୋବରିଜ୍ (ନିକୋବର ଦ୍ୱୀପରେ ଥିବା ଆଦିମ ଆଦିବାସୀ) ତାହାକୁ ସେମାନଙ୍କ ପୂର୍ବପୁରୁଷ ଭାବେ ଦେଖୁଥିଲେ। କୋର୍‌କୁ କଟାଯାଇଥିବା ଟୁକୁଡ଼ା ମାଂସ ଖଣ୍ଡ ବୋଲି କଳ୍ପନା କରୁଥିଲେ। ଗୋଣ୍ଡ ସମ୍ପ୍ରଦାୟ ତାରାମଣ୍ଡଳକୁ ପକ୍ଷୀଙ୍କୁ ମରାଯାଉଥିବା ପଥର କିମ୍ବା ଫସଲ ଜଗୁଥିବା କୃଷି ଯନ୍ତ୍ରପାତି ମଣୁଥିଲେ। ସାନ୍ତାଳମାନେ କହନ୍ତି ଯେ, ବାଘମୁହଁରୁ ଭଉଣୀଙ୍କୁ ରକ୍ଷା କରିବା ପାଇଁ ଭାଇମାନେ ମୃତ୍ୟୁବରଣ କରିଛନ୍ତି। ଭିଲମାନେ କଳ୍ପନା କରନ୍ତି ଯେ, ଜଣେ ଆକ୍ରମଣକାରୀ ବ୍ୟକ୍ତିଙ୍କଠାରୁ ରକ୍ଷାପାଇବା ସକାଶେ ଭଉଣୀମାନେ ଦୌଡୁଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଜଣେ ଭୟରେ ଅଟକିଯାଇଛି।

ଆକାଶର କାହାଣୀଗୁଡ଼ିକ ସାଂସ୍କୃତିକ ଭାବନାକୁ ପ୍ରକାଶ କରେ। ସେଗୁଡ଼ିକ ଦର୍ଶାଇଥାନ୍ତି କିଭଳି ସମ୍ପ୍ରଦାୟଗୁଡ଼ିକ ସମାନ ବାସ୍ତବତାକୁ ଭିନ୍ନ ଭାବରେ ବ୍ୟାଖ୍ୟା କରନ୍ତି। ରାମାୟଣ ଓ ମହାଭାରତ ନକ୍ଷତ୍ରକୁ ସୂଚିତ କରିଛନ୍ତି, ହେଲେ ରାଶିଚକ୍ର ନକ୍ଷତ୍ରମଣ୍ଡଳକୁ ନୁହେଁ। ଏହା ଏକ ପୁରୁଣା ଆକାଶ ବିଜ୍ଞାନକୁ ସୂଚିତ କରେ। ଋଗ୍‌ବେଦ କୃତ୍ତିକା ଏବଂ ରୋହିଣୀ ଭଳି ନକ୍ଷତ୍ରଗୁଡ଼ିକ ସମ୍ପର୍କରେ ଉଲ୍ଲେଖ କରିଛି। ଯଜୁଃ ଓ ଅଥର୍ବ ବେଦରେ ଅଧିକ କିଛି ଉଲ୍ଲେଖ ରହିଛି। ପାଖାପାଖି ଖ୍ରୀଷ୍ଟପୂର୍ବ ୮୦୦ରେ ବ୍ରାହ୍ମଣ ଶାସ୍ତ୍ରରେ ୨୭ ନକ୍ଷତ୍ରର ସମ୍ପୂର୍ଣ୍ଣ ତାଲିକା ଦେଖାଯାଏ। ନକ୍ଷତ୍ରର ନାମାନୁସାରେ ମାସଗୁଡ଼ିକର ନାମକରଣ କରାଯାଇଥିଲା, ଯେଉଁଥିରେ ପୂର୍ଣ୍ଣମୀ ଥିଲା। କିନ୍ତୁ ଏବେ ପୂର୍ଣ୍ଣମା ସମୟ ସେହିସବୁ ନକ୍ଷତ୍ର ସହ ଠିକ୍ ନାହିଁ। ଜ୍ୟୋତିର୍ବିଜ୍ଞାନ ପ୍ରକାଶ କରେ ଯେ, ଏଭଳି ତାଳମେଳ କେବଳ ପାଖାପାଖି ଖ୍ରୀଷ୍ଟପୂର୍ବ ୩୦୦୦ରେ ଘଟିଥିଲା। ଏହା ହରପ୍ପା ସହର ଓ ଇଜିପ୍ଟ ପୀରାମିଡ୍ ସମୟଠାରୁ ମଧ୍ୟ ଅଧିକ ପୁରୁଣା।

ପୁରାତନ ଭାରତୀୟମାନେ କୁଶଳୀ ଜ୍ୟୋତିର୍ବିଦ୍ ଥିଲେ। ସେମାନେ ନକ୍ଷତ୍ରକୁ ଠାବ କରୁଥିଲେ, ଋତୁ ଜାଣିପାରୁଥିଲେ, ମାସ ଗଣନା କରିପାରୁଥିଲେ ଏବଂ ଆଧ୍ୟାତ୍ମିକତା ଅନୁଯାୟୀ ରୀତିନୀତି ଠିକ୍ କରୁଥିଲେ। ସେମାନେ ବିଷୁବ ଅଗ୍ରଗମନ ସମ୍ପର୍କରେ ଜାଣି ନ ଥିଲେ। ପ୍ରତି ୨୦୦୦ ବର୍ଷରେ ବିଷୁବ ଧୀରେ ଧୀରେ ରାଶିଚକ୍ର ସହ ସମ୍ବନ୍ଧିତ ନକ୍ଷତ୍ରକୁ ପରିବର୍ତ୍ତନ କରିଥାଏ। ଏହି କାରଣରୁ ଏବେ ପର୍ବପର୍ବାଣିର ସମୟ ସ୍ୱାଭାବିକ ପାଳନ ତୁଳନାରେ ୩ ସପ୍ତାହ ଅନ୍ତର ରହୁଛି। ମକରସଂକ୍ରାନ୍ତି, ମେଷସଂକ୍ରାନ୍ତି, କର୍କଟସଂକ୍ରାନ୍ତି ଏବଂ ତୁଳାସଂକ୍ରାନ୍ତି ୧,୫୦୦ ବର୍ଷ ପୂର୍ବେ ଥିଲା। ସେତେବେଳେ ହିନ୍ଦୁ କ୍ୟାଲେଣ୍ଡର ତିଆରି କରାଯାଇଥିଲା, ଯେଉଁଥିରେ ଦକ୍ଷିଣାୟନ, ବସନ୍ତ ବିଷୁବ, ଉତ୍ତରାୟଣ, ଶରଦ ବିଷୁବ ସମୟ ସମନ୍ୱିତ ରହିଥିଲା। ସେଥିରେ ଆଉ ଅଧିକ କିଛି ନ ଥିଲା। ଏବେ ୩ ସପ୍ତାହର ଅନ୍ତର ରହିଛି। ପରମ୍ପରା ଆକାଶକୁ ସ୍ମରଣ କରେ, ଯାହା ଏବେ ଆଉ ନାହିଁ। ମାନବଜାତି ଭୁଲିଯାଏ, କିନ୍ତୁ ଆକାଶ ଭୁଲେ ନାହିଁ। ଶାସ୍ତ୍ର, ସାମ୍ରାଜ୍ୟ, ପ୍ରବାସନ ଏବଂ ପୁରାଣ ପରେ ବି ଏହା ସବୁବେଳେ ସ୍ମୃତି ବହନ କରିଥାଏ। ଆକାଶ ବା ସ୍ୱର୍ଗର ଅନୁଧ୍ୟାନ କରିବା ହିଁ ମାନବତାର ଆତ୍ମକଥାକୁ ପଢ଼ିବା ସହ ସମାନ।

-devduttofficial@gmail.com

# ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣରେ ଅସଙ୍ଗତି



ଗଜାନନ ମିଶ୍ର

ନାଗରିକଙ୍କ ଜନ୍ମ ଓ ମୃତ୍ୟୁର ପଞ୍ଜୀକରଣ ଏକ ଆବଶ୍ୟକତା। ଆମ ଗଣତାନ୍ତ୍ରିକ ସରକାର ୧୯୬୯ ମସିହାରେ ଜନ୍ମ ମୃତ୍ୟୁ ପଞ୍ଜୀକରଣ ଆଇନ ତିଆରି କରିଛନ୍ତି। ଯେଉଁଠି ସନ୍ତାନଟିଏ ଜନ୍ମଗ୍ରହଣ କରୁଛି ୨୧ ଦିନ ଭିତରେ ରିପୋର୍ଟ ଦିଆଯିବ ଆଉ ସମ୍ପୃକ୍ତ ଅଧିକାରୀ ତିରିଶ ଦିନ ମଧ୍ୟରେ ପଞ୍ଜୀକୃତ କରି ପ୍ରମାଣପତ୍ର ଦେବେ। ଏହାଦ୍ୱାରା ଠିକ୍ ଜନଗଣନା ହୋଇପାରିବ। ବହିରାଗତ ସବୁ ଅଲଗା ବାରି ହୋଇପଡ଼ିବେ। ଧାରା ୧୩ ଅନୁସାରେ ଯଦି କେହି ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଜନ୍ମମୃତ୍ୟୁ ପଞ୍ଜୀକୃତ କାର୍ଯ୍ୟାଳୟରେ ଜଣାଇ ନ ପାରିଲେ ତେବେ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଶପଥପାଠ ମାଧ୍ୟମରେ ପଞ୍ଜୀକୃତ ପାଇଁ ଆବେଦନ କରିପାରିବେ। ସ୍ପଷ୍ଟ ଓ ପ୍ରାଞ୍ଜଳ ନିୟମ ଜନଗଣଙ୍କ ପାଇଁ ରହିଛି। କିନ୍ତୁ ଖଳପ୍ରବୃତ୍ତିର ଲୋକେ ମନ୍ଦ ଉଦ୍ଦେଶ୍ୟରେ ଏହାର ଅସଦ୍ ବ୍ୟବହାର କରିବାକୁ ପଛାଉ ନ ଥିବାର ପ୍ରମାଣ ରହିଛି। ଏଥିପାଇଁ ଧାରା ୧୫ ଅନୁସାରେ ସଂଶୋଧନ ବା ନାକଚ କରିବାର ବ୍ୟବସ୍ଥା ରଖାଯାଇଛି। ଯଦି ଭୁଲ୍‌ବଶତଃ କିଛି ତ୍ରୁଟି ରହିଯାଇଛି ତେବେ ସଂଶୋଧନ କରାଯାଇ ପାରିବ। ଯଦି ଠକାମି କରି ଜନ୍ମଗତ ପ୍ରମାଣପତ୍ର ନିଆଯାଇଛି ତେବେ ତାହାକୁ ନାକଚ ବା କ୍ୟାନସେଲ୍ କରାଯାଇ ପାରିବ। ଆମ ଆଇନରେ ଦଣ୍ଡ ବିଧାନ ରହିଛି। ଛୁଆଟିଏ କଲିକତାରେ ଜନ୍ମ ହୋଇଥିଲେ ବି, ସେଠାକାର ଜନ୍ମଗତ ପ୍ରମାଣପତ୍ର ଥିଲେ ମଧ୍ୟ, ଟିଟିଲାଗଡରୁ ଆଉ ଏକ ମିଛ ଜନ୍ମ ପ୍ରମାଣପତ୍ର ପ୍ରଦାନ କରାଯାଇଛି। କ୍ୟାନସେଲ କରାଇବାକୁ ନାକେଦମ୍ ହେବାକୁ ପଡ଼ିଛି ବର୍ଷେକାଳ। ଦୋଷୀ ଦଣ୍ଡ ପାଇନି ଏ ଯାଏ। ଆମର ବିଚାର ବ୍ୟବସ୍ଥା!

ବେଳେବେଳେ ଦେଖାଯାଉଛି ନିଜ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ସକାଶେ ମିଛଖଚ ମିଶାଇ ଛୁଆର ମୂଳ ଜନ୍ମସ୍ଥାନର ପ୍ରମାଣପତ୍ର ଥାଇ ବି, ଜନ୍ମଗ୍ରହଣ କରି ନ ଥିବା ସ୍ଥାନରୁ ପ୍ରମାଣପତ୍ର ହାସଲ କରାଯାଉଛି ବହୁତ କିଛି ତଥ୍ୟ ବଦଳାଇ, ଆଉ ଅସଦ୍ ଉପାୟରେ ନାନାଦି ସରକାରୀ ବେସରକାରୀ ଫାଇଦା ଉଠାଯାଉଛି। ଏହା ଦ୍ୱାରା ଆଇନର ମୂଳ ଉଦ୍ଦେଶ୍ୟ ବ୍ୟାହତ ହେବା ସହିତ ଫୌଜଦାରି ମାମଲାକୁ ଆକର୍ଷଣ କରୁଛି। ମିଛ ଶପଥପାଠ, ମିଛ ତଥ୍ୟ, ମିଛ ପ୍ରୟୋଗ ପାଇଁ ଜେଲ ଜରିମାନା ହେବା ନିଶ୍ଚିତ ହୋଇପଡୁଛି। ମିଛ ଜନ୍ମ ପ୍ରମାଣପତ୍ରକୁ ଜାତୀୟ ଅପରାଧ ଭାବରେ ଗଣନା କରାଯାଇ କଠୋର ଦଣ୍ଡ ଦିଆଯିବା ବ୍ୟବସ୍ଥା ରଖାଯିବା ନିହାତି ଆବଶ୍ୟକ। କେଉଁ କେଉଁ ପଞ୍ଜୀକରଣ କାର୍ଯ୍ୟାଳୟରେ କେତେଜଣଙ୍କୁ ଏମିତି ମିଛ ପ୍ରମାଣପତ୍ର ଦିଆଯାଇଛି, କେତେଜଣଙ୍କର ପ୍ରମାଣପତ୍ର ନାକଚ କରାଯାଇଛି ଓ ଅନୈତିକ ବେଆଇନ କାର୍ଯ୍ୟ ପାଇଁ କେତେଜଣ ଦଣ୍ଡ ପାଇଛନ୍ତି ସର୍ବ ସମକ୍ଷରେ ପ୍ରକାଶିତ ହେବା ଜରୁରୀ। ଠୋସ୍ ପ୍ରମାଣ ସହିତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଲେ କିମ୍ବା ଥାନାରେ ଏତଲା ଦେଲେ ମଧ୍ୟ ସୁଫଳ ମିଳୁ ନାହିଁ। ଉପଯୁକ୍ତ ନ୍ୟାୟାଳୟରେ ମାମଲା ଦାଏର କରାଗଲେ ମଧ୍ୟ ଲାଭ ହେଉ ନାହିଁ। ଲାଗୁଛି ଯେମିତି ଛୁଆଜନ୍ମ ପ୍ରମାଣପତ୍ର ବା ମୃତ୍ୟୁ ପ୍ରମାଣପତ୍ରର କିଛି ଅର୍ଥ ହିଁ ନାହିଁ। ଏମିତି ଚାଲିଲେ ଭବିଷ୍ୟତରେ ଏହା ଗୁରୁତର ସମସ୍ୟା ସୃଷ୍ଟି କରିବ। ନ୍ୟାୟର ସମ୍ମାନହାନି ହେବ। ଲୋକେ ନ୍ୟାୟିକ ପ୍ରକ୍ରିୟାକୁ ଖାତିର କରିବେ ନାହିଁ।

ନ୍ୟାୟର ଅଭାବରେ ନିରାଶଭାବ ଦେଖାଯିବ ଲୋକଙ୍କ ମନରେ। କେଉଁଠି ନା କେଉଁଠି ବିଦ୍ରୋହାତ୍ମକ ହୋଇଉଠିବେ, ଠକାମିର ଶିକାର ହୋଇ, ସଦ୍ୟ ଆବିଷ୍କାର କରି ମଧ୍ୟ ଦୋଷୀ ଦଣ୍ଡ ନ ପାଇବା କାରଣରୁ। ଭାବନା ଆସିବ ଯେମିତି କୌଣସି ନ୍ୟାୟାଳୟର ଆଉ ଆବଶ୍ୟକତା ନାହିଁ। ନ୍ୟାୟାଳୟ ଅନ୍ୟାୟାଳୟରେ ପରିଣତ ହେଉନି ତ! କୁରୁସଭାର ନୀରବଦ୍ରଷ୍ଟାଙ୍କ ପରି ସମସ୍ତେ ଚୁପ୍‌ଚାପ। ଅଯଥାରେ ଲୋକଙ୍କ ବା ଟିକସଦାତାମାନଙ୍କ କୋଟି କୋଟି ଟଙ୍କା ବରବାଦ କରାହେଉଛି! ଏହା ଦେଶ ପାଇଁ ଶୁଭଙ୍କର ନୁହେଁ । ଲୋକେ ଜିଇ ଥାଇ ବି ମୃତ୍ୟୁ ପ୍ରମାଣପତ୍ର ପ୍ରସ୍ତୁତ କରାଯାଉଛି ଆଉ ଅନେକାନେକ ଲାଭରୁ ବଞ୍ଚିତ ହେଉଛନ୍ତି। ଅନୈତିକ ଲାଭ ଉଠାଯାଉଛି। ନିରପେକ୍ଷ ତଦନ୍ତ ମାଧ୍ୟମରେ ପ୍ରମାଣପତ୍ର ପ୍ରଦାନ କରାହେବା ନିହାତି ଆବଶ୍ୟକ। ଅର୍ଥଲୋଭରେ ପଡି ଭୁଲ୍ ତଦନ୍ତ ପ୍ରଦାନ ପାଇଁ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କୁ ବହିଷ୍କୃତ କରାଯିବା ଉଚିତ। ଖାଲି ନିଜସ୍ୱ ଫାଇଦା ରଖି କ୍ଷମତା ଉପଭୋଗ କରି ଗାଦିରେ ବସି ଆମେ ଆଇନର ଶାସନକୁ ସମ୍ମାନ ଦେଉଛ କହିବାରେ କିଛି ଲାଭ ନାହିଁ। ସତ୍ୟ ପ୍ରତିଷ୍ଠା ପାଇଁ ନ୍ୟାୟର ମର୍ଯ୍ୟାଦା ବୃଦ୍ଧି ନ ହେଲେ ଅଦାଲତ ଲୋକଙ୍କ ଆସ୍ଥା ବିଶ୍ୱାସ ହରାଇ ବସିବ।

ତପୋବନ, ଟିଟିଲାଗଡ଼, ବଲାଙ୍ଗୀର
ମୋ:୯୪୩୭୩୬୬୬୫୪

## ଏଇ ଭାରତରେ

କଶ୍ମୀରର କୃଷକମାନେ ଏବେ କେବଳ ଲାଭେଣ୍ଡର(ଏକପ୍ରକାର ସୁଗନ୍ଧଯୁକ୍ତ ଗଛ) ଚାଷ ସହ ପ୍ରଥମେ ଲାଭେଣ୍ଡର ମହୁ ଉତ୍ପାଦନ କରିବାରେ ସଫଳ ହୋଇଛନ୍ତି। ପୁଲ୍‌ୱାମା ଜିଲାର ପାଖାପାଖି ୧୮୦ କୃଷକ ଏହି ଲାଭେଣ୍ଡର ଚାଷ କରୁଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୪୫ ଜଣ ଲାଭେଣ୍ଡର ମହୁ ଉତ୍ପାଦନ କରିପାରିଛନ୍ତି। କାଉନ୍‌ସିଲ ଫର୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ(ସିଏସ୍‌ଆଇଆର୍)-ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟିଗ୍ରେଟିଭ ମେଡିସିନ(ଆଇଆଇଆଇଏମ୍)ର ବୈଜ୍ଞାନିକମାନେ ଏହି ଚାଷୀମାନଙ୍କୁ ଲାଭେଣ୍ଡର ମହୁ ଉତ୍ପାଦନରେ ସାହାଯ୍ୟ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ କୃଷକମାନଙ୍କୁ ମହୁବାକ୍ସ ଯୋଗାଇ ଦେଇଛି। ୧ କେଜି ମହୁ ୬,୦୦୦ରୁ ୧୨ ହଜାର ଟଙ୍କାରେ ବିକ୍ରି ହେଉଛି, ଯାହାକି ଅର୍ଗାନିକ୍ ମହୁ ମୂଲ୍ୟଠାରୁ ପାଖାପାଖି ୬ ଗୁଣ ଅଧିକ। ସେଥିପାଇଁ ଏହି ମହୁକୁ 'ତରଳ ସୁନା' କୁହାଯାଉଛି । ସିଏସ୍‌ଆଇଆର୍-ଆଇଆଇଆଇଏମ୍ କଶ୍ମୀରର ଅନ୍ୟସବୁ ଅଞ୍ଚଳର ୫୦୦ରୁ ଊର୍ଦ୍ଧ୍ୱ କୃଷକଙ୍କୁ ଲାଭେଣ୍ଡର ମହୁ ଉତ୍ପାଦନ ପାଇଁ ସବୁପ୍ରକାର ସହଯୋଗ କରିବାକୁ ନିଷ୍ପତ୍ତି ନେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୨୨ ଜାନୁଆରୀ ୧୯୭୭

- ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ସତ୍ୟଜିତ୍ ରାୟ 'ଜନ ଅରଣ୍ୟ' ଚଳଚ୍ଚିତ୍ର ପାଇଁ ପଶ୍ଚିମବଙ୍ଗ ସରକାରଙ୍କଠାରୁ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ପାଇଛନ୍ତି।
- ୪ଟି ଅଣକମ୍ୟୁନିଷ୍ଟ ଦଳ ଯଥା ଜନସଂଘ, ସୋସାଲିଷ୍ଟ, ଲୋକଦଳ ଓ ସଙ୍ଗଠନ କଂଗ୍ରେସ ମିଶି 'ଜନତା ପାର୍ଟି' ନାମରେ ନିର୍ବାଚନ ଲଢ଼ିବା ନେଇ ନିଷ୍ପତ୍ତି ନିଆଯାଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | | | | | | 7 |
| 5 | | | 9 | | | 2 | 8 | 1 |
| 6 | | 9 | | | | | | |
| | | 6 | 2 | 4 | 7 | | | |
| | | | | 3 | | | | 6 |
| 2 | 9 | | | | | | | |
| | | | 8 | | | | | |
| | 4 | 2 | | | | | 1 | |
| 7 | | | | 5 | | | 6 | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 4 | 9 | 6 | 7 | 5 | 1 | 2 |
| 1 | 5 | 2 | 8 | 3 | 4 | 7 | 6 | 9 |
| 6 | 9 | 7 | 1 | 5 | 2 | 4 | 3 | 8 |
| 7 | 1 | 9 | 6 | 8 | 3 | 2 | 4 | 5 |
| 5 | 4 | 3 | 2 | 7 | 1 | 8 | 9 | 6 |
| 2 | 6 | 8 | 4 | 9 | 5 | 3 | 7 | 1 |
| 9 | 2 | 6 | 3 | 4 | 8 | 1 | 5 | 7 |
| 4 | 8 | 5 | 7 | 1 | 9 | 6 | 2 | 3 |
| 3 | 7 | 1 | 5 | 2 | 6 | 9 | 8 | 4 |

ଗତକାଲିର ଉତ୍ତର

# ବଞ୍ଚିବାର ସଂଘର୍ଷ



କିଶୋର ଚନ୍ଦ୍ର ବେହେରା

କ୍ଷୁଧା ବା ଭୋକକୁ ମଣିଷ ନିଜର ପ୍ରାଥମିକତା ମନେକରେ। ଚିନ୍ତା କରେ କ'ଣ କଲେ ପେଟରେ ଦାନା ପଡ଼ିବ। ନିଜେ ବଞ୍ଚିଲେ ତ ପରିବାର ମୁହଁରେ କ'ଣ ଦି'ଟା ଖାଇବାକୁ ଦେବ। ଏସବୁ ସମାଜର ଏକ ବାସ୍ତବ ଚିତ୍ର। ନିମ୍ନ ବର୍ଗର ଲୋକମାନେ ଦିନରେ ଦି' ଓଳି ଖାଇ ନ ପାରିବାର ଦୁଃଖକୁ ପ୍ରତିଟି ମୁହୂର୍ତ୍ତରେ ପାଖରୁ ଅନୁଭବ କରନ୍ତି। ଆଜି ମଧ୍ୟ ଭାରତରେ ଲୋକେ ଖାଲି ପେଟରେ ଶୋଇବାକୁ ବାଧ୍ୟ ହେଉଛନ୍ତି। ଦେଶ ଜନସଂଖ୍ୟାର ଏକ ବୃହତ୍ତର ଅଂଶକୁ ପୁଷ୍ଟିକର ଖାଦ୍ୟ ମିଳିପାରୁ ନାହିଁ। ବାସ୍ତବରେ ଆମେ କୁପୋଷଣ ବା ଅପପୁଷ୍ଟି ବିରୋଧରେ ଲଢ଼େଇ କରି ବିଜୟର ନିକଟତର ହୋଇପାରି ନାହୁଁ। କ୍ଷୁଧା ପ୍ରଶ୍ନ ଉପରେ ଆମେ ଲଗାତର ଭାବରେ ପଛେଇ ଚାଲିଛୁ।

ସାମାଜିକ ଗଣମାଧ୍ୟମ, ଶିକ୍ଷାଗତ ଚାପ, ଆର୍ଥିକ ଅସୁରକ୍ଷା, ପରିଚୟ ସଙ୍କଟ ଏବଂ ନିଜକୁ ପ୍ରମାଣ କରିବାର ନିରନ୍ତର ଆବଶ୍ୟକତା ଯୋଗୁ ଏପରି ଏକ ପରିବେଶ ସୃଷ୍ଟି ହୋଇଛି, ଯେଉଁଠାରେ ଯୁବପିଢ଼ି ପ୍ରତିଦିନ ନୀରବରେ ଯୁଦ୍ଧ ଲଢୁଛି। ଯଦିଓ ସେମାନେ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ନିଜର କୌଶଳ ପ୍ରକଟ କରିପାରନ୍ତି, ତଥାପି ଏକାକୀ ଅନୁଭବ କରନ୍ତି। ସେମାନଙ୍କ ମନରେ ଚିନ୍ତା, ଆତ୍ମସନ୍ଦେହ ଉପୁଜୁଛି। ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠୁଛି। ସାଧନଠାରୁ ଅଧିକ ସମସ୍ୟାର ସାମ୍ନା କରିବାକୁ ପଡୁଛି। ତେବେ ଯୁବପିଢ଼ି ସମ୍ମୁଖୀନ ହେଉଥିବା ସମସ୍ୟାକୁ ପ୍ରାୟତଃ ସମାଜ ଦ୍ୱାରା ଅଣଦେଖା କରାଯାଇ ଏଡ଼ାଇ ଦିଆଯାଏ। ମାନସିକ ସ୍ୱାସ୍ଥ୍ୟ, ଭୟ କିମ୍ବା ସୁରକ୍ଷିତ ସ୍ଥାନର ଅଭାବ ସେମାନଙ୍କୁ ନୀରବରେ କଷ୍ଟ ଭୋଗିବାକୁ ବାଧ୍ୟ କରୁଛି। ଫଳରେ ମାନସିକ ଅବସାଦ, ଆତ୍ମହତ୍ୟା, ନିଶା ସେବନ, ଅସାମାଜିକ କାର୍ଯ୍ୟ କଳାପକୁ ଆପଣେଇ ନେଉଛି। ବିଳାସପୂର୍ଣ୍ଣ ହେଉ ବା ଲୋକଦେଖାଣିଆ ଜୀବନ ବିତାଇବା ପାଇଁ ସେମାନେ ଅଧିକ ଆଗ୍ରହୀ। କ୍ଷମତାଠାରୁ ଅଧିକ ଖର୍ଚ୍ଚ କରିବା ପାଇଁ ମଧ୍ୟ ଟଙ୍କା ରୋଜଗାରର ମାଧ୍ୟମ ଖୋଜି ଥାନ୍ତି। ଏଭଳି ସ୍ଥଳରେ ଅନଲାଇନ ଲୋନ ଆପ୍ ହାବୁଡ଼ରେ ପଡିଥାନ୍ତି। ସହଜରେ ଲୋନ ପାଇବା ଆଶାରେ ଋଣର ଶିକାର ହୋଇଥାନ୍ତି। ବିନା କଷ୍ଟରେ, ବିନା କାଗଜ ପତ୍ରରେ କିମ୍ବା ବ୍ୟାଙ୍କକୁ ଧାଁଦଉଡ ନ କରି ମୋବାଇଲ ଆପ୍ ମାଧ୍ୟରେ ଲୋନ ମିଳିଯାଏ। ପରବର୍ତ୍ତୀ ସମୟରେ ସୁଧ ଗଣୁଥିଲେ ମଧ୍ୟ ମୂଳ ସହଜରେ ଶୁଝିହୁଏ ନାହିଁ। ଏକ ସର୍ବେକ୍ଷଣ ସଂସ୍ଥା ଅନୁଯାୟୀ, ୧୫-୩୪ ବର୍ଷ ବୟସ ବର୍ଗର ପ୍ରାୟ ୩୬% ଭାରତୀୟ ବିଶ୍ୱାସ କରନ୍ତି ଯେ ବେକାରି ହେଉଛି ଦେଶର ସବୁଠାରୁ ବଡ଼ ସମସ୍ୟା। ୩୦%ରୁ ଅଧିକ ଭାରତୀୟ ଯୁବତୀ ଯୁବକ ବେକାର ଏବଂ କୌଣସି ଶିକ୍ଷା କିମ୍ବା ତାଲିମରେ ଜଡ଼ିତ ନୁହନ୍ତି।

ଖାଦ୍ୟ ଅପଚୟ ରୋକିବା ପାଇଁ ପୃଥିବୀର କୌଣସି ଦେଶରେ କଠୋର ଆଇନ ପ୍ରଣୟନ କରାଯାଇ ନାହିଁ। ଭାରତରେ ବିବାହ, ବ୍ରତ ଆଦି ସାମାଜିକ ଉତ୍ସବରେ ଯେତିକି ଖାଦ୍ୟ ନଷ୍ଟ ହୁଏ, ତାହା ଲକ୍ଷ ଲକ୍ଷ ଲୋକଙ୍କର ଭୋଜନ ଚାହିଦା ପୂରଣ କରିପାରନ୍ତା। ମାତ୍ର ଏ ଦିଗରେ କଠୋର ଆଇନ କିମ୍ବା ବିଶେଷ କିଛି ସଚେତନତା ସୃଷ୍ଟି କରାଯାଇନାହିଁ। ଦୈନିକ ସମଗ୍ର ମନୁଷ୍ୟ ଜାତି ଯେତିକି ଖାଦ୍ୟ ନଷ୍ଟ କରେ, ତାହା ଅତି କମ୍‌ରେ ୧୦ ଲକ୍ଷ ଲୋକଙ୍କ ଭୋକ ମେଣ୍ଟାଇପାରିବ। ଫଳରେ ଖାଦ୍ୟ ନଷ୍ଟ



ହେଉଛି, ଭୋକିଲା ଲୋକେ ମୃତ୍ୟୁମୁଖରେ ପଡୁଛନ୍ତି। ଖାଦ୍ୟ ଅପଚୟ ରୋକିବା ଲାଗି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଅଳ୍ପ କିଛି ସଙ୍ଗଠନ କାର୍ଯ୍ୟ କରୁଥିଲେ ହେଁ ସେମାନଙ୍କ ଭୂମିକା ନଗଣ୍ୟ। ଏକ ପରିସଂଖ୍ୟାନ ଅନୁଯାୟୀ, ଓଡ଼ିଶାରେ ପ୍ରତିବର୍ଷ ୧୦୦ ଏକରରୁ ଅଧିକ ଚାଷ ଜମିରେ କୋଠାବାଡି ନିର୍ମାଣ ହେବା ଯୋଗୁ ସେହି ଅଞ୍ଚଳର ପାରମ୍ପରିକ ଚାଷ ପ୍ରଭାବିତ ହେଲାଣି। ଚାଷ ପ୍ରତି ଲୋକଙ୍କ ଅନାଗ୍ରହ ଭାବ ଦୂର କରି ଅଧିକ ଯୁବଶକ୍ତିକୁ କୃଷି କାର୍ଯ୍ୟରେ ନିୟୋଜିତ କରିବା, ଏହି କ୍ଷେତ୍ରରେ ଅଧିକ କର୍ମ ସଂସ୍ଥାନ ସୃଷ୍ଟି କରିବା ଏବଂ ଚାଷ ଜମିକୁ ଅଣକୃଷି କାର୍ଯ୍ୟରେ ବ୍ୟବହାର ନିରୁତ୍ସାହିତ କରିବା ପାଇଁ ଉଦ୍ୟମ ହେବା ଆଜିର ଆବଶ୍ୟକତା ହେଲାଣି। ବଞ୍ଚିବା ପାଇଁ ଖାଦ୍ୟ ଓ ଜଳ ନିତାନ୍ତ ଆବଶ୍ୟକ। ମାତ୍ର ଈଶ୍ୱର ଓ ପ୍ରକୃତିଦତ୍ତ ଏହି ୨ଟି ଉତ୍ସକୁ ବିକାଶ ନାମରେ ବିନାଶ କରିବାରେ ଲାଗିପଡିଛି ମନୁଷ୍ୟ ଜାତି। ବିଶ୍ୱ କ୍ଷୁଧା ସୂଚକାଙ୍କ ବିଭିନ୍ନ ଦେଶର କ୍ଷୁଧାର୍ତ୍ତଙ୍କ ସ୍ଥିତିକୁ ଯଦି ପର୍ଯ୍ୟବେକ୍ଷଣ କରିବା ତେବେ କ୍ଷୁଧାରେ ଜର୍ଜରିତ ଲୋକଙ୍କ ଅସଲ ଚିତ୍ର ପ୍ରଦାନ କରିଥିବା ବିଶ୍ୱ କ୍ଷୁଧା ସୂଚକାଙ୍କ ସେହି ଦେଶଗୁଡ଼ିକର ବିକାଶର ଅସଲ ଚେହେରାକୁ ପ୍ରକଟ କରିବାରେ ସହାୟକ ହୋଇଛି।

ଯଦି ଭାରତ ଉପରେ ନଜର ପକାଇବା, ତେବେ କ୍ଷୁଧାର୍ତ୍ତଙ୍କ ସଂଖ୍ୟା ଦୃଷ୍ଟିରୁ ଆମ ଦେଶ କ୍ଷୁଧାର୍ତ୍ତଙ୍କ ବିଶ୍ୱର ରାଜଧାନୀ କୁହାଯିବ। ୨୦୨୫ ବିଶ୍ୱ ଭୋକିଲା ଦେଶ ତାଲିକାରେ ଶ୍ରୀଲଙ୍କା, ନେପାଳ, ବାଂଲାଦେଶ, ମ୍ୟାନମାର ଭଳି ଛୋଟ ଛୋଟ ଦେଶ ପଛରେ ପଡିଛି ଭାରତ ଦେଶ। ଏଭଳି କି ଗୃହଯୁଦ୍ଧ ଓ ଏକଛତ୍ରବାଦ ଶାସନାଧୀନ ରାଷ୍ଟ୍ର ଉତ୍ତରକୋରିଆ, ରୁଆଣ୍ଡା, ସିଏରାଲିଓନ, ଆଫଗାନିସ୍ତାନ ଓ ହାଇତି ଭଳି ଦେଶ ତୁଳନାରେ ମଧ୍ୟ ଭାରତର ସ୍ଥିତି ଖରାପ। ସାଧାରଣତଃ ୪ଟି ବିଭାବକୁ ଭିତ୍ତିକରି ପ୍ରସ୍ତୁତ ହୁଏ ବୈଶ୍ୱିକ କ୍ଷୁଧାସୂଚୀ। ସେଗୁଡ଼ିକ ହେଲା ପୁଷ୍ଟିହୀନତା ବା କୁପୋଷଣ, ଶିଶୁ ଅପଚୟ ବା ଚାଇଲ୍ଡ ୱେଷ୍ଟିଂ, ଶିଶୁ ଗେଡାହେବା ବା ଚାଇଲ୍ଡ ଷ୍ଟଣ୍ଟିଂ ଓ ଶିଶୁ ମୃତ୍ୟୁ ହାର। ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭିନ୍ନ ଭିନ୍ନ ବିଭାଗଭୁକ୍ତ କରାଯାଇଛି ଓ ବିଭିନ୍ନ ଦେଶକୁ ସର୍ବନିମ୍ନ କ୍ଷୁଧା ବିଭାଗ, ମଧ୍ୟମ ଧରଣ, ଗୁରୁତର, ଉଦ୍‌ବେଗଜନକ ଏବଂ ଅତ୍ୟନ୍ତ ଉଦ୍‌ବେଗଜନକ କ୍ଷୁଧା ବିଭାଗ ସନ୍ନିବେଶିତ କରାଯାଇଛି। ଭାରତ ଗୁରୁତର କ୍ଷୁଧା ବିଭାଗ ମଧ୍ୟରେ ବିଶ୍ୱର ୪୭ଟି ଦେଶ ସହିତ ରହିଛି। ୟୁନିସେଫ, ବିଶ୍ୱବ୍ୟାଙ୍କ, ଖାଦ୍ୟ ଓ କୃଷି ସଙ୍ଗଠନ ତଥା ଜାତିସଂଘ ଓ ଅନ୍ୟାନ୍ୟ ବହୁ ଦେଶୀୟ ସଙ୍ଗଠନରୁ ସଂଗୃହୀତ ତଥ୍ୟାବଳୀ ଆଧାରରେ ଶିଶୁର ଶାରୀରିକ ବିକାଶ ଓ ମୃତ୍ୟୁ ହାରକୁ ଅଧ୍ୟୟନ କରି ସାବ୍ୟସ୍ତ ହୁଏ ପୁଷ୍ଟିହୀନତାର ସ୍ତର। ସମସ୍ତ ପ୍ରକାର ଉଦ୍ୟମ ସତ୍ତ୍ୱେ ବିଶ୍ୱବ୍ୟାପୀ ବିଭିନ୍ନ ଦେଶ ଭୋକିଲାଙ୍କ ସଂଖ୍ୟା ହ୍ରାସ କରିବାରେ ଅସମର୍ଥ ରହୁଛନ୍ତି।

ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହାର ଯୋଗୁ ପ୍ରତ୍ୟେକ ବ୍ୟକ୍ତିର ଆୟର ହାରରେ ବୃଦ୍ଧି ଘଟିଥାଏ। ଏହା ସାଙ୍ଗକୁ ଦେଶର ସାଧାରଣ ରାଜସ୍ୱରେ ମଧ୍ୟ ବୃଦ୍ଧି ଲକ୍ଷ୍ୟ କରାଯାଇଥାଏ। ଏହାର ଉପଯୋଗ ସମାଜର ସର୍ବାଙ୍ଗୀନ ବିକାଶ ପାଇଁ ହିଁ ହୋଇଥାଏ। କିନ୍ତୁ କ୍ଷୁଧା ସୂଚକାଙ୍କ ରିପୋର୍ଟ ପ୍ରକାଶ ପରେ ଚିନ୍ତାର ବିଷୟ ଭାରତରେ ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶ ତଥା ସାମାଜିକ ପ୍ରଗତି ମଧ୍ୟରେ ଯେଉଁ ସମ୍ପର୍କ ରହିଛି, ସେ ବିଷୟରେ ଦୀର୍ଘକାଳ ଧରି ଗଭୀର ବିଶ୍ଳେଷଣ କରିବାରେ ଭାରତୀୟ ରାଜନୀତି ଏବଂ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ।

ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ
ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, କୋରାପୁଟ
ମୋ:୯୪୩୭୯୫୫୫୬୮

## ପାଠକ ଶ୍ରେଷ୍ଠ ବିଚାରକ

### ଦୂଷିତ ଜଳ ବନାମ ବଞ୍ଚିବାର ଅଧିକାର

ମହାଶୟ,

ପଞ୍ଚଭୂତରେ ଗଠିତ ମାନବଶରୀର ଦୀର୍ଘଜୀବୀ ହେବାରେ ବିଶୁଦ୍ଧ ଜଳ(ପାନୀୟଜଳ) ବିଶେଷ ଭୂମିକା ତୁଲାଏ । କଥାରେ ଅଛି, ଯେମିତି ପାଣି ସେମିତି ବାଣୀ ; ପାଣି ପିଇବ ଛାଣି ପଇସା ନେବ ଗଣି । କହିବା ବାହୁଲ୍ୟ ଯେ, ଇନ୍ଦୋରରେ ଦୂଷିତପାଣି ପିଇ ସଂଖ୍ୟାଧିକ ମୃତ୍ୟୁରେ ସ୍ଥାନୀୟ ମଧ୍ୟପ୍ରଦେଶ ହାଇକୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି । ପ୍ରକାଶିତ ଖବର ଅନୁସାରେ, ପାଣି ଦୂଷିତ ହେବାର ପ୍ରମୁଖ କାରଣ ପାଇପ୍ ଲିକ୍। ଯେଉଁ ରାଜ୍ୟ ଜଳଉତ୍ସ ସୁରକ୍ଷାରେ ଅସମର୍ଥ ସେହି ରାଜ୍ୟ ଧାରା ୨୧ ଅନୁସାରେ ବଞ୍ଚିବାର ଅଧିକାର ସୁରକ୍ଷିତ ରଖିପାରିଥିବା ଦାବି ରଖିପାରିବ କି ? ଏ ନେଇ ସୁପ୍ରିମକୋର୍ଟ ବହୁବାର ଅଭିମତ ରଖିଛନ୍ତି ଯେ, ଅଧିକାର ମଧ୍ୟରେ ସ୍ୱଚ୍ଛ ଜଳ ଓ ନିର୍ମଳ ପରିବେଶ ଅନ୍ତର୍ଭୁକ୍ତ ଓ ଏଥିପାଇଁ ପାଣି ଲାଗି ହୀନସ୍ତା ହେବା ସାମ୍ବିଧାନିକ ଗ୍ୟାରେଣ୍ଟିର ପରିପନ୍ଥୀ।

– ଦୁର୍ଗାପ୍ରସାଦ ତ୍ରିପାଠୀ, ସାହୁପଡ଼ା, ବ୍ରହ୍ମଗିରି

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚଇତ୍ର ମଧ୍ୟାହ୍ନ ବେଳ
ନାହିଁ ଜନପ୍ରାଣୀ,
ଅଶୋକ-ପଲ୍ଲବେ ଜାଗେ
ମଧୁ ମୃଦୁ ବାଣୀ । -(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...............................



ରାଜ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କୋଦାଳ ବେଣ୍ଟରେ ପିଟି ପିଉସାଙ୍କୁ ହତ୍ୟା

## ଅଭିଯୁକ୍ତ ଗିରଫ

**ବଲାଙ୍ଗୀର, ୨୧।୧ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଟାଉନ୍ ଥାନା ଅଧୀନ ତୁଳସୀନଗର ପଡ଼ାରେ ମଙ୍ଗଳବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକ ଏକ କୋଦାଳ ବେଣ୍ଟରେ ପିଟି ତାଙ୍କ ପିଉସାଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ଯଦୁମଣି ବଗର୍ତ୍ତୀ(୬୦)। ବୁଧବାର ସକାଳେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏଥିସହ ଘଟଣାସ୍ଥଳରୁ ହତ୍ୟାକାଣ୍ଡରେ ବ୍ୟବହୃତ କୋଦାଳ ଏବଂ ବେଣ୍ଟ ଜବତ କରିଥିବାବେଳେ ଅଭିଯୁକ୍ତ ଅଜୁ ବିଶିଙ୍କୁ ଗିରଫ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଅଜୁ ନିଶାସକ୍ତ ଅବସ୍ଥାରେ ଘରକୁ ଫେରି ସ୍ତ୍ରୀଙ୍କ ସହ ପାଟିତୁଣ୍ଡ କରିଥିଲେ। ଏପରି କି ଉତ୍‌କ୍ଷିପ୍ତ ହୋଇ ତାଙ୍କ ଛୋଟଛୁଆକୁ କଚାଡ଼ି ଦେଇଥିଲେ। ଏହି ଘଟଣାରେ ଯଦୁମଣି ହସ୍ତକ୍ଷେପ କରିବା ସହ ପ୍ରଥମେ ଅଜୁଙ୍କ ସ୍ତ୍ରୀ ଓ ଛୁଆଙ୍କୁ ସେଠାରୁ ଅନ୍ୟତ୍ର ଚାଲିଯିବାକୁ କହିଥିଲେ। ଏହାପରେ ସେ ଅଜୁଙ୍କୁ ବୁଝାଶୁଝା କରିଥିଲେ। ତେବେ ଅଜୁ ପିଉସାଙ୍କ କୌଣସି କଥାକୁ ଗ୍ରହଣ ନ କରି ଆହୁରି ଉତ୍‌କ୍ଷିପ୍ତ ହୋଇ ଘରେ ଥିବା ଏକ କୋଦାଳ ବେଣ୍ଟରେ ଯଦୁମଣିଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଘର ସମ୍ମୁଖରେ ରକ୍ତାକ୍ତ ଅବସ୍ଥାରେ ପଡିଥିଲେ। ଖବରପାଇ ଟାଉନ୍ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚେତାଶୂନ୍ୟ ଅବସ୍ଥାରେ ପଡିଥିବା ଯଦୁମଣିଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲକୁ ନେଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଯଦୁମଣିଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ପୋଲିସ ଅଭିଯୁକ୍ତ ଅଜୁଙ୍କୁ ଗିରଫ କରିଥିବାବେଳେ ଗୁରୁବାର କୋର୍ଟ ଚାଲାଣ କରାଯିବ ବୋଲି ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ କହିଛନ୍ତି। ପାରିବାରିକ କଳହ ଏବଂ ନିଶାସେବନରୁ ଏଭଳି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଯଦୁମଣିଙ୍କ ପୁତୁରା ଜ୍ୟୋତିପ୍ରକାଶ ବଗର୍ତ୍ତୀ ଏନେଇ ଟାଉନ୍ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ମଧ୍ୟ ମାମଲା ରହିଥିବା ଜଣାପଡିଛି।



ମୃତ ଯଦୁମଣି ବଗର୍ତ୍ତୀ।



ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଛି।



ଜବତ କୋଦାଳ, ବେଣ୍ଟ।

# ନିଜକୁ ଗୁଳିକରି କଂଗ୍ରେସ ନେତାଙ୍କ ଆତ୍ମହତ୍ୟା

**ସୋନପୁର, ୨୧।୧ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି କୋଷାଧ୍ୟକ୍ଷ ରାଜେଶ କୁମାର ମିଶ୍ର ଓରଫ ରାଜା (୪୨) ଲାଇସେନ୍ସପ୍ରାପ୍ତ ବନ୍ଧୁକରୁ ନିଜ ମୁଣ୍ଡକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ରାତି ୧ଟା ୧୫ମିନିଟ୍‌ରେ ରାଜେଶ ସୁବର୍ଣ୍ଣପୁର ସହର ଭଗବତୀପ୍ଲଟସ୍ଥିତ ବାସଭବନରେ ହିଁ ନିଜକୁ ଗୁଳି କରିଛନ୍ତି। ତାଙ୍କ ଗୁଳିବିଦ୍ଧ ଶରୀରକୁ ପୋଲିସ ଜବତ କରିଛି। ଜଣେ ଯୁବ ସଙ୍ଗଠକଭାବେ ପରିଚିତ ରାଜେଶ ପୂର୍ବରୁ ସୋନପୁର କଲେଜ ଛାତ୍ର ସଂସଦ ସଭାପତି ଥିଲେ। କଂଗ୍ରେସ ଦଳରେ ସେ ଖୁବ୍ ସକ୍ରିୟ ଥିଲେ। ତେବେ ସେ କାହିଁକି ଏଭଳି ଚରମ ନିଷ୍ପତ୍ତି ନେଲେ ତାହା ଚର୍ଚ୍ଚାର ବିଷୟ ପାଲଟିଛି। ପାରିବାରିକ କଳହ କି ଆତ୍ମହତ୍ୟା ପଛରେ ଅନ୍ୟ କିଛି କାରଣ ରହିଛି ତାହା ଅସ୍ପଷ୍ଟ ରହିଛି। ଆତ୍ମହତ୍ୟା କାରଣକୁ ନେଇ ନାନା ଆଲୋଚନା ହେଉଛି। ତାଙ୍କ ବାପା ବିନୋଦ ବିହାରୀ ମିଶ୍ରଙ୍କ ଅଭିଯୋଗକ୍ରମେ ସୋନପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ରାଜେଶ ଘରର ପ୍ରଥମ ମହଲାରେ ଥିଲେ। ରାତି ୧ଟା ପରେ ସେ ପିସ୍ତଲ ଧରି ବେଡ୍‌ରୁମ୍‌ରୁ ଏକୁଟିଆ ତଳ ମହଲାକୁ ଓହ୍ଲାଇଥିଲେ। ତଳ ମହଲାରେ ନିଜ ପିସ୍ତଲରୁ କାନ ମୁଣ୍ଡକୁ ଲକ୍ଷ୍ୟ କରି ଗୁଳିମାଡ଼ କରିଥିଲେ। ଘଟଣାସ୍ଥଳରେ ହିଁ ସେ ଟଳି ପଡ଼ିଥିଲେ। ଏହା ପରିବାର ଲୋକେ ଜାଣି ପାରି ନ ଥିଲେ। ବେଡ୍‌ରୁମ୍‌କୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତଳ ମହଲାକୁ ଯାଇ ଖୋଜାଖୋଜି କରିଥିଲେ। ତଳ ମହଲାର ଏକ ଗଳିରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାଜା ତଳେ ପଡିଥିବା ଦେଖିବାକୁ ପାଇଥିଲେ। ପୋଲିସ ସୂଚନା ପାଇବା ପରେ ବାସଭବନରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ବୁଧବାର ତଦନ୍ତ କରିଛି। ବ୍ୟବହୃତ ପିସ୍ତଲରେ ଆଉ ଗୁଳି ଭର୍ତ୍ତି ହୋଇଛି କି ନାହିଁ ଆର୍ମସ ହାବିଲଦାର ତନଖି କରିଥିଲେ। ପିସ୍ତଲକୁ ଜବତ କରାଯିବା ସହ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ଷ୍ଟେଟ୍ ଫୋରେନସିକ୍ ସାଇନ୍ସ ଲାବରେଟୋରିକୁ ପଠାଯିବ ବୋଲି ଜଣାପଡିଛି। ବ୍ୟବଚ୍ଛେଦ ରିପୋର୍ଟକୁ ପୋଲିସ ଅପେକ୍ଷା କରିଛି। ଅନ୍ୟପକ୍ଷେ ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ସନ୍ଧ୍ୟାରେ ରାମେଶ୍ୱରସ୍ଥିତ ଶ୍ମଶାନରେ ରାଜେଶଙ୍କ ଅନ୍ତିମ ସଂସ୍କାର କରାଯାଇଛି।



ରାଜେଶ କୁମାର ମିଶ୍ର

# ଲିଭ୍ ଇନ୍ ରିଲେଶନରେ ରହି ଯୁବତୀଙ୍କୁ ବଳାତ୍କାର

**ଭୁବନେଶ୍ୱର, ୨୧।୧ (ତ୍ରିନାଥ ମହାନ୍ତି)**

- ଯୁବତୀଙ୍କୁ ମାଡ଼ ମାରି ଘର ଭିତରେ ବନ୍ଦୀ କରି ରଖିଥିଲେ
- ଅଭିଯୋଗ ପରେ ଅଭିଯୁକ୍ତଙ୍କୁ ଗିରଫକଲା ପୋଲିସ

ଅଭିଯୋଗ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନାରେ ଆଣିଛନ୍ତି ଜଣେ ଯୁବତୀ। ପରିଚୟ ହେବା ପରେ ବନ୍ଧୁତା ବଢିଥିଲା। ବାପିନ ଏକ ଘରୋଇ ସଂସ୍ଥାରେ ଚାକିରି କରୁଥିଲେ। ଉଭୟେ ମିଳାମିଶା କରିବା ପରେ ଲକ୍ଷ୍ମୀସାଗର ବୃନ୍ଦନଗରରେ ଏକ ଘର ଭଡ଼ା ନେଇ ଉଭୟ ଲିଭ ଇନ୍‌ରେ ରହୁଥିଲେ। ୫ମାସ ଲିଭ୍ ଇନ୍‌ରେ ରହିବା ମଧ୍ୟରେ ବାପିନ ତାଙ୍କୁ ମାଡ଼ ମାରିବା ସହ ଜବରଦସ୍ତି ବଳାତ୍କାର କରିଥିବା ଯୁବତୀ ଅଭିଯୋଗ କରିଛନ୍ତି। ୩ ମାସ ଧରି ତାଙ୍କ ଘର ଭିତରେ ନଜର ବନ୍ଦୀ କରି ରଖିବା ପରେ କୌଶଳକ୍ରମେ ଯୁବତୀ ଖସି ଆସି ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ଅଭଯୋଗ ଆଧାରରେ ଯୁବତୀଙ୍କ ବୟାନ ଗ୍ରହଣ କରିବା ପରେ ମାମଲା ରୁଜୁକରି ଅଭିଯୁକ୍ତ ବାପିନଙ୍କୁ ଗିରଫ କରିଥିଲେ। ପରସ୍ପରକୁ ଭଲ ପାଇଲେ। ସାଙ୍ଗ ହୋଇ ଗୋଟେ ଘରେ ଲିଭ୍ ଇନ୍ ରିଲେଶନରେ ମଧ୍ୟ ରହିଲେ। ହେଲେ ୫ମାସ ରହଣି ମଧ୍ୟରେ ଯୁବତୀଙ୍କ ସହ ଯୁବକଜଣକ ଶାରୀରିକ ସମ୍ପର୍କ ରଖିବାକୁ ଚାହିଁଲେ। ମନା କରିବାରୁ ତାଙ୍କୁ ମାଡ଼ ମାରିବା ସହ ଜବରଦସ୍ତ ବଳାତ୍କାର କଲେ। ଏପରି କି ଯୁବତୀ ଗର୍ଭବତୀ ହେବା ପରେ ଗର୍ଭପାତ ପାଇଁ ବାଧ କରି ଔଷଧ ଖାଇବାକୁ ଦେଇଥିଲେ। ପୀଡ଼ିତା ନ ଖାଇବାରୁ ତାଙ୍କୁ ମାଡ଼ମାରି ଜବରଦସ୍ତି ଗର୍ଭପାତ ପାଇଁ ଔଷଧ ଖୁଆଇଲେ। ଏଭଳି ଏକ ସଙ୍ଗିନ ଅଭିଯୋଗ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନାରେ ଆଣିଛନ୍ତି ଜଣେ ଯୁବତୀ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିବା ସହ ବାପିନ ସାବତଙ୍କୁ ଗିରଫ କରିଛି। ଉଭୟଙ୍କ ଡାକ୍ତରୀମାଇନା ପରେ ଯୁବତୀଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଅଭିଯୋଗ ଅନୁସାରେ, ଯୁବତୀଙ୍କ ଘର କେନ୍ଦ୍ରାପଡ଼ାରେ ହୋଇଥିବାବେଳେ ସେ ରାଜଧାନୀକୁ ଆସି ଅନ୍ୟ ଘରେ ରୋଷେୟା ଭାବେ କାମ କରନ୍ତି। ଏହି ସମୟରେ ବାପିନ ସହ ତାଙ୍କର ପରିଚୟ ହେବା ପରେ ବନ୍ଧୁତା ବଢିଥିଲା।

# କଲେଜ ପିଲାଙ୍କୁ ବ୍ରାଉନ୍‌ସୁଗାର ବିକ୍ରି ଗ୍ୟାଙ୍ଗ୍‌ର ୬ ଗିରଫ

ଭୁବନେଶ୍ୱର, ୨୧।୧ (ତ୍ରିନାଥ ମହାନ୍ତି): କଲେଜ ପିଲାଙ୍କୁ ବ୍ରାଉନ୍ ସୁଗାର ବିକ୍ରି କରୁଥିବା ଏକ ଗ୍ୟାଙ୍ଗ୍‌ର ୬ଜଣଙ୍କୁ ଲକ୍ଷ୍ମୀସାଗର ପୋଲିସ ଗିରଫ କରିଛି। ସେମାନଙ୍କ ଠାରୁ ୧୦ଗ୍ରାମର ବ୍ରାଉନ୍ ସୁଗାର ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଜେବି ନଗରର ଅଭିଷେକ ବାନାର୍ଜୀ, ଓସ୍କାର ସିଟିର ଆର୍ଟିସ୍‌ମାନ ଅଭିଷେକ, ଶିଶୁପାଳଗଡ଼ର ରଶ୍ମିରଞ୍ଜନ ମହାପାତ୍ର, ନୀତିନ୍ ହାଲୱାସିଆ, ଅମ୍ରେସ୍ ପ୍ରସାଦ ରାଉତ ଏବଂ ସିଦ୍ଧାର୍ଥ ପଟ୍ଟନାୟକ।

ଏହି ଗ୍ୟାଙ୍ଗ ବିଶେଷକରି ଖୋର୍ଦ୍ଧା ଏବଂ ଜଟଣୀରୁ ବ୍ରାଉନ୍‌ସୁଗାର ଆଣି ଲକ୍ଷ୍ମୀସାଗର, ବିଜେବି କଲେଜ ପଛପଟ ଏବଂ ରାଜମହଲରେ ବିକ୍ରି କରନ୍ତି। ବିଶେଷ କରି କଲେଜ ପିଲାଙ୍କ ଉପରେ ଏମାନଙ୍କ ନଜର ରହିଥାଏ। ସେମାନଙ୍କୁ ପ୍ରଥମେ ମାଗଣା ଡ୍ରଗ୍ସ ଖାଇବାକୁ ଦେଇଥାନ୍ତି। ପରେ ସେମାନଙ୍କୁ ଅଭ୍ୟସ୍ତ କରାଇବା ପରେ ସେମାନଙ୍କ ଦ୍ୱାରା ବିକ୍ରି କରିଥାନ୍ତି। ଏନେଇ ଖବର ପାଇ ଲକ୍ଷ୍ମୀସାଗର ଥାନାର ଏକ ସ୍ପେଶାଲ ଟିମ୍ ସଦଳବଳ ଶବର ସାହି ସ୍କୁଲ ପଛ ପାଖରେ ଥିବା ପାଣିଟାଙ୍କି ନିକଟରେ ଅତର୍କିତ ଚଢ଼ାଉ କରିବା ସହ ବେଆଇନ ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ୬ଅଭିଯୁକ୍ତଙ୍କୁ କାବୁ କରିଥିଲା। ଛାନ୍‌ଭିନ୍ ସମୟରେ ପୋଲିସ ଅଭିଯୁକ୍ତଙ୍କ ହେପାଜତରୁ ମୋଟ ୧୦ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗାର, ୩ଟି ମୋବାଇଲ ଫୋନ୍ ଏବଂ ଦୁଇଟି ମୋଟରସାଇକେଲ ଜବତ କରିଥିଲା।

# ବଳାତ୍କାର ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

**ଅନୁଗୋଳ, ୨୧।୧ (ଜ୍ୟୋତିରଞ୍ଜନ ସାହୁ)**

ଜଣେ ନାବାଳିକାଙ୍କୁ ଅପହରଣ ସହ ବଳାତ୍କାର ମାମଲାର ଶୁଣାଣି କରି ଅନୁଗୋଳ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକସୋ କୋର୍ଟ ଜଜ୍ ସୌମ୍ୟାଶ୍ରୀ ଶୁଭଦର୍ଶିନୀ ବୁଧବାର ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାର ଅଭିଯୁକ୍ତ ଏନ୍‌ଟିପିସି ଥାନା ଅଞ୍ଚଳର ବିଶ୍ୱାସ ନାଏକ (୨୨)ଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ମାମଲାରୁ ପ୍ରକାଶ, ୨୦୨୩ ସେପ୍ଟେମ୍ବର ୩ରେ ଏନ୍‌ଟିପିସି ଥାନା ଅଞ୍ଚଳରେ ଏହି ଘଟଣା ଘଟିଥିଲା। ୧୩ ବର୍ଷୀୟା ନାବାଳିକାଙ୍କୁ ଅପରାହ୍ଣରେ ଘର ସମ୍ମୁଖରୁ ଅଭିଯୁକ୍ତ ବିଶ୍ୱାସ ଅପହରଣ କରିନେଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଏନ୍‌ଟିପିସି ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ପ୍ରାୟ ଏକମାସ ପରେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରୁଠାରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଏଥିସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ଘଟଣାରେ ସହଯୋଗ କରିଥିବା ଅଭିଯୋଗରେ ଆଉ ୨ ଜଣଙ୍କୁ ମଧ୍ୟ ପୋଲିସ ଗିରଫ କରିଥିଲା। ମୋଟ ୧୮ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିବାବେଳେ ପ୍ରମାଣ ଅଭାବରୁ ଅନ୍ୟ ୨ ଅଭିଯୁକ୍ତଙ୍କୁ ଖଲାସ କରାଯାଇଥିଲା। ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦିଲୀପ ଦାସ ମାମଲା ପରିଚାଳନା କରିଥିଲେ।

# ଦେଖା ହୋଇପାରିଲାନି, ଯୁବତୀଙ୍କ ଘର ଆଗରେ ଦେହକୁ କାଟି ପକାଇଲେ

**ଢେଙ୍କିକୋଟ, ୨୧।୧ (ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ବଡ଼ମସିଣାବିଲା ପଞ୍ଚାୟତ ସାନମସିଣାବିଲା ଗ୍ରାମରେ ବୁଧବାର ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଯୁବତୀଙ୍କୁ ଦେଖିବାରେ ବିଫଳହୋଇ ଜଣେ ଯୁବକ ଉକ୍ତ ଯୁବତୀଙ୍କ ଘର ଆଗରେ ଶରୀରକୁ ବ୍ଲେଡ୍‌ରେ କାଟି ଆତ୍ମହତ୍ୟା ଉଦ୍ୟମ କରିଥିବା ଦେଖିବାକୁ ମିଳିଛି। ଯୁବକଜଣଙ୍କ ଯୋଡ଼ା ଅଞ୍ଚଳର ଆକାଶ କୁମାର(୨୧) ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଯୁବତୀଙ୍କ ଘର ସାନମସିଣାବିଲା ଗ୍ରାମରେ ହୋଇଥିବାବେଳେ ସେ ପିଉସୀଙ୍କ ଘର କୋଇଡ଼ାରେ ରହୁଥିଲେ। କୋଇଡ଼ାରେ ଆକାଶଙ୍କ ସହ ଦେଖା ସାକ୍ଷାତ ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। କିଛିଦିନ ହେଲା ଯୁବତୀ ନିଜ ଗ୍ରାମ ମସିଣାବିଲାକୁ ଚାଲି ଆସିଥିଲେ। ପରେ ଘର ଲୋକଙ୍କ କଡ଼ା ତାଗିଦ ପରେ ଉଭୟଙ୍କ ମଧ୍ୟରେ ଯୋଗାଯୋଗ ହୋଇପାରି ନ ଥିଲା। ଯୁବକ ବୁଧବାର ଅପରାହ୍ଣରେ ସାନମସିଣାବିଲାରେ ପହଞ୍ଚି ଯୁବତୀଙ୍କୁ ଦେଖାକରିବା ପାଇଁ ଚାହିଁଥିଲେ। ମାତ୍ର ଏଥିରେ ବିଫଳ ହେବାରୁ ସାଙ୍ଗରେ ଆଣିଥିବା ଏକ ବ୍ଲେଡ୍‌ରେ ନିଜ ଦେହର ବିଭିନ୍ନ ସ୍ଥାନକୁ କାଟି ଚାଲିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ୧୧୨ ପୋଲିସ ହେଲ୍ପଲାଇନକୁ ଫୋନ୍‌କରି ଡାକିଥିଲେ। ଘଟଗାଁ ପୋଲିସ ପହଞ୍ଚି ଆକାଶଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସା କରାଇ ପୋଲିସ ଯୁବକଙ୍କୁ ଥାନାରେ ରଖି ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଛି। ଖବର ଲେଖାହେବା ଯାଏ ପରିବାର ଲୋକେ ଘଟଗାଁ ଥାନାରେ ପହଞ୍ଚି ନ ଥିଲେ। ଘଟଗାଁ ଥାନା ଅଧିକାରୀ ଶୁଭ୍ରାନ୍ତ ଜେନା କହିଛନ୍ତି, ଏ ସମ୍ପର୍କରେ ଏକ ମାମଲା(ନଂ.୨୭/୨୬) ରୁଜୁ ହୋଇଛି। ପରିବାର ଲୋକ ଆସିବା ପରେ ଆକାଶଙ୍କୁ ହସ୍ତାନ୍ତର କରାଯିବ।

# ବାଇକ୍ ଚୋରି ଅଭିଯୋଗରେ ୪ ଗିରଫ

**ଭୁବନେଶ୍ୱର, ୨୧।୧ (ତ୍ରିନାଥ ମହାନ୍ତି)**

ବାଇକ୍ ଚୋରି ଗ୍ୟାଙ୍ଗର ୪ଜଣ ସଦସ୍ୟଙ୍କୁ ଶହୀଦନଗର ପୋଲିସ ଗିରଫ କରିଛି। ସେମାନେ ହେଲେ ତପୋବନର ପିଣ୍ଟୁ ପ୍ରଧାନ, କରୁଆ ପରିଛା, ପୁରୀର ରାଜା ପାତ୍ର ଏବଂ ଦୀପକ ବେହେରା। ସେମାନଙ୍କ ନିକଟରୁ ୩ଟି ବାଇକ୍ ଏବଂ ଗୋଟିଏ ସାଇକେଲ ଜବତ କରାଯାଇଛି।

ପୋଲିସ ସୂଚନା ଅନୁସାରେ, ହେମନ୍ତ ସେଠୀ ଶହୀଦନଗରସ୍ଥିତ ପ୍ଲଟ ନମ୍ବର. ସି/୧୧ ରେ ଭଡା ସୂତ୍ରରେ ରହି ଏକ କୋଚିଂ ସେଣ୍ଟର ଚଳାଇ ଆସୁଛନ୍ତି। ଗତ ୧୯ ତାରିଖ ରାତି ପ୍ରାୟ ୧୦ଟା ୪୫ରେ, ସେ ତାଙ୍କ ଭଡ଼ା ଘରେ ଉପସ୍ଥିତ ଥିବାବେଳେ ଜଣେ ଦୁର୍ବୃତ୍ତ ତାଲା ଭାଙ୍ଗି ତାଙ୍କର ସ୍କୁଟି ଚୋରି କରିବାକୁ ଚେଷ୍ଟା କରିଥିଲେ। ଚୋରିର ଶବ୍ଦ ଶୁଣି ହେମନ୍ତ ଖୁବ୍ ଜୋରରେ ପାଟି କରିବାରୁ ଦୁର୍ବୃତ୍ତ ଘଟଣାସ୍ଥଳରୁ ପଳାଇଯାଇଥିଲେ। ତେବେ ଯିବା ସମୟରେ ସେ ଏକ ସାଇକେଲକୁ ଚୋରି କରି ନେଇ ଯାଇଥିଲେ। ପଡ଼ୋଶୀମାନେ ଦୁର୍ବୃତ୍ତଙ୍କୁ ପିଛା କରିଥିଲେ ମଧ୍ୟ ଧରିବାରେ ବିଫଳ ହୋଇଥିଲେ। ଏନେଇ ହେମନ୍ତ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଏକ ଲିଖିତ ରିପୋର୍ଟ ଦାଖଲ କରିଥିଲେ। ତଦନ୍ତ ସମୟରେ ଚଢ଼ାଉ କରାଯାଇ, ଅଭିଯୁକ୍ତ ପିଣ୍ଟୁଙ୍କୁ ଗିରଫ କରାଯାଇଥିଲା। ତାଙ୍କୁ ପଚରାଉଚରା ସମୟରେ ସେ ନିଜ ଦୋଷ ସ୍ୱୀକାର କରିବା ସହ ବାଇକ୍ ଚୋରି ରାକେଟ୍‌ରେ ସାମିଲ ଥିବା କହିଥିଲେ। ଏହାପରେ ତାଙ୍କର ବୟାନ ଆଧାରରେ ଭୁବନେଶ୍ୱର ଏବଂ ପୁରୀ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

# ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କୁ ମାଡ଼ ମାରି ଲୁଟ୍, ଜଣେ ଗିରଫ

ଭୁବନେଶ୍ୱର, ୨୧।୧ (ତ୍ରିନାଥ ମହାନ୍ତି): ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କୁ ମାଡ଼ ମାରି ଲୁଟ୍‌ପାଟ କରିବା ଅଭିଯୋଗରେ ଭରତପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବରମୁଣ୍ଡା ବସ୍ତିର ପବିତ୍ର ସାହୁ। ଅଭିଯୋଗକାରୀ ରାକେଶ କୁମାର ମିଶ୍ରଙ୍କ ଅଭିଯୋଗ କ୍ରମେ ଭରତପୁର ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ପବିତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନାଯୋଗ୍ୟ, ଅଭିଯୋଗକାରୀ ରାକେଶ ରାଉରକେଲା ନିବାସୀ। ଗତ ୨୦ ତାରିଖ ବିଳମ୍ବିତ ରାତିରେ ବ୍ରହ୍ମପୁରରୁ ଆସି ଭୁବନେଶ୍ୱର ଖଣ୍ଡଗିରି ବାଇପାସ୍ ନିକଟରେ ଓହ୍ଲାଇଥିଲେ। ଏହି ସମୟରେ ହଠାତ୍ କେତେଜଣ ଯୁବକ ଏକ କାର୍‌ରେ ଆସି ରାକେଶଙ୍କୁ ବଳପୂର୍ବକ ତାଙ୍କୁ ଅପହରଣ କରିନେଇଯାଇଥିଲେ। ପରେ ସେମାନେ ତାଙ୍କୁ ଏକ ଅଜଣା ସ୍ଥାନକୁ ନେଇ ମାରଧର କରିବା ସହ ପାଖରେ ଥିବା ଏକ ମୋବାଇଲ ଫୋନ୍ ଏବଂ ନଗଦ ଦେଢ଼ ହଜାର ଟଙ୍କା ସହିତ କିଛି ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଛଡ଼ାଇ ନେଇଯାଇଥିଲେ। ପରେ ସେମାନେ ତାଙ୍କୁ ସେହି ସ୍ଥାନରେ ଏକାକୀ ଛାଡ଼ିଦେଇ ଫେରାର ହୋଇଯାଇଥିଲେ। ଅଭିଯୋଗକାରୀ ଏନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ପବିତ୍ର ସାହୁଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ।


# Classified Everyday
0674-2580101, 9692975378



REAL ESTATE

**SALE**

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





All types of physiotherapy and massage contact 9556924059 / 7656969134. D-3166

**LOST**

ମୁଁ, ତ୍ରିଲୋକ୍ୟ କୁମାର ବଳ, ଜଗତପୁର, କଟକ, ବାସିନ୍ଦା ଗତ ତା.୧୨।୦୧।୨୦୨୬ ରେ ଜଗତପୁର ବସ୍‌ଷ୍ଟାଣ୍ଡରେ B.Tech ସର୍ଟିଫିକେଟ୍ ଓ ୩ଟି ଗ୍ରେଡ୍‌ଶିଟ୍ ହରାଇଛି। ମିଳିଲେ ଦୟାକରି ସମ୍ପର୍କ କରନ୍ତୁ। ଯୋଗାଯୋଗ: 9040555828. D-3167

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

**AFFIDAVIT**

By virtue of an affidavit sworn before the Executive Magistrate, Cuttack, vide No. 415 dtd. 20.01.2026, I, Siba Prasad Sahoo, Son of Babaji Charan Sahoo, At- Dolamandapsahi, Bidyadharpur, P.O.- Nuabazar, P.S.- Chauliaganj, Dist.- Cuttack declared as my daughter's actual name is Swoyongshree Sahoo as per her birth certificate (Regd. No. 17268/2009, dtd.- 20.10.2009). But in the Aadhaar card bearing No. xxxx xxxx 4536 name was wrongly mentioned/written as Swayamshree Sahoo. Henceforth, she shall be known as Swoyongshree Sahoo in the Aadhaar and educational certificate for all purpose. D-3168

By virtue of an affidavit sworn before Executive Magistrate, Tangi-Choudwar, dated- 16.01.2026, I, Ranjan Kumar Behera, aged 46 years, S/o.- Jaladhar Behera, resident of Imfa Colony, P.O.- Kapaleswar, P.S.- Choudwar, Dist.- Cuttack- 754071 declare that I have changed my name from Ranjan Ku Behera to Ranjan Kumar Behera, also my wife name changed from Chumuki Behera to Chumki Behera. Henceforth, we shall be known as Ranjan Kumar Behera and Chumki Behera for all purposes. D-3169

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By virtue of an affidavit sworn before the Notary Public, Titilagarh, dtd. 20.01.2026, I, Mahana Thela, S/o.- Late Araksita Thela, R/o. Village- Lathakenda, P.O.- Karamtala, P.S.- Saintala, Dist.- Balangir, Odisha, (Odisha), PIN- 767032 declare that now I have changed my name from Padmalochana Thela to Mahana Thela. Henceforth, I shall be known as Mahana Thela for all purposes.
Mahana Thela
D-3170

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଅଶୋକ କୁମାର ମିଶ୍ର**
ଶ୍ରୀକୃଷ୍ଣଶରଣପୁର ଶାସନ (ଲୋଘର)
ଖଲିକୋଟ, ଗଞ୍ଜାମ
ଆବିର୍ଭାବ– ୦୧।୦୭।୧୯୬୭
ତିରୋଧାନ– ୦୧।୦୨।୨୦୨୫
ମାଘ ଶୁକ୍ଳପକ୍ଷ ଚତୁର୍ଥୀ
ଭାଇନା, ତୁ ଯିବାର ବରଷେ ବିତିଗଲା କିନ୍ତୁ ଏବେବି ଲାଗୁଛି ତୁ ଆମ ପାଖରେ ଅଛୁ। ତୋର ସ୍ନେହ, ଶ୍ରଦ୍ଧା ଓ ଅବଦାନକୁ ସମସ୍ତେ ଖୁଜୁଛନ୍ତି, ତୋର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ସକଳେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।
–:ଶ୍ରଦ୍ଧାଞ୍ଜଳି:–
ଭାଇ– ବୁଲୁ, ସ୍ତ୍ରୀ– ମିତା, ପୁଅ– ସିତୁନ୍ତୁ, ଗୁଗୁନ୍, ବଡ଼ଭାଇ– ଆଦିକନ୍ଦ, ଭଉଣୀ– ସନ୍ଧ୍ୟା, ଜ୍ୱାଇଁ– ଜିତୁ, ଭଣଜା– ଲିପୁନ୍, ଟିକୁନ, ବନ୍ଧୁବାନ୍ଧବ ଓ ସମ୍ପର୍କୀୟ।
D–3171




# ୩ୟ ରାଉଣ୍ଡରେ ଅଲ୍‌କାରାଜ

**ମେଲ୍‌ବୋର୍ନ, ୨୧।୧**


କାର୍ଲୋସ ଅଲ୍‌କାରାଜ

ଟପ୍ ସିଡ୍ କାର୍ଲୋସ ଅଲ୍‌କାରାଜ, ତୃତୀୟ ସିଡ୍ ଆଲେକ୍‌ଜାଣ୍ଡର ଜେଭରେଭ୍, ୬ଷ୍ଠ ସିଡ୍ ଆଲେକ୍ସ ଡି ମିନାଉରଙ୍କ ସମେତ ଅନ୍ୟ କେତେଜଣ ସିଡେଡ୍ ଖେଳାଳି ଅଷ୍ଟ୍ରେଲିଆନ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ୍ ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ସ୍ପେନ୍‌ର ଅଲ୍‌କାରାଜ ୭-୬ (୭-୪), ୬-୩, ୬-୨ ସେଟ୍‌ରେ ଜର୍ମାନୀର ୟାନିକ ହାନ୍‌ଫମାନ ଓ ଜର୍ମାନୀର

**ଅଷ୍ଟ୍ରେଲିଆନ ଓପନ୍ ଟେନିସ୍**

ଜେଭରେଭ୍ ୬-୩, ୪-୬, ୬-୩, ୬-୪ ସେଟ୍‌ରେ ଫ୍ରାନ୍ସର ଆଲେକ୍‌ଜାଣ୍ଡର ମୁଲରଙ୍କୁ ପରାସ୍ତ କରିଛନ୍ତି। ସେହିପରି ୬ଷ୍ଠ ସିଡ୍ ମିନାଉର ୬-୭ (୫-୭), ୬-୨, ୬-୨, ୬-୧ ସେଟ୍‌ରେ ହାମଦ ମାଡେଜୋଭିଚ୍‌ଙ୍କୁ ହରାଇ ଦେଇଛନ୍ତି। ଅନ୍ୟ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ଗୁଡ଼ିକ ମଧ୍ୟରେ ୧୦ମ ସିଡ୍ ଆଲେକ୍‌ଜାଣ୍ଡର ବୁବଲିକ ୭-୫, ୬-୪, ୭-୫ ସେଟ୍‌ରେ ମାର୍ଟନ ଫୁକ୍‌ସୋଭିକ୍ସ, ୨୯ତମ ସିଡ୍ ଫ୍ରାନ୍ସେସ ଟିଆଫୋ ୬-୪, ୬-୩, ୪-୬, ୬-୨ ସେଟ୍‌ରେ ଫ୍ରାନ୍ସିସ୍କୋ କୋମେସନା, ୨୫ତମ ସିଡ୍ ଲର୍ନର ଟିଏନ୍ ୬-୨, ୫-୭, ୬-୧, ୬-୦ ସେଟ୍‌ରେ ଆଲେକ୍‌ଜାଣ୍ଡର ଶେଭଚେଙ୍କୋ, ୨୬ତମ ସିଡ୍ କାମେରନ ନୋରି ୬-୧, ୭-୬ (୭-୩), ୪-୬, ୭-୬ (୭-୫) ସେଟ୍‌ରେ ଇମିଲିଓ ନାଭା, ୧୧ତମ ସିଡ୍ ଡାନିଲ ମେଡ୍‌ଭେଡେଭ୍ ୬-୭ (୯-୧୧), ୬-୩, ୬-୪, ୬-୨ ସେଟ୍‌ରେ କ୍ୱେଣ୍ଟିନ ହେଲିସ, ୧୩ଶ ସିଡ୍ ଆନ୍ଦ୍ରେ ରୁବ୍‌ଲେଭ ୬-୪, ୬-୩, ୪-୬, ୭-୫ ସେଟ୍‌ରେ ଜେମି ଫାରିଆ ଓ ୧୪ଶ ସିଡ୍ ଆଲେଜାଣ୍ଡ୍ରୋ ଡେଭିଡୋଭିଚ୍ ଫୋକିନା ୬-୩, ୭-୬ (୭-୩), ୫-୭, ୪-୬, ୬-୪ ସେଟ୍‌ରେ ରିଲି ଓପେଲ୍‌କାଙ୍କୁ ପରାସ୍ତ କରିଛନ୍ତି।

## ସାବାଲେଙ୍କା, ଗଫ୍‌ଙ୍କ ସହଜ ବିଜୟ

ମହିଳା ସିଙ୍ଗଲ୍ସରେ ଆରିନା ସାବାଲେଙ୍କା, ୩ୟ ସିଡ୍ କୋକୋ ଗଫ୍‌ଙ୍କ ସମେତ ଅନ୍ୟ ଶୀର୍ଷସ୍ଥାନୀୟ ଖେଳାଳିଙ୍କ ବିଜୟ ଜାରି ରହିଛି। ସାବାଲେଙ୍କା ୬-୩, ୬-୧ ସେଟ୍‌ରେ ଝୋଜୁଆନ ବାଇଙ୍କୁ ଏବଂ ଗଫ୍ ୬-୨, ୬-୨ ସେଟ୍‌ରେ ଓଲ୍‌ଗା ଡାନିଲୋଭିଚ୍‌ଙ୍କୁ ସହଜରେ ପରାସ୍ତ କରିଛନ୍ତି। ଅନ୍ୟ ଖେଳାଳିଙ୍କ ମଧ୍ୟରେ ଦ୍ୱାଦଶ ସିଡ୍ ଏଲିନା ସ୍ୱେତୋଲିନା ୭-୫, ୬-୧ ସେଟ୍‌ରେ ଲିନ୍ଡା କ୍ଲିମୋଭିକୋଭାଙ୍କୁ ପରାସ୍ତ କରିଛନ୍ତି।

# ଷ୍ଟାଡିୟମ ପରିଦର୍ଶନକଲେ ପ୍ରତିନିଧି ଦଳ

## ଭାରତ ୨୦୨୮ ବିଶ୍ୱ ଆଥ୍‌ଲେଟିକ୍ସ ଇନ୍‌ଡୋର ଚାମ୍ପିୟନଶିପ୍ ପାଇଁ ବିଡ୍ ଦାଖଲ କରିବ

**ଭୁବନେଶ୍ୱର, ୨୧।୧ (ତପନ ସ୍ୱାଇଁ)**


କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ପ୍ରତିନିଧିମଣ୍ଡଳୀ।

୨୦୨୮ ବିଶ୍ୱ ଆଥ୍‌ଲେଟିକ୍ସ ଇନ୍‌ଡୋର ଚାମ୍ପିୟନଶିପ୍ ଆୟୋଜନ ପାଇଁ ଭାରତ ବିଡ୍ ଦାଖଲ କରିବ। ଏହାକୁ ଦୃଷ୍ଟିରେ ରଖି ବିଶ୍ୱ ଆଥ୍‌ଲେଟିକ୍ସ ଏବଂ ଭାରତୀୟ ଆଥ୍‌ଲେଟିକ୍ସ ମହାସଂଘ (ଏଏଫ୍‌ଆଇ)ର ଏକ ପ୍ରତିନିଧି ଦଳ ବୁଧବାର କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରିଛି। ସେମାନେ ଷ୍ଟାଡିୟମ ପରିସରରେ ଥିବା ଇନ୍‌ଡୋର ଆଥ୍‌ଲେଟିକ୍ସ ସେଣ୍ଟର ଏବଂ ଅନ୍ୟାନ୍ୟ ସୁବିଧାଗୁଡ଼ିକର ଅନୁଧ୍ୟାନ କରିଥିଲେ। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ, ବିଶ୍ୱ ଆଥ୍‌ଲେଟିକ୍ସର ଉପସଭାପତି ଆଡିଲ ସୁମାରିୱାଲା, ପ୍ରତିଯୋଗିତା ଓ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ମାର୍ଟିନ ଗ୍ୟୁଲାଲ୍, ବିଡିଂ ମୁଖ୍ୟ ମାର୍କ ହର୍ଷ୍ଟ, ଏଏଫ୍‌ଆଇ ବୈଷୟିକ କମିଟି ଅଧ୍ୟକ୍ଷ ରବୀନ୍ଦ୍ର ଚୌଧୁରୀ ଏବଂ ବିଡିଂ ବିଶେଷଜ୍ଞ ବିଜୟ କୁମାର ବର୍ମା ପ୍ରମୁଖ ଉପସ୍ଥିତ ଥିଲେ।

‘‘ଓଡ଼ିଶାରେ ସମସ୍ତ ପ୍ରକାରର କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ପାଇଁ ଆବଶ୍ୟକ ଭିତ୍ତିଭୂମି ରହିଛି। ଗତବର୍ଷ ସଫଳତାର ସହ ‘ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ୍’ ଆୟୋଜନ କରିବା ପରେ ଚଳିତବର୍ଷ ଆମେ ‘ସିଲ୍‌ଭର ମିଟ୍’ ଆୟୋଜନ କରିବାକୁ ଯାଉଛୁ। ମୋର ଆଶା, ବିଶ୍ୱ ଆଥ୍‌ଲେଟିକ୍ସ ଏବଂ ଏଏଫ୍‌ଆଇ ସହଯୋଗରେ ଆମେ ଆଗାମୀ ସମ୍ମାନ୍‌ଜନକ ପ୍ରତିଯୋଗିତା ଆୟୋଜନଲାଗି ସୁଯୋଗ ପାଇପାରିବୁ’’ ବୋଲି ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ପ୍ରକାଶ କରିଛନ୍ତି। ବିଶ୍ୱ ଆଥ୍‌ଲେଟିକ୍ସର ଉପ ସଭାପତି ସୁମାରିୱାଲା ଆଲୋଚନାରେ ଅଂଶଗ୍ରହଣ କରି କହିଲେ, ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଅନୁଯାୟୀ ଭାରତ ୨୦୨୮ ବିଶ୍ୱ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ବିଡ୍ କରୁଛି। ଭୁବନେଶ୍ୱରର ଭିତ୍ତିଭୂମି, ଆତିଥ୍ୟ ଏବଂ କ୍ରୀଡ଼ା ସଂସ୍କୃତି ବିଶ୍ୱସ୍ତରୀୟ। ଆଗାମୀ ଚାମ୍ପିୟନଶିପ୍ ଆୟୋଜନ ପାଇଁ ଏହା ଏକ ଆଦର୍ଶ ସ୍ଥାନ। କ୍ରୀଡ଼ା ବିଭାଗ ସଚିବ ସଚିନ ରାମଚନ୍ଦ୍ର ଯାଦବ କହିଲେ, ଓଡ଼ିଶା ଦେଶର ଅନ୍ୟତମ ପ୍ରମୁଖ କ୍ରୀଡ଼ା କେନ୍ଦ୍ର। ଆମର ବଡ଼ଧରଣର କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାର ବହୁ ଅଭିଜ୍ଞତା ରହିଛି। ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାକୁ ଏକ ଐତିହାସିକ ସଫଳତା ପ୍ରଦାନ କରିବା ପାଇଁ ଆମେ ଆଶା ରଖୁଛୁ।




Authorised Dealers for BAJAJ Auto Ltd.: Bhubaneswar: Lewis Road MSB BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444• Rasulgarh BHARAT BAJAJ 9124717803 • Phulnakhara BHARAT BAJAJ 9124717805 • Charichak MSB BAJAJ 8018881850 , • Banki MSB BAJAJ 9348819293 • Balugaon BHARAT BAJAJ 7381099441 • Puri MSB BAJAJ 7077735752 • Pipili MSB BAJAJ 7077735755 • Cuttack: Badambadi SURAJ BAJAJ 8093066603 • Shikharpur RASHMI BAJAJ 9237379210 • Satichaura RASHMI BAJAJ 9237379211 • Rahama MAITREE BAJAJ 9668801781• Chandikhole TARINI BAJAJ 9937310800, • Pattamundai MAITREE BAJAJ 7064987720/9668801781, • Kendrapara TARINI BAJAJ 8338944471 • Rajnagar MAITREE BAJAJ 7064987720/9668801781 • Nayagarh MSB BAJAJ 7790048130 • Rajsunakhala MSB BAJAJ 9668820967 • Daspalla MSB BAJAJ 7873925390 • Phulbani MSB BAJAJ 8917341979 • Keonjhar JR BAJAJ 9937697094 / 9439008692• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722 • Anandapur PARIDA BAJAJ 7381670007, • Udala BALA BAJAJ 8260843646 • Markona SURAJ BAJAJ 9124626001 • Jaleswar SURAJ BAJAJ 9124626016, • Basudevpur SHANKAR BAJAJ 9040902802 • Rairangpur BALA BAJAJ 9583777236 • Harichandanpur JR BAJAJ 7008484029.

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 52 Years

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨୨/୨୦୨୬ (୮+୮=୧୬ ପୃଷ୍ଠା) Bhubaneswar, Thursday, January 22/2026 Page 16 ₹ 7.00

୫୨ଶ ଭାଗ ୬୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 60 ମୂଲ୍ୟ ₹୭/-









ଉତ୍ତରପ୍ରଦେଶ ପ୍ରୟାଗରାଜର ଦଳ ଭର୍ତ୍ତି ଏକ ପୋଖରୀ ମଧ୍ୟକୁ ବୁଧବାର ଖସିପଡ଼ିଥିବା ଇଣ୍ଡିଆନ୍ ଏୟାର ଫୋର୍ସର ଛୋଟ ଟ୍ରେନିଂ ଏୟାରକ୍ରାଫ୍ଟକୁ ଯାଞ୍ଚ କରାଯାଉଛି।

# ଜାନୁଆରୀରେ ୧.୫% ଦୁର୍ବଳ ହେଲାଣି ଟଙ୍କା

## ୧ ଡଲାର=୯୧.୬୪ ଟଙ୍କା

**ଗ୍ଲୋବାଲ ମାର୍କେଟରେ ଅନିଶ୍ଚିତତା ଓ ଟାରିଫ୍ ଯୁଦ୍ଧଜନିତ ଚାପ ଯୋଗୁ ଭାରତୀୟ ପୁଞ୍ଜି ବଜାରରୁ ବିଦେଶୀ ନିବେଶକ ମୁହଁ ଫେରାଇବାରେ ଲାଗିଛନ୍ତି। ଏଭଳି ସ୍ଥିତିରେ ଆମେରିକୀୟ ମୁଦ୍ରା ଡଲାର ତୁଳନାରେ ଟଙ୍କା ଦୁର୍ବଳ ହୋଇଚାଲିଛି। ବୁଧବାର ଫରେନ୍ ଏକ୍ସଚେଞ୍ଜ ମାର୍କେଟରେ କାରବାର ବେଳେ ଭାରତୀୟ ମୁଦ୍ରା ୬୭ ପଇସା ଦୁର୍ବଳ ହୋଇ ସର୍ବକାଳୀନ ନିମ୍ନ ୯୧.୬୪ ସ୍ତରକୁ ଖସିଆସିଛି। କେବଳ ଜାନୁଆରୀରେ ଟଙ୍କାର ୧.୫% ଅବମୂଲ୍ୟାୟନ ଦେଖିବାକୁ ମିଳିଲାଣି, ଯାହାକି ଦେଶର ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।**

ମୁମ୍ବାଇ,୨୧।୧(ବ୍ଲୁମ୍‌ବର୍ଗ/ପି.ଟି.)



୨୦୨୫ ଡିସେମ୍ବର ୧୬ରେ ଭାରତୀୟ ମୁଦ୍ରା ୯୧.୧୪ ଟଙ୍କାକୁ ଖସି ସର୍ବକାଳୀନ ନିମ୍ନସ୍ତରକୁ ଛୁଇଁଥିଲା। ସେବେଠୁ ଅଦ୍ୟାବଧି ଟଙ୍କା ୧.୫% ଦୁର୍ବଳ ହୋଇଥିବା ଫରେକ୍ସ ଟ୍ରେଡର୍ସ କହିଛନ୍ତି। ଭୂରାଜନୈତିକ ଅନିଶ୍ଚିତତା ବୃଦ୍ଧି, ଆମେରିକାର ବିସ୍ତାରବାଦୀ ପଦକ୍ଷେପ ପୁଞ୍ଜି ବଜାରକୁ ବିପଜ୍ଜନକ ସ୍ଥିତିକୁ ଠେଲିଦେଇଥିବାରୁ ଭାରତର ଘରୋଇ ବଜାର ଚାପଗ୍ରସ୍ତ ହୋଇଛି। ଏହାର ପ୍ରଭାବରେ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ଭାରତୀୟ ବଜାରରୁ ମୁହଁ ଫେରାଇନେଉଥିବାରୁ ଟଙ୍କାର ଅବମୂଲ୍ୟାୟନ ଧାରା ଜାରି ରହିଛି। ଗ୍ରୀନ୍‌ଲାଣ୍ଡ ପ୍ରସଙ୍ଗକୁ ☞ପୃଷ୍ଠା-୫




**ଶ୍ରୀମନ୍ଦିର ଉପରେ ଉଡୁଥିବା ଡ୍ରୋନ୍ ଜବତ**

ପୁରୀ,(ଅଜିତ୍‌କୁମାର ମହାନ୍ତି): କିଛିଦିନ ପରେ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଉଡୁଥିବା ଘଟଣା ଦେଖିବାକୁ ମିଳୁଛି। ପୋଲିସ ଉକ୍ତ ଡ୍ରୋନ୍ ଜବତ କରିବା ସହ ଡ୍ରୋନ୍ ଚଳାଉଥିବା ବ୍ୟକ୍ତିଙ୍କୁ କାବୁ କରିଛନ୍ତି। ବ୍ୟକ୍ତି ଜଣଙ୍କ ହେଲେ କଟକର ମଧୁସୂଦନ ଷଡ଼ଙ୍ଗୀ (୨୫)। ସୂଚନାଯୋଗ୍ୟ, ବୁଧବାର ଅପରାହ୍ଣରେ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ ଉଡୁଥିବା ଦେଖିବାକୁ ମିଳିଥିଲା ଏସପି ପ୍ରତୀକ ସିଂହଙ୍କ ନିର୍ଦ୍ଦେଶକ୍ରମେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଡ୍ରୋନ୍‌ର ପିଛା କରି ଦୋଳମଣ୍ଡପ ସାହି ଜହ୍ନିମୁଣ୍ଡିଆ ଛକ ନିକଟରୁ କାବୁ କରିଥିଲା। ସିଂହଦ୍ୱାର ପୋଲିସ ଡ୍ରୋନ ଉଡ଼ାଉଥିବା ବ୍ୟକ୍ତିଙ୍କୁ ମଧ ଅଟକ ରଖି ପଚରାଉଚରା କରୁଛି।

# ଭୁବନେଶ୍ୱରରେ ଶିଶୁ-ଅନୁକୂଳ ସ୍ଥାନ ସୃଷ୍ଟି କରିବ ବିଏମ୍‌ସି

## ୟୁନିସେଫ୍ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୨୧।୧
(ଅନୁରାଧା ମହାରଣା)




ସହରରେ ଶିଶୁ-ଅନୁକୂଳ ସ୍ଥାନ ସୃଷ୍ଟି କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଏବଂ ୟୁନିସେଫ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଉପସ୍ଥିତିରେ କମିଶନର ଚଞ୍ଚଳ ରାଣା ଓ ୟୁନିସେଫର ରାଜ୍ୟ ମୁଖ୍ୟ ପ୍ରଶାନ୍ତ ଦାଶ ଏହି ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ସହରରେ ରହିଥିବା ବିଭିନ୍ନ ଖୋଲା ସ୍ଥାନ, ଯେଉଁଗୁଡ଼ିକରେ ଶିଶୁ ସୁଲଭ ଉପକରଣ ଓ ପ୍ରସ୍ତୁତି କରିହେବ ସେ ଦିଗରେ ବିଏମ୍‌ସି ଏବଂ ୟୁନିସେଫ ପଦକ୍ଷେପ ନେବେ। ସହରର ବିବିଧ ଯୋଜନା ଏବଂ ବିକାଶ କାର୍ଯ୍ୟକଳାପରେ କିପରି ଶିଶୁଙ୍କ ପାଇଁ ବ୍ୟବସ୍ଥା ଉପଲବ୍ଧ ହୋଇପାରିବ, ଶିଶୁ ସୁଲଭ ସ୍ଥାନ ଚୟନ କରି ସେମାନଙ୍କ ମନଲାଖି ବାତାବରଣ ସୃଷ୍ଟି କରିବା, ଯାହା ନିରାପଦ ହୋଇ ସାର୍ବଜନୀନ ଉପଯୋଗୀ ହେବ। ପ୍ରାଥମିକ ଭାବେ ପ୍ରାୟ ୧୬ ଗୋଟି ସ୍ଥାନ ଚୟନ କରାଯାଇଛି। ତେବେ ଏହି ସବୁ କାର୍ଯ୍ୟ ସ୍ୱଳ୍ପ ବ୍ୟୟରେ ହେବ ବୋଲି କହିଛନ୍ତି କମିଶନର ଚଞ୍ଚଳ ରାଣା କହିଛନ୍ତି। ସହରରେ ଅଧିକରୁ ଅଧିକ ଶିଶୁ-ଅନୁକୂଳ ସ୍ଥାନ ହେବା ଆବଶ୍ୟକ ବୋଲି ଗୁରୁତ୍ୱାରୋପ କରି ୟୁନିସେଫ ଓଡ଼ିଶାର କ୍ଷେତ୍ର କାର୍ଯ୍ୟାଳୟ ମୁଖ୍ୟ ପ୍ରଶାନ୍ତ ଦାଶ କହିଛନ୍ତି, ଖେଳ ଓ ଖେଳିବା ଏକ ବିଳାସ ନୁହେଁ - ଏହା ଏକ ଶିଶୁ ଅଧିକାର। ଯେତେବେଳେ ପିଲାମାନଙ୍କୁ ଅନୁସନ୍ଧାନ, କଳ୍ପନା ଏବଂ ସୃଷ୍ଟି କରିବାର ପରିବେଶ ସୃଷ୍ଟି ହୁଏ, ସେମାନେ ସୁସ୍ଥ ଏବଂ ଅଧିକ ଆତ୍ମବିଶ୍ୱାସୀ ହୋଇ ବଢ଼ନ୍ତି। ଏହି ସ୍ଥାନଗୁଡ଼ିକ ପିଲାମାନଙ୍କୁ ଖେଳ ମାଧ୍ୟମରେ ଶିଖିବାକୁ, ପ୍ରକୃତି ସହିତ ଯୋଡ଼ି ହେବାକୁ ଏବଂ ସେମାନଙ୍କ ସମ୍ପ୍ରଦାୟରେ ନିଜର ଭାବନା ଅନୁଭବ କରିବାକୁ ଉତ୍ସାହିତ କରିବ। ଏହି ପ୍ରୟାସ ପ୍ରଥମେ ଭୁବନେଶ୍ୱରର ତିନୋଟି ଜୋନ୍‌ରେ ୧୬ଟି ଭିନ୍ନ ସ୍ଥାନକୁ ପରିବର୍ତ୍ତନ କରିବ। ଏହି ସହଭାଗୀତା ଅଧୀନରେ ୟୁନିସେଫ ବୈଷୟିକ ସହାୟତା ପ୍ରଦାନ କରିବ। ଏନ୍‌ଆଇଟି ରାଉରକେଲାର ଯୋଜନା ଓ ସ୍ଥାପତ୍ୟ ବିଭାଗ ବିଏମସି ସହିତ ମିଶି କାର୍ଯ୍ୟ କରିବେ।

# ପଳାଶୁଣୀ ଛକରେ ବୋର୍‌ୱେଲ୍ ଗାଡ଼ିର ତେଲ ଟାଙ୍କି ଫାଟିଲା

## ଅଧା ରାସ୍ତାରେ ତେଲ ଭାସିବାରୁ ଗାଡ଼ି ଚଳାଚଳ ଠପ

ଭୁବନେଶ୍ୱର,୨୧।୧(ତ୍ରିନାଥ ମହାନ୍ତି)

ପଳାଶୁଣୀ ଛକରେ ବୁଧବାର ରାତିରେ ଏକ ବୋର୍‌ୱେଲ ଖୋଲୁଥିବା ଗାଡ଼ିର ତେଲ ଟାଙ୍କି ଫାଟି ଯିବାରୁ ୪୫ମିନିଟ୍ ଯାତାୟାତ ଠପ୍ ହୋଇଯାଇଥିଲା। ଗାଡ଼ିର ଡିଜେଲ ଟାଙ୍କି ଫାଟିଯିବାରୁ ରାସ୍ତା ଉପରେ ତେଲ ଭାସିଥିଲା। କିଛି ଅଘଟଣ ଆଶଙ୍କାରେ ଅନ୍ୟ ଗାଡ଼ି ଚଳାଚଳ ବନ୍ଦ କରାଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ରାସ୍ତାରେ ଭାସୁଥିବା ତେଲ ଉପରେ ବାଲି ପକାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ବୋରୱେଲ୍ ଖୋଲୁଥିବା ଗାଡ଼ି ଭୁବନେଶ୍ୱରକୁ କାମ ସାରି ରାତିରେ ଯାଉଥିବାବେଳେ ପଳାଶୁଣୀ ଛକରେ ହଠାତ୍ ତେଲ ଟାଙ୍କି ଫାଟି ଯାଇଥିଲା। ଗ୍ୟାସ୍ ଟାଙ୍କି ଫାଟିବା ଭାବି ଅନେକ ଲୋକ ଗାଡି ଛାଡ଼ି ଦୌଡ଼ିବାକୁ ଲାଗିଥିଲେ। ହେଲେ ରାସ୍ତାରେ ତେଲ ଭାସିବା ପରେ ଲୋକ ଗାଡ଼ି ନିକଟକୁ ଆସି ଡିଜେଲ ଟାଙ୍କି ଫାଟିଥିବା ଦେଖିବାକୁ ପାଇଥିଲେ। ସେଠାରେ ଲୋକେ ସିଗାରେଟ୍ ଏବଂ ନିଆଁ ଲଗାଇବାକୁ ପୋଲିସ ବାରଣ କରିଥିଲା।



ରାସ୍ତାରେ ପଡ଼ିଥିବା ତେଲରେ ବାଲି ପକାଯାଉଛି।

# କାର୍‌ରେ ବନ୍ଧୁକ ଷ୍ଟିକର ମାରି ପତିଆରା

## ରାସ୍ତା ମଝିରୁ ଗାଡ଼ି ଉଠାଇ ଆଣିଲା ପୋଲିସ

ଭୁବନେଶ୍ୱର,୨୧।୧(ତ୍ରିନାଥ ମହାନ୍ତି)

କାରରେ ବନ୍ଧୁକ ଷ୍ଟିକର ମାରି ପତିଆରା ଦେଖାଉଥିଲେ। ଗାଡ଼ିରେ ୫୦ ହଜାରରୁ ଅଧିକ ଜରିମାନା ଥିଲେ ମଧ ଗାଡ଼ି ଆଗରେ ବଡ଼ ବଡ଼ ଅକ୍ଷରରେ ଏମ୍ ବ୍ରର୍ଦସ୍ ଲେଖିବା ସହ କାର୍‌କୁ ୯ ଏମ୍‌ଏମ୍ ବନ୍ଧୁକ ସୁରକ୍ଷା ଦେଉଥିବା ଲେଖାଯିବା ସହ ବନ୍ଧୁକ ଷ୍ଟିକର ରହିଥିଲା। ଗାଡ଼ି ମାଲିକ ଟ୍ରାଫିକ୍ ନିୟମ ନ ମାନି ସହରରେ ବୁଲିଥିଲେ। ତାଙ୍କର ଏଭଳି ଷ୍ଟିକର ଦେଖି ଲୋକ ଭୟଭୀତ ହୋଇଯାଉଥିଲେ। ବୁଧବାର ଅପରାହ୍ଣରେ ଏହି ଗାଡ଼ି ଶହୀଦନଗର ଥାନା ଅଞ୍ଚଳରେ ପଇଁତରା ମାରୁଥିବାବେଳେ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ବାଣୀବିହାର ଛକରେ ଜଗି ରହି ଗାଡ଼ିକୁ ଧରି ଥାନାକୁ ଆଣିଥିଲା। ଗାଡ଼ି ମାଲିକଙ୍କୁ ଥାନାକୁ ଆଣି ଅଟକ ରଖି ଶହୀଦନଗର ଥାନା ପୋଲିସ ପଚରାଉଚରା କରିଥିଲା। ହେଲେ ସେ ମଜାରେ ଏଭଳି କରିଥିବା ପୋଲିସ ଆଗରେ ସଫେଇ ଦେଇଥିବାବେଳେ ପୋଲିସ ତାହାକୁ ବିଶ୍ୱାସ କରିପାରିନାହିଁ। ପୋଲିସ ଉକ୍ତ ଗାଡ଼ି ମାଲିକଙ୍କ ଆପରାଧିକ ରେକର୍ଡ ଖୋଳତାଡ଼ କରୁଛି।

# 'ଜନନୀ ଜନ୍ମଭୂମିଶ୍ଚ'ରେ ମଣିଷର ଭିତିରି କଥା


ନାଟକ 'ଜନନୀ ଜନ୍ମ ଭୂମିଶ୍ଚ'ର ଏକ ଦୃଶ୍ୟ।

ଭୁବନେଶ୍ୱର,୨୧।୧ (ସୌମ୍ୟରଞ୍ଜନ ରାଉତ)

କାହିଁ କେଉଁ ଅନାଦି କାଳରୁ ଅର୍ଥ, ପ୍ରତିଷ୍ଠା ଏବଂ ପ୍ରଭୁତ୍ୱ ପାଇବା ପାଇଁ ସମାଜର ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଦିନ ନାନା ପ୍ରକାରର ସଂଘର୍ଷ ଘଟି ଚାଲିଛି। କେତେବେଳେ ଦେଶ-ଦେଶ ଭିତରେ ତ ପୁଣି କେତେବେଳେ ବ୍ୟକ୍ତି ବ୍ୟକ୍ତି, ଧର୍ମ ଓ ଆଦର୍ଶକୁ ଆଧାର କରି ରକ୍ତପାତ ଘଟୁଛି। କିନ୍ତୁ ପ୍ରକୃତରେ ସେସବୁର ମୁଖ୍ୟ କାରଣ ହେଉଛି ଅହଂକାର ଏବଂ ପ୍ରଭୁତ୍ୱ ବିସ୍ତାର ମନୋବୃତ୍ତି। ମଣିଷର ଏଭଳି ଆଭ୍ୟନ୍ତରୀଣ ମନୋବୃତ୍ତିକୁ ନେଇ ପ୍ରସ୍ତୁତ ନାଟକ 'ଜନନୀ ଜନ୍ମଭୂମିଶ୍ଚ' ବୁଧବାର ରବୀନ୍ଦ୍ର ମଣ୍ଡପରେ ପରିବେଷିତ ହୋଇଯାଇଛି। ମନନ ନାଟ୍ୟ ସଂସ୍ଥାର ୪୭ତମ ନାଟକ ଉତ୍ସବର ତୃତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ଏହି ନାଟକର ନିର୍ଦ୍ଦେଶନା ଦେଇଛନ୍ତି ଦେବବ୍ରତ ପଟ୍ଟନାୟକ ଓ ନବୀନ କୁମାର ପରିଡ଼ାଙ୍କ ରଚିତ ନାଟକକୁ ଡ଼ାଇନାମିକ୍ ପ୍ଲାଟ୍ ଫର୍ମର କଳାକାରମାନେ ସୁନ୍ଦର ଭାବରେ ଅଭିନୟ କରିଥିଲେ। ଏହି ଅବସରରେ ରଜନୀ କାନ୍ତ ମିଶ୍ର ଓ ଦେବୀ ପ୍ରସାଦ ମିଶ୍ରଙ୍କୁ 'ମନନ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅତିଥି ଭାବେ ପୂର୍ବତନ ସଂସ୍କୃତି ବିଭାଗ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ଉତ୍କଳ ସଂସ୍କୃତି ମହାବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ନିର୍ଦ୍ଦେଶକ ନବୀନ କୁମାର ପରିଡା, ମନନ ସଂସ୍ଥାର ସମ୍ପାଦକ ନାରାୟଣ ସାହୁ, ସଭାପତି ମନୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାମୀଙ୍କ ମୃତ୍ୟୁ ପରେ ମହିଳାଙ୍କଠାରୁ ଜମି ହଡ଼ପ

ଭୁବନେଶ୍ୱର,୨୧।୧(ତ୍ରିନାଥ ମହାନ୍ତି)

■୩କୋଟିର ଜାଲ୍ ଚେକ୍ ଦେଇ ୬ ପ୍ଲଟ୍ ନେଇଗଲେ ବିଲ୍‌ଡର
■ବିଲ୍‌ଡର ଦିଲ୍ଲୀପଙ୍କ ନାମରେ ଇଓଡବ୍ଲ୍ୟୁରେ ମାମଲା ରୁଜୁ

ଜଣେ ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ବିଲ୍‌ଡର ତାଙ୍କୁ ମାନସିକ ନିର୍ଯାତନା ଦେଉଥିଲେ। ତାଙ୍କ ଘରକୁ ଏକାଧିକ ଥର ଯାଇ ହଇରାଣ ହରକତ କରିବା ସହ ବାରମ୍ବାର ଫୋନ୍ କରି ବିରକ୍ତ କରିଥିଲେ। ଏପରି କି ମହିଳାଙ୍କୁ ୩ କୋଟି ଟଙ୍କାର ୭ଟି ଜାଲ୍ ଚେକ୍ ଦେଇ ବାରଙ୍ଗ ତହସିଲ ପାଟପୁର ମୌଜାରେ ଥିବା ଏ୬.୯ ଡିସିମିଲି ଜମିକୁ ନିଜ ନାମରେ କରାଇ ନେଇଥିବା ନେଇ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)ରେ ନାଗେଶ୍ୱର ଟାଙ୍ଗୀର ସିପ୍ରା ମୌତ୍ର ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ବିଲ୍‌ଡର ଦିଲ୍ଲୀପ କୁମାର ନାୟକଙ୍କ ନାମରେ ଇଓଡବ୍ଲ୍ୟୁ କେସ୍ ନଂ-୧/୨୬ରେ ମାମଲା ରୁଜୁ ହୋଇଛି। ଦିଲ୍ଲୀପଙ୍କ ବିରୋଧରେ ବିଏନ୍‌ଏସ୍ ଧାରା ୩୧୮(୪), ୩୩୮, ୮୩୬(୩), ୩୭୦(୨), ୩୫୧(୩) ଲାଗିଛି। ସିପ୍ରାଙ୍କଠାରୁ ତଦନ୍ତ ଅଧିକାରୀ ସମସ୍ତ ଦସ୍ତାବିଜ୍ ଏବଂ ଜାଲ୍ ଚେକ୍ ନେଇ ତଦନ୍ତ ଚଳାଇଛନ୍ତି। ଏପରିକି ଦିଲ୍ଲୀପଙ୍କୁ ଧରିବା ପାଇଁ କଟକ, ଝାଞ୍ଜିରୀମଙ୍ଗଳାରେ ଥିବା ବିଲ୍‌ଡର ଅଫିସରେ ଚଢ଼ାଉ ଜାରି ରଖିଥିବା ଜଣାପଡ଼ିଛି।

# ଫର୍ଚ୍ୟୁନ ଟାୱାର ପଛପଟେ ପ୍ଲାଷ୍ଟିକ୍ ଗଦାରେ ଅଗ୍ନିକାଣ୍ଡ

## ବସ୍ତିରେ ନିଆଁ ଲାଗିବାରୁ ଅଳ୍ପକେ ବର୍ତ୍ତିଲା



ଭୁବନେଶ୍ୱର,୨୧।୧(ତ୍ରିନାଥ ମହାନ୍ତି)

ଫର୍ଚ୍ୟୁନ ଟାୱାର ପଛପଟରେ ଥିବା ପ୍ଲାଷ୍ଟିକ୍ ଗଦାରେ ବୁଧବାର ଅପରାହ୍ଣ ୩ଟାରେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ସିଗାରେଟ୍ ନିଆଁରୁ ଘଟିଥିବା ଅଗ୍ନିଶମ ବିଭାଗ ସନ୍ଦେହ କରୁଛନ୍ତି। ଫର୍ଚ୍ୟୁନ ଟାୱାର ପଛପଟେ ଏକ ନିର୍ମାଣ ସଂସ୍ଥାର ଫାଇବର ପାଇପ୍ ଓ ପାଣି ଟାଙ୍କିରେ ଅଗ୍ନିକାଣ୍ଡ ଘଟିଥିଲା। ଏହି ନିର୍ମାଣ ସଂସ୍ଥା ନିଜର ବଳକା ପ୍ଲାଷ୍ଟିକ୍ ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ଆଜବେଷ୍ଟସ୍ ବାଡ଼ କରି ସେଥିରେ ଗଦା କରୁଥିଲେ। ଅପରାହ୍ଣରେ ନିଆଁ ଲାଗି ଧୂଆଁ ଚାରିଆଡ଼େ ଖେଳିଯାଇଥିଲା। ପରେ ହୁତୁ ହୁତୁ ହୋଇ ଲାଗିଥିଲା। ଏହା ଦେଖି ଫର୍ଚ୍ୟୁନ ଟାୱାରରେ ଥିବା କର୍ମଚାରୀ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଚନ୍ଦ୍ରଶେଖରପୁର ଏବଂ ମଞ୍ଚେଶ୍ୱର ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଲିଭାଇଥିଲେ। ସେହିପରି କେଳୁଚରଣ ପାର୍କ ପଛରେ ଥିବା ତାରିଣୀବସ୍ତି ନିକଟରେ ଅଗ୍ନିକାଣ୍ଡ ଘଟିଥିଲା। ବସ୍ତି ଲୋକ ସେଠାରେ ପକାଇଥିବା ଅଳିଆ ଗଦାରେ ନିଆଁ ଲାଗିଯାଇଥିଲା। ବସ୍ତିରେ ନିଆଁ ବ୍ୟାପିବାର ଭୟ ରହିଥିଲା। ହେଲେ ଖବର ପାଇ ଅଗ୍ନିଶମ ବାହିନୀ ତୁରନ୍ତ ପହଞ୍ଚି ନିଆଁକୁ ଲିଭାଇଥିଲେ।

# କିସ୍‌ରେ ୬୬ତମ ପ୍ରୌଢ଼ ଶିକ୍ଷା ସମ୍ମିଳନୀ ଉଦ୍‌ଘାଟିତ




ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)

କିସରେ ସର୍ବଭାରତୀୟ ପ୍ରୌଢ଼ ଶିକ୍ଷା ସମ୍ମିଳନୀ ବୁଧବାର ଆରମ୍ଭ ହୋଇଛି। ସାମଗ୍ରିକ ଜାତୀୟ ବିକାଶରେ ପ୍ରୌଢ଼ ଶିକ୍ଷାର ଭୂମିକା ଉପରେ ଆଲୋଚନା ନିମନ୍ତେ ଭାରତୀୟ ପ୍ରୌଢ଼ ଶିକ୍ଷା ସଂଘ ଓ କିସର ମିଳିତ ସହଯୋଗରେ ଏହି ସମ୍ମିଳନୀ ଅନୁଷ୍ଠିତ ହେଉଛି। ଏହିଅବସରରେ ଭାରତୀୟ ପ୍ରୌଢ଼ ଶିକ୍ଷା ସଂଘ ପକ୍ଷରୁ କିଟ ଓ କିସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରୌଢ଼ ଶିକ୍ଷା କ୍ଷେତ୍ରରେ ସାମନ୍ତଙ୍କ ଅବଦାନ ନିମନ୍ତେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମନ୍ତ କହିଲେ, ଶିକ୍ଷା ମାଧ୍ୟମରେ ସାମାଜିକ ପରିବର୍ତ୍ତନକୁ ଗୁରୁତ୍ୱ ଦେଇ ସେ ଦୀର୍ଘ ୩୦ବର୍ଷ ହେଲା ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରିଆସୁଛନ୍ତି। ଆନୁଷ୍ଠାନିକ ଶିକ୍ଷା ସହ ପ୍ରୌଢ଼ ଶିକ୍ଷା କ୍ଷେତ୍ରରେ କିଟ ଓ କିସ୍‌ର ଉଲ୍ଲେଖନୀୟ ଯୋଗଦାନ ରହିଛି ବୋଲି ସେ କହିଥିଲେ। ଉଦଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ପ୍ରୌଢ଼ ଶିକ୍ଷା ସଂଘର ସଭାପତି ପ୍ରଫେସର ଏଲ. ରାଜା, ସାଧାରଣ ସମ୍ପାଦକ ସୁରେଶ ଖଣ୍ଡେଲୱାଲ, ଆଇଏଇଏର ନିର୍ଦ୍ଦେଶକ ପ୍ରଫେସର ରାଜେଶ, କିସ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# 'ଛାତ୍ରୀମାନେ ସଶକ୍ତ ହେବା ସହ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରନ୍ତୁ'

## ଅନ୍ୟତମା ଛାତ୍ରୀନିବାସର ବାର୍ଷିକୋତ୍ସବ

ଭୁବନେଶ୍ୱର,୨୧।୧(ସୁଚିସ୍ମିତା ସାହୁ)

ରମାଦେବୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରୀନିବାସ 'ଅନ୍ୟତମା'ର ବାର୍ଷିକୋତ୍ସବ ପାଳନ ସହ 'ସମ୍ଭବା' ଛାତ୍ରୀନିବାସ ପରିସରରେ ନାଟକ ପରିବେଷିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା ଆୟୋଗର ପ୍ରାକ୍ତନ ଅଧ୍ୟକ୍ଷା ପ୍ରଫେସର ଲୋପାମୁଦ୍ରା ମହାନ୍ତି ଯୋଗଦେଇ ଛାତ୍ରୀମାନେ ସଶକ୍ତ ହେବା ସହ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଚଳଚ୍ଚିତ୍ର ସଂଳାପକାର ଡ. ରଜନୀ ରଞ୍ଜନ ଯୋଗଦେଇ ପ୍ରଚଳିତ ଓଡ଼ିଆ ସାହିତ୍ୟରେ ଦେଶଜ ଶବ୍ଦକୁ ସାମିଲ କରି ଓଡ଼ିଆ ଶବ୍ଦଭଣ୍ଡାରକୁ ଋଦ୍ଧିମନ୍ତ କରିବା ପାଇଁ କହିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ଡ. ସରୋଜଲକ୍ଷ୍ମୀ ସିଂ ଯୋଗଦେଇ ଛାତ୍ରୀମାନଙ୍କୁ ମୋବାଇଲ ଛାଡ଼ି ଶିକ୍ଷାମନସ୍କ ହେବାକୁ କହିଥିଲେ। ଅଧୀକ୍ଷକ ଜୟଶ୍ରୀ ନାଥ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହଅଧୀକ୍ଷକ ସ୍ମୃତିରେଖା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଫୁଲ୍ଲ କୁମାର ପୃଷ୍ଟି ଏବଂ ସିତୁସ୍ମିତା ବିଧାରଙ୍କ ସ୍ୱର ସଂଯୋଜନା ତଥା ନିର୍ଦ୍ଦେଶନାରେ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପରିଚାଳିକା ନମିତା ଧନ୍ୟବାଦ ଦେଇଥିଲେ।

## ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬





# ୫ କୋଟିର ମଇଁଷି ଷଣ୍ଢ ସୁରବୀର, ଇନ୍ଦର

**ଭୁବନେଶ୍ୱର,୨୧।୧(ଅନୁରାଧା ମହାରାଣା):** ଜନତା ମଇଦାନରେ ଆରମ୍ଭ ହୋଇଥିବା ମତ୍ସ୍ୟ-ପ୍ରାଣୀ ସମାବେଶରେ ହରିୟାଣା କୁରୁକ୍ଷେତ୍ରର ମଇଁଷି ଷଣ୍ଢ ସୁରବୀର ଏବଂ ଇନ୍ଦର ଲୋକଙ୍କୁ ଆକୃଷ୍ଟ କରୁଛନ୍ତି। ପ୍ରାୟ ୬ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ଦୁଇ ଭାଇଙ୍କ ସେବାରେ ପ୍ରାୟ ୧୦ ଜଣ ଲେଖାଏ ନିୟୋଜିତ ଅଛନ୍ତି। ଦୈନିକ ୧୨ ଲିଟର ଲେଖାଏ କ୍ଷୀର ସହ ୨କେଜି ଗୁଡ଼, ୮ରୁ ୧୦ କେଜି କଦଳୀ, ସେଓ ଆଦି, ଫଳ, ୮ରୁ ୧୦କେଜି ବିଭିନ୍ନ ଶସ୍ୟର ଚାଟ୍ ଓ ଘାସ ଖାଇଥା'ନ୍ତି। ଏଥିପାଇଁ ପ୍ରତିଦିନ ୪ରୁ ୬ ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ। ତେବେ ଏହି ପ୍ରଜାତିର ମଇଁଷି ଷଣ୍ଢର ମୂଲ୍ୟ ୪.୫ରୁ ୫ କୋଟି ପର୍ଯ୍ୟନ୍ତ ରହିଛି। ଏମାନଙ୍କର ସିମେନ୍ ୟୁନିଟ୍ ପିଛା ୩୦୦ଟଙ୍କାରେ ବିକ୍ରି ହେଉଥିବାବେଳେ ଏମାନଙ୍କ ଅଂଶରୁ ଜନ୍ମିତ ମାଈ ମଇଁଷି ଦୈନିକ ୧୬ରୁ ୧୯ ଲିଟର କ୍ଷୀର ଦେଇଥାଏ, ଯାହାକି ଗୋପାଳକଙ୍କୁ ଲାଭବାନ କରାଇଥାଏ।

# ସଚେତନ କଲା ପଦଯାତ୍ରା

ମତ୍ସ୍ୟ-ପ୍ରାଣୀ ସମାବେଶ ଉପଲକ୍ଷେ ବୁଧବାର ଏକ ସଚେତନତା ପଦଯାତ୍ରା (ୱାକାଥନ) ଅନୁଷ୍ଠିତ ହୋଇଯାଇଛି। ଏହି ୱାକାଥନକୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କଳିଙ୍ଗ ଷ୍ଟାଡିୟମଠାରୁ ଜନତା ମଇଦାନ ପର୍ଯ୍ୟନ୍ତ ଏହି ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ମତ୍ସ୍ୟଚାଷ ଓ ପ୍ରାଣୀପାଳନ ସମ୍ପର୍କରେ ଜନସଚେତନତା ପାଇଁ ପ୍ଲାକାର୍ଡ ମାଧ୍ୟମରେ ବାର୍ତ୍ତା ବାଣ୍ଟିଥିଲେ। ୱାକାଥନରେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, କୋରେଇ ବିଧାୟକ ଆକାଶ ଦାସ ନାୟକ, ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦ୍ଦିକ ଆଲାମ, ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ପ୍ରମୁଖ ଯୋଗଦେଇଥିଲେ।


ଇନ୍ଦର


ସୁରବୀର

## ସଂକ୍ଷେପରେ

### ପଦ୍ମବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ,୨୧।୧(ଅଜିତ୍ କୁମାର ମହାନ୍ତି)

ମାଘମାସ ଶୁକ୍ଳପକ୍ଷ ତୃତୀୟା ବୁଧବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ପଦ୍ମ ବେଶ ସମ୍ପନ୍ନ ହୋଇଛି। ମାଘ ମାସ ଅମାବାସ୍ୟାଠାରୁ ବସନ୍ତ ପଞ୍ଚମୀ ବା ସରସ୍ୱତୀ ପୂଜା ମଧ୍ୟରେ ପଡୁଥିବା ବୁଧବାର କିମ୍ବା ଶନିବାର ମହାପ୍ରଭୁଙ୍କ ଦୁର୍ଲଭ ପଦ୍ମବେଶ ମହାପ୍ରଭୁଙ୍କୁ କରାଯାଇଥାଏ। ବର୍ଷକରେ କେବଳ ଏହି ଗୋଟିଏ ଦିନ ମହାପ୍ରଭୁ ପଦ୍ମବେଶରେ ହିଁ ରାତ୍ର ପହୁଡ଼ ଯାଇଥାନ୍ତି। ବଡ଼ସିଂହାର ବେଶରେ ମହାପ୍ରଭୁଙ୍କ ଏହି ପଦ୍ମ ବେଶ ହୋଇଥିଲା। ଏହି ବେଶର ପ୍ରବର୍ତ୍ତକ ବଡ଼ଛତା ମଠର ମହନ୍ତ ସନ୍ଥ ରଘୁବର ଦାସ ବୋଲି ସୂଚନା ମିଳେ। ମହାପ୍ରଭୁଙ୍କୁ ସୋଲରେ ନିର୍ମିତ ପଦ୍ମଫୁଲରେ ବେଶ କରିବା ପାଇଁ ଏକଦା ରଘୁବର ଦାସ ଚିନ୍ତାକରି ସୋଲ, କଇଁଥ ଅଠା ଆଦିରେ ପଦ୍ମଫୁଲ ତିଆରି କରିବା ସହ ଚାଉଳ ଖିରି ତିଆରି କରି ମହାପ୍ରଭୁଙ୍କୁ ବେଶ କରିବା ଓ ଖିରି ମଣୋହି କରିବା ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ସେ ସମୟରେ ସ୍ୱର୍ଣ୍ଣ ଅଳଙ୍କାର ଛଡ଼ା ଅନ୍ୟକୌଣସି ବସ୍ତୁରେ ମହାପ୍ରଭୁଙ୍କ ବେଶ ହେଉ ନ ଥିବାରୁ ଏବଂ ଶ୍ରୀମନ୍ଦିର ବାହାର ଜିନିଷ ମହାପ୍ରଭୁଙ୍କ ନିକଟରେ ଭୋଗ କରାଯିବାର ବିଧି ନ ଥିବାରୁ ରୁଘୁବର ଦାସଙ୍କ ନିର୍ମିତ ବେଶ ଓ ଖିରିକୁ ସେବକମାନେ ଫେରାଇ ଦେଇଥିଲେ। ଫଳରେ ରଘୁବର ଦାସ ମନଦୁଃଖରେ ମଠକୁ ଫେରିଆସି ମହାପ୍ରଭୁଙ୍କୁ ଦୁଃଖ ଶୁଣାଇଥିଲେ। ମହାପ୍ରଭୁ ଭକ୍ତର ଭାବ ଜାଣିପାରି ଗଜପତିଙ୍କୁ ସ୍ୱପ୍ନାଦେଶ କରିବା ସହ ରଘୁବର ଦାସଙ୍କ ନିର୍ମିତ ପଦ୍ମବେଶ ଓ ଖିରି ଲାଗି କରିବାକୁ ନିର୍ଦ୍ଦେଶ ଦେଇଥିଲେ।

### ବସନ୍ତମଞ୍ଜରୀ ମହାନ୍ତିଙ୍କ ସ୍ମୃତି ସଭା

ନିରାକାରପୁର,୨୧।୧(ମାନସ ଚନ୍ଦ୍ର ପଟ୍ଟନାୟକ)



ଡିଆ ପଞ୍ଚାୟତ ଭୋଇସାହି ଗ୍ରାମର ଧର୍ମପରାୟଣା ମହିଳା ସ୍ୱର୍ଗତ ବସନ୍ତମଞ୍ଜରୀ ମହାନ୍ତିଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଉପଲକ୍ଷେ ସ୍ମୃତିଚାରଣ ସଭା ଟାଙ୍ଗୀ ବ୍ଲକ ଖବରଦାତା ସଂଘର ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଭାଜପା ମହିଳା ନେତ୍ରୀ ବାସନ୍ତୀ ମହାପାତ୍ର, ଡ. ସଞ୍ଜୟ କୁମାର ପଟ୍ଟନାୟକ, ବିଧାୟକଙ୍କ ପ୍ରତିନିଧି ପ୍ରଫୁଲ୍ଲ ଚନ୍ଦ୍ର ଜେନା, ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ, ସାମାଜିକକର୍ମୀ ସନ୍ତୋଷ କୁମାର ଦଳେଇ, ଟାଙ୍ଗୀ ବ୍ଲକ ଯୋଗାଣ ଅଧିକାରୀ ଶିବରାମ ବିଶ୍ୱାଳ, ସିପିଏମ୍ ନେତା ବିଧୁଭୂଷଣ ମହାରଣା, ପୂର୍ବତନ ଭାଜପା ମଣ୍ଡଳ ସଭାପତି ସନାତନ ବାରିକ, ଶିକ୍ଷକ ନେତା କିଶୋର କୁମାର ଦାଶ, ଲେଣ୍ଡୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ଆଚାର୍ଯ୍ୟ, ବଣିକ ସଂଘ ସଭାପତି ଆର୍ତ୍ତତ୍ରାଣ ରାଉତରାୟ, ସ୍କୁଲ ପରିଚାଳନା ସଭାପତି ମନୋଜ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ବସନ୍ତ ମଞ୍ଜରୀଙ୍କ ସ୍ମୃତି ଚାରଣ କରିଥିଲେ। ସ୍ୱର୍ଗତା ମହାନ୍ତିଙ୍କ ପୁତ୍ର ମାନସ ଚନ୍ଦ୍ର ପଟ୍ଟନାୟକ, ଉମେଶ ପଟ୍ଟନାୟକ, ପ୍ରକାଶଜିତ ପଟ୍ଟନାୟକ, ପ୍ରଶାନ୍ତ ଚନ୍ଦ୍ର ପଟ୍ଟନାୟକ, ସୁକାନ୍ତଜିତ ପଟ୍ଟନାୟକ ପ୍ରମୁଖଙ୍କ ସମେତ ଆତ୍ମୀୟସ୍ୱଜନ, ଶୁଭେଚ୍ଛୁ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ନାମ ସଂକୀର୍ତ୍ତନ କରାଯାଇଥିଲା।

# ଗୋରୁ ବୋଝେଇ ୨ କଣ୍ଟେନର ଜବତ

## ୪୧ ଗୋରୁ ଉଦ୍ଧାର: ୬ ଚାଲାଣକାରୀ ଗିରଫ

ଖୋର୍ଦ୍ଧା,୨୧।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜାତୀୟ ରାଜପଥରେ ବେଆଇନ ଗୋଚାଲାଣ ବଢ଼ିବାରେ ଲାଗିଛି। ଦୁଇଦିନରେ ପୃଥକ ଘଟଣାରେ ଦୁଇଟି କଣ୍ଟେନରରୁ ମୋଟ ୪୧ ଗୋରୁ ଉଦ୍ଧାର କରାଯାଇଥିବାବେଳେ ୬ଚାଲାଣକାରୀଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ରାତିରେ ୧୬ନଂ ଜାତୀୟ ରାଜପଥର ପିତାପଲ୍ଲୀ ଛକଠାରୁ ଶିଳ୍ପାଞ୍ଚଳ ପୋଲିସ ଏକ ଗୋରୁ ବୋଝେଇ କଣ୍ଟେନର (ନଂ. ଆରଜେ ୧୪-ଜିଜି- ୫୬୬୮)କୁ ଜବତ କରିଛି। କଣ୍ଟେନରରୁ ୨୪ ଗୋରୁ ଉଦ୍ଧାର କରାଯିବା ସହ ୪ ଚାଲାଣକାରୀଙ୍କୁ ଗିରଫ କରାଯାଇଛି। ଗିରଫ ଗୋଚାଲାଣକାରୀମାନେ ହେଲେ ଉତ୍ତରପ୍ରଦେଶ ଶାମ୍ଲିର ସମିମ୍ (୪୩) ଓ ତସିନ୍ (୩୧), ପରୀକ୍ଷିତଗଡ଼ର



ଏମ୍.ଡି ଅସିଫ୍ (୩୯) ଏବଂ ଶାହାରନପୁରର ଅବଦୁଲ ଭାଜିଦ୍ (୪୩)। ସୂଚନା ଅନୁଯାୟୀ, ଗୋଚାଲାଣ ସମ୍ପର୍କରେ ଖବର ପାଇ ବଜରଙ୍ଗ ଦଳ ଓ ଗୋସୁରକ୍ଷା କର୍ମୀମାନେ ପିତାପଲ୍ଲୀଛକଠାରେ କଣ୍ଟେନରକୁ ଅଟକାଇ ଶିଳ୍ପାଞ୍ଚଳ ପୋଲିସ ଜିମା ଦେଇଥିଲେ। ବେଆଇନ ଗୋଚାଲାଣ ଅଭିଯୋଗରେ ଏକ ମାମଲା (ନଂ. ୧୨/୨୬) ରୁଜୁ ହୋଇଛି। ଗୋରୁଙ୍କୁ ବୋଲଗଡ଼ ଗୋଶାଳାରେ ଛଡ଼ାଯାଇଛି। ସେହିପରି ବୁଧବାର ମଧ୍ୟାହ୍ନରେ ଆନ୍ଧ୍ର ପଟୁ କୋଲକାତା ଅଭିମୁଖେ ଏକ କଣ୍ଟେନର ୧୭ଟି ଗୋରୁ ବୋଝେଇ କରିଯାଉଥିଲା। ଖବର ପାଇ ଗୋସୁରକ୍ଷା କର୍ମୀ ପିତାପଲ୍ଲୀଠାରେ ଅଟକାଇ ପୋଲିସ ଜିମା ଦେଇଥିଲେ। ପରେ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଗାଡ଼ି ଚାଳକଙ୍କ ସମେତ ୨ଜଣଙ୍କୁ ଗିରଫ କରିଛି। ଉଦ୍ଧାର ଗୋରୁଙ୍କୁ ବୋଲଗଡ଼ ଗୋଶାଳା ପଠାଯାଇଛି।

# ମା' ବଘେଇ ଠାକୁରାଣୀଙ୍କ ନୂତନ ମନ୍ଦିର, ବିଗ୍ରହ ପ୍ରତିଷ୍ଠା

ନିରାକାରାରପୁର,୨୧।୧ (ମାନସ ଚନ୍ଦ୍ର ପଟ୍ଟନାୟକ)



ଜଙ୍କିଆ ଗ୍ରାମସ୍ଥିତ ମା' ବଘେଇ ଠାକୁରାଣୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମାନସିକଧାରୀ ମହିଳା ଓ ପୁରୁଷମାନେ ନିକଟସ୍ଥ ଜଳାଶୟରୁ କଳସରେ ଜଳ ଉଠାଇ ଏକ ପଟୁଆରେ ଯଜ୍ଞମଣ୍ଡପରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ବୁଧବାରଠାରୁ ପୂଜା, ଯଜ୍ଞ ଆଦି ଚାଲିଥିବାବେଳେ ୨୩ ତାରିଖରେ ପୂର୍ଣ୍ଣାହୁତି ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି।

# ବାଇକ୍ ଆରୋହୀଙ୍କୁ କାର୍ ଧକ୍କା ଦେବା ପରେ ଚଢ଼ିଗଲା ଭ୍ୟାନ୍

ଜଟଣୀ,୨୧।୧(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା-ପିପିଲିକୁ ସଂଯୋଗ କରୁଥିବା ଜଟଣୀ ମୁଖ୍ୟ ରାସ୍ତାରେ ବୁଧବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ସ୍ଥାନୀୟ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ ନିକଟରେ ଏକ ବାଇକକୁ କାର୍ ଧକ୍କା ଦେବା ପରେ ମୋଟର ସାଇକେଲ ଆରୋହୀଙ୍କ ଉପରେ ଭ୍ୟାନ୍ ଚଢ଼ିଯିବାରୁ ତାଙ୍କର ଜୀବନ ଯାଇଛି। ମୃତକ ହେଲେ କଟକ ଜିଲା ବାଙ୍କୀ ଥାନା ଅଧୀନ ସାମନ୍ତରାପୁର ଅଞ୍ଚଳର ବିକାଶ କୁମାର ରଥ। ସେ କୌଣସି କାମରେ ମୋଟରସାଇକେଲ (ନଂ. ଓଡି ୦୫ଜେଡ ୯୪୭୨) ଯୋଗେ ଖୋର୍ଦ୍ଧାରୁ ଜଟଣୀ ସହରକୁ ଯାଉଥିଲେ। ଏହି ସମୟରେ ଏକ କାର୍ (ନଂ. ଏମ୍‌ପି୦୪ସିଏସ୍ ୪୨୮୧) ସହ ଧକ୍କା ହୋଇ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ବିପରୀତ ଦିଗ ପିପିଲି ପଟୁ ଦ୍ରୁତଗତିରେ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ ତାଙ୍କ ଉପରେ ଚଢ଼ିଯାଇଥିଲା। ଖବର ପାଇଁ ଜଟଣୀ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ କେସ୍ ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ମୃତକଙ୍କ ପରିବାର ପକ୍ଷରୁ ଜଟଣୀ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି।

# ବାସୁଦେବ ନୋଡାଲ ଉଚ୍ଚ ବିଦ୍ୟାଳୟର ସାରସ୍ୱତ ପ୍ରତିଭା ସମ୍ମାନ



ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

କୃଷ୍ଣପ୍ରସାଦ,୨୧।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସାତପଡ଼ା ପଞ୍ଚାୟତ ଅଧୀନ ବାଘମୁଣ୍ଡା ନୂଆଗାଁସ୍ଥିତ ବାସୁଦେବ ନୋଡାଲ ଉଚ୍ଚ ବିଦ୍ୟାଳୟର ୫୭ତମ ସାମ୍ବତ୍ସରିକ ସାରସ୍ୱତ ପ୍ରତିଭା ସମ୍ମାନ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ବିଜୟ କୁମାର ପ୍ରଧାନ ସଭାପତିତ୍ୱ ଏବଂ ସହକାରୀ ଶିକ୍ଷକ ସୁଦର୍ଶନ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ରୂପେ ସାତପଡ଼ା ସରପଞ୍ଚ ରଶ୍ମିତା ସାମନ୍ତରାୟ, ମୁଖ୍ୟବକ୍ତା ଭାବେ ପଞ୍ଚସଖା ଶିକ୍ଷାସେତୁ କମିଟି ସଦସ୍ୟ ରବୀନ୍ଦ୍ର କୁମାର ବାରିକ, ସମ୍ମାନିତ ବକ୍ତା ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ମାଝୀ, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରଭାସ ଚନ୍ଦ୍ର ମିଶ୍ର, ପ୍ରାକ୍ତନ ପ୍ରଧାନଶିକ୍ଷକ ବାନାମ୍ବର ଜେନା, ସିଆରସିସି ବିରଞ୍ଚି ସୁଆର, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ହରିହର ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳା, ସମୟାନୁବର୍ତ୍ତିତା, କର୍ତ୍ତବ୍ୟପରାୟଣ ଓ ସଂସ୍କାରୀ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ସାହିତ୍ୟ ପତ୍ରିକା 'ପ୍ରଜ୍ଞା' ଉନ୍ମୋଚନ ହୋଇଥିଲା। ଏହି ବିଦ୍ୟାଳୟ ସମେତ ଅନ୍ୟ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ର ଦେବାଶିଷ ପ୍ରଧାନ ଜାତୀୟସ୍ତରରେ ଜୁନିୟର ଭଲିବଲ ଖେଳି ଚାମ୍ପିୟନ ହୋଇଥିବାରୁ ଏନ୍.ଆର୍. ଫାଉଣ୍ଡେଶନ ସାତପଡ଼ା ତାଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିଥିଲା। ତାଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସବୁପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ସମ୍ମାନିତ ବକ୍ତା ତଥା ଫାଉଣ୍ଡେଶନର କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର କୁମାର ମାଝୀ ଘୋଷଣା କରିଥିଲେ। ଶିକ୍ଷକ ଅଶୋକ କୁମାର ପ୍ରଧାନଙ୍କ ରଚନା ଓ ନିର୍ଦ୍ଦେଶନାରେ କ୍ଷୁଦ୍ର ନାଟକ 'ଅନ୍ତଃସ୍ୱର' ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅଞ୍ଚଳର ସ୍ୱୟଂ ସହାୟିକା ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନ, ସଂକୀର୍ତ୍ତନ ମଣ୍ଡଳୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ମାନିନୀ ଜାଲି, ପରସ୍ମିତା ଜେନା, କୃଷ୍ଣପ୍ରିୟା ଜାଲି, ବାସନ୍ତୀ ପରିଡ଼ା, ଅର୍ଚ୍ଚନା ବେହେରା, ଶିକ୍ଷକ ସତ୍ୟନାରାୟଣ ପ୍ରଧାନ, ଜୁଏଲ ମଣ୍ଡଳ, ସଂଗ୍ରାମ ବେହେରା, ବଟକୃଷ୍ଣ ସେନାପତି, ଅଶୋକ କୁମାର ପ୍ରଧାନ, ମୋହନ ସୁନ୍ଦର ବାରିକ, ନୌସଦ ଆଲାମ, ପାର୍ଥସାରଥି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରୀମନ୍ଦିର ଉପରେ ଉଡୁଥିବା ଡ୍ରୋନ୍ ଜବତ: ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ

ପୁରୀ,୨୧।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସୁରକ୍ଷାରେ ବାରମ୍ବାର ତ୍ରୁଟି ଦେଖିବାକୁ ମିଳୁଛି। କିଛିଦିନ ପରେ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଉଡୁଥିବା ଘଟଣା ଦେଖିବାକୁ ମିଳୁଛି। ପୋଲିସ ଉକ୍ତ ଡ୍ରୋନ୍ ଜବତ କରିବା ସହ ଡ୍ରୋନ୍ ଚଳାଉଥିବା ବ୍ୟକ୍ତିଙ୍କୁ କାବୁ କରିଛନ୍ତି। ବ୍ୟକ୍ତି ଜଣଙ୍କ ହେଲେ କଟକର ମଧୁସୂଦନ ଷଡ଼ଙ୍ଗୀ (୨୫)। ସୂଚନାଯୋଗ୍ୟ, ବୁଧବାର ଅପରାହ୍ନରେ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ ଉଡୁଥିବା ଦେଖିବାକୁ ମିଳିଛି। ଏସ୍‌ପି ପ୍ରତୀକ ସିଂହଙ୍କ ନିର୍ଦ୍ଦେଶକ୍ରମେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଡ୍ରୋନ୍‌ର ପିଛା କରି ଦୋଳମଣ୍ଡପ ସାହି ଜହ୍ନିମୁଣ୍ଡିଆ ଛକ ନିକଟରୁ କାବୁ କରିଥିଲା। ସିଂହଦ୍ୱାର ପୋଲିସ ଡ୍ରୋନ ଉଡ଼ାଉଥିବା ବ୍ୟକ୍ତିଙ୍କୁ ମଧ୍ୟ ଅଟକ ରଖି ପଚରାଉଚରା କରୁଛି। ପୋଲିସ ପ୍ରଶାସନର ଏତେ ସୁରକ୍ଷା ସତ୍ତ୍ୱେ ଅନେକ ସମୟରେ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଉଡିଥିବା ଦେଖିବାକୁ ମିଳୁଛି। ଏଥିପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି କରାଯାଇଛି।

# ଫର୍ଚୁନ ଟାୱାର ପଛପଟ ପ୍ଲାଷ୍ଟିକ୍ ଗଦାରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୨୧।୧(ତ୍ରିନାଥ ମହାନ୍ତି)

## ବସ୍ତିରେ ନିଆଁ ଲାଗିବାରୁ ଅଳ୍ପକେ ବର୍ତ୍ତିଲେ

ଫର୍ଚୁନ ଟାୱାର ପଛପଟରେ ଥିବା ପ୍ଲାଷ୍ଟିକ୍ ଗଦାରେ ବୁଧବାର ଅପରାହ୍ନ ୩ଟାରେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ସିଗାରେଟ୍ ନିଆଁରୁ ଘଟିଥିବା ଅଗ୍ନିଶମ ବିଭାଗ ସନ୍ଦେହ କରୁଛନ୍ତି। ଫର୍ଚୁନ ଟାୱାର ପଛପଟେ ଏକ ନିର୍ମାଣ ସଂସ୍ଥାର ଫାଇବର ପାଇପ୍ ଓ ପାଣି ଟାଙ୍କିରେ ଅଗ୍ନିକାଣ୍ଡ ଘଟିଥିଲା। ଏହି ନିର୍ମାଣ ସଂସ୍ଥା ନିଜର ବଳକା ପ୍ଲାଷ୍ଟିକ୍ ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ଆଜବେଷ୍ଟସ୍ ବାଡ଼ କରି ସେଥିରେ ଗଦା କରୁଥିଲେ। ଅପରାହ୍ନରେ ନିଆଁ ଲାଗି ଧୂଆଁ ଚାରିଆଡ଼େ ଖେଳିଯାଇଥିଲା। ପରେ ହୁତୁ ହୁତୁ ହୋଇ ଲାଗିଥିଲା। ଏହା ଦେଖି ଫର୍ଚୁନ ଟାୱାରରେ ଥିବା କର୍ମଚାରୀ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଚନ୍ଦ୍ରଶେଖରପୁର ଏବଂ ମଞ୍ଚେଶ୍ୱର ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଲିଭାଇଥିଲେ। ସେହିପରି କେଳୁଚରଣ ପାର୍କ ପଛରେ ଥିବା ତାରିଣୀବସ୍ତି ନିକଟରେ ଅଗ୍ନିକାଣ୍ଡ ଘଟିଥିଲା। ବସ୍ତି ଲୋକ ସେଠାରେ ପକାଇଥିବା ଅଳିଆ ଗଦାରେ ନିଆଁ ଲାଗିଯାଇଥିଲା। ବସ୍ତିରେ ନିଆଁ ବ୍ୟାପିବାର ଭୟ ରହିଥିଲା। ହେଲେ ଖବର ପାଇ ଅଗ୍ନିଶମ ବାହିନୀ ତୁରନ୍ତ ପହଞ୍ଚି ନିଆଁକୁ ଲିଭାଇଥିଲେ।

# ବଡ଼ପୋଖରିଆ ସେବା ସମବାୟ ସମିତି ନୂତନ ଗୃହର ଭିତ୍ତିପ୍ରସ୍ତର

## ଧାନମଣ୍ଡି ଉଦ୍‌ଘାଟିତ

ନିରାକାରପୁର,୨୧।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ବଡ଼ପୋଖରିଆ ସେବା ସମବାୟ ସମିତି ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ସହ ଧାନମଣ୍ଡି ଉଦଘାଟିତ ହୋଇଛି। ବୁଧବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଯୋଗଦେଇ ପ୍ରଥମେ ୩୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋବକୁ ଥିବା ଉକ୍ତ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ସହ ଧାନମଣ୍ଡି ଉଦଘାଟନ କରିଥିଲେ। ପ୍ରଥମ ଦିବସରେ ୭ଜଣ ଚାଷୀଙ୍କ ଠାରୁ ମୋଟ ୩୫୮. ୯୬ କୁଇଣ୍ଟାଲ ଧାନକୁ ଚଣ୍ଡୀ



ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଧାନମଣ୍ଡି ଉଦ୍‌ଘାଟନ କରୁଛନ୍ତି।

ହରଦେବ ରାଇସ ମିଲର କ୍ରୟ କରିଥିଲା। ଅନ୍ୟତମ ଅତିଥିଭାବେ ସହକାରୀ ନିବନ୍ଧକ ଖୋର୍ଦ୍ଧା ମଣ୍ଡଳ ସମବାୟ ସମିତି ସମୂହ ଅଧିକାରୀ ଭାଗବତ ମାରାଣ୍ଡି, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ପ୍ରତିନିଧିରୂପେ ସୁପରଭାଇଜର ଦେବାଶିଷ ପରିଡ଼ା, ଟାଙ୍ଗୀ ବ୍ଲକ ଯୋଗାଣ ନିରୀକ୍ଷକ ଶିବରାମ ବିଶ୍ୱାଳ, ବିଧାୟକଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ଜେନା, ବଡ଼ପୋଖରିଆ ସେବା ସମବାୟ ସମିତି ସଭାପତି ସାଗର ବଳିୟାରସିଂହ, ଉପସଭାପତି ଅହଲ୍ୟା ମଙ୍ଗରାଜ, ସମିତିସଭ୍ୟା ଜ୍ୟୋତ୍ସ୍ନାରାଣୀ ଜେନା, ଜିଲାପରିଷଦ ସଭ୍ୟା ମିତାଞ୍ଜଳି ବଳିୟାରସିଂହ ପ୍ରମୁଖ ଯୋଗଦେଇଥିଲେ। ବଡ଼ପୋଖରୀଆ ସମିତି ସମ୍ପାଦକ ଦୁଷ୍ମନ୍ତ ମହାପାତ୍ର ସ୍ୱାଗତ ଭାଷଣ ସହ ଧନ୍ୟବାଦ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ଚାଷୀ ଉପସ୍ଥିତ ଥିଲେ।

# ୨ ଦଫା ଦାବିରେ ୧୦ ଘଣ୍ଟା ଧାରଣା

## ଯୁବକଙ୍କ ଘର ଆଗରେ ମୃତଦେହ ରଖି ଧାରଣା ଘଟଣା

ନିରାକାରପୁର,୨୧।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଗତ ୧୪ ତାରିଖରେ ନିରାକାରପୁର ଥାନା ଅନ୍ତର୍ଗତ ନୂଆଗଡ଼ ପଞ୍ଚାୟତ ବିଶ୍ୱନାଥପୁର (ହରିପୁର) ଗ୍ରାମର ରାହୁଲ ନାୟକ (୧୨) ନିଜ ସାଇକେଲ ଯୋଗେ ଘରକୁ ଫେରୁଥିବାବେଳେ ମୋରମୋରସିଂ ଗ୍ରାମର ଜଣେ ଯୁବକ ଏକ ବାଇକରେ ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ସେ ଗୁରୁତର ହୋଇ ୬ଦିନ ଧରି ମେଡିକାଲରେ ଚିକିତ୍ସାଧୀନ ଥିବାବେଳେ ୨୦ତାରିଖରେ ମୃତ୍ୟୁବରଣ କରିଥିଲେ। ଏହି ଘଟଣାକୁ ନେଇ ରାହୁଲଙ୍କ ପରିବାର ଲୋକେ ମୃତଦେହ ନେଇ ସମ୍ପୃକ୍ତ ଯୁବକଙ୍କ ଘର ଆଗରେ ମଙ୍ଗଳବାର ସନ୍ଧ୍ୟା ୭ଟାରୁ ବୁଧବାର ଭୋର ୪ଟା ଦୀର୍ଘ ୧୦ ଘଣ୍ଟା ପର୍ଯ୍ୟନ୍ତ ଦୁଇଦଫା ଦାବିରେ ଧାରଣା ଦେଇଥିଲେ। ଦୁର୍ଘଟଣା ଘଟାଇଥିବା ଯୁବକଙ୍କୁ ତୁରନ୍ତ ଗିରଫ କରାଯିବା ସହ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଅଡ଼ିବସିଥିଲେ। ଖବର ପାଇ ସ୍ଥାନୀୟ ସରପଞ୍ଚ ଓ ଗ୍ରାମବାସୀ ପହଞ୍ଚି ଆଲୋଚନା କରିବା ସହ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ପରେ ବିବାଦର ସମାଧାନ ହୋଇଥିଲା। ଏନେଇ ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ କହିଛନ୍ତି, ମୃତକଙ୍କ ମା' ୧୯ ତାରିଖରେ ଦେଇଥିବା ଅଭିଯୋଗ ଭିତ୍ତିରେ ଏକ ମାମଲା ରୁଜୁ କରାଯାଇଛି। ତେବେ କୌଣସି ନିଷ୍ପତ୍ତି କିମ୍ବା ସମାଧାନ ସମ୍ପର୍କରେ ପୋଲିସ ପାଖରେ ସୂଚନା ନାହିଁ।

# ପଳାଶୁଣୀ ଛକରେ ବୋର୍‌ୱେଲ୍ ଗାଡ଼ିର ତେଲ ଟାଙ୍କି ଫାଟିଲା

## ଅଧା ରାସ୍ତାରେ ତେଲ ଭାସିବାରୁ ଗାଡ଼ି ଚଳାଚଳ ଠପ୍

ଭୁବନେଶ୍ୱର,୨୧।୧(ତ୍ରିନାଥ ମହାନ୍ତି)

ପଳାଶୁଣୀ ଛକରେ ବୁଧବାର ରାତିରେ ଏକ ବୋର୍‌ୱେଲ ଖୋଳୁଥିବା ଗାଡ଼ିର ତେଲ ଟାଙ୍କି ଫାଟି ଯିବାରୁ ୪୫ମିନିଟ୍ ଯାତାୟାତ ଠପ୍ ହୋଇଯାଇଥିଲା। ଗାଡ଼ିର ଡିଜେଲ ଟାଙ୍କି ଫାଟିଯିବାରୁ ରାସ୍ତା ଉପରେ ତେଲ ଭାସିଥିଲା। କିଛି ଅଘଟଣ ଆଶଙ୍କାରେ ଅନ୍ୟ ଗାଡ଼ି ଚଳାଚଳ ବନ୍ଦ କରାଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ରାସ୍ତାରେ ଭାସୁଥିବା ତେଲ ଉପରେ ବାଲି ପକାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ବୋରୱେଲ୍ ଖୋଳୁଥିବା ଗାଡ଼ି ଭୁବନେଶ୍ୱରକୁ କାମ ସାରି ରାତିରେ ଯାଉଥିବାବେଳେ ପଳାଶୁଣୀ ଛକରେ ହଠାତ୍ ତେଲ ଟାଙ୍କି ଫାଟି ଯାଇଥିଲା। ଗ୍ୟାସ୍ ଟାଙ୍କି ଫାଟିବା ଭାବି ଅନେକ ଲୋକ ଗାଡି ଛାଡ଼ି ଦୌଡ଼ିବାକୁ ଲାଗିଥିଲେ। ହେଲେ ରାସ୍ତାରେ ତେଲ ଭାସିବା ପରେ ଲୋକ ଗାଡ଼ି ନିକଟକୁ ଆସି ଡିଜେଲ ଟାଙ୍କି ଫାଟିଥିବା ଦେଖିବାକୁ ପାଇଥିଲେ। ସେଠାରେ ଲୋକେ ସିଗାରେଟ୍ ଏବଂ ନିଆଁ ଲଗାଇବାକୁ ପୋଲିସ ବାରଣ କରିଥିଲା।



# କୁମ୍ଭିଲୋ, ଭାଲିଆବାଡ଼ି, ପାଇକତିଗିରିଆ ବିଜୟୀ



ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

## ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଖୋର୍ଦ୍ଧା,୨୧।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ନିକଟବର୍ତ୍ତୀ କାଠଖୁଣ୍ଟିଆ ଫୁଟବଲ ପଡ଼ିଆରେ ୨୬ତମ କାଠଖୁଣ୍ଟିଆ ବିବେକାନନ୍ଦ ୟୁଥ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏହି ଟୁର୍ନାମେଣ୍ଟରେ ୮ଟି ଦଳ କୁମ୍ଭିଲୋ, କରଡାପଲ୍ଲୀ, କେରଙ୍ଗ, ଭାଲିଆବାଡ଼ି, ଏ.ଜେ. କ୍ଲବ ପାଇକତିଗିରିଆ, ମା' ମଙ୍ଗଳା କ୍ଲବ ବାଜପୁର, କାଠଖୁଣ୍ଟିଆ ଏବଂ ଗଡ଼ମାଣତ୍ରୀ ଭାଗ ନେଇଛନ୍ତି। ସୋମବାର ପ୍ରଥମ ଦିବସ ମ୍ୟାଚ୍ କୁମ୍ଭିଲୋ ଓ କରଡାପଲ୍ଲୀ ମଧ୍ୟରେ ହୋଇଥିଲା। ଏଥିରେ କୁମ୍ଭିଲୋ ୨-୦ ଗୋଲରେ ବିଜୟ ଲାଭ କରିଛି। ମଙ୍ଗଳବାର ଦ୍ୱିତୀୟ ଦିବସ ମ୍ୟାଚ୍ କେରଙ୍ଗ ଓ ଭାଲିଆବାଡ଼ି ମଧ୍ୟରେ ହୋଇଥିଲା। ଭାଲିଆବାଡ଼ି ୩-୧ ଟ୍ରାଇବେକର ମାଧ୍ୟମରେ ଜିତିଛି। ବୁଧବାର ତୃତୀୟ ଦିବସ ମାଚ୍ ଏ.ଜେ. କ୍ଲବ ପାଇକତିଗିରିଆ ଏବଂ ମା' ମଙ୍ଗଳା କ୍ଲବ ବାଜପୁର ମଧ୍ୟରେ ହୋଇଥିଲା। ଏଥିରେ ଏ.ଜେ କ୍ଲବ ପାଇକତିଗିରିଆ ୪-୧ ଗୋଲରେ ବିଜୟୀ ହୋଇଛି। ଗୁରୁବାର କାଠଖୁଣ୍ଟିଆ ସହ ଗଡମାଣତ୍ରୀ ମ୍ୟାଚ୍ ହେବ ବୋଲି ଟୁର୍ନାମେଣ୍ଟ କମିଟି ତରଫରୁ ସୂଚନା ଦିଆଯାଇଛି। ଏହି ମ୍ୟାଚକୁ ଗିରିଶ ଚନ୍ଦ୍ର ଜାନି ପରିଚାଳନା କରିଥିଲେ। ତାଙ୍କ ସହ ଲାଇନରେ ସଗିର ଅହମଦ ଏବଂ ପ୍ରଫୁଲ୍ଲ କୁମାର ବେହେରା ସାହାଯ୍ୟ କରିଥିଲେ। ଚତୁର୍ଥ ରେଫରି ଭାବେ ଅମଜାଦ ଖାଁ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଦଳର ପୂର୍ବତନ ଖେଳାଳି ଡାନିଏଲ ନାଏକ, ସମ୍ମାନିତ ଅତିଥି ଭାବେ କେରଙ୍ଗ ଅହମଦିୟା କ୍ଲବର ପୂର୍ବତନ ଖେଳାଳି ହିଦାୟତ ଖାଁ ଏବଂ ଶୁକଦେବ ନାଏକ ଯୋଗଦେଇଥିଲେ।

## ଅଡ଼ାଳିଆ ସୋସାଇଟି ପକ୍ଷରୁ ଧାନମଣ୍ଡି ଉଦ୍‌ଘାଟିତ

ଫୁଲନଖରା,(ସତ୍ୟରଞ୍ଜନ ଦାସ ମହାପାତ୍ର): କଟକ ସଦର ବ୍ଲକ ଅଡ଼ାଳିଆ ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତି ସଭାପତି ଜଗଜୀବନ ସାହୁ ଉଦ୍‌ଘାଟନ କରିଥିବା ବେଳେ ସମ୍ପାଦକ ବାସୁଦେବ ବେହେରା, ଭିଏଡବ୍ଲ୍ୟୁ ଶ୍ରୀନିବାସ ଦାଶ, ଚାଷୀ ରସାନନ୍ଦ ଭୋଳ, ମନୋଜ କୁମାର ମହାପାତ୍ର, ଶ୍ୟାମସୁନ୍ଦର ଖଟୁଆ, ପ୍ରଦୀପ୍ତ ବେହେରା ଓ ଆର୍‌ଏମ୍‌ସି କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଜଣେ ଚାଷୀଙ୍କଠାରୁ ୩ଶହ କୁଇଣ୍ଟାଲ ଧାନ କ୍ରୟ ହୋଇଥିଲା। ସମିତି କର୍ମକର୍ତ୍ତାମାନଙ୍କ ସହିତ ମହାଲକ୍ଷ୍ମୀ ମଡର୍ନ ରାଇସ ମିଲ କର୍ମଚାରୀମାନେ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ୪୨ ମୌଜାରେ ଧାନ ମଣ୍ଡି ଉଦ୍‌ଘାଟିତ

କଟକ ସଦର,୨୧।୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜାସ୍ଥିତ ଦଧିବାମନପୁର ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡି ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଦଧିବାମନପୁର ସେବା ସମବାୟ ସମିତି ସଭାପତି ମହେନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୧୧ଜଣ ଚାଷୀଙ୍କଠାରୁ ୨୩୨ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଟକ ସଦର ଆତ୍ମା ସଭାପତି ରମାପ୍ରସାଦ ବିଶ୍ୱାଳ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସଦର ଶାଖାର ପରିଚାଳକ ରଞ୍ଜିତ କୁମାର ମହାପାତ୍ର, ଶିକ୍ଷାବିତ ତଥା ବିଶିଷ୍ଟ ଶିଳ୍ପପତି ସତ୍ୟଦୀପ ସାହୁ, ବ୍ରହ୍ମପୁର ସରପଞ୍ଚ ରବିନାରାୟଣ ପ୍ରଧାନ, ଦଧିବାମନପୁର ସରପଞ୍ଚ ପଦ୍ମଲାଭ ଗୋଛାୟତ, ପୂର୍ବତନ ସରପଞ୍ଚ ପ୍ରତାପ ଚନ୍ଦ୍ର ରାଉତ, କ୍ଷେତ୍ର ଅଧିକାରୀ ସୂରଜ କୁମାର ସ୍ୱାଇଁ, ଆର୍‌ଆଇ ରଞ୍ଜିତ କୁମାର ବେହେରା, ସମିତି ସମ୍ପାଦିକା ରାଜଶ୍ରୀ ପ୍ରିୟଦର୍ଶିନୀ, ବରିଷ୍ଠ ନିର୍ଦ୍ଦେଶକ କେଦାରକୃଷ୍ଣ ବେହେରା, ବାଉରୀବନ୍ଧୁ ସ୍ୱାଇଁ, ଋଷି କାଣ୍ଡି, ଗ୍ରାମ କୃଷି ସେବକ ଜୟନ୍ତୀ ଦାସ, ପୂର୍ବତନ ସମ୍ପାଦକ ସୁନୀଲ କୁମାର୍ ଦେବତା ପ୍ରମୁଖ ଉପସ୍ଥିତଥିଲେ। ସମିତି ଡିଇଓ ଲଳିତ କୁମାର ସେନାପତି ଓ କର୍ମଚାରୀ ଜଗନ୍ନାଥ ଦେବତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଡ଼ିଶା ସଂସ୍କୃତି ଏକାଡେମୀ ଉଦ୍‌ଘାଟିତ

ଚୌଦ୍ୱାର,୨୧।୧(ଆଶୁତୋଷ ଦାସ)

ଚୌଦ୍ୱାରସ୍ଥିତ ଓଟିଏମ୍ କଲୋନୀରେ ପ୍ରତିଷ୍ଠିତ ଓଡ଼ିଶା ସଂସ୍କୃତି ଏକାଡେମୀ ସଙ୍ଗଠନ ଉଦ୍‌ଘାଟିତ ହୋଇଯାଇଛି। କଲୋନୀସ୍ଥିତ ବାବା ବୈକୁଣ୍ଠନାଥ ଆଶ୍ରମରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଜଗନ୍ନାଥ ସଂସ୍କୃତି ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ଅତିଥି ଭାବେ ଯୋଗଦେଇ ଏକାଡେମୀର ଉଦ୍‌ଘାଟନ କରିଥିଲେ। ଅଧ୍ୟାତ୍ମବାଦୀ ଲକ୍ଷ୍ମୀ ବିଳାସିନୀ ବିଶ୍ୱାଳ ଅତିଥି ଭାବେ ଯୋଗଦେଇଥିଲେ। ସଙ୍ଗଠନ ଚେୟାରମ୍ୟାନ୍ ପ୍ରଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ, ସଭାପତି ସନ୍ତୋଷ କୁମାର ଧର, ସମ୍ପାଦକ ଅଜୟ କୁମାର ସାହୁ, ସମ୍ପାଦିକା ହରପ୍ରିୟା ସାହୁ, ଶରତ କୁମାର ଖୁଣ୍ଟିଆ, କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ସମେତ ସ୍ଥାନୀୟ ବହୁ ନାଗରିକ ଯୋଗଦେଇଥିଲେ। ଗ୍ରାମାଞ୍ଚଳରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଜ୍ଞାନର ବିକାଶ ତଥା ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟରେ ଏହି ସଙ୍ଗଠନ ପ୍ରତିଷ୍ଠା କରାଯାଇଥିବା ଆୟୋଜକଙ୍କ ସୂତ୍ରରୁ ଜଣାପଡ଼ିଛି।

## ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱ

**ଜହର ଆବେଦିନ ଖୁଣ୍ଟୁଣୀ ଥାନାର ନୂଆ ଅଧିକାରୀ**

ଖୁଣ୍ଟୁଣୀ,୨୧।୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନାର ନୂତନ ଥାନା ଅଧିକାରୀ ଭାବେ ଆଇଆଇସି ଜହର ଆବେଦିନ ବୁଧବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଖୁଣ୍ଟୁଣୀ ଥାନା ଅଞ୍ଚଳରେ ଜାତୀୟ ରାଜପଥ ପାଟ୍ରୋଲିଂ, ଆଇନଶୃଙ୍ଖଳା ରକ୍ଷା, ଅପରାଧ ଦମନ ଓ ସାଧାରଣ ଜନତାଙ୍କୁ



ନ୍ୟାୟ ପ୍ରଦାନ କ୍ଷେତ୍ରରେ ଅଗ୍ରାଧିକାର ଦେବେ ବୋଲି ଆଇଆଇସି ଜହର କହିଛନ୍ତି। ଏଠାରେ ଥିବା ଆଇଆଇସି ରଞ୍ଜନ କୁମାର ପ୍ରଧାନଙ୍କ କଟକ ଜିଲା ଗୋବିନ୍ଦପୁର ଥାନାକୁ ବଦଳି ହୋଇଛି। କଟକ ଜିଲା ପୋଲିସ ମୁଖ୍ୟାଳୟରେ ଥିବା ଇନ୍ସପେକ୍ଟର ଜହର ପଦୋନ୍ନତି ପାଇ ବୁଧବାର ସନ୍ଧ୍ୟାରେ ବିଦାୟୀ ଥାନା ଅଧିକାରୀ ପ୍ରଧାନଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆବେଦିନ ଏଠାକୁ ଆସିବା ପୂର୍ବରୁ ଯାଜପୁର ଜିଲା ଧର୍ମଶାଳା ଓ ଯାଜପୁର ରୋଡ୍ ଥାନାରେ ସବଇନ୍ସପେକ୍ଟର ଭାବେ କାର୍ଯ୍ୟ କରିଥିଲେ।



ନେତାଜୀ ସଂସ୍କୃତି ଭବନ ପରିସରରେ ଆରଡିସି, ଜିଲାପାଳ, ଡିସିପି ଏବଂ ଅନ୍ୟ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରୁଛନ୍ତି।



ଉଦ୍‌ଘାଟନ ଅପେକ୍ଷାରେ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ନିକଟରେ ଥିବା ନେତାଜୀ ସଂସ୍କୃତି ଭବନ। (ଫଟୋ: ରାଜକିଶୋର ମହାନ୍ତି)

# ଶିଳ୍ପୀଙ୍କ ତୂଳୀରେ ନେତାଜୀଙ୍କ ଜୀବନୀ

କଟକ,୨୧।୧(ଶିଳ୍ପା ପ୍ରିୟଦର୍ଶିନୀ)

ଓଡ଼ିଆ ବଜାରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସଂଗ୍ରହାଳୟ ସଜେଇ ହେଲାଣି। ଆଉ ଦିନକ ପରେ ପାଳନ ହେବ ନେତାଜୀଙ୍କ ଜୟନ୍ତୀ ସମାରୋହ। ଏହାକୁ ଧୁମ୍‌ଧାମ୍‌ରେ ପାଳନ ଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଜାରି ରହିଛି। ଆଲୋକମାଳାରେ ସଂଗ୍ରହାଳୟ ସୁସଜ୍ଜିତ ପୁଷ୍ପବାଟିକା ସାଙ୍ଗକୁ ରଙ୍ଗିନ ଆଲୋକମାଳାରେ ଝଲସି ଉଠିଛି ଜନ୍ମପୀଠ। ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଉପରାଷ୍ଟ୍ରପତି ଯୋଗଦେବା କାର୍ଯ୍ୟକ୍ରମ ରହିଥିବାବେଳେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ସଂଗ୍ରହାଳୟକୁ ରଖାଯାଇଛି। ଜୟନ୍ତୀ ଉପଲକ୍ଷେ ସଂଗ୍ରହାଳୟରେ ଓଡ଼ିଶା ଲଳିତ କଳା ଏକାଡ଼େମୀ ପକ୍ଷରୁ ରାଜ୍ୟସ୍ତରୀୟ ଚିତ୍ରକଳା ଶିବିର ବୁଧବାର



ଓଡ଼ିଶା ଲଳିତ କଳା ଏକାଡ଼େମୀ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ।

ସଂଗ୍ରହାଳୟ ପରିସରରେ ଆରମ୍ଭ କରାଯାଇଛି। ଏହି ଶିବିରରେ ଭାସ୍କର୍ଯ୍ୟ ଶିଳ୍ପୀ ରବି ରଥଙ୍କ ନେତୃତ୍ୱରେ ପ୍ରାୟ ୧୬ଜଣ ଶିଳ୍ପୀ ନେତାଜୀଙ୍କ ଜୀବନୀକୁ ନେଇ କାନ୍‌ଭାସ୍‌ରେ ବିଭିନ୍ନ ଚିତ୍ରକଳା ଆଙ୍କୁଛନ୍ତି। ଉପରାଷ୍ଟ୍ରପତିଙ୍କ ଗସ୍ତକୁ ନଜରରେ ରଖି ବୁଧବାର ମଧ୍ୟାହ୍ନରେ ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟ, ଆରଡିସି ଗୁହା ପୁନମ ତାପସ କୁମାର ସଂଗ୍ରହାଳୟ ଓ

**ଚୂଡ଼ାନ୍ତ ପର୍ଯ୍ୟାୟରେ ନେତାଜୀ ଜୟନ୍ତୀ ପାଇଁ ପ୍ରସ୍ତୁତି**

**ସମୀକ୍ଷା କଲେ ସଂସ୍କୃତି ସଚିବ, ଆରଡିସି**

ନେତାଜୀ ବ୍ୟାଖ୍ୟାନ କେନ୍ଦ୍ରର ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ସେହିପରି ଅପରାହ୍ନରେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଓ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ସୁରକ୍ଷା ବ୍ୟବସ୍ଥା ନେଇ ଆଲୋଚନା କରିଥିଲେ। କିପରି ଜୟନ୍ତୀ ଉତ୍ସବକୁ ଶୃଙ୍ଖଳାର ସହିତ ପାଳନ କରାଯିବ ତା' ଉପରେ ଗୁରୁତ୍ୱ ଦିଆଯାଇଥିଲା।

ସୂଚନା ଅନୁଯାୟୀ, ଶୁକ୍ରବାର ଜୟନ୍ତୀ ସମାରୋହରେ ଉପରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ ନେତାଜୀ ସଂଗ୍ରହାଳୟରେ ସକାଳ ୯ଟା ୩୦ରେ ପହଞ୍ଚି ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ପରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ନୂତନ ଗ୍ୟାଲେରି ନଂ.୧୩ ବା ପୋଷ୍ଟାଲ ଗ୍ୟାଲେରିକୁ ଉଦ୍‌ଘାଟନ କରିବେ। ଏହାସହ ସଂଗ୍ରହାଳୟର ଗ୍ୟାଲେରି ନଂ. ୯ ତଥା ନେତାଜୀଙ୍କ ଜନ୍ମ ପ୍ରକୋଷ୍ଠ, ଗ୍ୟାଲେରି ନଂ. ୬ ଓ ୭ରେ ଥିବା ଆଇଏନ୍‌ଏ ଗ୍ୟାଲେରି ଏବଂ ପୋଷ୍ଟାଲ ଗ୍ୟାଲେରି ଓ ଚିତ୍ରକଳା ଶିବିର ପରିଦର୍ଶନ କରିବେ। ପରେ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ସଭାରେ ଅତିଥିମାନେ ଯୋଗ ଦେବା କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ଅନ୍ୟପଟେ ନେତାଜୀ ସଂଗ୍ରହାଳୟରେ ଜୟନ୍ତୀ ଅବସରରେ ସୋଭେନିୟର କାଉଣ୍ଟର ଓ ଟିକେଟ ଗୃହର ନବୀକରଣ କରାଯାଇଛି।

## ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟକୁ ଜାତୀୟ କ୍ରୀଡ଼ା ସମ୍ମାନ

କଟକ,୨୧।୧(କାର୍ତ୍ତିକ ସାହୁ)

ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟକୁ କ୍ରୀଡ଼ା ଏବଂ ଶାରୀରିକ ଶିକ୍ଷା କ୍ଷେତ୍ରରେ ସର୍ବଭାରତୀୟସ୍ତରରେ ସମ୍ମାନିତ କରାଯାଇଛି। ବେଷ୍ଟ ମିଡିଆ ଆଣ୍ଡ ପବ୍ଲିକ ପର୍ସେପ୍ସନ ଇନଷ୍ଟିଚ୍ୟୁଟ ଇନ ସ୍ପୋର୍ଟ୍ସ ଆଣ୍ଡ ଫିଜିକାଲ ଏଜୁକେଶନ (କ୍ରୀଡ଼ା ଏବଂ ଶାରୀରିକ ଶିକ୍ଷା କ୍ଷେତ୍ରରେ ସର୍ବଶ୍ରେଷ୍ଠ ମାଧ୍ୟମ ଏବଂ ଉତ୍କୃଷ୍ଟ ସଂସ୍ଥା) ସମ୍ମାନ ବିଶ୍ୱବିଦ୍ୟାଳୟକୁ ମିଳିଛି। କନଫେଡେରେଶନ ଅଫ ସ୍ପୋର୍ଟ୍ସ ଏଣ୍ଡ ରିକ୍ରିଏଶନ ଇଣ୍ଡଷ୍ଟ୍ରି ଏବଂ ସ୍ପୋର୍ଟ୍ସ ଆସେସମେଣ୍ଟ ଏବଂ ଅଡିଟ ବୋର୍ଡ ପକ୍ଷରୁ ମିଳିତ ଭାବେ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟରରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ଯୁବ କାର୍ଯ୍ୟ ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ସମର୍ଥନରେ ଆୟୋଜିତ ଗ୍ଲୋବାଲ ସ୍ପୋର୍ଟ୍ସ ଏଜୁକେଶନ କନଭେନଶନ-୨୦୨୬ ଅବସରରେ ଆୟୋଜିତ ଜାତୀୟ କ୍ରୀଡ଼ା ଏବଂ ଶାରୀରିକ ଶିକ୍ଷା ପୁରସ୍କାର ସମାରୋହରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟକୁ ଏହା ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଦ୍ୟାର୍ଥୀ କଲ୍ୟାଣ ବିଭାଗ ଡିନ ପ୍ରଫେସର (ଡ.) ଜୟ ପ୍ରକାଶ ଭଟ୍ଟ ଏବଂ ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଭାଗ ଡିନ ପ୍ରଫେସର (ଡ.) ତୀର୍ଥଙ୍କର ଘୋଷ ନୂଆଦିଲ୍ଲୀଠାରେ ପୁରସ୍କାର ଗ୍ରହଣ କରିଥିଲେ। କ୍ରୀଡ଼ା ଏବଂ ଶାରୀରିକ ଶିକ୍ଷା କ୍ଷେତ୍ରରେ କାମ କରୁଥିବା ଦେଶର ଶ୍ରେଷ୍ଠ ୧୦୦ଟି ବିଶ୍ୱବିଦ୍ୟାଳୟ ଏବଂ ସଂସ୍ଥା ମଧ୍ୟରୁ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟକୁ ଚୟନ କରାଯାଇଥିଲା। ଏହି ସଫଳତା ପାଇଁ ବିଶ୍ୱବିଦ୍ୟାଳୟର କୁଳାଧିକ୍ଷା ପ୍ରୋ. ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରୋ. (ଡ.) ତେଜପ୍ରତାପ, କୁଳସଚିବ ପ୍ରୋ. (ଡ.) ଅନିଲ କୁମାର ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଏବଂ ମାନବସମ୍ବଳ ବିଭାଗ ଉପନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ଗଡ଼ନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଖ୍ରୀଷ୍ଟ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ଖ୍ରୀଷ୍ଟ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୨୧।୧(ଶିଳ୍ପା ପ୍ରିୟଦର୍ଶିନୀ)

ଖ୍ରୀଷ୍ଟ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ କଲେଜର ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ମଧୁମିତା ପାତ୍ର ଯୋଗଦେଇ ପତାକା ଉତ୍ତୋଳନ ସହ କ୍ରୀଡ଼ା ମଶାଲରେ ଅଗ୍ନି ସଂଯୋଗ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ରିକେଟ୍ ଆସୋସିଏଶନର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା, ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତିର ସଭାପତି ଅନୁପମ ପାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କଲେଜର ଛାତ୍ର ଯାଜ୍ଞଜ୍ୟୋତି ମହନ୍ତ ଓ ଛାତ୍ରୀ ଶୁଭଦ୍ରା ମହାରଣା କ୍ରୀଡ଼ା ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିଲେ। କ୍ରୀଡ଼ା ପରିଷଦର ସଂଯୋଜକ ଲ୍ୟୁଟନାଣ୍ଟ ଡ. ପ୍ରଦ୍ୟୁମ୍ନ ଦାଶ ବାର୍ଷିକ କ୍ରୀଡ଼ା ବିବରଣୀ ପାଠ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଡ. ଦୈତ୍ୟାରୀଶୁକ୍ଳ ପୁରସ୍କାର ବିତରଣ କାର୍ଯ୍ୟକୁ ସଂଯୋଜନା କରିଥିବାବେଳେ ବରିଷ୍ଠ ଅଧ୍ୟାପିକା ଡ. ଜିତାରାୟ ପ୍ରତିଯୋଗିତା ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ଶୁଭମ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

## ସ୍ୱାମିଜୀ ଯୁବକ ସଂଘର ବାର୍ଷିକ ଉତ୍ସବ

କଟକ ସଦର,୨୧।୧(ସୁଶାନ୍ତ କୁମାର ଜେନା)

୪୨ ମୌଜାସ୍ଥିତ ବରାଳ ଗ୍ରାମର ସ୍ୱାମିଜୀ ଯୁବକ ସଂଘର ୨୯ତମ ବାର୍ଷିକ ଉତ୍ସବ ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ୟୁନିଅନ ଫର୍ କଟକ ସଦର ଡେଭଲପମେଣ୍ଟ ସଭାପତି ପ୍ରଫେସର ମନୋଜ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରଦୀପ୍ତ କୁମାର ବିଶ୍ୱାଳ, ବୈଜ୍ଞାନିକ ଅନିଲ ପ୍ରଧାନ, ଓଡ଼ିଆ ସିନେତାରକା ସୁଶ୍ରୀ ସବିତା ଓ ଶିଭାଂଶ, ଆଶୁତୋଷ ଭୂୟାଁ, ରବି ନାରାୟଣ ସାହୁ ଓ ଅମ୍ରିତା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇଥିଲେ। ଇଂ. ବିରଞ୍ଚି ନାରାୟଣ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୩୦ଜଣ ବ୍ୟକ୍ତି ଓ ୫ଟି ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ମୁଖ୍ୟ ପରିଚାଳକ ସୂର୍ଯ୍ୟ ନାରାୟଣ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ସମରେନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷ ଡ. ବିଶ୍ୱଜିତ୍ ରାୟ, ଅଜୟ କୁମାର ଭୂୟାଁ, ବିଜୟ କୁମାର ନାୟକ, ମୁଖ୍ୟ ବକ୍ତା ଭାବେ ଅଧ୍ୟାପିକା ନମିତା ପଟ୍ଟନାୟକ, ଗାଳ୍ପିକା ତେଜସିନୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି।

ଖୁଣ୍ଟୁଣୀ,୨୧।୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାକୃଷ୍ଣପୁର ପଞ୍ଚାୟତ ରାହାଙ୍ଗୁଳ ଆବାସିକ ବିଦ୍ୟାଳୟରେ ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର ପତାକା ଉତ୍ତୋଳନ କରିଥିଲେ। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଜିଲାର ୨୪ଟି ଆବାସିକ ବିଦ୍ୟାଳୟର ୩ଟି ବର୍ଗର ୩୬୪ ପ୍ରତିଯୋଗୀ ଭାଗ ନେଇ କବାଡ଼ି, ଲମ୍ଫଡିଆଁ, ଉଚ୍ଚଡିଆଁ, ଦୌଡ଼ ଆଦି ୯ଟି ପ୍ରତିଯୋଗିତାରେ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ମାଧପୁର କନ୍ୟାଶ୍ରମ ପ୍ରଧାନ ଶିକ୍ଷୟିତ୍ରୀ ଶ୍ୱେତପଦ୍ମା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର ଯୋଗଦେଇ କ୍ରୀଡ଼ା ଦ୍ୱାରା ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ହୋଇଥାଏ ବୋଲି କହିଥିଲେ। ପରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ସହକାରୀ ମଙ୍ଗଳ ଅଧିକାରୀ ସୁମିତ୍ରା ସାହୁ, ଆଠଗଡ଼ ସହକାରୀ ମଙ୍ଗଳ ଅଧିକାରୀ ହେମନ୍ତ କୁମାର ଜେନା, କଟକ ସଦର ସହକାରୀ ମଙ୍ଗଳ ଅଧିକାରୀ ପରିତୋଷ ପାଣିଗ୍ରାହୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସସ୍ମିତା ପ୍ରଧାନ, ଜିଲାର ସମସ୍ତ ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଯୋଗଦେଇଥିଲେ। ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ଅଶୋକ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡ଼ା ଉତ୍ସବରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କ୍ରୀଡ଼ାବିତ୍ ଶୁଭାଶିଷ କରଙ୍କ ପରଲୋକ

କଟକ,୨୧।୧(କାର୍ତ୍ତିକ ସାହୁ)

ବିଶିଷ୍ଟ କ୍ରୀଡ଼ାବିତ୍, ସମାଜସେବୀ ତଥା ପ୍ରକାଶକ ଶୁଭାଶିଷ କର(୬୦)ଙ୍କ ଗୁରୁବାର ସକାଳେ ଏସ୍‌ସିବି ମେଡିକାଲରେ ପରଲୋକ ହୋଇଯାଇଛି। ସକାଳେ ସେ ହୃଦ୍‌ଘାତର ଶିକାର ହୋଇ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ସୁଜାତା କର, ପୁତ୍ର ସାଇଶିବ କର, କନ୍ୟା ଆଲ୍‌ଭିନା କର, ଲଭ୍‌ଲିନା କର, ଦୁଇ ଭାଇ ଶିବାଶିଷ କର, ସ୍ନେହାଶିଷ କର, ଭଉଣୀ ଶୁଭଲକ୍ଷ୍ମୀ ମହାପାତ୍ର, ଭାଣିଜୀ, ପୁତୁରା, ଝିଆରୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖାନ୍‌ନଗର ଶ୍ମଶାନରେ ରାତିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ପରିବାର ସୂତ୍ରରୁ ପ୍ରକାଶ।

ସୂଚନାନୁସାରେ, ଶୁଭାଶିଷ ଓଡ଼ିଶାର କ୍ରୀଡ଼ାବିତ୍, ପ୍ରକାଶକ ଓ ଚଳଚ୍ଚିତ୍ର ପ୍ରଯୋଜକ ଦେବବ୍ରତ କର ଓ ରାଜଲକ୍ଷ୍ମୀ କରଙ୍କ ଜ୍ୟେଷ୍ଠ ପୁତ୍ର। ସେ ଭେଟରାନ୍ ଫୁଟ୍‌ବଲ୍ ଆସୋସିଏଶନ୍‌ର ସମ୍ପାଦକ, କଟକ ଜିଲା କ୍ରୀଡ଼ା ସଂସଦର ଯୁଗ୍ମ ସମ୍ପାଦକ, କ୍ରିକେଟ୍ ଆସୋସିଏଶନ୍ ଓ ଫୁଟ୍‌ବଲ୍ ଆସୋସିଏଶନ୍‌ର ବିଭିନ୍ନ କମିଟି ସଦସ୍ୟ ଭାବରେ କାର୍ଯ୍ୟକରି ନିଜର ସାଙ୍ଗଠନିକ ଦକ୍ଷତାର ପରିଚୟ ଦେଇଥିଲେ। ପୂର୍ବତନ



ଶୁଭାଶିଷ କର।

ସନ୍ତୋଷ ଟ୍ରଫି ଖେଳାଳି ଭାବେ ସେ ପରିଚିତ ଥିଲେ। ତାଙ୍କ ପରଲୋକ ଖବର ପାଇ ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍‌ର ସମ୍ପାଦକ ସଞ୍ଜୟ ବେହେରା, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ୍ ପାଲ୍, ରାଜ୍ୟ ଭାଜପା ସମ୍ପାଦିକା ସ୍ମୃତି ପଟ୍ଟନାୟକ, ଭାଜପା ଜିଲା ସଭାପତି ସୁକାନ୍ତ ବିଶ୍ୱାଳ, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ, କଳା ବିକାଶ କେନ୍ଦ୍ରର ସଭାପତି ଡ. ବିଜୟାନନ୍ଦ ସିଂହ, ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସିଏମ୍‌ସି ମେୟର ସୁବାସ ସିଂହ, ଡ. ଦ୍ୱୀପାୟନ ପଟ୍ଟନାୟକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ପୋଷ୍ଟିଂ ସ୍କୁଲକୁ ଫେରିବେ ଡେପୁଟେଶନରେ ଥିବା ଶିକ୍ଷକ

କଟକ,୨୧।୧(କାର୍ତ୍ତିକ ସାହୁ)

କଟକ ଜିଲା ପରିଷଦର ଦ୍ୱାଦଶତମ ବୈଠକ ଜିଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏମ୍‌ପି ଭର୍ତ୍ତୃହରି ମହତାବ ଏସ୍‌ସିବି ମେଡିକାଲ ନିକଟରେ ଥିବା ଧାନ ବିହନ ପ୍ରକ୍ରିୟାକରଣ କେନ୍ଦ୍ରର ସ୍ଥାନ ପରିବର୍ତ୍ତନ ନେଇ ସୂଚନା ଦେଇଥିଲେ। କୃଷି କ୍ଷେତ୍ରରେ ଧାନ ସହିତ ଅନ୍ୟ ଶସ୍ୟ ଉତ୍ପାଦନ, ଧାନ ବିକ୍ରୟ ଓ ମଣ୍ଡି ପ୍ରସଙ୍ଗ ଉପରେ ଧ୍ୟାନ ଦେବାକୁ ବିଭାଗୀୟ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୃଷି କ୍ଷେତ୍ରରେ ବିହନ ଓ ସାର ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ଏବଂ ସାର କଳାବଜାର ରୋକିବା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଭିନ୍ନ ଅଞ୍ଚଳରେ ଥିବା ବିଦ୍ୟାଳୟରେ ଶିକ୍ଷକ ପଦ ପୂରଣ, ବିଦ୍ୟାଳୟର ଉନ୍ନତୀକରଣ ବିଷୟରେ ମତ ପ୍ରକାଶ ପାଇଥିଲା। ଡେପୁଟେଶନରେ ଥିବା ଶିକ୍ଷକମାନଙ୍କୁ ନିଜ ପୋଷ୍ଟିଂ ସ୍କୁଲକୁ ଫେରିବା ଉପରେ ମତପ୍ରକାଶ



କଟକ ଜିଲା ପରିଷଦର ଦ୍ୱାଦଶତମ ବୈଠକରେ ଉପସ୍ଥିତ ଏମ୍.ପି., ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

ପାଇଥିଲା। ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଯୋଗାଇ ଦିଆଯିବା ଉପରେ ଆଲୋଚନା କରାଯାଇଥିଲା। ନିର୍ଦ୍ଦିଷ୍ଟ ସମୟରେ ଟେଣ୍ଡର ପ୍ରକ୍ରିୟା ସହ ସମସ୍ତ କାର୍ଯ୍ୟ ଶେଷ କରିବା, ନୂତନ ରାସ୍ତା ନିର୍ମାଣ ଓ ମରାମତି, ପ୍ରସ୍ତାବିତ ଡ୍ରେନେଜ ନବୀକରଣ, ଆବଶ୍ୟକ ଅନୁଯାୟୀ ବିଭିନ୍ନ କାର୍ଯ୍ୟ ନିମନ୍ତେ ବିଧାୟକ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହ ଆଲୋଚନା ମାଧ୍ୟମରେ ପ୍ରସ୍ତାବ ଉପସ୍ଥାପନା କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, କଟକ-ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବଡ଼ମ୍ବା ବିଧାୟକ ବିଜୟ ଦଳବେହେରା, ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ ପ୍ରମୁଖ ବିଭିନ୍ନ କାର୍ଯ୍ୟ ଓ ବିଭିନ୍ନ ଯୋଜନା ଅନ୍ତର୍ଗତ ନିଜ ନିଜ ଅଞ୍ଚଳରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାକୁ ସମୀକ୍ଷା ମଧ୍ୟ କରିଥିଲେ। କାର୍ଯ୍ୟସୂଚୀ ଅନୁଯାୟୀ କୃଷି, ପଶୁପାଳନ, ଶିକ୍ଷା, ଯୋଗାଣ ଆଦି ବିଷୟରେ ଆଲୋଚନା ହୋଇଥିଲା। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଆଲୋଚିତ ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

କଟକ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ବୈଠକରେ ସହ ସଂଯୋଜନା କରିଥିଲେ। ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁ, ବିଭିନ୍ନ ପଞ୍ଚାୟତ ସମିତି ଅଧ୍ୟକ୍ଷା, ଅଧ୍ୟକ୍ଷ, ଜିଲା ପରିଷଦ ସଦସ୍ୟା, ସଦସ୍ୟ, ପଞ୍ଚାୟତ ସମିତି ସଭ୍ୟା, ସଭ୍ୟ ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ପରିଷଦ ଉପସଭାପତି ସୁଭଦ୍ରା ଦାସ ଧନ୍ୟବାଦ ଦେଇଥିଲେ।

**କଟକ ଜିଲା ପରିଷଦର ଦ୍ୱାଦଶତମ ବୈଠକ**

**ବ୍ୟାଖ୍ୟାନ କେନ୍ଦ୍ର ଏସିରେ ନିଆଁ, ଫେରିଲେ ପର୍ଯ୍ୟଟକ**

କୋଣାର୍କ, (ଜ୍ୟୋତିରାଜ ମହାନ୍ତି): କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖ ଆଇଓଏଫ୍ ବ୍ୟାଖ୍ୟାନ କେନ୍ଦ୍ରରେ ବୁଧବାର ପୂର୍ବାହ୍ନରେ ଶର୍ଟସର୍କିଟ୍ ଯୋଗୁ ଏସିରେ ନିଆଁ ଲାଗିଥିଲା। କିଛି ସମୟ ଧରି ବ୍ୟାଖ୍ୟାନ କେନ୍ଦ୍ର ବନ୍ଦ ରହିବା ଫଳରେ ଦୂରଦୂରାନ୍ତରୁ ଆସିଥିବା ପର୍ଯ୍ୟଟକ ବୁଲି ନ ପାରି ନିରାଶ ହୋଇ ଫେରିଛନ୍ତି। କୌଣସି କାରଣରୁ ଏସିରୁ ନିଆଁ ବାହାରୁଥିବା କର୍ମଚାରୀମାନେ ଦେଖିଥିଲେ। ବ୍ୟାଖ୍ୟାନ କେନ୍ଦ୍ର ମୁଖ୍ୟଦ୍ୱାର ବନ୍ଦ କରି କୋଣାର୍କ ଚମ୍ପାହାର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚିଲାବେଳକୁ କର୍ମଚାରୀମାନେ ନିଆଁକୁ ନିଜସ୍ୱ ଅଗ୍ନି ନିରାପତ୍ତା ଯନ୍ତ୍ର ସାହାଯ୍ୟରେ ଆୟତ୍ତ କରିଥିଲେ। ପରେ ଅଗ୍ନିଶମ ବାହିନୀର କର୍ମଚାରୀ ପହଞ୍ଚି ଏହାକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ। ପର୍ଯ୍ୟଟକମାନେ ବଡ଼ ଅଘଟଣରୁ ବର୍ତ୍ତିଯାଇଛନ୍ତି। ଶର୍ଟସର୍କିଟ ଯୋଗୁ ଏଭଳି ଘଟିଥିବା ଅନୁମାନ କରାଯାଉଛି।



ମା' ମାଉସୀମାଙ୍କ ପଦ୍ମବେଶ।



ଭକ୍ତ ଚିନ୍ତାମଣି ଦାସ ମହାପ୍ରଭୁଙ୍କ ପଦ୍ମବେଶ ପାଇଁ ୪ହଜାରରୁ ଊର୍ଦ୍ଧ୍ୱ ପଦ୍ମ ସଂଗ୍ରହ କରି ଶ୍ରୀମନ୍ଦିରକୁ ନେଉଛନ୍ତି।



ପତିତପାବନଙ୍କ ପଦ୍ମବେଶ।

# ପଦ୍ମବେଶରେ ଦର୍ଶନଦେଲେ ମହାପ୍ରଭୁ

**ପୁରୀ,୨୧।୧(ଅଜିତ୍ କୁମାର ମହାନ୍ତି)**

ମାଘମାସ ଶୁକ୍ଳପକ୍ଷ ତୃତୀୟା ବୁଧବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ପଦ୍ମ ବେଶ ସମ୍ପନ୍ନ ହୋଇଛି। ମାଘ ମାସ ଅମାବାସ୍ୟାଠାରୁ ବସନ୍ତ ପଞ୍ଚମୀ ବା ସରସ୍ୱତୀ ପୂଜା ମଧ୍ୟରେ ପଡୁଥିବା ବୁଧବାର କିମ୍ବା ଶନିବାର ମହାପ୍ରଭୁଙ୍କ ଦୁର୍ଲଭ ପଦ୍ମବେଶ ମହାପ୍ରଭୁଙ୍କୁ କରାଯାଇଥାଏ। ବର୍ଷକରେ କେବଳ ଏହି ଗୋଟିଏ ଦିନ ମହାପ୍ରଭୁ ପଦ୍ମବେଶରେ ହିଁ ରାତ୍ର ପହୁଡ଼ ଯାଇଆନ୍ତି। ବଡ଼ସିଂହାର ବେଶରେ ମହାପ୍ରଭୁଙ୍କ ଏହି ପଦ୍ମ ବେଶ ହୋଇଥିଲା। ଏହି ବେଶର ପ୍ରବର୍ତ୍ତକ ବଡ଼ଛତା ମଠର ମହନ୍ତ ସନ୍ଥ ରଘୁବର ଦାସ ବୋଲି ସୂଚନା ମିଳେ।

ମହାପ୍ରଭୁଙ୍କୁ ସୋଲରେ ନିର୍ମିତ ପଦ୍ମଫୁଲରେ ବେଶ କରିବା ପାଇଁ ଏକଦା ରଘୁବର ଦାସ ଚିନ୍ତାକରି ସୋଲ, କଇଁଥ ଅଠା ଆଦିରେ ପଦ୍ମଫୁଲ ତିଆରି କରିବା ସହ ଚାଉଳ ଖିରି ତିଆରି କରି ମହାପ୍ରଭୁଙ୍କୁ ବେଶ କରିବା ଓ ଖିରି ମଣୋହି କରିବା ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ସେ ସମୟରେ ସ୍ୱର୍ଣ୍ଣ ଅଳଙ୍କାର ଛଡ଼ା ଅନ୍ୟକୌଣସି ବସ୍ତୁରେ ମହାପ୍ରଭୁଙ୍କ ବେଶ ହେଉ ନ ଥିବାରୁ ଏବଂ ଶ୍ରୀମନ୍ଦିର ବାହାର ଜିନିଷ ମହାପ୍ରଭୁଙ୍କ ନିକଟରେ ଭୋଗ କରାଯିବାର ବିଧି ନ ଥିବାରୁ ରୁଘୁବର ଦାସଙ୍କ ନିର୍ମିତ ବେଶ ଓ ଖିରିକୁ ସେବକମାନେ ଫେରାଇ ଦେଇଥିଲେ। ଫଳରେ ରଘୁବର ଦାସ ମନଦୁଃଖରେ ମଠକୁ ଫେରିଆସି ମହାପ୍ରଭୁଙ୍କୁ ଦୁଃଖ ଶୁଣାଇଥିଲେ। ମହାପ୍ରଭୁ ଭକ୍ତର ଭାବ ଜାଣିପାରି ଗଜପତିଙ୍କୁ ସ୍ୱପ୍ନାଦେଶ କରିବା ସହ ରଘୁବର ଦାସଙ୍କ ନିର୍ମିତ ପଦ୍ମବେଶ ଓ ଖିରି ଲାଗି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିଦିନ ଠାରୁ ମହାପ୍ରଭୁଙ୍କ ନିକଟରେ ବଡ଼ଛତା ମଠ ପକ୍ଷରୁ ବେଶ ଯୋଗାଇ ଦିଆଯାଉଥିବା ସୂଚନା ମିଳେ।






**୨୧।୧।୨୦୨୬**

| | |
|---|---|
| ୪,୫୨,୭୧୬ ଟଙ୍କା | |
| ସୁନା | ୨.୨୫୦ ଗ୍ରାମ୍ |
| ରୁପା | ୧୪୯.୫୦୦ଗ୍ରାମ୍ |

# ଇସ୍କନ ପକ୍ଷରୁ ପୁଣି ଅଦିନିଆ ରଥଯାତ୍ରା

**ପୁରୀ,୨୧।୧(ଅଜିତ୍ କୁମାର ମହାନ୍ତି)**

କିଛି ଦିନର ବିରତି ପରେ ଇସ୍କନର ପୁଣି ମନମାନି ଦେଖିବାକୁ ମିଳିଛି। ଇସ୍କନ ପକ୍ଷରୁ ଅଦିନିଆ ରଥଯାତ୍ରା ଆୟୋଜନ କରାଯାଇଛି। ଇସ୍କନର ଏପରି ବରାମ୍ବାର ଶ୍ରୀଜଗନ୍ନାଥ ସଂସ୍କୃତିକୁ ପ୍ରତି କୁଠାରଘାତକୁ ନେଇ ଜଗନ୍ନାଥପ୍ରେମୀ କ୍ଷୋଭ ପ୍ରକାଶ କରିବା ସହ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଅଦିନିଆ ରଥଯାତ୍ରା ଆୟୋଜନ କରିବା ଘଟଣାକୁ ନାପସନ୍ଦ କରି ପୂର୍ବରୁ ଗଜପତି ମହାରାଜ ଇସ୍କନକୁ ଜଣାଇବା ପରେ ମଧ୍ୟ ଇସ୍କନ ଏପରି କାର୍ଯ୍ୟରୁ ବିରତି ରହୁନାହିଁ। ତେଣୁ ଶ୍ରୀମନ୍ଦିର ପ୍ରଶାସନ ଏନେଇ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅପମାନ ନ କରିବା ପାଇଁ ଇସ୍କନକୁ ବାରମ୍ବାର କୁହାଯାଉଥିଲେ ମଧ୍ୟ ଇସ୍କନ ଏହାକୁ ମାନୁ ନାହିଁ।

ଇସ୍କନ ପକ୍ଷରୁ ଗତ ୧୮ରେ ଜର୍ମାନୀର ଟମ୍ପଲହ୍ୱିଡ୍ ପାର୍କ ରୋଡଠାରେ ଅଦିନିଆ ରଥଯାତ୍ରା କରାଯାଇଥିଲା। ଅଦିନରେ ରଥଯାତ୍ରା ନ କରିବା ଲାଗି ପୂର୍ବରୁ ଗଜପତି ମହାରାଜା, ଶ୍ରୀମନ୍ଦିର ପ୍ରଶାସନ ଇସ୍କନକୁ ଚିଠି କରିଛନ୍ତି। ହେଲେ ନିଜ ଜିଦ୍‌ରେ ଅଟଳ ରହିଛି ଇସ୍କନ। ତା'ର ଏଭଳି ମନମାନିକୁ ତୀବ୍ର ନିନ୍ଦା କରିଛନ୍ତି ଶ୍ରୀଜଗନ୍ନାଥପ୍ରେମୀ ଭକ୍ତ ଓ ସେବାୟତ। ଅଦିନରେ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେଉଥିବା ବିଭିନ୍ନ ସମୟରେ ନଜରକୁ ଆସୁଛି। ଏହା ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଘୋର ଅପମାନ। ଏହାକୁ ନେଇ ଶ୍ରୀଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ତୀବ୍ର ପ୍ରତିବାଦ ସୃଷ୍ଟି ହେଉଥିଲେ ହେଁ ଏହାର ସମାଧାନ ହୋଇପାରୁ ନାହିଁ।

ଏ ସମ୍ପର୍କରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ଗଜପତି ମହାରାଜା ଏ ନେଇ ଏକାଧିକଥର ଇସ୍କନକୁ ଚିଠି କରିଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ ମଧ୍ୟ ଇସ୍କନ ମୁଖ୍ୟ କାର୍ଯ୍ୟାଳୟକୁ ଜଣାଯାଇଛି। ଆଗକୁ ପରିଚାଳନା କମିଟି ଯାହା ନିଷ୍ପତ୍ତି ନେବ, ସେହି ଅନୁସାରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଛନ୍ତି।

# ୬୩ତମ ଉତ୍କଳ ରାଜ୍ୟ ଶାସ୍ତ୍ରୀୟ ସ୍ପର୍ଦ୍ଧା ଉଦ୍‌ଘାଟିତ

**ପୁରୀ,୨୧।୧(ଅଜିତ୍ କୁମାର ମହାନ୍ତି)**

ପୁରୀ ସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଶ୍ରୀସଦାଶିବ ପରିସର ପକ୍ଷରୁ ୬୩ତମ ଉତ୍କଳ ରାଜ୍ୟଶାସ୍ତ୍ରୀୟ ସ୍ପର୍ଦ୍ଧା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର କହିଥିଲେ ଯେ, 'ଶାସ୍ତ୍ରୀୟ ସ୍ପର୍ଦ୍ଧା କେବଳ ଏକ ପ୍ରତିଯୋଗିତା ନୁହେଁ ବରଂ ଏହା ଆମର ପ୍ରାଚୀନ ଶାସ୍ତ୍ରୀୟ ପରମ୍ପରାକୁ ଜୀବନ୍ତ ରଖିବାର ଏକ ପ୍ରୟାସ। ଅତିଥି ଭାବେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଶାନ୍ତି ନିକେତନର ପୂର୍ବତନ ଆଚାର୍ଯ୍ୟ ପ୍ରଫେସର ଅରୁଣ ରଞ୍ଜନ ମିଶ୍ର ଏବଂ ସାହିତ୍ୟ ବିଭାଗର ପୂର୍ବତନ ଆଚାର୍ଯ୍ୟ ପ୍ରଫେସର ସୂର୍ଯ୍ୟମଣି ରଥ ନିଜ ମନ୍ତବ୍ୟରେ ସଂସ୍କୃତ ଭାଷା ଓ ଶାସ୍ତ୍ରର ଗାରିମା ଉପରେ ଗୁରୁତ୍ୱାରୋପ କରି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

କାର୍ଯ୍ୟକ୍ରମରେ ଅକ୍ଷରଶ୍ଳୋକୀ, ବ୍ୟାକରଣ ଭାଷଣ, ଅମରକୋଷ କଣ୍ଠପାଠ, ଅଷ୍ଟାଧ୍ୟାୟୀ କଣ୍ଠପାଠ, ଧାତୁରୂପ କଣ୍ଠପାଠ, ଶ୍ରୀମଦ୍‌ଭଗବଦ୍‌ଗୀତା କଣ୍ଠପାଠ ଏବଂ ଜ୍ୟୋତିଷ ଭାଷଣ ଭଳି ପ୍ରାୟ ୧୪ରୁ ଅଧିକ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଶେଷ କରି ଜୟଦେବ ସଭାଗୃହ ଏବଂ ପାଠାଗାର ସଂଗୋଷ୍ଠୀ କକ୍ଷରେ ପୃଥକ ପୃଥକ ଭାବେ ଶାସ୍ତ୍ରାର୍ଥ ଓ ଶଳାକା ପରୀକ୍ଷାମାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ସଦାଶିବ ପରିସରର ଛାତ୍ରୀଛାତ୍ରଙ୍କ ବ୍ୟତୀତ ପୁରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ବରଗଡ଼ ଗୁରୁକୁଳ ନବପ୍ରଭାତ ବୈଦିକ ବିଦ୍ୟାପୀଠ, ଚକାପାଦ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ଆଦି ବିବିଧ ଅନୁଷ୍ଠାନର ଅଧ୍ୟାୟୀମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ସହ ସମନ୍ୱୟକ ଅଧ୍ୟାପକ ଡ. ନନ୍ଦିଘୋଷ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କାର୍ଯ୍ୟକ୍ରମର ସମନ୍ୱୟକ ପ୍ରଫେସର ଗୌରପ୍ରିୟା ଦାଶ ପ୍ରସ୍ତାବନା ଉପସ୍ଥାପନା କରିଥିଲେ। ସଂଯୋଜକ ଡ. ନୀଳମାଧବ ଦାଶ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଦର୍ଶନ ବିଭାଗର ସହାୟକ ଆଚାର୍ଯ୍ୟ ଡ. ଆଲୋକ ସେନ ଓ ଡ. ଅକ୍ଷୟ କୁମାର ଦତ୍ତ ସଞ୍ଚାଳନ କରିଥିଲେ।




ନୀଳାଚଳ କୃଷକ ସଂଘ ପକ୍ଷରୁ ୨୩ ଦଫା ଦାବିରେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

## ସେବା ସମବାୟ ସମିତିରେ ଧାନମଣ୍ଡି ଖୋଲିଲା

**କାକଟପୁର/ଅସ୍ତରଙ୍ଗ,୨୧।୧ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)**

କାକଟପୁର ବ୍ଲକ ଅଞ୍ଚଳରେ ୨୦୨୫-୨୬ ଖରିଫ୍ ଋତୁ ପାଇଁ ବୁଧବାର ଲତାହରଣ, ବିଭୂତିପୁର ଓ ସୁହାଗପୁର ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଲତାହରଣ ସେବା ସମବାୟ ସମିତି ସଭାପତି ପ୍ରାଣନାଥ ମଲ୍ଲିକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କିଶୋର କୁମାର ଛୋଟରାୟ, ମୁଖ୍ୟବକ୍ତା କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ, କାକଟପୁର ବିଡିଓ ନାରାୟଣ ଦୀକ୍ଷିତ, ସମ୍ମାନିତ ଅତିଥି ସମ୍ପାଦକ ଇକ୍ୟୁୱାଲ ହୁସେନ ପ୍ରମୁଖ ଉପସ୍ଥିତ ଥିବାବେଳେ ଶଶିଭୂଷଣ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ସେହିପରି ବିଭୂତିପୁର ସେବା ସମବାୟ ସମିତି ସଭାପତି ପବିତ୍ର କୁମାର ଚାନ୍ଦ, ଭାରପ୍ରାପ୍ତ ସମ୍ପାଦକ ହରେକୃଷ୍ଣ ନାୟକ, ସରପଞ୍ଚ ରୁକ୍‌ସାନ ବିବି, ସୁହାଗପୁର ପ୍ରାଥମିକ କୃଷି ସମବାୟ ସମିତି ସଭାପତି ଦିବାକର ସିଂ, ଭାରପ୍ରାପ୍ତ ସମ୍ପାଦକ ଶୁଭ୍ରାଂଶୁ ରାଉତ, ସରପଞ୍ଚ ଶେଖ୍ ଅବୁତୁହାର ପ୍ରମୁଖ ଉପସ୍ଥିତ ଥିଲେ। ଲତାହରଣ ସେବା ସମବାୟରେ ୭୩୮ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ବିଭୂତିପୁରରେ ୧୨୮ ଓ ସୁହାଗପୁର ସେବା ସମବାୟରେ ୧୯୯ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଧାନର ସର୍ବନିମ୍ନ ସହାୟତା ରାଶି ଓ ଇନ୍‌ପୁଟ ସବ୍‌ସିଡ୍ ସହିତ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା ଚାଷୀଙ୍କୁ ଦିଆଯିବ।

# ଦିବ୍ୟାଙ୍ଗଙ୍କ ସଚେତନତା କାର୍ଯ୍ୟକ୍ରମ



ଦିବ୍ୟାଙ୍ଗମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

**ପୁରୀ,୨୧।୧(ଅଜିତ୍ କୁମାର ମହାନ୍ତି)**

ଦିବ୍ୟାଙ୍ଗଙ୍କ ପ୍ରତିଭାର ବିକାଶ ଘଟିଲେ ସେମାନେ ସମାଜ ପାଇଁ ସମ୍ବଳ ପାଲଟିବେ। ସଚେତନତା ଅଭାବରୁ ଅନେକ ଦିବ୍ୟାଙ୍ଗ ବିବିଧ ସୁବିଧା ସୁଯୋଗ ସମ୍ପର୍କରେ ଅଜ୍ଞ ରହୁଛନ୍ତି। ସମସ୍ତଙ୍କୁ ସଚେତନ କରାଇ ତାହାର ସୁଫଳ ହାସଲ ପାଇଁ ଉଦ୍ୟମ ଉପରେ ଗୁରୁତ୍ୱ ଦେଇଛନ୍ତି। ବୁଧବାର ପୂର୍ବାହ୍ନରେ ୟୁଥ୍ ହଷ୍ଟେଲ ପରିସରରେ ଶ୍ରୀକ୍ଷେତ୍ର ଦିବ୍ୟାଙ୍ଗ ସେବା ସଂଗଠନ ଓ ଏନବେଲ ଇଣ୍ଡିଆ ପକ୍ଷରୁ ହମାରି ବାଣୀ ଦିବ୍ୟାଙ୍ଗ କା ଆପନା ମଞ୍ଚ ନାମରେ ଏକ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଦିବ୍ୟାଙ୍ଗମାନେ ସମାଜର ଏକ ଅଙ୍ଗ। ସେମାନଙ୍କ ମଧ୍ୟରେ ଦକ୍ଷତା ଓ ପ୍ରତିଭା ରହିଛି। ତାହାର ପରିପ୍ରକାଶ ହୋଇପାରିଲେ ସେମାନେ ସମାଜର ସମ୍ବଳ ପାଲଟିବେ ବୋଲି କହିଥିଲେ।

ଶ୍ରୀକ୍ଷେତ୍ର ଦିବ୍ୟାଙ୍ଗ ସେବା ସଂଗଠନର ସଭାପତି ଗଜଲକ୍ଷ୍ମୀ ରାୟଙ୍କ ଅଧ୍ୟକ୍ଷତାରେ ଦି ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ, ଅନୁଷ୍ଠାନର ସଦସ୍ୟ କୃତୀବାସ ଦାସ, ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗଙ୍କ ଆବଶ୍ୟକତା, ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଶିକ୍ଷକ ଏବଂ ମେଣ୍ଟର ଭାବେ ଏନବେଲ ଇଣ୍ଡିଆର ମୁଖ୍ୟ ତଥା ହୁଇଲ ଚେୟାର କ୍ରୀଡ଼ାରେ ବିଶ୍ୱ ରେକର୍ଡଧାରୀ କମଳାକାନ୍ତ ନାୟକ ଓ ନରହରି ବେହେରା ନିଜ ଅଭିଜ୍ଞତା, ଅନୁଭବ ଓ ସଂଘର୍ଷ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ।

## ସଂକ୍ଷେପରେ

### ଭିତର କାଠରେ ରକ୍ତଛିଟା ମହାପ୍ରଭୁଙ୍କର ହେଲା ମହାସ୍ନାନ

**ପୁରୀ,୨୧।୧(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କର ବୁଧବାର ବଡ଼ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିର ଭିତର କାଠ ନିକଟରେ ରକ୍ତଛିଟା ପଡ଼ିଥିବାରୁ ଏହି ନୀତି ହୋଇଛି। ବୁଧବାର ଭକ୍ତ ମାନେ ଭିତରକାଠ ନିକଟରେ ଦର୍ଶନ କରୁଥିଲେ। ଏହି ସମୟରେ ଶ୍ରୀବିଗ୍ରହଙ୍କ ଅବକାଶ ପୂଜା ଶେଷ ହୋଇଥିଲା। ଭିତରକାଠ ନିକଟରେ ରକ୍ତଛିଟା ପଡ଼ିଥିବା ଦୃଷ୍ଟିଗୋଚର ହୋଇଥିଲା। ପରେ ସମସ୍ତ ନୀତି ବନ୍ଦ କରାଯିବା ସହ ସର୍ବସାଧାରଣ ଦର୍ଶନ ବନ୍ଦ କରାଯାଇ ମହାସ୍ନାନ ନିମନ୍ତେ ନୀତି ଆରମ୍ଭ ହୋଇଥିଲା। ମଇଲମ, ଧୂଆ ଧୋଇ ହୋଇ ଚୁନ ପାଣି ପଡ଼ିଥିଲା ୯ ଟା ୪୦, ସିଂହାସନ ଧୂଆ ୯ଟା ୪୫ ଏବଂ ମହାସ୍ନାନ ୯ଟା ୫୦ରେ, ମହାସ୍ନାନ ପୂଜା ଶେଷ ୧୦ଟାରେ ହୋଇଥିଲା। ପରେ ଅନ୍ୟାନ୍ୟ ନୀତି ବଢ଼ିଥିଲା। ମହାସ୍ନାନ ନୀତି ପରେ ଦର୍ଶନ ପୁନର୍ବାର ଆରମ୍ଭ ହୋଇଥିଲା।

### ବାଇକ୍ ଧକ୍କାରେ ରାତ୍ର ଜଗୁଆଳିଙ୍କ ମୃତ୍ୟୁ

**ଗୋପ,୨୧।୧(ଭାରତୀ ଭୂଷଣ ଉପାଧ୍ୟାୟ)**

ଗୋପ-ବାଲିଘାଇ ରାସ୍ତାର ନେତପୁର ନିକଟସ୍ଥ ବେଲପଣ୍ଡୁଆଠାରେ ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ହେଲେ ନାଗପୁର ଗ୍ରାମର ନଳିନୀକାନ୍ତ ମଲ୍ଲିକ (୩୮)। ପ୍ରକାଶ ଯେ, ନଳିନୀକାନ୍ତ ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ୍‌ରେ କିଛି ବର୍ଷ ହେବ ରାତ୍ର ଜଗୁଆଳି ଭାବେ କାର୍ଯ୍ୟ କରୁଥିଲେ। ପ୍ରତିଦିନ ପରି ଯୁବକ ଜଣଙ୍କ ସ୍କୁଲ୍‌କୁ ଡ୍ୟୁଟି କରିବାକୁ ଆସିଥିଲେ। ରାତି ୯ଟାରେ ଗୋପ ବଜାରରୁ ସେ ଘରକୁ ଖାଇବାକୁ ଯାଇଥିଲେ। କୌଣସି କାମରେ ଏହି ଯୁବକ ଜଣଙ୍କ ନେତପୁର ଏକ ବିବାହ ଭୋଜିରେ ଯୋଗଦେବାକୁ ଯାଉଥିବା ବେଳେ ବାଇକ୍ ଧକ୍କା ହୋଇଥିଲା। କିଛି ସମୟ ପରେ ସ୍ଥାନୀୟ ଲୋକେ ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବିଭୂ ପ୍ରସାଦ ନାୟକ ମୃତ ଘୋଷଣା କରିଥିଲେ।

# ଶ୍ରୀମନ୍ଦିର ଉପରେ ଉଡୁଥିବା ଡ୍ରୋନ୍ ଜବତ

**ପୁରୀ,୨୧।୧(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ସୁରକ୍ଷାରେ ବାରମ୍ବାର ତ୍ରୁଟି ଦେଖିବାକୁ ମିଳୁଛି। କିଛିଦିନ ପରେ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଉଡୁଥିବା ଘଟଣା ଦେଖିବାକୁ ମିଳୁଛି। ପୋଲିସ ଉକ୍ତ ଡ୍ରୋନ୍ ଜବତ କରିବା ସହ ଡ୍ରୋନ୍ ଚଳାଉଥିବା ବ୍ୟକ୍ତିଙ୍କୁ କାବୁ କରିଛନ୍ତି। ବ୍ୟକ୍ତି ଜଣଙ୍କ ହେଲେ କଟକର ମଧୁସୂଦନ ଷଡ଼ଙ୍ଗୀ (୨୫)।

ସୂଚନାଯୋଗ୍ୟ, ବୁଧବାର ଅପରାହ୍ନରେ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ ଉଡୁଥିବା ଦେଖିବାକୁ ମିଳିଛି। ଏସ୍‌ପି ପ୍ରତୀକ ସିଂହଙ୍କ ନିର୍ଦ୍ଦେଶକ୍ରମେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଡ୍ରୋନ୍‌ର ପିଛା କରି ଦୋଳମଣ୍ଡପ ସାହି ଜହ୍ନମୁଣ୍ଡିଆ ଛକ ନିକଟରୁ କାବୁ କରିଥିଲା। ସିଂହଦ୍ୱାର ପୋଲିସ ଡ୍ରୋନ ଉଡ଼ାଉଥିବା ବ୍ୟକ୍ତିଙ୍କୁ ମଧ୍ୟ ଅଟକ ରଖି ପଚରାଉଚରା କରୁଛି।



ମଧୁସୂଦନ ଷଡ଼ଙ୍ଗୀ

ପୋଲିସ ପ୍ରଶାସନର ଏତେ ସୁରକ୍ଷା ସତ୍ତ୍ୱେ ଅନେକ ସମୟରେ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଉଡିଥିବା ଦେଖିବାକୁ ମିଳୁଛି। ଏଥିପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି କରାଯାଇଛି।

# ଶ୍ରୀମନ୍ଦିରକୁ ବୋମାମାଡ଼ ଘଟଣାରେ ଅଭିଯୁକ୍ତ ଗିରଫ

**ପୁରୀ,୨୧।୧(ଅଜିତ୍ କୁମାର ମହାନ୍ତି)**

ଫେସ୍‌ବୁକ୍‌ରେ ଧମକପୂର୍ଣ୍ଣ ପୋଷ୍ଟର ପର୍ଦ୍ଦାଫାଶ କରିଛି ପୁରୀ ପୋଲିସ। ଏହାର ତଦନ୍ତ ପରେ ଜଣାପଡ଼ିଛି, ପ୍ରତୀକ ମିଶ୍ର ନାମକ ଜଣେ ବ୍ୟକ୍ତି ଏପରି କାର୍ଯ୍ୟ କରିଛନ୍ତି। ଏ ନେଇ ତାଙ୍କ ବିରୋଧରେ ସିଂହଦ୍ୱାର ଥାନାରେ କେସ୍ ନଂ.୧୮/୨୬ରେ ଏକ ମାମଲା ରୁଜୁ ହେବା ସହ ତାଙ୍କୁ ଗିରଫ କରାଯାଇଛି।

ପ୍ରତୀକ ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ସେ ରାଜି ନ ହେବାରୁ ତାଙ୍କ ସିମ୍ ବ୍ୟବହାର କରି ୧୧ ତାରିଖରେ ଆକାଉଣ୍ଟ ଖୋଲି ତାଙ୍କୁ ବଦ୍‌ନାମ କରିବାକୁ ଏଭଳି କରିଥିବା ସେ ପୋଲିସ୍ ଆଗରେ ସ୍ୱୀକାର କରିଛନ୍ତି।

ସୂଚନାଯୋଗ୍ୟ, ପୁରୀ ଜଗନ୍ନାଥ ମନ୍ଦିରରେ ଖୁବ୍‌ଶୀଘ୍ର ବୋମା ପଡ଼ିବ, ପୁରୀ ଗ୍ରାଣ୍ଡ ସେଣ୍ଟରରେ ଗୁଳି ଫୁଟେଇବୁ ଏବଂ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆଙ୍କୁ ଗୁଳିମାଡ଼ ହେବା ନେଇ ମଙ୍ଗଳବାର ଏକ ଫେସ୍‌ବୁକ୍ ଆଇଡି ମାଧ୍ୟମରେ ପୋଷ୍ଟ ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହୋଇଥିଲା। ଏହାକୁ ନେଇ ପୁରୀରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଏକ ଫେସ୍‌ବୁକ୍ ଆଇଡିରୁ ଏପରି ଧମକପୂର୍ଣ୍ଣ ପୋଷ୍ଟ କରାଯାଇଥିଲା। ଏପରି ପୋଷ୍ଟ ଭାଇରାଲ ହେବାପରେ ପୁରୀ ପୋଲିସ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଥିଲା।

**ମନ୍ଦିରକୁ ଜଗିଛନ୍ତି ସ୍ୱତନ୍ତ୍ର ସୁରକ୍ଷା ବାହିନୀ, ସ୍ୱତନ୍ତ୍ର କମାଣ୍ଡୋ**

ଏନେଇ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ଏକ ଫେସ୍‌ବୁକ୍ ଆଇଡିରେ କିଛି ଧମକପୂର୍ଣ୍ଣ ପୋଷ୍ଟ କରାଯାଇଥିବା ନଜରକୁ ଆସିଥିଲା। ସାଇବର ଥାନା ପକ୍ଷରୁ ଉକ୍ତ ସୋସିଆଲ ମିଡିଆକୁ ତଥ୍ୟ ସଂଗ୍ରହ ପାଇଁ ଚିଠି କରାଯାଇଛି। ପୋଷ୍ଟକୁ ଯାଞ୍ଚ କରିବା ଲାଗି ସିଟି ଡିଏସ୍‌ପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଯାଞ୍ଚ କରାଯାଉଛି। ସୁରକ୍ଷା କଡ଼ାକଡ଼ି କରାଯିବା ସହ ସମସ୍ତଙ୍କୁ ଆଲର୍ଟ କରାଯାଇଛି। ଶ୍ରୀମନ୍ଦିରର ସ୍ୱତନ୍ତ୍ର ସୁରକ୍ଷା ବାହିନୀ ଏବଂ ସ୍ୱତନ୍ତ୍ର କମାଣ୍ଡୋ ମନ୍ଦିର ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ପୁରୀ ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ବଢ଼ାଯାଇଛି। ବମ୍ ସ୍କ୍ୱାଡ୍ ପ୍ରତିଦିନ ଶ୍ରୀମନ୍ଦିର ଚାରିପାଖକୁ ତନଖି କରୁଛନ୍ତି।

ରାଜ୍ୟ ସଭା ସଦସ୍ୟ ଖୁଣ୍ଟିଆ କହିଛନ୍ତି, ଦୁଇଦିନ ତଳେ ମୋ ମୋବାଇଲ୍‌କୁ ଗୋଟିଏ ନମ୍ବରରୁ ମେସେଜ୍ ଯୋଗେ ୧୦ ଲକ୍ଷ ଟଙ୍କା ଦାବି ସହ ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେବା ପାଇଁ ଧମକ ଆସିଥିଲା। ଏହା ଫେକ୍ ମେସେଜ୍ ଭାବି ଅଣଦେଖା କରିଥିଲି। ମଙ୍ଗଳବାର ସୋସିଆଲ ମିଡିଆରେ ପୁଣି ଜୀବନରୁ ମାରିଦେବାକୁ ତଥା ଗୁଳିମାଡ଼ କରିବାକୁ ଧମକ ଆସିଛି। ଏନେଇ ପୋଲିସକୁ ଅବଗତ କରାଇଛି। ମୁଁ ଓ ମୋ ପରିବାରର ସୁରକ୍ଷା ବୃଦ୍ଧି ପାଇଁ ପୁରୀ ଏସ୍‌ପିଙ୍କୁ ନିବେଦନ କରିଛି। ଏହି ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସୋସିଆଲ ମିଡିଆ ଏକ୍ସ ମାଧ୍ୟମରେ ପୁରୀ ଶ୍ରୀମନ୍ଦିର ସୁରକ୍ଷା ଏବଂ ତାଙ୍କ ଜୀବନ ରକ୍ଷା ପାଇଁ ନିବେଦନ କରିଛନ୍ତି।

# ଲଙ୍କେଶ୍ୱରୀ ମୋଟର୍ସ ପକ୍ଷରୁ ଟାଟା ସିଏରାର ବଜାର ପ୍ରବେଶ

ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)



ଟାଟା ମୋଟର୍ସର ସମ୍ବଲପୁରର ପଢ଼ିଆପଲୀର ଲଙ୍କେଶ୍ୱରୀ ମୋଟର୍ସ ପକ୍ଷରୁ ବୁଧବାର ନୂତନ ଟାଟା ସିଏରାର ବଜାର ପ୍ରବେଶ ହୋଇଛି। ଏହି ଅବସରରେ ପୂର୍ବତନ ବିଧାୟକ ନାଉରି ନାୟକ, ସମ୍ବଲପୁର ଆର୍‌ଟିଓ ରାମଦାସ ଟୁଡୁ, କଣ୍ଠଶିଳ୍ପୀ ସ୍ୱାଗତିକା ତ୍ରିପାଠୀ,ଲଙ୍କେଶ୍ୱରୀ ମୋଟର୍ସର ଡାଇରେକ୍ଟର ସରୋଜ କୁମାର ସାହୁ, ଭାଇସ୍ ପ୍ରେସିଡେଣ୍ଟ ଅଜୟ ପ୍ରସାଦ, ଜେନେରାଲ ମ୍ୟାନେଜର ରାଜ ସୁରୀ, ସେଲ୍‌ସ ମ୍ୟାନେଜର ଉପେନ୍ଦ୍ର ପୋଦ୍ଧା, ସର୍ଭିସ୍ ମ୍ୟାନେଜର ଆଶିଷ କୁମାର ଓ ସୋନାଲି ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଥାଉକି, ଟାଟା ସିଏରା ଗାଡିଟି ୧୯୯୧ରେ ଭାରତ ବଜାରରେ ଏସ୍‌ୟୁଭି ସେଗ୍‌ମେଣ୍ଟରେ ପ୍ରଥମ ପ୍ରବେଶ କରିଥିଲା। ବିକଶିତ ଜ୍ଞାନକୌଶଳ ସହ ପୁଣି ସିଏରା ବଜାର ପ୍ରବେଶ କରିଛି। ପେଟ୍ରୋଲ, ହାଇପେରିଅନ ଏବଂ ଡିଜେଲ ଏଭଳି ୩ ଇଞ୍ଜିନ ଉକ୍ତ ଗାଡିରେ ଉପଲବ୍ଧ ରହିଛି। ସିଏରାର ପ୍ରାରମ୍ଭିକ ମୂଲ୍ୟ ପେଟ୍ରୋଲ ଭର୍ସନ ୧୧.୪୯ ଲକ୍ଷରୁ ଆରମ୍ଭ ହୋଇ ୧୩ ଲକ୍ଷ ୨୦ ହଜାର ରହିଛି। ଡିଜେଲ ଭର୍ସନରେ ୧୨.୯୯ ଲକ୍ଷରୁ ୧୪ ଲକ୍ଷ ୯୦ ହଜାର ରହିଛି। କମ୍ପାନୀ ପକ୍ଷରୁ ନୂଆ ଭର୍ସନରେ ଆସିଥିବା ନ୍ୟୁ ପଞ୍ଚର ମଧ ଅନାବରଣ କରାଯାଇଛି। ଟାଟା ନ୍ୟୁ ପଞ୍ଚର ପେଟ୍ରୋଲ ଭର୍ସନର ୫ ଲକ୍ଷ ୫୯ ହଜାରରୁ ୬ ଲକ୍ଷ ୩୫ ହଜାର ରହିଛି।

## ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ସାଧାରଣ ବୈଠକ

ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)

ଇଣ୍ଡିଆନ ଚାମ୍ବର ଅଫ କମର୍ସ (ଆଇସିସି) ଓଡ଼ିଶା ରାଜ୍ୟ ପରିଷଦର ବାର୍ଷିକ ସାଧାରଣ ବୈଠକ ଭୁବନେଶ୍ୱରର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜୀବ ଶେଖର ସାହୁ ପୁଣି ଥରେ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଭାବରେ ଏବଂ ନୀଳଞ୍ଜନା ମୁଖାର୍ଜୀ ଉପାଧ୍ୟକ୍ଷା ହୋଇଛନ୍ତି। ଓଡ଼ିଶାରେ, ଇଣ୍ଡିଆନ ଚାମ୍ବର ଅଫ କମର୍ସ ବିଭିନ୍ନ ରାଜ୍ୟ କାର୍ଯ୍ୟାଳୟ ମଧ୍ୟରେ ସମନ୍ୱୟକୁ ସୁଗମ କରିବା, ଶିଳ୍ପ-ସମ୍ବନ୍ଧୀୟ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା ଏବଂ ପ୍ରଭାବଶାଳୀ ନୀତି ରଣନୀତି ପ୍ରସ୍ତୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। କାର୍ଯ୍ୟକ୍ରମରେ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ପୂର୍ବତନ ଅଧ୍ୟକ୍ଷ ଜେ. ବି. ପାଣି, ଆଞ୍ଚଳିକ ମୁଖ୍ୟ ଜେ. ପି. ପାଲ ଉପସ୍ଥିତ ଥିଲେ।

## ଅନୁ ଗର୍ଗଙ୍କୁ ଭେଟିଲେ ପରମେଶ୍ୱର ଫୁଙ୍କୱାଲ

ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)



ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ଭେଟି ରାଜ୍ୟରେ ରେଳ ଭିତ୍ତିଭୂମି ବିକାଶର ପ୍ରଗତି ସମ୍ବନ୍ଧୀୟ ବିଷୟଗୁଡ଼ିକ ଉପରେ ଗଠନମୂଳକ ଏବଂ ବ୍ୟାପକ ଆଲୋଚନା କରିଛନ୍ତି। ଏହି ବୈଠକରେ ମହାପ୍ରବନ୍ଧକ ବଡ଼ ଧରଣର ରେଳ କାର୍ଯ୍ୟ ସମ୍ପାଦନ ସମୟରେ ସାଧାରଣତଃ ଉପୁଜୁଥିବା ସମସ୍ୟାଗୁଡ଼ିକର ଏକ ସମୀକ୍ଷା ଅଂଶୀଦାର କରିଥିଲେ ଏବଂ ସେଗୁଡ଼ିକର ସମୟାନୁବର୍ତ୍ତୀ ସମାଧାନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଭୂମି ଅଧିଗ୍ରହଣ, ଜଙ୍ଗଲ ଅଧିକାର, ଜବରଦଖଲ ଉଚ୍ଛେଦ, ଉପଯୋଗିତା ସ୍ଥାନାନ୍ତର ଏବଂ ଦୀର୍ଘଦିନ ଧରି ପଡ଼ି ରହିଥିବା ଆଇନଗତ ମାମଲାଗୁଡ଼ିକର ଶୀଘ୍ର ସମାଧାନ ସମ୍ବନ୍ଧୀୟ ପ୍ରସଙ୍ଗ ଅନ୍ତର୍ଭୁକ୍ତ। ସେ ରୋଡ୍ ଓଭରବ୍ରିଜ୍ ନିର୍ମାଣ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଭିତ୍ତିଭୂମି ନିର୍ମାଣ ଭଳି କାର୍ଯ୍ୟର ସୁଗମ ସମ୍ପାଦନ ପାଇଁ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ମଧ ଗୁରୁତ୍ୱାରୋପ କରିଥିଲେ। ସେ ଆହୁରି ଉଲ୍ଲେଖ କରିଥିଲେ, ସମୟାନୁବର୍ତ୍ତୀ ନୀତିସ୍ତରୀୟ ନିଷ୍ପତ୍ତି ଏବଂ ଆବଶ୍ୟକ ପରିଚାଳନାଗତ ନିର୍ଦ୍ଦେଶନାମା ଜାରିକରିବା ପାଇଁ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ସୁଗମ କାର୍ଯ୍ୟାନ୍ୱୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମ୍ପୃକ୍ତ ବିଭାଗ ଏବଂ ଜିଲା ପ୍ରଶାସନ ସହିତ ପରାମର୍ଶ କରି ଉଠାଯାଇଥିବା ପ୍ରସଙ୍ଗଗୁଡ଼ିକର ଅନୁଧ୍ୟାନ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ।

## ସିଏମ୍‌ପିଡିଆଇ, ଏଚ୍‌ଏଲ୍‌ଏଲ୍ ମଧ୍ୟରେ ଏମ୍‌ଓୟୁ




ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)

ସେଣ୍ଟ୍ରାଲ ମାଇନ ପ୍ଲାନିଂ ଆଣ୍ଡ ଡିଜାଇନ ଇନ୍‌ଷ୍ଟିଚ୍ୟୁଟ୍(ସିଏମ୍‌ପିଡିଆଇ) ଏବଂ କେରଳର ଥିରୁଭାନନ୍ତପୁରମ୍‌ସ୍ଥିତ ଏଚ୍‌ଏଲ୍‌ଏଲ୍ ମ୍ୟାନେଜମେଣ୍ଟ ଏକାଡେମୀ ମଧ୍ୟରେ ଝାଡ଼ଖଣ୍ଡର ରାମଗଡ଼ ଜିଲାରେ ସିଏସ୍‌ଆର୍ ପ୍ରକଳ୍ପ ଅନିଭୃତ କାର୍ଯ୍ୟକାରୀ କରିବା ପାଇଁ ବୁଧବାର ରାଞ୍ଚିସ୍ଥିତ ସିଏମ୍‌ପିଡିଆଇ ମୁଖ୍ୟାଳୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି। ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରାମଗଡ଼ ଜିଲାର ୮୫ଟି ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ କିଶୋରୀ ଛାତ୍ରୀମାନଙ୍କ ମଧ୍ୟରେ ସୁସ୍ଥ ମାସିକ ଋତୁଚକ୍ର ସ୍ୱଚ୍ଛତା ଅଭ୍ୟାସକୁ ପ୍ରୋତ୍ସାହିତ କରିବା, ସ୍ୱଚ୍ଛତା ସୁବିଧାର ଉପଲବ୍ଧତା ନିଶ୍ଚିତ କରିବା ଏବଂ ନିରାପଦ ନିଷ୍କାସନକୁ ଉତ୍ସାହିତ କରିବା। ସିଏମ୍‌ପିଡିଆଇର ମହାପ୍ରବନ୍ଧକ (ଏଚ୍‌ଆର୍‌ଡି/ସିଏସ୍‌ଆର୍) ଡ. ଶିଶିର ଦତ୍ତ ଏବଂ ଏଚ୍‌ଏଲ୍‌ଏଲ୍ ମ୍ୟାନେଜମେଣ୍ଟ ଏକାଡେମୀର ଉପ-ଉପାଧ୍ୟକ୍ଷ ଶାମନାଦ ଶମସୁଦ୍ଦୀନ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଅନିଭୃତ ପ୍ରକଳ୍ପ ଅଧୀନରେ ସିଏମ୍‌ପିଡିଆଇ ନିର୍ଦ୍ଧାରିତ ବିଦ୍ୟାଳୟଗୁଡ଼ିକରେ ସାନିଟାରି ନାପ୍‌କିନ ଭେଣ୍ଡିଂ ମେଶିନ ଏବଂ ଇନ୍‌ସିନରେଟର୍ ସ୍ଥାପନ କରିବ। ପ୍ରାୟ ୨୧,୪୭୮ ଜଣ ଛାତ୍ରୀଙ୍କୁ ୧,୭୧,୮୨୪ ପ୍ୟାକ ସାନିଟାରି ନାପ୍‌କିନ ବଣ୍ଟନ କରିବ ଏବଂ ମାସିକ ଧର୍ମ ସ୍ୱାସ୍ଥ୍ୟ ସଚେତନତା ସମ୍ବନ୍ଧୀୟ ଅଧିବେଶନ ଆୟୋଜନ କରିବ।

## ଆଇଓବିକୁ ନରାକାସ୍ ପକ୍ଷରୁ ପ୍ରଥମ ପୁରସ୍କାର



ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)

ରାଷ୍ଟ୍ରାୟତ୍ତ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟକୁ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ସଂସ୍ଥା, ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ନରାକାସ୍) ତରଫରୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ଉପ ନିର୍ଦ୍ଦେଶକ ବିଚିତ୍ର ସେନଗୁପ୍ତା, ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱରର କ୍ଷେତ୍ରୀୟ ନିର୍ଦ୍ଦେଶକ ଡ. ସାରଦା ପ୍ରସନ ମହାନ୍ତି, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ, ଭୁବନେଶ୍ୱରର ମୁଖ୍ୟ ମହାପ୍ରବନ୍ଧକଙ୍କଠାରୁ ମୁଖ୍ୟକ୍ଷେତ୍ରୀୟ ପ୍ରବନ୍ଧକ ରାହୁଲ ଦୁବେ ଏବଂ କ୍ଷେତ୍ରୀୟ ରାଜଭାଷା ଅଧିକାରୀ ରାଜୀବ ରଞ୍ଜନ ଏହି ପୁରସ୍କାର ଗ୍ରହଣ କରିଛନ୍ତି।

## ବିଜିୟୁରେ ନୂଆ ପାଠ୍ୟକ୍ରମ

ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)

BGU BIRLA GLOBAL UNIVERSITY

ବିର୍ଲା ଗ୍ଲୋବାଲ ୟୁନିଭରସିଟି (ବିଜିୟୁ), ବିର୍ଲା ଗ୍ରୁପ୍‌ର ଏକ ପ୍ରମୁଖ ବିଶ୍ୱବିଦ୍ୟାଳୟ, ଏହାର 'ଏମ୍‌ବିଏ ଇନ୍‌କମ୍ୟୁନିକେଶନ ମ୍ୟାନେଜମେଣ୍ଟ' ପାଠ୍ୟକ୍ରମର ପ୍ରଥମ ବ୍ୟାଚ୍ (୨୦୨୬-୨୮) ପାଇଁ ଆବେଦନ ଜାରି ରହିଛି। ଏହି କାର୍ଯ୍ୟକ୍ରମ କର୍ପୋରେଟ୍, ମିଡିଆ, କନସଲ୍ଟିଂ ଏବଂ ପବ୍ଲିକ୍ ପଲିସି କ୍ଷେତ୍ରରେ ଦକ୍ଷ କମ୍ୟୁନିକେଶନ୍ ମ୍ୟାନେଜରଙ୍କ ଉଚ୍ଚ ଚାହିଦାକୁ ଦୃଷ୍ଟିରେ ରଖି ଆରମ୍ଭ କରାଯାଇଛି। ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ୨୦୨୦ ଅନୁଯାୟୀ, ଅନୁଶାସନମୂଳକ ଶିକ୍ଷା, ଅନୁଭବ ଆଧାରିତ ଶିକ୍ଷଣ ଏବଂ କ୍ଷମତା-ଆଧାରିତ ଫଳାଫଳକୁ ଗୁରୁତ୍ୱ ଦେଇ, ବିଜିୟୁ ଏହାର ପ୍ରବନ୍ଧନ ଶିକ୍ଷା ପୋର୍ଟଫୋଲିଓକୁ ଅଧିକ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି, ଯେଉଁଠାରେ କମ୍ୟୁନିକେଶନ ଆଧାରିତ ନେତୃତ୍ୱକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। 'ଏମ୍‌ବିଏ ଇନ୍ କମ୍ୟୁନିକେସନ ମ୍ୟାନେଜମେଣ୍ଟ' କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ବ୍ରାଣ୍ଡ କମ୍ୟୁନିକେଶନ୍, କର୍ପୋରେଟ୍ କମ୍ୟୁନିକେସନ୍ ପ୍ରବନ୍ଧନ, ସମସ୍ୟାପରିଚାଳନା, ମିଡିଆ ପରିଚାଳନା ଏବଂ ଡିଜିଟାଲ କମ୍ୟୁନିକେଶନ୍ ଭଳି ଦ୍ରୁତ ବଦଳୁଥିବା କ୍ଷେତ୍ରଗୁଡ଼ିକୁ ସଫଳତାର ସହିତ ସମ୍ଭାଳିବା ପାଇଁ ପ୍ରସ୍ତୁତ କରିବା ଲକ୍ଷ୍ୟରେ ପ୍ରସ୍ତୁତ କରାଯାଇଛି।

DSPL-486




କୃଷି ଓଡ଼ିଶା-୨୦୨୬
ଅନ୍ତର୍ଭୁକ୍ତିକରଣ ମାଧ୍ୟମରେ ସହନଶୀଳ କୃଷି

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆଭିମୁଖ୍ୟ

ଲାଭଜନକ କୃଷି ପାଇଁ ସର୍ବୋତ୍ତମ ମାନର ଉତ୍ପାଦ, ବୈଜ୍ଞାନିକ ପଦ୍ଧତି ଓ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରଦର୍ଶନ

ବଜାର ସହଭାଗୀ, ସେବା ପ୍ରଦାନକାରୀ ଏବଂ କୃଷି ଉଦ୍ୟୋଗୀମାନଙ୍କ ମଧ୍ୟରେ ସମ୍ପର୍କର ଏକ ମଞ୍ଚ ସୃଷ୍ଟି କରିବା

କୃଷି ଶିକ୍ଷା ଶିବିର ମାଧ୍ୟମରେ ଆଲୋଚନାଚକ୍ର

ଆଧୁନିକ କୃଷି ଯନ୍ତ୍ରପାତିର ପ୍ରଦର୍ଶନ

୨୨ - ୨୪ ଜାନୁଆରୀ ୨୦୨୬
ବିଜୁ ପଟ୍ଟନାୟକ ଖେଳପଡ଼ିଆ, ବରମୁଣ୍ଡା

OIPR-

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

# ଟ୍ରେଲରକୁ ଧକ୍କାଦେଲା ଥାର୍: ୩ମୃତ

**ଅଟକି ରହିଲା ଶତାଧିକ ଗାଡ଼ି, ୧ ଘଣ୍ଟା ରାସ୍ତା ଜାମ୍**

ଯାଁଳା/ଜଟଣୀ/ଖୋର୍ଦ୍ଧା,୨୧।୧(ବୁଲା ବାରିକ/ରବୀନ୍ଦ୍ରନାଥ ମହାକୁଡ/ ପ୍ରଭାତ ପାଣିଗ୍ରାହୀ)

୧୬ ନମ୍ବର ଜାତୀୟ ରାଜପଥର ଗଙ୍ଗାପଡ଼ା ଛକର ପୁରୁଣା ଟୋଲ ଗେଟ୍ ନିକଟରେ ବୁଧବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଟ୍ରେଲରକୁ ପଛପଟୁ ଥାର୍ ଗାଡ଼ି ଧକ୍କା ଦେବାରୁ ୩ଜଣଙ୍କ ଜୀବନ ଯାଇଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ଇନ୍‌ଫୋଭ୍ୟାଲି ଥାନା ଅଧୀନ ମଦନପୁର ପଞ୍ଚାୟତର କାଇମାଟିଆ ଜିନେଷ୍ଟ ଆପାର୍ଟମେଣ୍ଟରେ ରହୁଥିବା ହର୍ଷ, ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ରହୁଥିବା ସୁଦୁ ଓ କରନ। ଆହତ ଯୁବକ ହେଲେ ଆଲେକ୍ସ। ଦୁର୍ଘଟଣା ଯୋଗୁ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଟ୍ରେଲର ସହ ଧକ୍କା ହୋଇ ଥାର୍ ସମ୍ମୁଖ ଭାଗ ଲାଖିଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚିଥିଲା। ପୋଲିସ ମୃତାହତମାନଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପରେ ଗୁରୁତର ଆହତ ଯୁବକଙ୍କୁ ଭୁବନେଶ୍ୱର ଏମ୍ସ ସ୍ଥାନାନ୍ତରିତ କରାଯାଇଛି। ଦୁର୍ଘଟଣା ପରେ ଜାତୀୟ ରାଜପଥ ପ୍ରାୟ ଏକ ଘଣ୍ଟା ଧରି ଜାମ୍ ହୋଇଥିଲା। ରାସ୍ତାରେ ଶହ ଶହ ଗାଡ଼ି ଅଟକି ରହିଥିଲେ। ପୋଲିସ ପହଞ୍ଚି ରାସ୍ତାରୁ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ହଟାଇବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା।

ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୯ଟା ବେଳେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଏକ ଟ୍ରେଲର ଯାଉଥିଲା। ସେହି ଦିଗରେ ଏକ ଥାର୍ ଦ୍ରୁତଗତିରେ ଯାଇ ଟ୍ରେଲର ପଛପଟେ ଧକ୍କା ଦେଇଥିଲା। ଥାର ଗାଡ଼ିରେ ୪ ଜଣ ଯୁବକ ଥିବାବେଳେ ସେମାନେ ତାଙ୍କ ସାଙ୍ଗଙ୍କୁ ପିତାପଲ୍ଲୀ ଛାଡ଼ିବା ପାଇଁ ଯାଉଥିଲେ। ଗଙ୍ଗପଡ଼ା ପୁରୁଣା ଟୋଲ ଗେଟ୍ ନିକଟରେ ଗାଡ଼ିଟି ଏତେ ଜୋର ଧକ୍କା ଦେଇଥିଲା ଯେ, ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ଦେଖିବା ବେଳକୁ ଥାର ଗାଡ଼ିଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ୪ଜଣ ଯୁବକ ଚାପି ହୋଇରହିଥିଲେ। ସ୍ଥାନୀୟ ଲୋକେ ଚାପି ହୋଇଥିବା ଯୁବକମାନଙ୍କୁ ଉଦ୍ଧାର କରିବାବେଳେ ୩ଜଣଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ଜଣେ ଗୁରୁତର ଅବସ୍ଥାରେ ଥିଲେ। ସମସ୍ତଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା।


ଦୁର୍ଘଟଣାଗ୍ରସ୍ତ ଥାର୍ ଗାଡ଼ି।

## ରାଜଧାନୀରେ କିଲର ଥାର୍

ଭୁବନେଶ୍ୱର,୨୧।୧(ତ୍ରିନାଥ ମହାନ୍ତି)

■ବୁଲେଟକୁ ଧକ୍କାଦେବାରୁ ଜଣେ ମୃତ, ୨ ଗୁରୁତର

■ ଚନ୍ଦକାରେ ଥାର୍ ସହ ଭେନ୍ୟୁ ମୁହାଁମୁହିଁ, ୨ଆହତ

ରାଜଧାନୀରେ କିଲର ସାଜିଛି ଥାର୍। କ୍ୟାପିଟାଲ ହସ୍ପିଟାଲ ଛକରେ ଏକ ବୁଲେଟକୁ ଥାର୍ ଧକ୍କା ଦେଇଛି। ଫଳରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ପୁରୁଣା ଭୁବନେଶ୍ୱରର ରାଜା ପେବିନ୍। ମଙ୍ଗଳବାର ବିଳମ୍ବିତ ରାତିରେ ରାଜା ୨ଜଣ ସାଙ୍ଗଙ୍କ ସହ ବୁଲେଟରେ କ୍ୟାପିଟାଲ ହସ୍ପିଟାଲ ଛକରୁ ୟୁ ଟର୍ନ କରୁଥିବାବେଳେ ଏଜି ଛକ ପଟୁ ଦ୍ରୁତ ଗତିରେ ଆସୁଥିବା ଥାର୍ ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ବୁଲେଟରେ ଥିବା ୩ଜଣ ମଧ୍ୟରୁ ଜଣଙ୍କ ଘଟଣାସ୍ଥଳରେ ହିଁ ରାଜାଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ୨ଜଣ ଗୁରୁତର ଆହତ ହୋଇ ଏବେ ଏମ୍‌ସରେ ଭର୍ତ୍ତି ହୋଇଛନ୍ତି। ପୋଲିସ ଦୁଇଟି ଗାଡ଼ିକୁ ଜବତ କରି ତଦନ୍ତ କରୁଛି। ସେହିପରି ବୁଧବାର ସକାଳେ ଭୁବନେଶ୍ୱର ଚନ୍ଦକା ଥାନା ଅଞ୍ଚଳରେ ଥାର୍ ଗାଡ଼ି ସହ ଭେନ୍ୟୁ କାର୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଦୁଇ ଗାଡ଼ି ଚାଳକ ଆହତ ହୋଇଛନ୍ତି । ଥାର୍‌ରେ ଦମ୍ପତି ବସି ସକାଳୁ ଭୁବନେଶ୍ୱର ଆସୁଥିବାବେଳେ କୁଜିମହଲ ଛକରେ ଦ୍ରୁତ ଗତିରେ ଆସୁଥିବା ଭେନ୍ୟୁ ସହ ମୁହାଁମୁହିଁ ଧକ୍କାଦେଇ ଓଲଟି ପଡ଼ିଥିଲା। ଚନ୍ଦକା ପୋଲିସ ପହଞ୍ଚି ୩ଜଣଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ପୂର୍ବରୁ ଲକ୍ଷ୍ମୀସାଗର ଛକରେ ଏକ ଥାର୍ ଗାଡ଼ି ବାଇକ୍ ଚାଳକଙ୍କୁ ଧକ୍କା ଦେଇ ୫୦୦ ମିଟର ଘୋଷାଡ଼ି ନେଇଥିଲା। ରାଜଧାନୀରେ ଥାର୍ ଗାଡ଼ିରେ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଏହି ଗାଡ଼ିକୁ ଦେଖି ଲୋକେ ଡରିଲେଣି। ଯେଉଁମାନେ ନିଶାଗ୍ରସ୍ତ ଅବସ୍ଥାରେ ଥାର୍ ଚଲାଉଛନ୍ତି ସେମାନେ ଗାଡ଼ିର ଭାରସାମ୍ୟକୁ ସମ୍ଭାଳି ପାରୁ ନ ଥିବାରୁ ଦୁର୍ଘଟଣା ବଢ଼ୁଛି ବୋଲି ବିଶେଷଜ୍ଞ ମତ ଦେଇଛନ୍ତି।

## ଓଡ଼ିଆ ଚଳଚ୍ଚିତ୍ର 'ଅପେକ୍ଷା'ର ଟ୍ରେଲର ରିଲିଜ୍

ଭୁବନେଶ୍ୱର,୨୧।୧ (ସୌମ୍ୟରଞ୍ଜନ ରାଉତ)

**ଫେବୃଆରୀ ୬ରେ ମୁକ୍ତିଲାଭ କରିବ**

ଷ୍ଟୁଡିଓ 3sixty5 ବ୍ୟାନରରେ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ଅପେକ୍ଷା'ର ଅଡିଓ ଏବଂ ଟ୍ରେଲର ରିଲିଜ୍ ହୋଇଛି। ଏନେଇ ବୁଧବାର ପ୍ରେସ୍ କ୍ଲବ୍‌ଠାରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ପ୍ରଥମେ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଅତିଥି ଭାବେ ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ରମେଶ ବାରିକ, ଶ୍ରୀଧର ମାର୍ଥା, ହିନ୍ଦୁସ୍ତାନ ଆଡ୍‌ଭର୍ଟାଇଜିଂ ଏଜେନ୍ସିର ନିର୍ଦ୍ଦେଶକ ସୁଜିତ କୁମାର ରାଉତ ପ୍ରମୁଖ ଯୋଗଦେଇ ଚଳଚ୍ଚିତ୍ରର ସଫଳତା କାମନା କରିଥିଲେ। ଡ. କେ ତମନ୍ନାଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରର କାହାଣୀ, ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଆନନ୍ଦ କୁମାର। ଚଳଚ୍ଚିତ୍ରରେ ଯୁବ କଳାକାର ସାର୍ଥକ, ଶୁଭାଙ୍ଗୀ, ସୌମ୍ୟ, ବନ୍ଦନା ପ୍ରମୁଖ ଭୂମିକାରେ ଅଭିନୟ କରିଥିବାବେଳେ ଅନ୍ୟ ଚରିତ୍ରରେ ଚୌଧୁରୀ ବିକାଶ ଦାସ, ପ୍ରଦୀପ ଦେବତା, ଶକ୍ତି ବରାଳ, ପୁଷ୍ପା ପଣ୍ଡା, ଅଲିଭା ଦାଶ, ଐଶ୍ୱର୍ଯ୍ୟା ଏବଂ ଗୁଡୁଙ୍କ ଭଳି କଳାକାର ନଜରକୁ ଆସିବେ। ସେହିପରି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ। ଏଥିରେ ଚିରାଗଦୀପ ପଣ୍ଡା, ହ୍ୟୁମାନ ସାଗର, ଅସୀମା ପଣ୍ଡା, ଈପ୍‌ସିତା ସାହୁ ଏବଂ ଉମାକାନ୍ତ ବାରିକ ଗୀତ ଗାଇଛନ୍ତି। ଏହି ଉତ୍ସବରେ ପ୍ରଯୋଜକ ଡ. କେ ତମନ୍ନା, ଫିଲ୍ମର କ୍ରିଏଟିଭ ପବ୍ଲିସିଟି ଡିଜାଇନର ଶ୍ୟାମା ପ୍ରସାଦ ମିଶ୍ର, ଚଳଚ୍ଚିତ୍ର ସାମ୍ବାଦିକ ହରପ୍ରସାଦ ମହାପାତ୍ରଙ୍କ ସମେତ ସମସ୍ତ କଳାକାର, କଣ୍ଠଶିଳ୍ପୀ ଓ ଟେକ୍ନିସିଆନ୍ ଉପସ୍ଥିତ ଥିଲେ। ଚଳଚ୍ଚିତ୍ର 'ଅପେକ୍ଷା' ଆସନ୍ତା ଫେବୃଆରୀ ୬ରେ ମୁକ୍ତିଲାଭ କରିବ ବୋଲି ସୂଚନା ଦିଆଯାଇଛି।



ପ୍ରେସ୍ କ୍ଲବ୍‌ଠାରେ ଚଳଚ୍ଚିତ୍ର 'ଅପେକ୍ଷା'ର ଟ୍ରେଲର ରିଲିଜ୍ କରାଯାଉଛି।

## ଓଏସ୍ଏସ୍‌ସିର ୬ ବର୍ଷ ବାସନ୍ଦ ଆଦେଶ ହାଇକୋର୍ଟରେ ରଦ୍ଦ

କଟକ,୨୧।୧(କାର୍ତ୍ତିକ ସାହୁ)

**କନିଷ୍ଠ ଯନ୍ତ୍ରୀ (ସିଭିଲ) ନିଯୁକ୍ତି ପ୍ରଶ୍ନପତ୍ର ପ୍ରଘଟ ମାମଲା**

ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ (ଓଏସ୍ଏସ୍‌ସି) ଦ୍ୱାରା ପରିଚାଳିତ କନିଷ୍ଠ ଯନ୍ତ୍ରୀ (ସିଭିଲ) ନିଯୁକ୍ତି ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ମାମଲାର ରାୟ ପ୍ରକାଶ ପାଇଛି। ହାଇକୋର୍ଟ ବିଚାରପତି ବିରଜା ପ୍ରସନ୍ନ ଶତପଥୀ ମାମଲାର ରାୟ ପ୍ରକାଶ କରି ଓଏସ୍ଏସ୍‌ସି କମିଶନରଙ୍କ ଦ୍ୱାରା ୨୦୨୫ ମେ' ୧୨ରେ କେତେଜଣ ପରୀକ୍ଷାର୍ଥୀଙ୍କୁ ପରୀକ୍ଷାରୁ ୬ ବର୍ଷ ବାସନ୍ଦ କରିଥିବା ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି, ଯେଉଁମାନଙ୍କ ବିରୋଧରେ ଚାର୍ଜଶିଟ ଦାଖଲ ହୋଇନାହିଁ, ସେମାନଙ୍କ ପରୀକ୍ଷା ଫଳ ପ୍ରକାଶ କରାଯାଉ ଏବଂ ସେମାନଙ୍କୁ ନିଯୁକ୍ତି ସୁଯୋଗ ଦିଆଯାଉ। ଅଦାଲତ ରାୟରେ ସ୍ପଷ୍ଟ କରିଛନ୍ତି, ଯଦି ଭବିଷ୍ୟତରେ ତଦନ୍ତ ସରିବା ପରେ କୌଣସି ପରୀକ୍ଷାର୍ଥୀଙ୍କ ବିରୋଧରେ ଚାର୍ଜଶିଟ ଦାଖଲ ହୁଏ, ତେବେ ସେମାନଙ୍କ ବିରୋଧରେ ବାସନ୍ଦ ଆଦେଶ ପୁଣି ଲାଗୁ ହୋଇପାରିବ। ବର୍ତ୍ତମାନ ପାଇଁ ଯୋଗ୍ୟ ବିବେଚିତ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ପ୍ରକ୍ରିୟାରେ ସାମିଲ କରିବାକୁ ରାୟରେ କୁହାଯାଇଛି।

ମାମଲାର ବିବରଣୀ ଅନୁସାରେ, ଓଏସ୍ଏସ୍‌ସି ପକ୍ଷରୁ ୨୦୨୨ ନଭେମ୍ବର ୨ରେ ୧୦୦୮ ସଂଖ୍ୟକ କନିଷ୍ଠ ଯନ୍ତ୍ରୀ (ସିଭିଲ) ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆବେଦନକାରୀ ପ୍ରାର୍ଥୀମାନେ ୨୦୨୩ ଜୁନ ୪ରେ ପ୍ରାଥମିକ ପରୀକ୍ଷା ଦେଇଥିଲେ। ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ପ୍ରାର୍ଥୀମାନେ ୨୦୨୩ ଜୁଲାଇ ୧୬ରେ ମୁଖ୍ୟ ଲିଖିତ ପରୀକ୍ଷା ଦେଇଥିଲେ। ସେହି ପରୀକ୍ଷା ଦିନ ସକାଳେ ବାଲେଶ୍ୱର ଜିଲାର ସହଦେବଖୁଣ୍ଟା ପୋଲିସ ଷ୍ଟେଶନରେ ଏକ ମାମଲା ରୁଜୁ ହୋଇଥିଲା। ପଶ୍ଚିମବଙ୍ଗର ଏକ ପ୍ରିଣ୍ଟିଂ ପ୍ରେସରୁ ପ୍ରଶ୍ନପତ୍ର ଚୋରି ହୋଇଥିବା ଓ କେତେଜଣ ଅସାଧୁ ବ୍ୟକ୍ତି ତାଳସାରୀ ସମୁଦ୍ର କୂଳରେ ପରୀକ୍ଷାର୍ଥୀମାନଙ୍କୁ ପ୍ରଶ୍ନପତ୍ର ଯୋଗାଇ ଦେଉଥିବା ସଂକ୍ରାନ୍ତରେ ଥାନାରେ ରୁଜୁ ମାମଲାରେ ଦର୍ଶାଯାଇଥିଲା। ପ୍ରଶ୍ନପତ୍ର ପ୍ରଘଟ ରିପୋର୍ଟ ଆଧାରରେ ଓଏସ୍ଏସ୍‌ସି ମୁଖ୍ୟ ପରୀକ୍ଷାକୁ ବାତିଲ କରିଥିଲେ। ଏଥିସହ ୨୦୨୩ ସେପ୍ଟେମ୍ବର ୩ରେ ପୁଣି ପରୀକ୍ଷା କରାଇଥିଲେ। ଅନ୍ୟପକ୍ଷରେ ଏତଲାରେ ନାମ ଥିବା ଆଧାରରେ ଓଏସ୍ଏସ୍‌ସି ପକ୍ଷରୁ କେତେଜଣ ପରୀକ୍ଷାର୍ଥୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ପୁଣି ୨୦୨୫ ଜୁଲାଇ ୧୨ରେ ଏକ ଆଦେଶନାମା ଜରିଆରେ କେତେଜଣ ପରୀକ୍ଷାର୍ଥୀଙ୍କୁ ୬ବର୍ଷ ପାଇଁ କୌଣସି ପରୀକ୍ଷାରେ ଭାଗ ନେବାକୁ ବାସନ୍ଦ କରାଯାଇଥିଲା। ମାମଲାର ତଦନ୍ତକାରୀ ଅଧିକାରୀ ଅଦାଲତରେ ହାଜର ହୋଇ ଜଣାଇଥିଲେ ଯେ, ତଦନ୍ତ ଜାରି ରହିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଆବେଦନକାରୀଙ୍କ ବିରୋଧରେ କୌଣସି ପ୍ରମାଣ ମିଳିନାହିଁ। ସେହିପରି ସେମାନଙ୍କ ବିରୋଧରେ କୌଣସି ଚାର୍ଜଶିଟ ଦାଖଲ ହୋଇନାହିଁ। ପରୀକ୍ଷାର୍ଥୀଙ୍କ ବିରୋଧରେ କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ନ ଥିବାରୁ ଅଦାଲତ ବାସନ୍ଦ ଆଦେଶକୁ ରଦ୍ଦ କରିଛନ୍ତି।

## ସ୍କୁଲ ପିଲାଙ୍କୁ ଉଠାଇଲାନି ଆମ ବସ୍

ବାରଙ୍ଗ,୨୧।୧(ଲିଙ୍ଗରାଜ ରାଉତ)

**ବିରୋଧ କରି ଗାଡ଼ି ଅଟକାଇଲେ ଗ୍ରାମବାସୀ**

ଚନ୍ଦକା ନିକଟସ୍ଥ ଭୋଳା ଗ୍ରାମମୁଣ୍ଡ ବସ୍ ଷ୍ଟପେଜରେ ବୁଧବାର ଆମ ବସ୍ ସ୍କୁଲ ପିଲାଙ୍କୁ ବସ୍‌ରେ ଉଠାଇ ନ ଥିଲା। ଫଳରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଉକ୍ତ ବସ୍‌କୁ ଅଟକାଇଥିଲେ। ପରେ ଗ୍ରାମବାସୀ ଏବଂ ବସ୍ କଣ୍ଡକ୍ଟରଙ୍କ ମଧ୍ୟରେ ବଚସା ହେବାରୁ ଏହା ଉତ୍ତେଜନାର ରୂପ ନେଇଥିଲା। ଖବରପାଇ ଚନ୍ଦକା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ବସ୍‌କୁ ଥାନାକୁ ନେଇଥିଲା। ପରେ ପୋଲିସ ଉପସ୍ଥିତିରେ ଗ୍ରାମବାସୀଙ୍କ ସହ ଆଲୋଚନା କରାଯିବା ପରେ କଣ୍ଡକ୍ଟର ନିଜର ଭୁଲ୍ ସ୍ୱୀକାର କରିଥିଲେ। ପରେ ବସ୍ ଚଳାଚଳ ସ୍ୱାଭାବିକ ହୋଇଥିଲା।

ବୁଧବାର ସକାଳେ ଭୋଳା ଗ୍ରାମର କିଛି ପିଲା କଣ୍ଟାବାଡ଼ ସ୍କୁଲକୁ ପଢ଼ିବାକୁ ଯିବା ପାଇଁ ଗାଁ ମୁଣ୍ଡରେ ଥିବା ଆମ ବସ ଷ୍ଟପେଜ୍‌କୁ ଅପେକ୍ଷା କରିଥିଲେ। ଏହି ରାସ୍ତାରେ କଟକରୁ ଖୋର୍ଦ୍ଧା ଚାଲୁଥିବା ୪୮ନଂ ବସ୍ ଭୋଳା ନିକଟରୁ ଯାତ୍ରୀମାନଙ୍କୁ ଉଠାଇଥିଲେ, କିନ୍ତୁ ଅପେକ୍ଷା କରିଥିବା ସ୍କୁଲ ପିଲାଙ୍କୁ କଣ୍ଡକ୍ଟର ଉଠାଇନଥିଲେ। ଏବଂ ବସ୍‌ରେ ଚଢିଥିବା ସମସ୍ତ ପିଲାଙ୍କୁ ଓହ୍ଲାଇ ଦେଇଥିଲେ। ପରେ ସ୍ଥାନୀୟ ଲୋକେ ଏହା ଦେଖି କଣ୍ଡକ୍ଟରଙ୍କ ଏପରି ବ୍ୟବହାରକୁ ବିରୋଧ କରିଥିଲେ।

## ଯୁବକଙ୍କୁ ଛୁରିଭୁସି ହତ୍ୟା

**ମୃତଦେହ ରଖି ଗ୍ରାମବାସୀଙ୍କ ରାସ୍ତାରୋକୋ**

■ଯାତାୟାତ ବାଧାପ୍ରାପ୍ତ

■ପୋଲିସ ପ୍ରଶାସନ ସହ ଆଲୋଚନା ପରେ ପ୍ରତ୍ୟାହୃତ

ବାଲିପାଟଣା,୨୧।୧(ଅଭିମନ୍ୟୁ ନାୟକ)



ବାଲିପାଟଣା ଥାନା ଅନ୍ତର୍ଗତ ଭାପୁର ନାଥସାହିରେ ଏକ ଅଭାବନୀୟ ଘଟଣା ଘଟିଛି। ଲିପୁ ନାଥ(୧୯)ଙ୍କୁ ମଙ୍ଗଳବାର ରାତିରେ ଜଣେ ଯୁବକ ଛୁରି ଭୁସି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ହେଲେ ଉକ୍ତ ଗ୍ରାମର ମିଥୁନ ନାଥ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏହି ଘଟଣାରେ ବୁଧବାର ଲିପୁଙ୍କ ମୃତଦେହକୁ ଅଭିଯୁକ୍ତ ମିଥୁନଙ୍କ ଘର ସମ୍ମୁଖରେ ରଖି ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା। ଅପରାହ୍ନ ୨ଟାରେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରାସ୍ତାରୋକୋ ଯୋଗୁ ଅଠାନ୍ତର ନୂଆଗାଁ ମୁଖ୍ୟ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ୨ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିବା ବେଳେ, ଯାତ୍ରୀ ଓ ଚାଳକମାନେ ଭାରି ଅସୁବିଧାର ସମ୍ମୁଖୀନ ହୋଇଥିଲେ। ହତ୍ୟା ଘଟଣା ଘଟିବାର ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତ ଧରାପଡ଼ି ନ ଥିବାରୁ ଲୋକଙ୍କ କ୍ଷୋଭ ଓ ଅସନ୍ତୋଷ ବଢ଼ିଥିଲା। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଖବରପାଇ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ପରିସ୍ଥିତିକୁ ଆୟତ୍ତକୁ ଆଣିବା ପାଇଁ ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା (ନଂ.୩୦/୨୬) ରୁଜୁ କରିବା ସହ ମିଥୁନଙ୍କୁ ଥାନାରେ ଅଟକ ରଖିଛି। ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ପରିବାରକୁ ଖୁବ୍ ଶୀଘ୍ର ନ୍ୟାୟ ଦେବାକୁ ପୋଲିସ ପ୍ରତିଶ୍ରୁତି ଦେଇଥିଲା। ଏହାପରେ ଗ୍ରାମବାସୀ ରାସ୍ତାରୋକୋ ପ୍ରତ୍ୟାହାର କରିଥିଲେ।

ମଙ୍ଗଳବାର ବିଳମ୍ବିତ ରାତିରେ ଲିପୁ ଓ ମିଥୁନଙ୍କ ମଧ୍ୟରେ କୌଣସି କଥାକୁ ନେଇ ସାମାନ୍ୟ ବଚସା ହୋଇଥିଲା। ଏଥିରେ ମିଥୁନ ଉତ୍‌କ୍ଷିପ୍ତ ହୋଇ ଲିପୁଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ଲିପୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ବୁଧବାର ସକାଳେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ମୃତକଙ୍କ ପରିବାରକୁ ନ୍ୟାୟ ଦେବା ଏବଂ ଅଭିଯୁକ୍ତକୁ ତୁରନ୍ତ ଗିରଫ କରିବା ଦାବିରେ ଗ୍ରାମବାସୀ ମୃତଦେହକୁ ମିଥୁନଙ୍କ ଘର ଆଗରେ ରଖି ରାସ୍ତାରୋକୋ କରିଥିଲେ। ଅଭିଯୁକ୍ତକୁ ଗିରଫ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବା ସହ ତାକୁ ଗ୍ରାମବାସୀଙ୍କ ଜିମାରେ ଦେବା ଦାବି ନେଇ ସେମାନେ ଅଡ଼ି ରହିଥିଲେ। ଖବରପାଇ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଏସିପି ଅଭିମନ୍ୟୁ ନାୟକ, ବାଲିପାଟଣା ଥାନା ଅଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀ, ବନମାଳୀପୁର ଫାଣ୍ଡି ଅଧିକାରୀ ରାକେଶ ସାମଲ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଚନ୍ଦନ


@ ଦୀପକ


@ ଜ୍ୟୋତିର୍ମୟୀ


@ ଲକ୍ଷ୍ମୀଧର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିମାନ ବନ୍ଦରରୁ ଧରା ପଡ଼ିଲେ ପଞ୍ଜାବର ଗ୍ୟାଙ୍ଗଷ୍ଟର

ଭୁବନେଶ୍ୱର,୨୧।୧(ତ୍ରିନାଥ ମହାନ୍ତି )

ଦୀର୍ଘ ଦିନ ଧରି ପଞ୍ଜାବ ପୋଲିସ ପାଇଁ ମୋଷ୍ଟ ୱାଣ୍ଟେଡ ଥିବା ଜୀବନ ସିଂ ଭୁବନେଶ୍ୱର ବିମାନ ବନ୍ଦରରୁ ବୁଧବାର ରାତିରେ ଧରାପଡ଼ିଛନ୍ତି। ଦୁବାଇରୁ ଫ୍ଲାଇଟ ଯୋଗେ ଭୁବନେଶ୍ୱର ଆସିବାବେଳେ ବ୍ୟୁରୋ ଅଫ୍ ଇମିଗ୍ରେଶନ ଟିମ୍ ତାଙ୍କୁ ଧରିଛି। କୁଖ୍ୟାତ ଗ୍ୟାଙ୍ଗଷ୍ଟର ଜୀବନ ଦୀର୍ଘ ଦିନ ହେବ ଫେରାର ଥିଲେ। ତାଙ୍କୁ ଧରିବା ପାଇଁ ଲୁକ୍ ଆଉଟ୍ ସର୍କୁଲାର ମଧ୍ୟ ଜାରି ହୋଇଥିଲା। ତାଙ୍କ ନାମରେ ଡ୍ରଗ୍ସ କାରବାର, ହତ୍ୟା ଭଳି ସଙ୍ଗିନ ମାମଲା ରହିଛି। ପଞ୍ଜାବ ପୋଲିସ ତାଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବାବେଳେ ସେ ଫେରାର ହୋଇ ଦୁବାଇ ପଳାଇଥିଲେ।

## ପୁଣି ବଢ଼ିଲା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଆବେଦନ ଅବଧି

ଭୁବନେଶ୍ୱର,୨୧।୧
(ସୁଚିସ୍ମିତା ସାହୁ)

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ ସମୟସୀମାକୁ ରାଜ୍ୟ ସରକାର ପୁଣି ବୃଦ୍ଧି କରିଛନ୍ତି। ପୂର୍ବରୁ ଜାନୁଆରୀ ୨୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବାବେଳେ ଏବେ ଫେବୃଆରୀ ୫ ଆବେଦନ ଲାଗି ସୁଯୋଗ ଦିଆଯାଇଛି। ଏଥିପାଇଁ www.msp.odisha.gov.inରେ ଆବେଦନ କରିବା ଲାଗି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ରାଜ୍ୟର ସମସ୍ତ ସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ତଥା ଶିକ୍ଷା ବ୍ୟବସ୍ଥା ସହ ଜଡ଼ିତ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ରାଜ୍ୟ ସରକାର ସମ୍ମାନିତ କରିବେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅଧୀନରେ ମୋଟ ୧୨ଟି ବର୍ଗରେ ପୁରସ୍କାର ଦିଆଯିବ। ମାଧ୍ୟମିକ ବିଦ୍ୟାଳୟ ଓ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ପୁରସ୍କାର, ପ୍ରାଥମିକ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ପୁରସ୍କାର, ପୁରାତନ ଛାତ୍ରୀଛାତ୍ର କମିଟି ପୁରସ୍କାର, ଗ୍ରାମପଞ୍ଚାୟତ ପୁରସ୍କାର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (ସିଆର୍‌ସିସି) ପୁରସ୍କାର, ଜିଲା ଶିକ୍ଷା ଅଧିକାରୀ (ଡିଇଓ) ପୁରସ୍କାର, ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ପୁରସ୍କାର, ଜିଲା ପୁରସ୍କାର, ବ୍ଲକ ପୁରସ୍କାର, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ପୁରସ୍କାର ପାଇଁ ଆବେଦନ ପ୍ରକ୍ରିୟା ଚାଲିଛି। ମାଧ୍ୟମିକ ବିଦ୍ୟାଳୟସ୍ତରରେ ବିଦ୍ୟାଳୟ ଓ ଶିକ୍ଷକ ପୁରସ୍କାର ଏବଂ ପ୍ରାଥମିକ ବିଦ୍ୟାଳୟସ୍ତରରେ ବିଦ୍ୟାଳୟ ଓ ଶିକ୍ଷକ ପୁରସ୍କାର ପାଇଁ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକମାନେ ଆବେଦନ କରିବେ। ପୁରାତନ ଛାତ୍ରୀଛାତ୍ର କମିଟି ପୁରସ୍କାର ପାଇଁ ପ୍ରଧାନଶିକ୍ଷକ ଆବେଦନ କରିବେ। ଗ୍ରାମପଞ୍ଚାୟତ ପୁରସ୍କାର ପାଇଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଆବେଦନ କରିପାରିବେ। ସେହିପରି ଡିଇଓ, ବିଇଓ, ସିଆର୍‌ସିସି ପୁରସ୍କାର ପାଇଁ ସମ୍ପୃକ୍ତ ଅଧିକାରୀ ଆବେଦନ କରିବେ। ଜିଲା ପୁରସ୍କାର ପାଇଁ ଜିଲାପାଳ ଓ ବ୍ଲକ ପୁରସ୍କାର ପାଇଁ ବିଡିଓ ଏବଂ ଡିଆଇଇଟି ପୁରସ୍କାର ପାଇଁ ସମ୍ପୃକ୍ତ ଡିଆଇଇଟି ଅଧ୍ୟକ୍ଷ ଆବେଦନ କରିବେ। ଏନେଇ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୱେବ୍‌ସାଇଟରେ ଅଧିକ ବିବରଣୀ ଦିଆଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଏସ୍‌ୟୁ ଛାତ୍ରାବାସରେ ଛାତ୍ରଙ୍କ ଝୁଲନ୍ତା ମୃତଦେହ

ସମ୍ବଲପୁର,୨୧।୧ (ପ୍ରମୋଦ ବହିଦାର)

**ବୁଧବାର ଦେଇଥାଆନ୍ତେ ସେମିଷ୍ଟର ପରୀକ୍ଷା**



ସୁରଜ କୁଜୁର

ସମ୍ବଲପୁର ବିଶ୍ୱବିଦ୍ୟାଳୟ(ଏସ୍‌ୟୁ) ବ୍ରହ୍ମପୁତ୍ର ଛାତ୍ରାବାସର ୫୨ ନମ୍ବର କୋଠରିରୁ ପୋଲିସ ମଙ୍ଗଳବାର ରାତିରେ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଉଛନ୍ତି ଅର୍ଥନୀତି ବିଭାଗ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ର ସୁନ୍ଦରଗଡ଼ ଜିଲ୍ଲା କୁତ୍ରାର ସୁରଜ କୁଜୁର(୨୨)। ଏ ନେଇ ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୪୩/୨୬) ରୁଜୁକରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଭିମ୍ସାର ପଠାଇଥିଲା। ମିଳିଥିବା ସୂଚନା ଅନୁସାରେ ସୁରଜ ଛାତ୍ରାବାସର ଉକ୍ତ କୋଠରିରେ ଏକୁଟିଆ ରହୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ ନିଜ କୋଠରିରୁ ସେ ଆଉ ବାହାରି ନ ଥିଲେ। ଏପରିକି ସେ ରାତ୍ରିଭୋଜନ ପାଇଁ ମେସ୍‌କୁ ଆସି ନ ଥିଲେ। ତାଙ୍କର କେତେଜଣ ସହପାଠୀ ଛାତ୍ରାବାସକୁ ଯାଇ ତାଙ୍କ କୋଠରି ଭିତର ପଟୁ ବନ୍ଦଥିବା ଦେଖିଥିଲେ। କବାଟ ବାଡ଼େଇଲେ ହେଁ ଭିତରୁ କୌଣସି ଉତ୍ତର ମିଳି ନ ଥିଲା। ସହପାଠୀମାନେ କୋଠରି ଝାଙ୍କଲାଇଟ ଫାଙ୍କରୁ ସୁରଜଙ୍କ ଶରୀର ପଙ୍ଖାରେ ଝୁଲୁଥିବା ଦେଖି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। କୁଳପତିଙ୍କଠାରୁ ଖବରପାଇ ବୁର୍ଲା ପୋଲିସ ଘଟଣାସ୍ଥଳରେ କବାଟ ଭାଙ୍ଗି ମୃତଦେହ ଜବତ କରିଥିଲେ। ରାତିରେ ବ୍ୟବଚ୍ଛେଦ ହେଉ ନ ଥିବାରୁ ମୃତଦେହ ଭିମ୍ସାର ଶବଗୃହରେ ରଖାଯାଇଥିଲା। ସୁରଜଙ୍କ ସହପାଠୀଙ୍କ କହିବା ଅନୁସାରେ କିଛିଦିନ ହେଲା ସେ ଚୁପ୍‌ଚାପ୍ ରହୁଥିଲେ। ତାଙ୍କ ହାବଭାବରୁ ସେ କୌଣସି କଥାକୁ ନେଇ ଅବସାଦଗ୍ରସ୍ତ ଥିବା ମନେହେଉଥିଲା। ତାଙ୍କ ମୋବାଇଲ ଖରାପ ଥିଲା। ସେ ମଙ୍ଗଳବାର ଅନ୍ୟ ଜଣେ ସହପାଠୀଙ୍କ ମୋବାଇଲରେ ତାଙ୍କ ବଡ଼ ଭଉଣୀଙ୍କ ସହ କଥା ହୋଇଥିଲେ। ବୁଧବାର ତାଙ୍କର ସେମିଷ୍ଟର ପରୀକ୍ଷା ଦେବାର ଥିଲା। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ।

## ଜାନୁଆରୀରେ...

ପ୍ରଥମ ପୃଷ୍ଠାରୁ

ନେଇ ୟୁରୋପରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଥିବାବେଳେ ସମ୍ଭାବ୍ୟ ଉଚ୍ଚ ଟାରିଫ୍ ଏବଂ ଘରୋଇ ବଜାରରେ ନକାରାତ୍ମକ ଟ୍ରେଣ୍ଡ ଜାରି ରହିଲେ ନିବେଶକଙ୍କ ସେଣ୍ଟିମେଣ୍ଟ ଅଧିକ ପ୍ରଭାବିତ ହେବା ସହ ଟଙ୍କାର ଦୁର୍ବଳତା ଆହୁରି ବଢ଼ିପାରେ ବୋଲି ଫରେକ୍ସ ଟ୍ରେଡର୍ସ ସତର୍କ କରାଇଛନ୍ତି।

ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ କାରବାର ଆରମ୍ଭ ହେବାବେଳେ ଟଙ୍କାର ମୂଲ୍ୟ ୯୧.୦୫ ରହିଥିବାବେଳେ ପରେ ୯୧.୭୪ ପର୍ଯ୍ୟନ୍ତ ଖସିଥିଲା। କାରବାର ଶେଷରେ ମଙ୍ଗଳବାରର କ୍ଲୋଜିଂ ତୁଳନାରେ ୬୮ ପଇସା ଦୁର୍ବଳ ହୋଇ ୯୧.୬୫ ଟଙ୍କାରେ ସ୍ଥିର ରହିଛି। ଏଚ୍‌ଡିଏଫ୍‌ସି ସିକ୍ୟୁରିଟିଜ୍‌ର ରିସର୍ଚ୍ଚ ଆନାଲିଷ୍ଟ ଦିଲୀପ ପରମାର କହିଛନ୍ତି, ୨୦୨୫ ନଭେମ୍ବର ୨୧ ପରଠୁ ଦିନକରେ ଏହା ହେଉଛି ଟଙ୍କାର ସବୁଠୁ ବଡ଼ ହ୍ରାସ। ମଙ୍ଗଳବାର ଆମେରିକୀୟ ଡଲାର ତୁଳନାରେ ଟଙ୍କା ୯୧.୦୭କୁ ଖସିଥିବାବେଳେ ପରେ ୭ ପଇସାର ଦୁର୍ବଳତା ସହ ୯୦.୯୭ ଟଙ୍କାରେ ସ୍ଥିର ରହିଥିଲା। ଭାରତ ଭଳି ବିକାଶଶୀଳ ଅର୍ଥନୀତିଗୁଡ଼ିକ ବର୍ତ୍ତମାନ ପୁଞ୍ଜି ସ୍ରୋତରେ ଦୁର୍ବଳତାର ଚାପର ସମ୍ମୁଖୀନ ହେଉଛନ୍ତି ବୋଲି କୋଟାକ୍ ମହିନ୍ଦ୍ରା ଏଏମ୍‌ସିର ଅଭିଷେକ ବିସେନ୍ ମତ ଦେଇଛନ୍ତି।

ଭୂରାଜନୈତିକ ଉତ୍ତେଜନା ସହ ଗ୍ରୀନ୍‌ଲାଣ୍ଡ ବିବାଦ ଆମେରିକା-ୟୁରୋପ ସମ୍ପର୍କରେ ଫାଟ ସୃଷ୍ଟି କରିଛି। ଏଥିଯୋଗୁ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ବିଭାଜିତ ହେବା ଆଶଙ୍କା ଉପୁଜିଛି। ସେହିପରି ଭେନେଜୁଏଲାର ତୈଳ ଭଣ୍ଡାର ଉପରେ ଆମେରିକାର ନିୟନ୍ତ୍ରଣ ସାରା ବିଶ୍ୱର ବାଣିଜ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥିବା କୁହାଯାଉଛି। ଆମେରିକା ସହ ଭାରତର ବାଣିଜ୍ୟିକ ଚୁକ୍ତି ସମ୍ପନ୍ନ ହୋଇ ନ ପାରିବା ବଜାର ଭାବାବେଗକୁ ଖରାପ କରୁଛି। ଏହି କାରଣରୁ ଏଫ୍‌ଆଇଆଇ ମଙ୍ଗଳବାର ୨,୯୩୮.୩୩ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର କରିନେଇଛନ୍ତି। ଏଫ୍‌ଆଇଆଇ ଗତବର୍ଷ ୧୯ ବିଲିୟନ ଡଲାର ମୂଲ୍ୟର ଷ୍ଟକ୍ ବିକ୍ରି କରିଥିବାବେଳେ କେବଳ ଚଳିତ ମାସରେ ସେଲିଂ ପରିମାଣ ୨.୭ ବିଲିୟନ ଡଲାର ରହିଥିବା ସୂଚନା ମିଳିଛି। ଏହି ପୃଷ୍ଠଭୂମିରେ ବୁଧବାର ସେନ୍‌ସେକ୍ସ ୨୭୦.୮୪ ପଏଣ୍ଟ ଖସି ୮୧,୯୦୯.୬୩ରେ ରହିଛି। ସେହିପରି ନିଫ୍ଟିରେ ମଧ୍ୟ ୭୫ ପଏଣ୍ଟ ହ୍ରାସ ଦେଖିବାକୁ ମିଳିଛି। ନିଫ୍ଟି ୨୫,୧୫୭.୫୦କୁ ଖସିଯାଇଛି। ଏଭଳି ସ୍ଥିତିରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଟଙ୍କାରେ ସ୍ଥିରତା ଆଣିବା ପାଇଁ ଯେଉଁ ଉଦ୍ୟମ ହେବା ଆବଶ୍ୟକ, ତାହା ହେଉନାହିଁ ବୋଲି ଶିନ୍‌ହାନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଟ୍ରେଜେରି ହେଡ୍ କୁଣାଲ ସୋଧାନି କହିଛନ୍ତି।

# ରାଜ୍ୟ ହରାଇଲା ୬୭୯.୨ କୋଟି

## ବାବୁଙ୍କ ଦକ୍ଷତା ଏମିତି

ଭୁବନେଶ୍ୱର,୨୧।୧ (ରବିନାରାୟଣ ଜେନା)

ଓଡ଼ିଶାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ପଣ କରିଛନ୍ତି। ଏହାକୁ ନେଇ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। କେଉଁଠୁ ରାଜସ୍ୱ ଆସିବ, କେନ୍ଦ୍ରୀୟ ସହାୟତା କିଭଳି ଅଧିକ ମିଳିବ ଏବଂ କେଉଁବାଟରେ ତାହା ଖର୍ଚ୍ଚହେଲେ ୨୦୩୬ ସୁଦ୍ଧା ଓଡ଼ିଶା ବିକଶିତ ହୋଇପାରିବ, ତାହାକୁ ନେଇ ଅହରହ ଉଦ୍ୟମ ଚାଲିଛି। ଏହାକୁ ନେଇ ବଜେଟ ଅଟକଳ ପ୍ରସ୍ତୁତ ହେଉଛି। ହେଲେ ସରକାରୀ ଅଧିକାରୀମାନେ ବଜେଟରେ ହେଉଥିବା ବ୍ୟୟବରାଦ ଅର୍ଥକୁ ଠିକଣା ଢଙ୍ଗରେ ଖର୍ଚ୍ଚ କରିପାରୁନାହାନ୍ତି। ପ୍ରଶାସନିକ ଖର୍ଚ୍ଚ ବେଳେ ହାତଖୋଲା କରୁଥିବାବେଳେ ଭିତ୍ତିଭୂମି ତଥା କାର୍ଯ୍ୟକ୍ରମ ବାବଦ ଖର୍ଚ୍ଚରେ ପଛରେ ପଡ଼ିଯାଉଛନ୍ତି, ଯେଉଁଥିପାଇଁ ରାଜ୍ୟ ଏବେ ୬୭୯.୨୦ କୋଟି ଟଙ୍କା ହରାଇଛି ବୋଲି ଜାନୁଆରୀ ୨୦ରେ ଅନୁଷ୍ଠିତ ଅର୍ଥ ପରାମର୍ଶଦାତାଙ୍କ ସମ୍ମିଳନୀରୁ ଜଣାପଡ଼ିଛି।

ବୈଠକର ସୂଚନା ଅନୁଯାୟୀ, ୨୦୨୫-୨୬ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟକୁ ନିବେଶ କ୍ଷେତ୍ରରେ ସ୍ୱତନ୍ତ୍ର ସହାୟତା (ଏସ୍‌ଏଏସ୍‌ସିଆଇ) ଯୋଜନାରେ ଯେଉଁ ବ୍ୟୟବରାଦ କରାଯାଇଥିଲା ସେହି ଟଙ୍କାକୁ ବହୁ ବିଭାଗର ପ୍ରଶାସନିକ ଅଧିକାରୀ ଖର୍ଚ୍ଚ କରିପାରିନାହାନ୍ତି। ପୁଞ୍ଜି ବ୍ୟୟରେ ମନ୍ଥର ଗତି ଯୋଗୁ ରାଜ୍ୟ ସରକାରଙ୍କୁ ୬୭୯.୨୦ କୋଟି ଟଙ୍କା ହରାଇବାକୁ ପଡ଼ିଛି। ତେବେ ଏହି ଯୋଜନାର ନିୟମ କହୁଛି, ୨୦୨୩-୨୪ ଆର୍ଥିକ ବର୍ଷ ସହ ତୁଳନାକରି ୨୦୨୪-୨୫ରେ ପୁଞ୍ଜି ବ୍ୟୟରେ ୧୦% ବୃଦ୍ଧି ସାଧନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍ଷ୍ୟ ରହିଥିଲା। ସେହିପରି ୨୦୨୪-୨୫ ଆର୍ଥିକ ବର୍ଷ ସହ ତୁଳନାକରି ୨୦୨୫-୨୬ର ପ୍ରଥମ ୯ ମାସରେ ୧୦%ରୁ ଅଧିକ ବୃଦ୍ଧି ସାଧନ କରିବାକୁ ଟାର୍ଗେଟ ଥିଲା। ମାତ୍ର ପୁଞ୍ଜି ଖର୍ଚ୍ଚ ନୈରାଶ୍ୟଜନକ ହେବାରୁ ରାଜ୍ୟ ରାଜକୋଷକୁ ଶକ୍ତ ଝଟ୍‌କା ଲାଗିଛି।

ସେହିପରି ୨୦୨୩-୨୪ ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଯୋଜନାରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମ ଲାଗି ଅନୁମୋଦିତ ବକେୟା ରାଶି ଦେବା ପାଇଁ ସମ୍ପୃକ୍ତ ବିଭାଗକୁ କୁହାଯାଇଥିଲା। ହେଲେ ବିଭାଗୀୟ ଅଧିକାରୀମାନେ ଏଥିରେ ଆନ୍ତରିକତା ଦେଖାଇ ନ ଥିଲେ। ଟେଣ୍ଡର ପ୍ରକ୍ରିୟାରେ ବିଳମ୍ବ ଏବଂ ଅନ୍ୟାନ୍ୟ କାରଣ ପାଇଁ କାର୍ଯ୍ୟକ୍ରମ ବାବଦ ଅନୁମୋଦିତ ରାଶି ମିଳିପାରି ନ ଥିଲା। ସମ୍ପୃକ୍ତ ବିଭାଗଗୁଡ଼ିକ ଏକ୍ଷେତ୍ରରେ ଯେପରି ଦକ୍ଷତା ଓ ଆନ୍ତରିକତା ଦେଖାଇବା କଥା, ତାହା ଦେଖାଉନାହାନ୍ତି। ଫଳରେ ଏସ୍‌ଏଏସ୍‌ସିଆଇ ଅଧୀନରେ ରାଜ୍ୟ ସରକାର ଯେଉଁ କେନ୍ଦ୍ରୀୟ ସହାୟତା ପାଇବା କଥା ତାହା ମିଳୁନାହିଁ। କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ମାର୍ଗଦର୍ଶିକା ଅନୁଯାୟୀ, ବିଭାଗ ପକ୍ଷରୁ ପ୍ରକଳ୍ପ ପ୍ରସ୍ତୁତ ରହିଥିଲେ ହେଁ ଆବଶ୍ୟକ ସଂଶୋଧନ ଅଭାବରୁ କେନ୍ଦ୍ରୀୟ ସହାୟତା ହରାଇବାକୁ ପଡ଼ିଛି।

ତଥ୍ୟ ଅନୁଯାୟୀ, ବିଭିନ୍ନ ପ୍ରକାର କେନ୍ଦ୍ରୀୟ ସହାୟତା (ୟୁନାଇଟେଡ୍) ଜରିଆରେ ରାଜ୍ୟକୁ ୨୯୭୧ କୋଟି ଟଙ୍କା ଅନୁମୋଦନ ହୋଇଛି। ସେଥିମଧ୍ୟରୁ ରାଜ୍ୟ ପ୍ରଥମ ପର୍ଯ୍ୟାୟରେ ୧୩୬୨ କୋଟି ପାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୧୦୧୦.୧୪ କୋଟି ଏବଂ ଅତିରିକ୍ତ ସହାୟତା ବାବଦକୁ ୩୧୭.୭୬ କୋଟି ଟଙ୍କା ପାଇଛି। ସେହିପରି ୨୦୨୩-୨୪ ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ ବିଭିନ୍ନ ଯୋଜନାରେ ରାଜ୍ୟ ୨୨୫.୭୮ କୋଟି ଟଙ୍କା ପାଇବାକୁ ହକ୍ ରହିଥିଲେ ହେଁ ଏପର୍ଯ୍ୟନ୍ତ କୌଣସି ଅର୍ଥ ମିଳିନାହିଁ। ଏହାବାଦ୍ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଭିତ୍ତିଭୂମି ସୁଦୃଢ଼ ଲାଗି କେନ୍ଦ୍ର ସରକାର ୪୩୬.୯୧ କୋଟି ଟଙ୍କା ଅନୁମୋଦନ କରିଥିଲେ ହେଁ ଏପର୍ଯ୍ୟନ୍ତ ୨୮୮.୩୬ କୋଟି ଟଙ୍କା ଅଂଶଧନ ବାବଦକୁ ମିଳିଥିବା ଜଣାଯାଇଛି।

# ଗଛରେ ବାଇକ୍ ପିଟିହେବାରୁ ୨ ସାଙ୍ଗ ମୃତ

ପଡ଼ିଆ,୨୧।୧ (ଭାସ୍କର ରାଓ)

ମାଲକାନଗିରି ଜିଲା ପଡ଼ିଆ ସଦର ବ୍ଲକ୍ କମାରଗୁଡ଼ା ନିକଟରେ ବୁଧବାର ସକାଳେ ଏକ ବାଇକ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଗଛରେ ପିଟିହୋଇଯିବାରୁ ଘଟଣାସ୍ଥଳରେ ୨ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଡ଼ିଆ ଗ୍ରାମର ସମୀର ହନ୍ତାଳ (୨୯) ଏବଂ ଦୀପକ କୁମାର ଲିମା (୨୮)।

ସୂଚନା ଅନୁଯାୟୀ, ପଡ଼ିଆ ଗ୍ରାମର ବୃନ୍ଦାବନ ହନ୍ତାଳଙ୍କ ପୁଅ ସମୀର ଓ ଦିଲୀପ ଲିମାଙ୍କ ପୁଅ ଦୀପକ ଏକ ବାଇକ୍ (ନଂ. ଏପି ୩୧ ସିଏମ ୧୨୨୨) ଯୋଗେ କୌଣସି କାର୍ଯ୍ୟରେ ମଙ୍ଗଳବାର କାଲିମେଳା ଅଭିମୁଖେ ଯାଇଥିଲେ। କାମ ସାରି ବୁଧବାର ସକାଳେ ନିଜ ଗ୍ରାମକୁ ଫେରୁଥିବା ସମୟରେ କାଲିମେଳା-ପଡ଼ିଆ ମୁଖ୍ୟରାସ୍ତାର କମାରଗୁଡା ଗ୍ରାମ ନିକଟରେ ବାଇକ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ଉଭୟ ସାଙ୍ଗ ଛିଟିକି ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାରକରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ଘଟଣା ସମ୍ପର୍କରେ ଖବରପାଇ ପଡ଼ିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ କାଲିମେଳା ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲା। ପୋଲିସ ଏ ନେଇ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପଡ଼ିଆ ପୋଲିସ ସୂତ୍ରରୁ ପ୍ରକାଶ।

# ମହାନଦୀ ରିଭରଫ୍ରଣ୍ଟ ପ୍ରକଳ୍ପର ସମୀକ୍ଷାକଲେ ମନ୍ତ୍ରୀ

ଭୁବନେଶ୍ୱର, ୨୧।୧(ସୁନିତ୍ ମିଶ୍ର)

**ପ୍ରକଳ୍ପ କାମ ଶୀଘ୍ର ଆରମ୍ଭକରି ତ୍ୱରାନ୍ୱିତ କର**

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବୁଧବାର କଟକର ମହାନଦୀ ରିଭରଫ୍ରଣ୍ଟ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଏହି ପ୍ରକଳ୍ପ ଏକ ପ୍ରମୁଖ ସହରୀ ପୁନରୁଦ୍ଧାର ପଦକ୍ଷେପ। ଏହାର ଲକ୍ଷ୍ୟ ହେଉଛି ନଦୀକୂଳକୁ ଏକ ଜୀବନ୍ତ ସାଧାରଣ, ସାଂସ୍କୃତିକ ଏବଂ ମନୋରଞ୍ଜନ ସ୍ଥଳରେ ପରିଣତ କରିବା ସହ ସାମଗ୍ରିକ ସହରୀ ପରିବେଶରେ ଉନ୍ନତି ଆଣିବା। ପ୍ରାୟ ୧୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ମହାନଦୀ କୂଳର ୪୨୬ ଏକର ପରିମିତ ଅଞ୍ଚଳରେ ଏହି ପ୍ରକଳ୍ପ ବିକଶିତ ହେବ ଏବଂ ଏହାକୁ ୩ଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ରହିଛି। ୨୦୨୫-୨୬ ଆର୍ଥିକ ବର୍ଷର ରାଜ୍ୟ ବଜେଟରେ ୧୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇ ଏହି ପ୍ରକଳ୍ପ ପାଇଁ ପର୍ଯ୍ୟାପ୍ତ ଆର୍ଥିକ ସହାୟତା ସୁନିଶ୍ଚିତ କରାଯାଇଛି।

ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତାକରି ମନ୍ତ୍ରୀ ମହାପାତ୍ର ନିର୍ଦ୍ଧାରିତ ପ୍ରକଳ୍ପକୁ ଶୀଘ୍ର ଆରମ୍ଭ କରିବା ପାଇଁ ସମସ୍ତ ସାମ୍ବିଧାନିକ ମଞ୍ଜୁରୀ, ଟେଣ୍ଡର ପ୍ରକ୍ରିୟା ଏବଂ ପ୍ରାଥମିକ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଅନୁମୋଦିତ ମାଷ୍ଟର ପ୍ଲାନ୍ ଅନୁଯାୟୀ, ୧ମ ପର୍ଯ୍ୟାୟରେ ବାଲିଯାତ୍ରା ପଡ଼ିଆରୁ ସାମୁଦ୍ରିକ ସଂଗ୍ରହାଳୟ ପର୍ଯ୍ୟନ୍ତ ୩.୨ କି.ମି.ର ରିଭରଫ୍ରଣ୍ଟ ପ୍ରୋମେନେଡ୍ ବିକାଶ ସହ ବାଲିଯାତ୍ରା ଅଞ୍ଚଳରେ ପାଦଚଲା ରାସ୍ତା ଏବଂ ଅତ୍ୟାବଶ୍ୟକ ଉପଯୋଗୀ ଭିତ୍ତିଭୂମି ଉପରେ ଧ୍ୟାନ ଦିଆଯିବ। ୨ୟ ପର୍ଯ୍ୟାୟରେ ପରିବେଶ ସ୍ଥିରତା ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇ ମାଷ୍ଟର ପ୍ଲାନ୍‌ରେ ଥିବା ଅବଶିଷ୍ଟ ଅଞ୍ଚଳରେ ପାଦଚଲା ରାସ୍ତା, ଭୂତଳ ସେବା ଏବଂ ବ୍ୟାପକ ଚାରାରୋପଣ କାର୍ଯ୍ୟ କରାଯିବ। ୩ୟ ପର୍ଯ୍ୟାୟରେ ବିଭିନ୍ନ ମନୋରଞ୍ଜନ, ସାଂସ୍କୃତିକ ଏବଂ ପର୍ଯ୍ୟଟନଭିତ୍ତିକ ସୁବିଧା ସୁଯୋଗ ସୃଷ୍ଟି କରାଯିବ। ଏଥିରେ 'କଟକ ହାଟ' ଏବଂ 'ହେରିଟେଜ୍ ଭିଲେଜ୍', ଫୁଡ୍ ଟ୍ରାକ୍ ଏବଂ ପ୍ରବେଶ ପଥ ଜୋନ୍, ଖେଳପଡ଼ିଆ, ସେନସୋରି ପାର୍କ, ଫିଟ୍‌ନେସ୍ ଜୋନ୍, ନେଚର ଇଣ୍ଟରପ୍ରିଟେଶନ ସେଣ୍ଟର, ପ୍ରବେଶ ପ୍ଲାଜା, ଥିମାଟିକ୍ ଗାର୍ଡେନ୍, ଏକ ମୁକ୍ତାକାଶ ସାମୁଦ୍ରିକ ସଂଗ୍ରହାଳୟ ଏବଂ ଆଡଭେଞ୍ଚର ଜୋନ୍ ସମେତ ଅନ୍ୟାନ୍ୟ ସାଧାରଣ ସୁବିଧା ସୁଯୋଗ ଅନ୍ତର୍ଭୁକ୍ତ ରହିଛି। ଏହି ପ୍ରକଳ୍ପ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଦ୍ୱାରା ଏକ ଖୋଲା ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ କାର୍ଯ୍ୟକାରୀ ହେବ ବୋଲି ମନ୍ତ୍ରୀ ମହାପାତ୍ର କହିଛନ୍ତି।

# ୧୫୦ ଲୋକ ଥିବା ଗାଁ ପାଇଁ ହେବ ରାସ୍ତା

ଭୁବନେଶ୍ୱର,୨୧।୧ (ରବିନାରାୟଣ ଜେନା)

**୫୩ ନୁହେଁ, ୧୦୦% ଖର୍ଚ୍ଚ କର: ମନ୍ତ୍ରୀ**

ପଞ୍ଚାୟତିରାଜ ବିଭାଗର କାର୍ଯ୍ୟକ୍ରମ ଓ ପ୍ରଶାସନିକ ବ୍ୟୟ ଯେପରି ମାର୍ଚ୍ଚ ୩୧ ସୁଦ୍ଧା ଶତପ୍ରତିଶତ ହେବ ସେଥିପ୍ରତି ଅଧିକାରୀମାନେ ଗୁରୁତ୍ୱ ଦେବାକୁ ବିଭାଗୀୟ ମନ୍ତ୍ରୀ ରବିନାରାୟଣ ନାୟକ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ଲୋକସେବା ଭବନରେ ବିଭାଗ ପକ୍ଷରୁ ଅନୁଷ୍ଠିତ ଉଚ୍ଚସ୍ତରୀୟ ବ୍ୟୟ ସମୀକ୍ଷା ବୈଠକରେ ଚଳିତ ଆର୍ଥିକ ବର୍ଷରେ ଅନ୍ତ୍ୟୋଦୟ ଗୃହ ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ସହ ଅନ୍ୟାନ୍ୟ ଯୋଜନାର ସମୀକ୍ଷା କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ନାୟକ ୨୦୨୭ ସୁଦ୍ଧା ୧୫୦ ଜନସଂଖ୍ୟାବିଶିଷ୍ଟ ସମସ୍ତ ଗାଁକୁ ରାସ୍ତା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, ୨୦୨୭ ସୁଦ୍ଧା ୭୫ ହଜାରରୁ ଊର୍ଦ୍ଧ୍ୱ ରାସ୍ତା ନିର୍ମାଣ କରିବାକୁ ବିଭାଗ ଲକ୍ଷ୍ୟ ରଖିଛି। ସେଥିମଧ୍ୟରୁ ଅଦ୍ୟାବଧି ୩୦ ହଜାରରୁ ଅଧିକ ରାସ୍ତା ନିର୍ମାଣ ହୋଇଥିବା ବେଳେ ସମୟସୀମା ଭିତରେ ସବୁ ସାରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଗତ ସରକାରରେ ୯୨ଟି ବ୍ରିଜ୍‌କୁ ଆପ୍ରୋଚ୍ ରୋଡ୍ ନ ଥିଲା। ମାତ୍ର ଭାଜପା ସରକାର ଆସିବା ପରେ ୫୦ଟି ବ୍ରିଜ୍ ପାଇଁ ଜମି ଅଧିଗ୍ରହଣ ସରିଲାଣି। ଏବେସୁଦ୍ଧା ୫୩ ପ୍ରତିଶତ ବଜେଟ ଖର୍ଚ୍ଚ ସରିଛି ବୋଲି ମନ୍ତ୍ରୀ କହିଛନ୍ତି। ବୈଠକରେ ସଚିବ ଗିରିଶ୍ ଏସ୍.ଏନ୍ ଯୋଜନାଗୁଡ଼ିକର ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ ରଣନୀତି ଉପସ୍ଥାପନ କରିଥିଲେ। ଏହି ବୈଠକରେ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଶାସନ ସଚିବ ମଧୁସ୍ମିତା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟପାଳଙ୍କୁ ରାଜ୍ୟ ୬ଷ୍ଠ ଅର୍ଥ ଆୟୋଗଙ୍କ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ

ଭୁବନେଶ୍ୱର,୨୧।୧(ରବିନାରାୟଣ ଜେନା)

ଓଡ଼ିଶାର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଭିତ୍ତିଭୂମି କିଭଳି ସୁଦୃଢ଼ ହେବ ଏବଂ ରାଜ୍ୟର ବିକାଶ ତ୍ୱରାନ୍ୱିତ ହୋଇପାରିବ ତାହାକୁ ନେଇ ରାଜ୍ୟ ଷଷ୍ଠ ଅର୍ଥ ଆୟୋଗଙ୍କ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ଲୋକଭବନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟିଙ୍କୁ ଭେଟି ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରିଛି। ଏହି ଅବସରରେ ରାଜ୍ୟ ଷଷ୍ଠ ଅର୍ଥ ଆୟୋଗ ଅଧ୍ୟକ୍ଷ ଡ. ଅରୁଣ କୁମାର ପଣ୍ଡା ପ୍ରଦାନ କରିଥିବା ରିପୋର୍ଟରେ ଆସନ୍ତା ୫ ବର୍ଷ ମଧ୍ୟରେ ଓଡ଼ିଶାର ଆର୍ଥିକ ବିକାଶ ସୁପାରିସ ରହିଛି। ବୈଠକ ବେଳେ ରାଜ୍ୟପାଳ କମ୍ଭମ୍‌ପାଟି ବିଭିନ୍ନ ଦିଗ ଉପରେ ରାଜ୍ୟ ୬ଷ୍ଠ ଅର୍ଥ ଆୟୋଗ କମିଶନଙ୍କ ସହ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ୨୦୨୫ ଅଗଷ୍ଟ ୧୮ରେ ଆୟୋଗଙ୍କ ପକ୍ଷରୁ ମଧ୍ୟବର୍ତ୍ତିକାଳୀନ ରିପୋର୍ଟ ଦାଖଲ କରାଯାଇଥିଲା। ବୁଧବାର ବୈଠକରେ ରାଜ୍ୟପାଳଙ୍କ ସଚିବ ରୂପାରୋଶନ ସାହୁ ଓ ଆୟୋଗଙ୍କ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC ODISHA MINING CORPORATION LTD. Mining Happiness
No.30001/1/2526
**Short Notice**
**For Sale of High Carbon Ferrochrome (HCFC)**
The Odisha Mining Corporation Ltd. intends to sell various grades of High Carbon Ferrochrome (HCFC) produced at Ferro Chrome Plant, OMC Ltd. situated at Jajpur Road in Jajpur District of Odisha through National e-auction. The e-auction will be conducted by MSTC Ltd. on **dt.27.01.2026 from 11.00 AM to 2.00 PM.**
For details, please visit the website of MSTC i.e. www.mstcecommerce.com.
OIPR-30001/30005/1/25-26/0001 Chief General Manager (S&M)

**ROURKELA MUNICIPAL CORPORATION**
Uditnagar, Rourkela, Pin-769012
Mail Id: rourkelamunicipality@gmail.com, Telephone: (0661) 2500388
TCN No.: 770 Date: 21.01.2026
**TENDER FOR INSURANCE OF MUNICIPAL VEHICLES**
**No.C-2155** : Rourkela Municipal Corporation (RMC) invites tender from intending reputed Contractors for Insurance of Municipal Vehicles. The detail of the Bid document is available in the RMC website i.e. www.rmc.nic.in. The interested Bidders may download the Bid document from RMC website from 21.01.2026 onwards.
The sealed Bid shall be submitted to the Commissioner, Rourkela Municipal Corporation, Uditnagar, Rourkela, Dist.-Sundargarh (Odisha), PIN-769012 on or before 04/02/2026 by 1.00 P.M. (in any working day) through registered post/Speed post/ Courier or in person super scribing as **"Tender for Insurance of Municipal Vehicles".**
The Tenders will be opened in presence of Bidders or their authorized representatives who wish to attend on the same day at 4.00 P.M. If the last date of submission, opening of tender and other schedule happens to be a holiday, the next working day will be treated as the schedule for the same.
Authority reserves the right to accept/ reject any or all the Tenders without assigning any reason thereof.
Sd./- Commissioner
OIPR- Rourkela Municipal Corporation

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, CUTTACK**
E-Mail I.D.- rw_cuttack@yahoo.co.in, Ph.No.0671-2440662
**Cancellation of Tender Call Notice No. Tender-Online-RWD Ctc-15/2025-26, dt.20.12.2025**
**No-O-2117:** Due to unavaoidable circumstances the Tender Call Notice No.Tender-Online-RWD Ctc-15/2025-26 date 20.12.2025 is here by cancelled. All other terms & conditions remain unchanged.
Sd./- Superintending Engineer
OIPR- Rural Works Division, Cuttack

**Notice-90 Dt.16.01.2026**
**No-F-111:** Tender Call Notice for engagement of 09 (Nine) Numbers of Group-D personnel in the Registration offices of Dhenkanal District on outsourcing basis through service provider agency.
Please visit Government website http://dhenkanal.odisha.gov.in
(1) Availability of Bid documents in Govt. portal.
(2) Last date of submission of tender document through Registered Post/ Speed Post at the District Sub-Registrar, Dhenkanal from 16.01.2026 to 30.01.2026 upto 5 P.M.
Sd./-
COLLECTOR & DISTRICT MAGISTRATE,
OIPR- DHENKANAL

**OFFICE OF THE NOTIFIED AREA COUNCIL, BOUDHGARH**
e-mail: boudhgarhnac@yahoo.co.in, Ph. No.: 06841-223024
**Quotation Call Notice No. 215/NAC Date: 20.01.26**
No. C-2149: Sealed quotations are invited from the Manufacturer/ Authorised Dealers/Companies/Firms/General order supplier having valid licence, PAN Card, GST Registration Certificate for **"Supply installation and commissioning of Computer and other items for Boudhgarh NAC"**. The quotation paper will be available in the official website of NAC, Boudhgarh i.e. **www.boudhgarhnac.in**, which can be downloaded in any working day from Dt.27.01.26 at 10.00 A.M. to Dt.03.02.26 upto 5.00 P.M. The quotation should be reached at Office of the NAC, Boudhgarh through Speed Post/ Regd. Post/Courier service or in person on or before Dt.04.02.26 by 2.00 P.M. and same will be opened on same day at 4.00 P.M. in presence of quotationer or their authorized agent who may wish to attend. The rate should be quoted inclusive all taxes. The payment will be made after inspection and successful installation of equipment. All other details will be available in the DTCN.
The authority reserves the right to accept or reject any or all quotation without assigning any reason thereof.
Sd./- Executive Officer
OIPR- NAC, Boudhgarh

**OFFICE OF THE SUPERINTENDING ENGINEER**
**BHUBANESWAR (R&B) DIVISION NO II**
**BHUBANESWAR**
eerb2_bbsr@yahoo.com
**INVITATIONS FOR BIDS THROUGH e-Procurement**
Bid Identification No- C.C. (R&B) - 02
e - Procurement Notice No. 41 of 2025-26
**No.B-1014** : The Superintending Engineer, Bhubaneswar (R&B) Division No-II, Bhubaneswar on behalf of the Governor of Odisha invites percentage rate bids for **Three** Number **Barricading** works to be received in online bidding, **Single** cover system as detailed in: https://tendersorissa.gov.in. The details of bid documents will be available in the above website from **22.01.2026 to 5.00 P.M of 31.01.2026**. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of **01.02.2026** in the Office of the Superintending Engineer, Bhubaneswar (R&B) Division No-II, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum / Corrigendum, if required, will be available only in the Website.
Sd./- Superintending Engineer,
OIPR- BBSR (R&B) Division No.II, BBSR

No.A-1312
GOVERNMENT OF ODISHA
DEPARTMENT OF WATER RESOURCES
**OFFICE OF THE SUPERINTENDING ENGINEER, DRAINAGE DIVISION, JAGATSINGHPUR-754103**
email Id : eeddjspur@gmail.com
**e-procurement Notice No.SEDD-JSPUR-07/2025-26**

| | | | |
|---|---|---|---|
| 1 | Name of Works | : | Improvement, Construction of slope protection & Box Culvert |
| 2 | Total number of works | : | 02 (Two) nos. of Package |
| 3 | Bid Identification No. | : | 1. SEDD-JSPUR/JSP-11/2025-26<br>2. SEDD-JSPUR/JSP-12/2025-26 |
| 4 | Estimated Cost | : | Rs.82.95 Lakhs & Rs.81.61 Lakhs |
| 5 | Period of completion | : | 10 (Ten) Calendar months |
| 6 | Availability of Tender On-Line | : | From 22.01.2026 at 16.30 Hours to 05.02.2026 upto 17.30 Hours |
| 7 | Date of Opening of Technical Bid | : | 06.02.2026 at 11.30 Hours in the O/o the Superintending Engineer, Drainage Division, Jagatsinghpur |
| 8 | Class of Contractor | : | "B" Class |
| 9 | EMD required | : | As per DTCN |
| 10 | Cost of Tender paper | : | Rs.10,000/- |
| 11 | Procurement Officer | : | Superintending Engineer, Drainage Division, Jagatsinghpur-754103 |

*Tender will be accepted if registered in the CDMS Portal.
Further details can be seen from the Govt. website www.tendersorissa.gov.in. Addendum / Corrigendum / Cancellation if any required will be published only in Govt. website www..tendersorissa.gov.in
Sd./- Superintending Engineer
OIPR- Drainage Division, Jagatsinghpur

**ZILLA SWASTHYA SAMITI, RAYAGADA**
(Contractual Engagement of Different Posts under NHM Program)
Advt. No. 02/Rayagada Date: 20.01.2026
**CONTRACTUAL ENGAGEMENT**
No. E-691: Zilla Swasthya Samiti (ZSS), Rayagada invites the application from the eligible candidates for different posts under NHM Programme. The eligibility criteria, vacancy, monthly remuneration, selection procedure, date of submission applications and application form can be downloaded from district website **www.rayagada.odisha.gov.in**. The candidates fulfilling the eligibility criteria may apply in the prescribed application form & submit to the undersigned by Regd. Post/Speed Post/ Courier on or before **16.02.2026 by 5.00 P.M.** with all relevant documents addressed to the Chief District Medical & Public Health Officer, Rayagada, Barijhola, near OMC Office, PIN - 765002. The undersigned is not responsible for any postal delay or inconveyance. Application received after due date will be rejected. The envelope containing the application should be superscripted clearly the name of the post applied for ........................ under NHM otherwise it will be rejected. Application received after due date and time will be rejected without any notice. No personal query will be entertained. Vacancies shown are provisional and subject to change during the time of appointment. In-complete applications in any form is liable for rejection. Separate application forms for each post must be submitted in separate envelopes if any candidate willing to apply for more than one post.
No. of vacances under this advertisement is provisional which may increase or decrease depending upon the actual vacancy. Time to time notification regarding status of selection process will be hoisted in district website. The undersigned reserves the right to cancel/reject any or all the applications without assinging any reason thereof.
OIPR- Sd./- CDM & PHO-cum-DMD, Rayagada

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**PODAGADA DAM DIVISION, AT/PO-KHATIGUDA**
**DIST-NABARANGPUR, PIN-764085**
Email I.D.- eepodagadadam@gmail.com
**e-Procurement Notice**
**Bid Identification No.EEPDD-06(03)/2025-26, Dated 17.01.2026**
**No.A-1296:**Bid Documents consisting of work, Estimated Cost of bid document, time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

| | |
|---|---|
| 1.Name of the Work | Civil Works |
| **2.No.of Works** | **Three Numbers** |
| 3.Estimated Cost | Rs.84.88 Lakhs (TCN SL.NO.1),<br>Rs.78.88 Lakhs (TCN SL.NO.2),<br>Rs.51.26 Lakhs (TCN SL.NO.3), |
| 4.Eligibility of the bidders | 'B' Class contractors (Odisha P.W.D. or equivalent class of other licensing authority) as per Detail Tender Call Notice. |
| 5.Period of Completion | Three Calendar Months (TCN Sl No.01)<br>Three Calendar Months (TCN Sl No.02)<br>Three Calendar Months (TCN Sl No.03) |
| 6. Date of Clarification | 27.01.2026 to 29.01.2026 Only During Officer Hour |
| 7. Time for Receipt of bid in the portal | From 27.01.2026 11.00 AM to 10.02.2026 (upto 5.00 PM) |
| 8. Date & Place of opening of the bids on-line | 11.02.2026 (11.30 A.M.)<br>O/o the E.E., Podagada Dam Division, UIDC Khatiguda |
| 9. Name and address of the Tender Inviting Authority (TIA) | Executive Engineer, Podagada Dam Division, At/Po- Khatiguda, District: Nabarangpur |

Further details can be seen from the e-Procurement portal http://tendersodisha.gov.in
Sd./- Executive Engineer,
OIPR- Podagada Dam Division, Khatiguda

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା 735/ଭୁ.ଉ.କ., ଭୁବନେଶ୍ୱର ତା.09.01.26 ରିଖ
LB-II-70/76
**ସୂଚନା**
**No.CAD-3058:**ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଲକ୍ଷ୍ମୀସାଗର ହାଉସିଂ ସ୍କିମ୍, **Stage-IV**, ଲକ୍ଷ୍ମୀସାଗର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ.-**LB-106** କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୫୫୩୭, ତା.୧୩.୦୫.୨୦୧୪ ରିଖ ଅନୁଯାୟୀ ଉତ୍ତରାଧିକାରୀ ସୂତ୍ରେ ସ୍ୱର୍ଗତ ଗୋପିନାଥ ପଟ୍ଟନାୟକଙ୍କ ନାମରୁ ବିଷ୍ଣୁପ୍ରିୟା ପଟ୍ଟନାୟକ (ସ୍ତ୍ରୀ), ଦେବାଶିଷ ପଟ୍ଟନାୟକ (ପୁତ୍ର) ଓ ଶ୍ରୀମତୀ ସ୍ନିଗ୍ଧା ପଟ୍ଟନାୟକ ଓରଫ ମହାନ୍ତି (ବିବାହିତା କନ୍ୟା)ଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା ।
ଉକ୍ତ ଉତ୍ତରାଧିକାରୀମାନଙ୍କ ମଧ୍ୟରୁ ଆବଣ୍ଟନଗ୍ରାହୀଙ୍କ ସ୍ତ୍ରୀ- ବିଷ୍ଣୁପ୍ରିୟା ପଟ୍ଟନାୟକ ଗତ ତା.୨୯.୦୮.୨୦୨୩ ରିଖରେ ମୃତ୍ୟୁବରଣ କରିଅଛନ୍ତି । (**Death Certificate Issue No.10277/2023 dated 18.10.2023**)
**Legal heir certificate Misc.Case No. E-LHC/2023/282139 dated 24.01.2024** ଅନୁଯାୟୀ ବିଷ୍ଣୁପ୍ରିୟା ପଟ୍ଟନାୟକଙ୍କର ଉତ୍ତରାଧିକାରୀ ଦେବାଶିଷ ପଟ୍ଟନାୟକ (ପୁତ୍ର) ଓ ଶ୍ରୀମତୀ ସ୍ନିଗ୍ଧା ମହାନ୍ତି (ବିବାହିତା କନ୍ୟା) ଅଟନ୍ତି ।
ଇତି ମଧ୍ୟରେ ଶ୍ରୀମତୀ ସ୍ନିଗ୍ଧା ମହାନ୍ତି ପଞ୍ଜିକୃତ ନାଦାବି ପତ୍ର (**Registered deed of Relinguishment Document No.11082501526 dated 18.02.2025**) ମାଧ୍ୟମରେ ଉକ୍ତ ଗୃହରେ ଥିବା ନିଜର ଅଧିକାର/ଅଂଶକୁ ଦେବାଶିଷ ପଟ୍ଟନାୟକଙ୍କୁ ହସ୍ତାନ୍ତର କରିଅଛନ୍ତି । ସୁତରାଂ ଦେବାଶିଷ ପଟ୍ଟନାୟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରାଯିବା ସମ୍ବନ୍ଧରେ ଯଦି କାହାର କିଛି ଦାବି /ଆପତ୍ତି ଥାଏ ତାହେଲେ ଉକ୍ତ ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ ।
ସ୍ୱା./- ଆବଣ୍ଟନ ଅଧିକାରୀ-୧
OIPR- ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

# ଫରହାନ୍‌ରୁ ଇମ୍ରାନ୍

ବଲିଉଡ୍‌ର ବିଶିଷ୍ଟ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ମହେଶ ଭଟ୍ଟଙ୍କର ଭଣଜା ହେଉଛନ୍ତି ଇମ୍ରାନ୍ ହାସମୀ। ଯେତେବେଳେ ସେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ଲିପ୍-ଲକ୍ ଶଟ୍ ପାଇଁ ବେଶ୍ ଚର୍ଚ୍ଚିତ ଥିଲେ। ହେଲେ ନିଜର ଅଭିନୟ କ୍ୟାରିୟର ଆରମ୍ଭ କରିବା ପୂର୍ବରୁ ତାଙ୍କର ନାମ କ'ଣ ଥିଲା ଜାଣନ୍ତି ? ଫରହାନ୍ ହାସମୀ। ହେଲେ 'ମର୍ଡର' ଫିଲ୍ମ ସମୟରେ ନିଜର ସ୍କ୍ରିନ୍ ନେମ୍ ସେ ପରିବର୍ତ୍ତନ କରି ଇମ୍ରାନ୍ ରଖିଥିଲେ। ହେଲେ ଜାଣନ୍ତି କି ଜଣେ ଅଭିନେତା ହେବା ପୂର୍ବରୁ ସେ ଏକ ସିନେମାରେ ଜଣେ ସହଯୋଗୀ ନିର୍ଦ୍ଦେଶକ ଭାବରେ କାମ କରିଥିଲେ। ଆଉ ଫିଲ୍ମଟି ଥିଲା 'ରାଜ୍'। ଇମ୍ରାନ୍‌ଙ୍କ ଜେଜେମା ପୂର୍ଣ୍ଣିମା ମଧ୍ୟ ଜଣେ ଅଭିନେତ୍ରୀ ଥିଲେ। ଅମିତାଭ ବଚ୍ଚନଙ୍କ ଅଭିନୀତ 'ଜଞ୍ଜୀର' ଫିଲ୍ମରେ ସେ ଅମିତାଭଙ୍କ ମା' ଭୂମିକାରେ ଅଭିନୟ କରିଥିଲେ। ନିଜର ପିଲାଦିନର ସାଙ୍ଗ ପରବିନ ସାହାଣୀଙ୍କୁ ସେ ବିବାହ କରିଛନ୍ତି। ସବୁଠାରୁ ଖାସ୍ କଥା ହେଲା, ଇମ୍ରାନ୍ କୌଣସି ପୁରସ୍କାର ସମାରୋହକୁ ଯାଆନ୍ତି ନାହିଁ। ତାଙ୍କ ମତରେ ପୁରସ୍କାର ଅପେକ୍ଷା ଜଣେ ଯଦି ନିଜ ଦକ୍ଷତା ଅଭିନୟ ମାଧ୍ୟମରେ ଦେଖାଇ ପାରିଲା ତେବେ ତାହା ବଡ଼ କଥା। ଇମ୍ରାନ୍‌ଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡ଼ିକ ହେଲା-'ମର୍ଡର', 'ଗ୍ୟାଙ୍ଗ୍‌ଷ୍ଟର', 'ଓ୍ୱାନ୍ସ ଅପନ ଏ ଟାଇମ ଇନ୍ ମୁମ୍ବାଇ', 'ମର୍ଡର ୨', 'ଡାର୍ଟି ପିକ୍ଚର୍ସ', 'ଜନ୍ନତ ୨' ଏବଂ 'ଟାଇଗର ୩'।


ଇମ୍ରାନ

# ତଥାପି ଛାଡ଼ିନି ନିଶା

ଦକ୍ଷିଣ ଭାରତୀୟ ଫିଲ୍ମ ଜଗତର ସେ ହେଉଛନ୍ତି ଜଣେ ଅନ୍ୟତମ ପରିଚିତ ଅଭିନେତ୍ରୀ। ତା'ସହ ତାମିଲ ଏବଂ ହିନ୍ଦୀ ସିନେମାରେ ମଧ୍ୟ ଅଭିନୟ କରିଛନ୍ତି। ତେବେ ତାଙ୍କର ଏବେ ମଧ୍ୟ ଏକ ନିଶା ରହିଛି। ତାହା କ'ଣ ଜାଣନ୍ତି ? ଫଟୋଗ୍ରାଫି। ପ୍ରାକୃତିକ ଦୃଶ୍ୟରାଜି ଅପେକ୍ଷା ବିରଳ ବନ୍ୟଜନ୍ତୁଙ୍କ ଫଟୋ ଉଠାଇ ସାଇତି ରଖନ୍ତି ସେ। ସେ ହେଲେ କାଜଲ ଅଗ୍ରଓ୍ୱାଲ। ହେଲେ ଏଭଳି ନିଶା ତାଙ୍କ ମନରେ କେବେ ସୃଷ୍ଟି ହେଲା ? ଏ ବିଷୟରେ କାଜଲ କହନ୍ତି, ''ସ୍କୁଲରେ ପଢୁଥିବା ବେଳେ ମୋର ଫଟୋଗ୍ରାଫି ପ୍ରତି ମନରେ ଆଗ୍ରହ ସୃଷ୍ଟି ହୋଇଥିଲା। ତା'ପରେ ଯେତେବେଳେ ମୁଁ ଯୁଆଡେ ଯାଏ ସାଙ୍ଗରେ କ୍ୟାମେରା ନେବାକୁ ଭୁଲି ନ ଥାଏ। ବର୍ତ୍ତମାନ ସୁଦ୍ଧା ମୁଁ ଅନେକ ବନ୍ୟଜନ୍ତୁଙ୍କ ଫଟୋ ଉଠାଇ ସେଗୁଡିକୁ ସାଇତି ରଖିଛି। ଏଭଳି ଅଭ୍ୟାସ ମୋର ଦୈନନ୍ଦିନ ଜୀବନର ଏକ ରୁଟିନ୍ ପାଲଟି ଯାଇଛି କହିଲେ ଭୁଲ ହେବ ନାହିଁ। ମୋର ଆଉ ଏକ ଅଭ୍ୟାସ ରହିଛି। ତାହା ହେଲା ପେଣ୍ଟିଂ। ଅବସର ମିଳିବା ମାତ୍ରେ ମୁଁ ମନରେ ଉଙ୍କି ମାରିଥିବା ବିଷୟକୁ ଚିତ୍ରର ରୂପ ଦେଇଥାଏ।'' ହେଲେ ଜଣେ ଅଭିନେତ୍ରୀ ହେବା ପୂର୍ବରୁ ସେ କ'ଣ କରୁଥିଲେ ଜାଣନ୍ତି ? ସେହି ସମୟରେ ସେ ମଡେଲିଂ କରୁଥିଲେ। ମାର୍କେଟିଂ ଏବଂ ଆଡଭର୍ଟାଇଜିଙ୍ଗରେ ଡିଗ୍ରୀ ହାସଲ କରିବା ପରେ ଏଥିରେ ସେ ପୋଷ୍ଟ ଗ୍ରାଜୁଏସନ ଡିଗ୍ରୀ କରିବାକୁ ଇଚ୍ଛା ରଖିଥିଲେ। ହେଲେ ତାହା ସମ୍ଭବ ହୋଇପାରି ନ ଥିଲା।


କାଜଲ

# ଆଫା

ଗୋଟିଏ ପରିବାର ଉପରେ ହଠାତ୍ ଏକ ଅଦିନିଆ ଝଡ଼ ମାଡିଆସେ। କିନ୍ତୁ ଏଭଳି ଏକ ଘଡ଼ିସନ୍ଧି ସମୟରେ ସେମାନେ କିପରି ଏହାକୁ ସାମ୍ନା କରନ୍ତି ଏବଂ ପରିଶେଷରେ ଏହାର ଫଳ କ'ଣ ହୁଏ ତାହାକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଆଫା'। ଏହାର କାହାଣୀରେ ଅଙ୍ଗଦାନ ବିଷୟ ମଧ୍ୟ ସ୍ଥାନିତ ହୋଇଛି। ଓଡ଼ିଆ ସିନେମା 'ମାଇଁ ସୁଇଟ୍ ହାଉସଓ୍ୱାଇଫ'ର ସଫଳତା ପରେ ପ୍ରୀତିରାଜ-ନୈନା ଦାଶଙ୍କୁ ନେଇ ପୁଣି ଏକ ଫିଲ୍ମ ପ୍ରସ୍ତୁତ ହୋଇଛି। ଏହାର ଟାଇଟଲ ରହିଛି 'ଆଫା'। ମାଇଁଷ୍ଟିକ କ୍ଲ କ୍ଲାପେସ ବ୍ୟାନରରେ ଉକ୍ତ ଚିତ୍ରର ପ୍ରଯୋଜନା କରାଯାଇଛି। ନିର୍ଦ୍ଦେଶନା ଦେଇଛନ୍ତି 'ଚକ୍ରବ୍ୟୂହ' ଫେମ୍ ରାଜେନ୍ଦ୍ର ମହନ୍ତ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ। ଖାସ୍ କଥା ହେଲା ଏହାର ଆସୋସିଏଟ୍ ନିର୍ଦ୍ଦେଶକ ଅଛନ୍ତି ପ୍ରୀତିରାଜ। ସଂଳାପ ରଚନା କରିଛନ୍ତି କୁନା ତ୍ରିପାଠୀ। ପ୍ରୀତିରାଜ ଏବଂ ନୈନାଙ୍କ ବ୍ୟତୀତ କୁନା ତ୍ରିପାଠୀ, ହର ରଥ, ଧରିତ୍ରୀ ଖଣ୍ଡୁଆଳ, ରବି ମିଶ୍ର ଏବଂ ନିର୍ଦ୍ଦେଶକ ଅଶୋକ ପତିଙ୍କ ଝିଅ ଅନମୋଲ ପତି ଶିଶୁ କଳାକାର ଭାବରେ ଅଭିନୟ କରିଛନ୍ତି।

# କଥା ଜଙ୍ଗଲ ସୁରକ୍ଷାର

ନିର୍ମାଣାଧୀନ ଓଡ଼ିଆ ସିନେମା 'ଲାଡୋ-ମାଟିର ମଣିଷ' ଫିଲ୍ମର ସେ ନାୟକ ସାଜିଛନ୍ତି। ତା'ସହ ଏହାର କାହାଣୀ ଏବଂ ଚିତ୍ରନାଟ୍ୟ ମଧ୍ୟ ରଚନା କରିଛନ୍ତି। ଜଙ୍ଗଲ ସୁରକ୍ଷା କିପରି କରାଯାଇ ପାରିବ, ଜଙ୍ଗଲରେ ମାଫିଆ ରାଜ୍‌ର କିପରି ଅନ୍ତ ଘଟିବ ତାହା ଏଥିରେ ଦେଖିବାକୁ ମିଳିବ। ତା'ସହ ଗଛ ଲଗାଅ ପରିବେଶ ବଞ୍ଚାଅ ପରି ବାର୍ତ୍ତା ମଧ୍ୟ ଏହି ଫିଲ୍ମରେ ରହିଛି। ହଁ, ସେ ହେଲେ ନବାଗତ ଶୁଭମ ସାଗର। ନିଜର ପ୍ରଥମ ସିନେମା ବିଷୟରେ ସେ କହନ୍ତି, ''ଜଙ୍ଗଲ ମାଫିଆମାନେ ଏବେ ଅନେକ ସ୍ଥାନରେ ଜଙ୍ଗଲକୁ ନଷ୍ଟ କରିଦେଉଛନ୍ତି। ତେଣୁ ସେମାନଙ୍କ କବଳରୁ କିପରି ଜଙ୍ଗଲକୁ ସୁରକ୍ଷା ଦେଇହେବ ତାହାକୁ ନେଇ କାହାଣୀ ଗତି କରିଛି। ଯେହେତୁ ଏହାର ଟାଇଟଲ ଭୂମିକାରେ ମୁଁ ଅଭିନୟ କରୁଛି ତେଣୁ ସେଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିଛି।'' ଏହାର ନିର୍ଦ୍ଦେଶନା ଦେଇଛନ୍ତି ସନ୍ତୋଷ ବିଶ୍ୱାଳ। ଆର୍ଲିନ ଅଙ୍କିତା ଚିତ୍ରଟିର ନାୟିକା ସାଜିଥିବା ବେଳେ ସଞ୍ଜନା ପ୍ରଧାନ, ସୁଶାନ୍ତ ନାୟକ (ମୁଖ୍ୟ ଖଳନାୟକ), ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟ ପ୍ରକାଶ ଦାସ ଏବଂ ସ୍ମିତା ମହାନ୍ତି ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମଟିର ପୋଷ୍ଟ ପ୍ରଡକ୍ସନ କାମ ଶେଷ ହୋଇଛି। ଏହାର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ଅମରେଶ ବେଉରା।


ଶୁଭମ

# ଶେଷରେ ଜିଦ୍ ରହିଲା

ଯେତେବେଳେ ଜାହ୍ନବୀ କପୁର ପାଠ ପଢୁଥିଲେ ସେତେବେଳେ ତାଙ୍କ ମା' ଶ୍ରୀଦେବୀ ଚାହୁଁଥିଲେ ଯେ ତାଙ୍କ ଝିଅ ଭବିଷ୍ୟତରେ ଡାକ୍ତର ହେବ। ହେଲେ ଶେଷରେ ଜାହ୍ନବୀଙ୍କର କଥା ରହିଲା। ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଜାହ୍ନବୀ ବଲିଉଡ଼ରେ ଏଣ୍ଟ୍ରି କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ସିନେମା 'ଧଡକ'ରେ ସେ ଭାରତନାଟ୍ୟମ ନାଚି ବେଶ ପ୍ରଶଂସିତ ହୋଇଥିଲେ। ସ୍କୁଲରେ ପଢିବା ବେଳେ ତାଙ୍କ ପାଣି ବଟଲର ନାମ ଥିଲା ଚୁସ୍କି। ଜାହ୍ନବୀଙ୍କ ନାମକରଣ ଅନ୍ତରାଳେ ଏକ କୌତୂହଳ କଥା ଲୁଚି ରହିଛି। ୧୯୯୭ରେ ରିଲିଜ ହୋଇଥିଲା ବୋନି କପୁରଙ୍କ ପ୍ରଯୋଜିତ 'ଜୁଦାଇ', ଯାହାର ମୁଖ୍ୟ ଭୂମିକାରେ ଅନୀଲ କପୁର, ଶ୍ରୀଦେବୀ ଏବଂ ଉର୍ମିଳା ମାତୋଣ୍ଡକର ଅଭିନୟ କରିଥିଲେ। ଏଥିରେ ଉର୍ମିଳାଙ୍କ ଚରିତ୍ରର ନାମ ଥିଲା ଜାହ୍ନବୀ ଆଉ ସେହି ଅନୁସାରେ ଶ୍ରୀଦେବୀ ଏହାକୁ ନିଜର ବଡ ଝିଅର ନାମ ରଖିଥିଲେ। ବର୍ତ୍ତମାନ ସେ ଏକ ତାମିଲ ଫିଲ୍ମ 'ପେଡି'ରେ ଅଭିନୟ କରୁଛନ୍ତି, ଯାହାର ଶୁଟିଂ ନିକଟରେ ଶେଷ ହୋଇଛି। ଏହି ଫିଲ୍ମର ନିର୍ଦ୍ଦେଶନା ବୁଚି ବାବୁ ସାନା ଦେଇଥିବା ବେଳେ ଏହାର ନାୟକ ସାଜିଛନ୍ତି ରାମଚରଣ।


ଜାହ୍ନବୀ

# ଅନନ୍ୟାଙ୍କ ହିସାବ ନିକାଶ

ଚିଙ୍କି ତନୟା ଅନନ୍ୟା ଏବେ ହିସାବ କରୁଛନ୍ତି। ହେଲେ ସେ କଣ ହିସାବ କରୁଛନ୍ତି ଜାଣିବେନି ? ସେ ଏ ପର୍ଯ୍ୟନ୍ତ ଯେତେ ସିନେମାରେ ଅଭିନୟ କରିଛନ୍ତି ତାହା ତାଙ୍କ ଆକ୍ଟିଙ୍ଗ କ୍ୟାରିୟରକୁ କେତେ ମାଇଲେଜ ଦେଇଛି ତାହା ଚିନ୍ତା କରୁଛନ୍ତି। ଏ ବିଷୟରେ ଅନନ୍ୟା କହନ୍ତି, "ଏ କଥା ସତ ଯେ ମୋର ସାତ ବର୍ଷ ଆକ୍ଟିଙ୍ଗ କ୍ୟାରିୟରରେ ମୁଁ କେତୋଟି ହାତଗଣତି ଫିଲ୍ମରେ ଅଭିନୟ କରିଛି, ହେଲେ ଆଶା ହରାଇନାହିଁ। ମୋ ଆକ୍ଟିଙ୍ଗ କ୍ୟାରିୟରରେ ଦିନେ ନା ଦିନେ ଭଲ ଦିନ ଆସିବ। ବାସ ସେ ପର୍ଯ୍ୟନ୍ତ ମୋତେ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡିବ"। ଅନନ୍ୟାଙ୍କର ପିଲାଦିନେ ଏକ ଅଜବ ଅଭ୍ୟାସ ଥିଲା। ତାହା କଣ ଜାଣନ୍ତି ? ସେ ଅନାୟାସରେ ଜିଭ ଦ୍ୱାରା ନିଜ ନାକକୁ ଛୁଇଁ ପାରୁଥିଲେ। ତାଙ୍କ ଅଭିନୀତ ଶେଷ ଫିଲ୍ମ ଥିଲା 'ତୁ ମେରୀ ମେଁ ତେରା ମେଁ ତେରା ତୁ ମେରୀ'। ଅନ୍ୟପକ୍ଷରେ ତାଙ୍କ ହାତରେ ଏବେ 'ଚାନ୍ଦ ମେରା ଦିଲ୍' ଫିଲ୍ମ ରହିଛି।


ଅନନ୍ୟା

# ସମୟ ଆସିଛି...

''ସିନେମା ନିର୍ମାଣ କରିବା ସମୟରେ ବିଭିନ୍ନ ଦିଗ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡିଥାଏ। କିନ୍ତୁ ଏବେ କେତେକ ସିନେମା ଏଭଳି ନିର୍ମାଣ କରାଯାଉଛି ଯାହାକୁ ଦେଖିଲେ ଏଥିରେ ଥିବା ଦୋଷତ୍ରୁଟିଗୁଡିକ ଜଳଜଳ ହୋଇ ଦେଖାଯାଉଛି।''

ଓଡ଼ିଆ ସିନେମାକୁ ୯୦ ବର୍ଷ ହେଲା। ଆମେ ଚାଲି ନ ଜାଣି ବାଟର ଦୋଷ ଦେଇ କେବଳ ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ ହେଉ ବୋଲି ମନ୍ତବ୍ୟ ଦେଉଛେ। ଦିନ ଥିଲା ଓଡ଼ିଆ ସିନେମା ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରୁଥିଲା। ସେ ସମୟରେ ଜଣେ ପ୍ରଯୋଜକ ଗୋଟିଏ ସିନେମା କରିବା ପରେ ପୁଣି ଥରେ ଆଉ ଏକ ସିନେମା ନିର୍ମାଣ କରିବାକୁ ଆଗଭର ହେଉଥିଲେ। ସେତେବେଳେ ଓଡ଼ିଆ ଫିଲ୍ମର କଥାବସ୍ତୁ, କଳାକାର ଚୟନ, ସଂଳାପ, ସଙ୍ଗୀତ ଏବଂ ଉପସ୍ଥାପନାକୁ ବେଶ୍ ଗୁରୁତ୍ୱ ଦିଆଯାଉଥିଲା। ଫିଲ୍ମଟି ରିଲିଜ ହେବା ପରେ ତାହା ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହେଉଥିଲା। କିନ୍ତୁ ଏବେ କେତେକ ସିନେମା କେତେବେଳେ ରିଲିଜ ହୋଇ କେତେବେଳେ ଉଠିଯାଉଛି ତାହା ଜଣାପଡୁନାହିଁ। ଏବେ ଓଡ଼ିଆ ସିନେମାର ଭବିଷ୍ୟତକୁ ନେଇ ଅନେକ ଆଲୋଚନା ହେଉଛି। ବର୍ଷକୁ ଯେତିକି ସିନେମା ରିଲିଜ ହେଉଛି ତା' ଭିତରୁ ଫ୍ଲପ୍ ସଂଖ୍ୟା ଅଧିକ। ହାତ ଗଣିତି କେତୋଟି ସିନେମା ହିଟ୍ ହେଉଛି। ଅବଶ୍ୟ ୟା ଭିତରେ ଆମର କେତୋଟି ସିନେମା ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଛି। ଓଡ଼ିଆ ଫିଲ୍ମର ସୁବର୍ଣ୍ଣ ଯୁଗକୁ ପୁଣି ଥରେ ଫେରାଇ ଆଣିବାକୁ ଉଦ୍ୟମ ହେବା ଦରକାର।

ପ୍ରେକ୍ଷାଳୟ ଅଭାବରୁ ଅନେକ ସ୍ଥାନରେ ଦର୍ଶକ ଭଲ ସିନେମାଟିଏ ଦେଖିବାରୁ ବଞ୍ଚିତ ହେଉଛନ୍ତି। ଏବେ ଆମ ରାଜ୍ୟରେ ଓଡ଼ିଶାରେ ପ୍ରେକ୍ଷାଳୟ ସଂଖ୍ୟା ପ୍ରାୟ ୬୦ଟି ରହିଛି। ଭଲ ପ୍ରେକ୍ଷାଳୟ ନଥିବା ଫଳରେ ଦର୍ଶକମାନେ ସିନେମା ଦେଖିବା ପାଇଁ କୁଣ୍ଠିତ ହେଉଛନ୍ତି। କେବେଳ ବଡ଼ ସହର ଭୁବନେଶ୍ୱର, ବ୍ରହ୍ମପୁର ଆଦିରେ ମଲ୍‌ଟି ପ୍ରେକ୍ଷାଳୟ ଥିବା ଯୋଗୁ କେତେକ ଦର୍ଶକ ସେଠାରେ ସିନେମା ଦେଖୁଛନ୍ତି। ଗତ ବର୍ଷ ବାବୁସାନଙ୍କ ଅଭିନୀତ 'ବୋଉ ବୁଟୁ ଭୂତ' ବକ୍ସ ଅଫିସରେ ରେକର୍ଡ ସଂଖ୍ୟକ ବିଜନେସ୍ କରିଥିଲା। ଏହାଦ୍ୱାରା ନିଶ୍ଚୟ ନବାଗତ ପ୍ରଯୋଜକମାନେ ଅନୁପ୍ରାଣିତ ହେବେ।

ସିନେମା ନିର୍ମାଣ କରିବା ସମୟରେ ବିଭିନ୍ନ ଦିଗ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡିଥାଏ। କିନ୍ତୁ ଏବେ କେତେକ ସିନେମା ଏଭଳି ନିର୍ମାଣ କରାଯାଉଛି ଯାହାକୁ ଦେଖିଲେ ଏଥିରେ ଥିବା ଦୋଷତ୍ରୁଟିଗୁଡିକ ଜଳଜଳ ହୋଇ ଦେଖାଯାଉଛି। ନୂଆ ପ୍ରଯୋଜକ ଆସନ୍ତୁ-ଏହା ନିଶ୍ଚୟ ଭଲ କଥା। ହେଲେ ସେଭଳି ସିନେମା ନିର୍ମାଣ କରନ୍ତୁ ଯାହାକୁ ଦର୍ଶକ ସବୁବେଳେ ମନେ ପକାଉଥିଲେ। କେବଳ ନିଜ ନାମ ପଛରେ 'ପ୍ରଯୋଜକ' ଶବ୍ଦଟିକୁ ଯୋଡି ବାହବା ନେବାର କିଛି ପ୍ରାସଙ୍ଗିକତା ନାହିଁ।



ଆଉ ଏକ କଥା ହେଲା ବଜେଟ୍। ଫିଲ୍ମଟିଏ ନିର୍ମାଣ କରିବା ବେଳେ ଏଥିପାଇଁ ଏକ ସ୍ଥିରୀକୃତ ବଜେଟ ରହିଥାଏ। ବେଳେବେଳେ କେତେକ କାରଣରୁ ଏହା ଟିକେ ଅଧିକ ହୁଏ। କିନ୍ତୁ କୋଟିଏ ଟଙ୍କାର ସିନେମା ପ୍ରସ୍ତୁତ କରି ଯଦି ତାହା ଗୋଟିଏ ଦିନ ପ୍ରେକ୍ଷାଳୟରେ ନ ଚାଲିଲା ତେବେ ଲାଭ କ'ଣ ? ତେଣୁ ସିନେମାଟିଏ ନିର୍ମାଣ ସମୟରେ ଖର୍ଚ୍ଚକୁ ନେଇ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଦରକାର। କିଛିବର୍ଷ ତଳେ ଓଡ଼ିଶା ସଂସ୍କୃତି ବିଭାଗ, ସୂଚନା ଲୋକ ସମ୍ପର୍କ ବିଭାଗ ଓ ଓଡ଼ିଶା ସିନେକ୍ରିଟିକ ଆସୋସିଏଶନର ମିଳିତ ପ୍ରଚେଷ୍ଟାରେ ରାଜ୍ୟ ରାଜ୍ୟ ମଧ୍ୟରେ ସାଂସ୍କୃତିକ ଭାବ ବିନିମୟ କାର୍ଯ୍ୟକ୍ରମ ୨୦୦୪ରୁ ୨୦୦୭ ଗୋଆ, କେରଳ, ବାଙ୍ଗାଲୋର ଓ ମୁମ୍ବାଇରେ ହେଲା। ପରବର୍ତ୍ତୀ ସମୟରେ ତାହା କୌଣସି କାରଣରୁ ଏଯାବତ୍ ବନ୍ଦ ହୋଇ ରହିଛି।

୯୦ ବର୍ଷ ବୟସର ଓଡ଼ିଆ ସିନେମାର ରୂପରେଖ କେଉଁ ପରିସ୍ଥିତିରେ ରହିବ ତାହା ଭବିଷ୍ୟତ କହିବ। ତେଣୁ ଓଡ଼ିଆ ସିନେମାକୁ ଏକ ନୂଆ ସ୍ତରକୁ ନେବାକୁ ଏହା ସହ ଜଡିତ ସମସ୍ତ ବ୍ୟକ୍ତିବିଶେଷଙ୍କର ସହଯୋଗର ଆବଶ୍ୟକତା ରହିଛି।

*-ଦିଲ୍ଲୀପ ହାଲି,* ବଡ଼ଗଡ଼, ଭୁବନେଶ୍ୱର-୧୮
*ମୋ : ୯୮୬୧୦୦୯୨୫୨*

## ସଂକ୍ଷେପରେ

### କୁକୁର କାମୁଡ଼ାରେ ଆହତ ହରିଣ ଉଦ୍ଧାର



**କୋଣାର୍କ,୨୧।୧ (ଜ୍ୟୋତିରାଜ ମହାନ୍ତି):** ଖାଦ୍ୟ ଓ ପାଣି ନ ପାଇ ହରିଣମାନେ ଏବେ ଗାଁମୁହାଁ ହେଉଛନ୍ତି। ଏହି ଘଟଣା ବାରମ୍ବାର ଘଟୁଥିବା ବେଳେ କିଛି ହରିଣ ରାଜରାସ୍ତାକୁ ଆସି ଗାଡ଼ି ଧକ୍କାରେ ମୃତ୍ୟୁବରଣ କରୁଛନ୍ତି। ଆଉ କିଛି ସମୁଦ୍ରକୂଳକୁ ପାଣି ପିଇବାକୁ ଆସି କୁକୁର କାମୁଡ଼ାର ଶିକାର ହୋଇଥାନ୍ତି। ବୁଧବାର ବାଲୁଖଣ୍ଡ ଅଭୟାରଣ୍ୟ ନିକଟରୁ ଏକ ଆହତ ହରିଣକୁ ଉଦ୍ଧାର କରାଯାଇଛି। ହରିଣଟି ବୁଲାକୁକୁରଙ୍କ ଶିକାର ହୋଇ ଭୟରେ ଏକ ମଠ ପରିସରକୁ ପଶିଯାଇଥିଲା। ମଠରେ ଭୋଜି କରୁଥିବା ଲୋକମାନେ କୁକୁରଙ୍କୁ ଘଉଡ଼ାଇବା ସହ ହରିଣକୁ ଏକ ଦଉଡ଼ି ସାହାଯ୍ୟରେ ବାନ୍ଧି ଅଟକ ରଖିଥିଲେ। ପରେ ବନ ବିଭାଗକୁ ଖବର ଦେବାରେ କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତ ହରିଣକୁ କୋଣାର୍କ ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ସେଠାରେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା ପରେ ବାଲୁଖଣ୍ଡ ଅଭୟାରଣ୍ୟରେ ଛଡ଼ାଯାଇଥିବା ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ ସୂଚନା ଦେଇଛନ୍ତି।

### ମଣ୍ଡିରୁ ଧାନ କିଣିଲା ଗୋବିନ୍ଦା ଏସ୍ଏଚ୍‌ଜି

**ପିପିଲି,୨୧।୧ (ଦୁର୍ଗାମାଧବ ମିଶ୍ର):** ପିପିଲି ବ୍ଲକ ଅନ୍ତର୍ଗତ ଯଶୁଆପୁର ପଞ୍ଚାୟତର ଗୋବିନ୍ଦା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ବୁଧବାର ମଣ୍ଡିରେ ଚାଷୀଙ୍କ ଧାନ କିଣିଛନ୍ତି। ଗୋବିନ୍ଦା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ମଧୁସ୍ମିତା ମହାରଣା, ସଭାନେତ୍ରୀ ସୁଲୋଚନା ନାୟକଙ୍କ ସମେତ ସମସ୍ତ ସଦସ୍ୟା ଉପସ୍ଥିତ ରହି ଯଥାବିଧି ମୁତାବକ ବ୍ରାହ୍ମଣଙ୍କ ଦ୍ୱାରା ପୂଜାର୍ଚ୍ଚନା କରି ମଣ୍ଡିର ଶୁଭାରମ୍ଭ କରିଥିଲେ। ଏଥିରେ ୨୪ନଂ. ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ବ୍ଲକ ଯୋଗାଣ ବିଭାଗ ଅଧିକାରୀ ଦୀପ୍ତିରଞ୍ଜନ ଇନ୍ଦ୍ରସିଂହ, ପିଇଓ ସୁରେଶ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୧୮ ଜଣ ଚାଷୀଙ୍କଠାରୁ ୬୫୦ କୁଇଣ୍ଟାଲ୍ ଧାନ କିଣା ଯାଇଥିଲା। ମିଲର୍ ଭାବେ ଅଭିରାମ ରାଇସ୍ ମିଲ୍ ନିୟୋଜିତ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଚାଷୀନେତା ଆଶିଷ ବରାଳ, ଦିଲୀପ ମହାପାତ୍ର, ହରିହର ରାଉତ, ନିରଞ୍ଜନ ପ୍ରଧାନ, ପୂର୍ବତନ ସରପଞ୍ଚ ପଦ୍ମନାଭ ସାମନ୍ତରାୟ, ସୁରେନ୍ଦ୍ର ପାଣି, ଅନନ୍ତ ସ୍ୱାଇଁ, ଲୋକନାଥ ଭଞ୍ଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପିପିଲିର ବିଭିନ୍ନ ସ୍ଥାନରେ ଧାନମଣ୍ଡି ଉଦ୍‌ଘାଟିତ

**ପିପିଲି,୨୧।୧ (ଦୁର୍ଗାମାଧବ ମିଶ୍ର):** ପିପିଲି ବ୍ଲକର ବିଭିନ୍ନ ସ୍ଥାନରେ ବୁଧବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ପିପିଲି ଦୁର୍ଗାଦାସପୁର ପ୍ରାଥମିକ ସେବା ସମବାୟ ସମିତି ଧାନମଣ୍ଡିକୁ ସରପଞ୍ଚ ବିଭୂତି ଭୂଷଣ ନାଥ ଉଦ୍‌ଘାଟନ କରିଥିଲେ। ଏଥିରେ ସମିତିସଭ୍ୟଙ୍କ ପ୍ରତିନିଧି ଜଗତ୍‌ବଲ୍ଲଭ ଖଟୋଇ, ମଣ୍ଡି ନୋଡାଲ୍ ଅଧିକାରିଣୀ ସୁଜାତା ବେହେରା, ସମ୍ପାଦକ ଜ୍ୟୋତିର୍ମୟୀ ଦାଶ, ସଭାପତି ବିଶ୍ୱଜିତ୍ ଦାଶ, ଚାଷୀ ମହେଶ୍ୱର ପରିଡ଼ା, ଅମୂଲ୍ୟ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମଣ୍ଡିରେ ୨୭୩ ଜଣ ଚାଷୀ ପଞ୍ଜୀକୃତ କରିଥିଲେ। ସେହିଭଳି ପିପିଲି ସେବା ସମବାୟ ସମିତିରେ ମଧ ମଣ୍ଡି ପିପିଲି ପଦାପଡ଼ିଆଠାରେ ସଭାପତି ଦିଗମ୍ବର ସ୍ୱାଇଁ ନଡ଼ିଆ ବାଢ଼େଇ ଉଦ୍‌ଘାଟନ କରିଥିଲେ। ଏଥିରେ ପିପିଲି ଯୋଗାଣ ନିରୀକ୍ଷକ ଦୀପ୍ତିରଞ୍ଜନ ଇନ୍ଦ୍ରସିଂ, ପିପିଲି ଆର୍‌ଆଇ, ସମିତି ସମ୍ପାଦକ ଲିଟନ କୁମାର ଦାସ, ସମିତିସଭ୍ୟ କବିରାଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ସମିତିରେ ୨୪୮ ଚାଷୀ ପଞ୍ଜୀକୃତ ହୋଇଥିବାବେଳେ ୩ ଜଣ ଚାଷୀ ୮୦ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ମଙ୍ଗଳପୁର ସମିତିରେ ଧାନମଣ୍ଡି ଖୋଲିଛି। ଡେଲାଙ୍ଗ-ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ନଡ଼ିଆ ବାଢ଼େଇ ମଣ୍ଡି ଉଦ୍‌ଘାଟନ କରିଛନ୍ତି। ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଉପେନ୍ଦ୍ର ବେହେରା, ସମିତିସଭ୍ୟ ଗଦାଧର ପରିଡ଼ା, ସମିତି ସଭାପତି ମାଗୁଣି ଚରଣ ପରିଡ଼ା, ସମ୍ପାଦକ ଅବକାଶ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ମଣ୍ଡିରେ ୨୭୯ ଚାଷୀ ପଞ୍ଜୀକୃତ ହୋଇଥିବାବେଳେ ସାଇକୃପା ମିଲର ୮୭୭ କୁଇଣ୍ଟାଲ ଧାନ କିଣିଛି।

# ଛାତ୍ରୀଙ୍କ ସୁରକ୍ଷା ପାଇଁ 'ଶକ୍ତିଶ୍ରୀ' ଆପ୍

**ପିପିଲି,୨୧।୧ (ପ୍ରଭାତ କୁମାର ମହାପାତ୍ର/ ଦୁର୍ଗାମାଧବ ମିଶ୍ର)**



ପିପିଲି ମହାବିଦ୍ୟାଳୟର ୪୭ତମ ବାର୍ଷିକ ଉତ୍ସବରେ ବାର୍ଷିକ ପତ୍ରିକା 'ପ୍ରିୟମ୍ବଦା' ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଉଛି।

ପିପିଲି ମହାବିଦ୍ୟାଳୟରେ ୪୭ତମ ବାର୍ଷିକ ଉତ୍ସବ ବୁଧବାର ଅଧ୍ୟକ୍ଷ ସଦାଶିବ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ରାଜ୍ୟ କ୍ରୀଡ଼ା ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ବିକଶିତ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଶିକ୍ଷାର ବିକାଶ ଦିଗରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିବା କହି ପିଏମ୍ ଉଷା ମାଧ୍ୟମରେ କଲେଜ ବିକାଶର ଅଭିବୃଦ୍ଧି ହୋଇପାରିବ ବୋଲି ସେ କହିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କ ଠାରୁ କଲେଜର ଶିକ୍ଷା ସହ ପରିଚାଳନା ଓ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଖୁବ୍‌ଶୀଘ୍ର ଛାତ୍ରୀଙ୍କ ସୁରକ୍ଷା ପାଇଁ ଶକ୍ତିଶ୍ରୀ ଯୋଜନାର ଏକ ଆପ୍ ଲଞ୍ଚ କରାଯିବ ବୋଲି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂରଜ କହିଥିଲେ।

ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗ ଦେଇଥିବାବେଳେ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ତଥା ଉପଜିଲାପାଳ ରାଜ କିଶୋର ଜେନା, ଛାତ୍ର ସଂସଦ ଉପଦେଷ୍ଟା ସଂଗ୍ରାମ କେଶରୀ ପରିଡ଼ା, +୩ ପ୍ରଶାସନିକ ଅଧିକାରୀ ଭବେଶ ପ୍ରସାଦ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଶିକ୍ଷା ଓ

**ପିପିଲି ମହାବିଦ୍ୟାଳୟର ୪୭ତମ ବାର୍ଷିକ ଉତ୍ସବ**

ଶୃଙ୍ଖଳାର ମହତ୍ତ୍ୱ ଉପରେ ଅତିଥିମାନେ ମତବ୍ୟକ୍ତ କରିଥଲେ। ଏହି ଅବସରରେ କଲେଜର ସାରସ୍ୱତ ବାର୍ଷିକ ପତ୍ରିକା 'ପ୍ରିୟମ୍ବଦା' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କଲେଜ ଏନ୍‌ସିସି ଅଫିସର କ୍ୟାପ୍‌ଟେନ ଆଦିତ୍ୟ ପ୍ରସାଦ ରଥ, ସଙ୍ଗୀତ ପ୍ରାଧ୍ୟାପକ ତଥା +୨ ପ୍ରଶାସନିକ ଅଧିକାରୀ ଡ. ସଚ୍ଚିକାନ୍ତ ନାୟକ, ଅଧ୍ୟାପିକା ଡ. ପ୍ରଣୀତା ମହାପାତ୍ରଙ୍କ ସହ କଲେଜର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ପାର୍ଲାମେଣ୍ଟାରି କମିଟିର ସଦସ୍ୟମାନେ ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି।

# ନିମାପଡ଼ା, ଗୋପରେ ନିର୍ମାଣ ହେବ ୪୬ ମହିଳା ରିସର୍ଚ୍ଚ ସେଣ୍ଟର

**ନିମାପଡ଼ା,୨୧।୧ (ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିମାପଡ଼ା ଓ ଗୋପ ବ୍ଲକର ୪୬ ପଞ୍ଚାୟତରେ ଗ୍ରାମାଞ୍ଚଳ ମହିଳାଙ୍କ ବିକାଶ ପାଇଁ ନୂତନ ଭାବେ ୪୬ଟି ମହିଳା ରିସର୍ଚ୍ଚ ସେଣ୍ଟର (ବୈଠକ ଗୃହ) ନିର୍ମାଣ ହେବ। ପ୍ରତ୍ୟେକ ଗୋଟିଏ ଲେଖାଏଁ ରିସର୍ଚ୍ଚ ସେଣ୍ଟର ପାଇଁ ପ୍ରଥମ ପର୍ଯ୍ୟାୟରେ ୯ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଥିବା ବେଳେ ନିମାପଡ଼ା ନିର୍ବାଚନମଣ୍ଡଳୀର ମୋଟ ୪୬ଟି ପଞ୍ଚାୟତରେ ୪ କୋଟି ୧୪ ଲକ୍ଷ ବ୍ୟୟ ଅଟକଳରେ ୪୬ଟି ମହିଳା ରିସର୍ଚ୍ଚ ସେଣ୍ଟର ଖୁବ୍‌ଶୀଘ୍ର ନିର୍ମାଣ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏକ ସମାରୋହରେ ଯୋଗଦେଇ ସୂଚନା ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କ ଏହି ଘୋଷଣା ପରେ ସମଗ୍ର ନିମାପଡ଼ା ନିର୍ବାଚନମଣ୍ଡଳୀ ମହିଳାଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏହି ନୂତନ ମହିଳା ରିସର୍ଚ୍ଚ ସେଣ୍ଟର ତଥା ବୈଠକ ଗୃହ ନିର୍ମାଣ ହେଲେ ମହିଳାମାନେ ବିଭିନ୍ନ ସଭା, ସମିତି, ଉତ୍ସବ ସମେତ ବହୁ କାର୍ଯ୍ୟକ୍ରମ କରିପାରିବେ। ଗ୍ରାମାଞ୍ଚଳର ମହିଳାମାନେ ବହୁଳ ଭାବେ ଉପକୃତ ହୋଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି। ନିମାପଡ଼ା ନିର୍ବାଚନମଣ୍ଡଳୀର ବିଭିନ୍ନ ବିଭାଗରେ ବହୁଳଭାବେ ବିକାଶମୂଳକ କାର୍ଯ୍ୟକ୍ରମ ଚାଲିଛି। ମହିଳାଙ୍କ ବିକାଶ ପାଇଁ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କ ଏଭଳି ଅଭିନବ ପ୍ରୟାସକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଥିବାବେଳେ ତାଙ୍କୁ ସାଧୁବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଛି।

# ସାମ୍ୟବାଦୀ ନେତା ଲିଙ୍ଗରାଜ ଦାଶଙ୍କ ସ୍ମୃତି ସମାରୋହ

**ନିମାପଡ଼ା,୨୧।୧ (ବିଚିତ୍ରାନନ୍ଦ ସାହୁ)**

ଲିଙ୍ଗରାଜ ଦାଶ ଫାଉଣ୍ଡେଶନ ପକ୍ଷରୁ ନିମାପଡ଼ା ଅଞ୍ଚଳର ଜଣାଶୁଣା ବିଶିଷ୍ଟ ସାମ୍ୟବାଦୀ ନେତା ସ୍ୱର୍ଗତ ଲିଙ୍ଗରାଜ ଦାଶଙ୍କ ୨୨ତମ ସ୍ମୃତି ସମାରୋହ ଓ ସରକାରୀ ଜନତା ଉ.ପ୍ରା. ବିଦ୍ୟାଳୟର ୨୨ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଭାଜପାର ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ, ଶିକ୍ଷାବିତ୍ ଅନିଲ କୁମାର ବିଶ୍ୱାଳ, ନିମାପଡ଼ା କଲେଜର ପ୍ରଶାସନିକ ଅଧିକାରୀ ଡ. ରବୀନ୍ଦ୍ର ନାଥ ପାଢ଼ୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଲିଙ୍ଗରାଜ ଦାଶ ସ୍ମୃତି କମିଟିର ସଭାପତି ପ୍ରଦୀପ୍ତ ଖଟୋଇ, ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, ଏନ୍‌ଏସିର ଉପାଧ୍ୟକ୍ଷ ସନ୍ତୋଷ ଦାଶ, ଅଧ୍ୟାପିକା ପୁଷ୍ପଲତା ନାୟକ, ସିପିଆଇ ନେତା ଦେବେନ୍ଦ୍ରନାଥ ସାହୁ, ବରିଷ୍ଠ ଆଇନଜୀବୀ ମୃତ୍ୟୁଞ୍ଜୟ ଦାଶ, ଶିକ୍ଷାବିତ୍ ଗଙ୍ଗାଧର ପତି, ସୀମାନ୍ତ ଶେଖର ରଥ, ପୂର୍ବତନ କାଉନ୍‌ସିଲର ବ୍ରଜେନ୍ଦ୍ର ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିନୋଦିନୀ ଲେଙ୍କା, ଶ୍ରୀଧର ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନେତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣକରି ତାଙ୍କ ସ୍ମୃତିଚାରଣ କରିଥିବାବେଳେ ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଲେଙ୍କା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ୯୮ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ।

# ଗୋଚର ଜମିରୁ ମାଟି ଉଠାଇବାକୁ ନେଇ ଉତ୍ତେଜନା

**ବଳଙ୍ଗା,୨୧।୧ (କେଦାରେଶ୍ୱର ନନ୍ଦ)**

ବଳଙ୍ଗା ନିକଟସ୍ଥ କାଶୀପୁର ଗୋପୀନାଥପୁର ରାସ୍ତାର ବିଲଗୋରଡ଼ା ଠାରେ ଜଣେ ଠିକାଦାର ରାସ୍ତା ନିର୍ମାଣ ପାଇଁ ରାତିଅଧିଆ ଗୋଚର ଜମିରୁ ମାଟି ଉଠାଇବାକୁ କେନ୍ଦ୍ରକରି ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀଙ୍କ ବିରୋଧ ଦେଖି ଜେଶିବି ଓ ଟ୍ରାକ୍ଟର ଚାଳକମାନେ ଘଟଣାସ୍ଥଳରୁ ଚାଲି ଯାଇଥିଲେ। ସୂଚନା ମୁତାବକ, ଗତ ୮ଦିନ ତଳେ କାଶୀପୁରଠାରୁ ଗୋପୀନାଥପୁର ବେହେରା ସାହି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲା ବେଳେ ଗତ ୩ଦିନ ତଳେ ରାସ୍ତା କାର୍ଯ୍ୟ ନେଇଥିବା ଠିକାଦାର ସ୍ଥାନୀୟ ସରପଞ୍ଚଙ୍କ ଦ୍ୱାରା ଭୂମିପୂଜନ କରିଥଲେ। ପ୍ରଥମ ରାସ୍ତାର ମାଟି କାମ ଥିବାରୁ ମଙ୍ଗଳବାର ରାତିରେ ବିଲଗୋରଡ଼ା ଠାରେ ଥିବା ଗୋଚର ଜମିରୁ ଠିକାଦାର ଜଣକ ଜେଶିବି ଓ ଟ୍ରାକ୍ଟର ସାହାଯ୍ୟରେ ମାଟି ଉଠାଇଥିଲେ। ଏହି ଘଟଣା ଜଣାପଡ଼ିବା ପରେ ବିଲଗୋରଡ଼ା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଗ୍ରାମବାସୀ ଘଟଣାସ୍ଥଳରେ ପ୍ରତିବାଦ କରିବାରୁ ମାଟି ବୋହୁଥିବା ଜେଶିବି ଓ ଟ୍ରାକ୍ଟରଗୁଡ଼ିକ ସେଠାରୁ ଚାଲି ଯାଇଥିଲା।

# ବଣଭୋଜି ସ୍ଥଳରେ ପ୍ଲାଷ୍ଟିକ୍ ସଚେତନତା

**କାକଟପୁର/ଅସ୍ତରଙ୍ଗ,୨୧।୧ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ**

ଅସ୍ତରଙ୍ଗ ବ୍ଲକର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଭାବେ ବେଶ୍ ପରିଚିତ ପୀରଜାହାନିଆ। ଗୋଟିଏପଟେ କଂକ୍ରିଟ୍ ସହର ମାଡ଼ିଚାଲିଥିବା ବେଳେ ଅନ୍ୟପଟେ ଜଙ୍ଗଲର ବିଭିନ୍ନ ସ୍ଥାନରେ ହେଉଥିବା ବଣଭୋଜି ଦ୍ୱାରା ପ୍ରାକୃତିକ ପରିବେଶ ଭୀଷଣ ଭାବେ ପ୍ରଭାବିତ ହେଉଛି। ନଭେମ୍ବରରୁ ମାର୍ଚ୍ଚ ମଧ୍ୟରେ ବଣଭୋଜି ସ୍ଥାନଗୁଡ଼ିକରେ କୁଢ଼ କୁଢ଼ ଆବର୍ଜନା ଏବେ ବନ୍ୟଜନ୍ତୁଙ୍କ ପାଇଁ ବିପଦ ସୃଷ୍ଟି କରିଛି। ବନ ବିଭାଗ ପକ୍ଷରୁ କଡ଼ା ନିୟମ ସହ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀଙ୍କୁ ବାରମ୍ବାର ସଚେତନ କରାଯାଉଥିଲେ ମଧ୍ୟ ବଣଭୋଜି କରିବାକୁ ଆସୁଥିବା ଲୋକେ ବେଧଡ଼କ ଭାବେ ପଲିଥିନ ଓ ପ୍ଲାଷ୍ଟିକ୍ ବ୍ୟବହାର କରି ପରିବେଶକୁ ପ୍ରଦୂଷିତ କରୁଛନ୍ତି। ତାହାକୁ ନଜରରେ ରଖି ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ପୀରଜାହାନିଆ ପର୍ଯ୍ୟଟନସ୍ଥଳୀରେ ପ୍ଲାଷ୍ଟିକ୍‌ମୁକ୍ତ ବଣଭୋଜି ସ୍ଥଳ ଭାବେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। 'ପ୍ଲାଷ୍ଟିକ୍‌କୁ ନା' ବାର୍ତ୍ତା ପ୍ରଚାର କରିବା ଏବଂ ପ୍ରକୃତି ତଥା ବନ୍ୟପ୍ରାଣୀଙ୍କ ଦାୟିତ୍ୱବାନ୍ ଆଚରଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର, ବନପାଳ କାଳୀଚରଣ ମହାନ୍ତି, ଟିଙ୍କିନା ପ୍ରଧାନ, କୈଳାସ ନାୟକ, ବନରକ୍ଷୀ ଶୁଭାଶିଷ ଜେନା, ମିଳନ ମୁଦୁଲି, ପ୍ରତିମୟୀ ପଶୁପାଳକ, ସୋନାଲି ପ୍ରଧାନ, ଶୁଭାଶିଷ ବିଶ୍ୱାଳ, ଦିଲୀପ ନାୟକ, ନିର୍ମଳେନ୍ଦୁ ଚାଟାର୍ଜୀଙ୍କ ସମେତ ବିଦ୍ୟାଳୟ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ସଦସ୍ୟ ଅଂଶଗ୍ରହଣ କରିଥିଲେ।

# ଗୋପରେ ଲୋକଙ୍କ ଅଭିଯୋଗ ଶୁଣିଲେ ସମୀର



ଭାଜପାର ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ଗୋପ,୨୧।୧ (ଭାରତୀ ଭୂଷଣ ଉପାଧ୍ୟାୟ)**

ସରକାରୀ ଅଧିକାରୀ ସାଧାରଣ ଲୋକଙ୍କ ସମସ୍ୟା ବୁଝିବାକୁ ଅଛନ୍ତି। ମୁଁ ସେମାନଙ୍କ ଲୋକପ୍ରତିନିଧି ହୋଇଥିବାରୁ ସେମାନଙ୍କ ସମସ୍ୟା ଦେଖିବା ମୋର ଦାୟିତ୍ୱ। ଯଦି କୌଣସି ବିଭାଗର ଅଧିକାରୀ ସାଧାରଣ ଲୋକଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେଲେ ନାହିଁ ତା ହେଲେ ମୁଁ ସେମାନଙ୍କ ଟେବୁଲ୍ ନିକଟରେ ପହଞ୍ଚି ସମସ୍ତ କାର୍ଯ୍ୟ କରିବି ବୋଲି ସମୀର ରଞ୍ଜନ ଦାଶ କହିଛନ୍ତି। ଗୋପ ଜଳସମ୍ପଦ ବିଭାଗ ଡ଼ାକବଙ୍ଗଳାରେ ବୁଧବାର ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୦୦ରୁ ଅଧିକ ଅଭିଯୋଗ ଆସିଥିବା ସମୟରେ ପୂର୍ବତନ ମନ୍ତ୍ରୀ ତଥା ଭାଜପାର ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ବିଭିନ୍ନ ଅଭିଯୋଗ ଉପରେ କଥାବାର୍ତ୍ତା ହୋଇଥିଲେ। ସମୀର ରଞ୍ଜନ ଦାଶ ଗୋପ ଜଳସମ୍ପଦ ବିଭାଗର ସରକାରୀ ଡାକବଙ୍ଗଳାରେ ପହଞ୍ଚିବା ପରେ ଉପସ୍ଥିତ ଅଭିଯୋଗକାରୀ ସେମାନଙ୍କ ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ। ଏହି ସବୁ ଅଭିଯୋଗ ମଧ୍ୟରେ ଆବାସ ଗୃହ, ଭତ୍ତା, ରାଶନ କାର୍ଡ, ଗୋପ ବଜାର ଉଚ୍ଛେଦ ପରେ କିପରି ପେଟପାଟଣା ପାଇଁ ସ୍ଥାୟୀ ଦୋକାନ ଲାଗି ଜମି ଦେବା, ରାସ୍ତାଘାଟ, ପିଇବା ପାଣି ସହିତ ସାଧାରଣ ଲୋକଙ୍କ ମୌଳିକ ସମସ୍ୟା ରହିଥିଲା। ଦୀର୍ଘ ୩ ଘଣ୍ଟା ଧରି ସମୀର ରଞ୍ଜନ ଦାଶ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିବା ସହ ଭଲମନ୍ଦ ପଚାରି ବୁଝିଥିଲେ। ଜନଶୁଣାଣି ଶିବିରରେ ଯୁବ ନେତୃତ୍ୱ ମନଦୀପ ପାଇକରାୟ, ଦେବାଶିଷ ସାହୁ, କମଳାକାନ୍ତ ମହାନ୍ତି, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ବେହେରା, ପ୍ରତାପ ପରିଡ଼ାଙ୍କ ସମେତ ବହୁ ସମର୍ଥକ ଉପସ୍ଥିତ ଥିଲେ।

# ଚନ୍ଦ୍ରଭାଗା ମାଘବୁଡ଼ରେ ମୁତୟନ ହେବେ ୩୦୦ ସ୍ୱେଚ୍ଛାସେବୀ

**ସ୍ୱେଚ୍ଛାସେବୀ ସମନ୍ୱୟ ବୈଠକ**

**କୋଣାର୍କ,୨୧।୧ (ଜ୍ୟୋତିରାଜ ମହାନ୍ତି)**




ବିଶ୍ୱପ୍ରସିଦ୍ଧ ଚନ୍ଦ୍ରଭାଗା ମାଘବୁଡ଼ରେ ପ୍ରବଳ ଭିଡ଼କୁ ଆଖିଆଗରେ ରଖି ସ୍ୱେଚ୍ଛାସେବୀ ମୁତୟନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବୁଧବାର ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, କୋଣାର୍କର ପର୍ଯ୍ୟଟନ ଅଧିକାରୀ ମାମିନି ପରିଡ଼ା, କୋଣାର୍କ ଥାନାର ଭାରପ୍ରାପ୍ତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜବାହର ନବୋଦୟ ବିଦ୍ୟାଳୟର ଲକ୍ଷ୍ମୀଧର ମଲ୍ଲିକ, ୟୁଥ୍ ରେଡ୍‌କ୍ରସର ଅଧ୍ୟାପକ ଅରବିନ୍ଦ ସାହୁ, ଜୁନିୟର ରେଡ୍‌କ୍ରସର ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଚଳିତ ବର୍ଷ ଚନ୍ଦ୍ରଭାଗା ମାଘମେଳାକୁ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଶାନ୍ତିଶୃଙ୍ଖଳା, ଟ୍ରାଫିକ୍, ନବଗ୍ରହ ମନ୍ଦିର, ସୂର୍ଯ୍ୟମନ୍ଦିର, ଚନ୍ଦ୍ରଭାଗା ବେଳାଭୂମି, ତୀର୍ଥ ନିକଟ ଓ ଠାକୁରଙ୍କ ପାଖରେ ସ୍ୱେଚ୍ଛାସେବୀଙ୍କୁ ମୁତୟନ କରାଯିବ ବୋଲି ସଂଯୋଜକ ରାମକୃଷ୍ଣ ମହାନ୍ତି ପ୍ରକାଶ କରିଥିଲେ। ବୈଠକରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ସ୍କାଉଟ୍ସ ଓ ଗାଇଡ୍ସ, ଜାତୀୟ ସେବା ଯୋଜନା, ଯୁବ ରେଡ୍‌କ୍ରସ, ଜୁନିୟର ରେଡ୍‌କ୍ରସ, ଉତ୍ସର୍ଗ ପରିବାର, ମାଇଁ ଭାରତ, ସବୁଜ ସଂକଳ୍ପ, ସେବକ, ବସନ୍ତ ମଞ୍ଜରୀ ପାଠାଗାର, ରେଡିଓ ନମସ୍କାର, ଜାଭିୟର କଲେଜ୍ ଅଫ ହୋଟେଲ ମ୍ୟାନେଜ୍‌ମେଣ୍ଟ, ସମସ୍ତ ଗଣମାଧ୍ୟମ ପ୍ରତିନିଧି, ଜାତୀୟ ସବୁଜ ବାହିନୀର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ଶେଷରେ ନିରଞ୍ଜନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଛାତ୍ରୀଛାତ୍ରଙ୍କ ମନରେ ଦେଶପ୍ରେମ ଜାଗ୍ରତ କର

**ଗୋପ,୨୧।୧ (ଭାରତୀ ଭୂଷଣ ଉପାଧ୍ୟାୟ)**

**ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜନ୍ମବାର୍ଷିକୀ**

ଗୋପ ବ୍ଲକ୍ ଅଧୀନସ୍ଥ କୁଆଁପଡ଼ା ପଞ୍ଚାୟତର ଚଢ଼େଇଗାଁ ଶ୍ରୀଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ପ୍ରଧାନଶିକ୍ଷକ ରମାକାନ୍ତ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ରାଜ୍ୟର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ସୁଧା'ର ମିଳିତ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏହା ଗତ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ବିଦ୍ୟାଳୟରେ ଆୟୋଜନ ହେବ। ଏଥିରେ ମୁଖ୍ୟ ଅତିଥି ଭାବେ ଅସିତ୍ କୁମାର ଦାଶ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରଙ୍କ ମନରେ ଦେଶପ୍ରେମ ଜାଗ୍ରତ କର। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ ରଚନା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଶ୍ରେଷ୍ଠ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ 'ସୁଧା'ର ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର ପରିଚାଳନା କରିଥିଲେ। ଶେଷରେ ରମେଶ ଚନ୍ଦ୍ର ପଢ଼ିଆରୀ ଧନ୍ୟବାଦ ଦେଇଥିଲେ। ଲକ୍ଷ୍ମୀପ୍ରିୟା ପଲେଇ ମଞ୍ଚ ପରିଚାଳନା କରିଥିଲେ।




କୃତୀ ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ବିଶାଳ ହିନ୍ଦୁ ସମ୍ମିଳନୀ, ପଞ୍ଚକୁଣ୍ଡୀୟ ମହାଯଜ୍ଞ

**ପିପିଲି,୨୧।୧ (ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)**



ହିନ୍ଦୁ ସମ୍ମିଳନୀରେ ଉପସ୍ଥିତ ସାଧୁସନ୍ଥମାନେ।

ପିପିଲିରେ ବିଶାଳ ହିନ୍ଦୁ ସମ୍ମିଳନୀ ନିକଟସ୍ଥ ସଙ୍କଟମୋଚନ ହନୁମାନ ମନ୍ଦିର ପ୍ରାଙ୍ଗଣ ତଥା ପିପିଲି ବଜାର ପଞ୍ଚୁଦୋଳ ମେଳଣ ପଡ଼ିଆରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଧ୍ୟାତ୍ମିକ ଚିନ୍ତାଧାରା ନେଇ ହିନ୍ଦୁ ସମାଜ ଜାଗ୍ରତ ରହିବା ପାଇଁ ଏହି ସମ୍ମିଳନୀରେ ସାମିଲ ହୋଇଥିଲେ ହଜାର ହଜାର ମହିଳା ପୁରୁଷ। ପୂର୍ବାହ୍ନରେ ବିରାଟ କଳସଯାତ୍ରା ପିପିଲି ଥାନା ଠାରୁ ବାହାରି ପିପିଲି ବଜାର ପଞ୍ଚୁଦୋଳ ମେଳଣ ପଡ଼ିଆ ତଥା ସଙ୍କଟମୋଚନ ହନୁମାନ ମନ୍ଦିର ପ୍ରାଙ୍ଗଣ ପର୍ଯ୍ୟନ୍ତ ଯାଇଥିଲା। ହରିବୋଲ, ହୁଳହୁଳି, ଝାଞ୍ଜ, ମୃଦଙ୍ଗ କମ୍ପନରେ କଳସଯାତ୍ରା ପିପିଲି ବଜାର ପରିକ୍ରମା କରିଥିବା ବେଳେ ବହୁ ସାଧୁସନ୍ଥ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ଉକ୍ତ ମେଳଣପଡ଼ିଆରେ ପଣ୍ଡିତ ନାରାୟଣ ଦାଶ ରଥଶର୍ମାଙ୍କ ତତ୍ତ୍ୱାବଧାନରେ ପଞ୍ଚକୁଣ୍ଡୀୟ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ୫ ଯୋଡ଼ି କର୍ତ୍ତାକର୍ତ୍ତ୍ରୀ ନିଜକୁ ସାମିଲ କରି ବିଧି ସମ୍ପାଦନ କରିଥିଲେ। ଗୋଟିଏପଟେ ବେଦମନ୍ତ୍ର ଧ୍ୱନିରେ ମହାଯଜ୍ଞ ଚାଲୁଥିବା ବେଳେ ଅନ୍ୟପଟେ ନିମନ୍ତ୍ରିତ ସାଧୁସନ୍ଥଙ୍କ ପ୍ରବଚନରେ ହଜାର ହଜାର ମହିଳା, ପୁରୁଷ ଆଧ୍ୟାତ୍ମିକ ଚିନ୍ତାଧାରାରେ ବାନ୍ଧି ହୋଇଥିଲେ। ପୁରୀ ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାଶ ମହାରାଜ, କଟକୀ ମଠ ମହନ୍ତ ଡ. ବିଜୟ ରାମାନୁଜ୍ ଦାଶ ମହାରାଜ, ପୁରୀ ମହିପ୍ରକାଶ ମଠ

**କଳସ ଯାତ୍ରାରେ ସାମିଲହେଲେ ଶତାଧିକ ମହିଳା**

ମହନ୍ତ ଶୁଭାନନ୍ଦ ପୁରୀ ଜୀ, ମାଧବ ଚୈତନ୍ୟ ମହାରାଜ, ହାତୀଆଖଡ଼ା ମଠ ମହନ୍ତ ସୁଖରାମ ଦାଶ ମହାରାଜ, ପୁରୀ ପୂଜ୍ୟପୂଜା ପ୍ରକୋଷ୍ଠର ଆବାହକ ଡ. ପ୍ରମୋଦ କୁମାର ଆଚାର୍ଯ୍ୟ, ପୂର୍ବପ୍ରାନ୍ତ ସଂଘଚାଳକ ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିବାବେଳେ ପୁରୀ ବିଭାଗ ଗୋସେବା ସଂଯୋଜକ ପ୍ରଭାତ କୁମାର ମହାପାତ୍ର ସଭା ପରିଚାଳନା କରିଥିଲେ।

ଏହି ଅବସରରେ ପଣ୍ଡିତ ଅଯୋଧ୍ୟାନାଥ ଦାସଶର୍ମା, ଅଧ୍ୟାପକ ପଣ୍ଡିତ ସଦାଶିବ ବ୍ରହ୍ମା, ପଣ୍ଡିତ ନିରଞ୍ଜନ ମିଶ୍ର, ବେଦ ଅଧ୍ୟାପକ ପଣ୍ଡିତ ବିବେକାନନ୍ଦ ତ୍ରିପାଠୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପିପିଲି ହିନ୍ଦୁ ସମ୍ମିଳନୀ ସଂଯୋଜକ ରାକେଶ ମହାପାତ୍ର, ସହସଂଯୋଜକ ପ୍ରଫୁଲ୍ଲ ପ୍ରଧାନ, ଖଣ୍ଡ ସହସଂଯୋଜକ ନିରଞ୍ଜନ ମହାପାତ୍ର, ମନୋଜ ପ୍ରଧାନଙ୍କ ସମେତ ଶତାଧିକ ହିନ୍ଦୁପ୍ରେମୀଙ୍କ ସହଯୋଗରେ ବିଶାଳ ହିନ୍ଦୁ ସମ୍ମିଳନୀ ପରିଚାଳିତ ହୋଇଥିଲା।

**ଜାପାନ ମାଟିରେ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବେ ଓଡ଼ିଆ ପୁଅ**

ଭୁବନେଶ୍ୱର,(ସୌମ୍ୟରଞ୍ଜନ ରାଉତ): ଜାପାନର ଟୋକି ରେଙ୍କୋଜି ମନ୍ଦିରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବେ ଓଡ଼ିଆ ପୁଅ ସତ୍ୟ ସୂତାର। ପ୍ରତିବର୍ଷ ନେତାଜୀ ଜୟନ୍ତୀ ଅବସରରେ ସୂତାର ନେତାଜୀଙ୍କର ଗୌରବର ଗାଥାକୁ ସମଗ୍ର ବିଶ୍ୱରେ ପ୍ରଚାର ପ୍ରସାର କରିଆସୁଛନ୍ତି। ଓଡ଼ିଆ ପୁଅ ସୂତାର ୨୦୨୨ରେ ଭିଏତ୍‌ନାମର ଶାଇଗନଠାରେ, ୨୦୨୩ ମସିହାରେ ସେ ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକର ରୟାଲ ହୋଟେଲ ସମ୍ମୁଖରେ, ୨୦୨୪ରେ ସୂତାର ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ପୋର୍ଟ ବ୍ଲେୟାରରେ, ୨୦୨୫ରେ ମଣିପୁରରର ଇମ୍ଫାଲସ୍ଥିତ ମୋଇରାଙ୍ଗ ମାଟିରେ ନେତାଜୀଙ୍କୁ ଭବ୍ୟ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଚଳନ୍ତା ସ୍କୁଟରରେ ଲାଗିଲା ନିଆଁ, ଅଳ୍ପକେ ବର୍ତ୍ତିଲେ ଚାଳକ

ବାରଙ୍ଗ,୨୧।୧(ଲିଙ୍ଗରାଜ ରାଉତ)

ତ୍ରିଶୂଳିଆ ଛକରେ ବୁଧବାର ଚଳନ୍ତା ସ୍କୁଟରରେ ନିଆଁ ଲାଗି ଜଳିଯାଇଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହାଦେଖି ସ୍ଥାନୀୟ ଲୋକେ ବାରଙ୍ଗ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ସ୍କୁଟରଟି ସମ୍ପୂର୍ଣ୍ଣ ଜଳିପୋଡ଼ି ନଷ୍ଟ ହୋଇଯାଇଥିଲା।

ପଟିଆ ଅଞ୍ଚଳର ବିଶ୍ୱରଞ୍ଜନ ମହାନ୍ତି ସ୍କୁଟରରେ ଚୌଦ୍ୱାର ଅଭିମୁଖେ ଯାଉଥିଲେ। ତ୍ରିଶୂଳିଆ ବଜାରରେ ପହଞ୍ଚିବା ବେଳେ କୌଣସି କାରଣରୁ ସ୍କୁଟରରେ ନିଆଁ ଲାଗିଯାଇଥିଲା। ଫଳରେ ସ୍କୁଟରଟି ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା। ଏହି ସମୟରେ ବିଶ୍ୱରଞ୍ଜନ ଗାଡ଼ିରୁ ଓହ୍ଲାଇ ପଡ଼ିବାରୁ ଅଳ୍ପକେ ରକ୍ଷା ପାଇ ଯାଇଥିଲେ।

# ବ୍ୟାଙ୍କମାନେ ଯୁବତୀଯୁବକଙ୍କୁ ୧୦ଲକ୍ଷ ଲେଖାଏ ଋଣ ଦିଅନ୍ତୁ

## ଓଡ଼ିଶା ଜମା ଟଙ୍କା ଅନ୍ୟ ରାଜ୍ୟରେ ବିନିଯୋଗ କଲେ ବିରୋଧ ହେବ

ଭୁବନେଶ୍ୱର,୨୧।୧ (ସୌମ୍ୟରଞ୍ଜନ ରାଉତ)


ଖବରଦାତା ସମ୍ମିଳନୀରେ କଳିଙ୍ଗ ସେନାର ସାଧାରଣ ସମ୍ପାଦକ ରାଧାମୋହନ ପଟ୍ଟନାୟକଙ୍କ ସହ ଅନ୍ୟ କର୍ମକର୍ତ୍ତା।

ଓଡ଼ିଶାରୁ ୫ ବର୍ଷ ଭିତରେ ୩୦ ଲକ୍ଷ କୋଟି ଟଙ୍କାର ଜମା ରାଶି ସଂଗ୍ରହ କରୁଥିବା ବ୍ୟାଙ୍କମାନେ ରାଜ୍ୟର ପ୍ରତି ପଞ୍ଚାୟତରେ ଅତିକମ୍‌ରେ ୧୦୦ ଜଣ ଯୁବତୀଯୁବକଙ୍କୁ ୧୦ଲକ୍ଷ ଟଙ୍କା ଲେଖାଏ ଋଣ ପ୍ରଦାନ କରନ୍ତୁ। ଏହି ଋଣ ପାଇଁ ସରକାର ଗ୍ୟାରେଣ୍ଟର ପଡ଼ନ୍ତୁ ଓ ବ୍ୟାଙ୍କମାନେ ମୂଳଧନ ଜମା ବ୍ୟବସ୍ଥାର ଉଚ୍ଛେଦ କରନ୍ତୁ ବୋଲି କଳିଙ୍ଗ ସେନା ପକ୍ଷରୁ ଦାବି କରାଯାଇଛି। ଏନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ କଳିଙ୍ଗ ସେନାର ସାଧାରଣ ସମ୍ପାଦକ ରାଧାମୋହନ ପଟ୍ଟନାୟକ କହିଲେ, ଓଡ଼ିଶାରେ କାର୍ଯ୍ୟ କରୁଥିବା ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କଗୁଡ଼ିକର ଜମା ସଂଗ୍ରହ ବଢ଼ିବାରେ ଲାଗିଛି। ହେଲେ ଏମାନେ ଜମା ସଂଗ୍ରହ ଅନୁପାତରେ ଓଡ଼ିଶାର ବେକାର ଯୁବତୀଯୁବକଙ୍କୁ ବ୍ୟବସାୟ କରିବାକୁ ହେଉ କିମ୍ବା ପାଠ ପଢ଼ିବାକୁ ଋଣ ପ୍ରଦାନ କରୁନାହାନ୍ତି। ତାହାକୁ ଅନ୍ୟ ରାଜ୍ୟରେ ବିନିଯୋଗ କରି ମାଲାମାଲ ହେଉଛନ୍ତି। ଓଡ଼ିଶାରେ ଯେଉଁ ଋଣ ଦେଉଛନ୍ତି, ତାହାର ସିଂହଭାଗ ଘର ଋଣ, ଗାଡ଼ି ଋଣ ନ ହେଲ ଶିଳ୍ପ ଋଣ। କୃଷି ଋଣ, କ୍ଷୁଦ୍ର ବ୍ୟବସାୟ, ଚଳଚ୍ଚିତ୍ର ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ବାବଦ ଋଣ ପାଇଁ ଏମାନେ ପଛଘୁଞ୍ଚା ଦେଉଛନ୍ତି। ଏମାନଙ୍କଠାରୁ କେତେକ ଅଣଓଡ଼ିଆ ଶିଳ୍ପପତି ଓ ବ୍ୟବସାୟୀ ମୋଟା ଅଙ୍କର ଋଣ ନେଇ ଓଡ଼ିଶା ଛାଡ଼ି ପଳାଉଛନ୍ତି। ତେଣୁ ଯୁବତୀଯୁବକମାନେ କିଭଳି ସହଜରେ ଋଣ ପାଇବେ, ସେଥିପାଇଁ ଉଭୟ ସରକାର ଓ ବ୍ୟାଙ୍କ ବ୍ୟବସ୍ଥା କରନ୍ତୁ। ଓଡ଼ିଶା ଜମା ଟଙ୍କାକୁ ଅନ୍ୟ ରାଜ୍ୟରେ ଖଟାଇଲେ, ବିରୋଧ କରାଯିବ ବୋଲି ପଟ୍ଟନାୟକ ଦାବି କରିଛନ୍ତି। ସଦସ୍ୟ ବିଜୟ ରାଜ, ଇଂ. ମନୋଜ ନାୟକ, ସୁମନ୍ତ ସ୍ୱାଇଁ, ଅମୂଲ୍ୟ ନାୟକ, ଉପସଭାପତି ଅବଦୁଲ କୟୁମ୍ ଖାନ୍, ହିମାଂଶୁ ନାୟକ, ବରୋଦାକାନ୍ତ ମହାନ୍ତି, ହେମନ୍ତ ସିଂ, ସବ୍ୟସାଚୀ ମହାପାତ୍ର, ତୁଳସୀ ଦାଶ, ସମୀର ପ୍ରଧାନ, ସଙ୍ଗଠନ ମନ୍ତ୍ରୀ ସଞ୍ଜୟ ପ୍ରଧାନ, ସମ୍ପାଦକ ଅଶୋକ ସାହୁ, ନାରୀ ନେତ୍ରୀ ମୋନାଲିଶା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ନିର୍ବାଚନୀ ସଭା



ଭୁବନେଶ୍ୱର,୨୧।୧(ସୁଚିସ୍ମିତା ସାହୁ)

ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ବିସିଡିଡି-୧ର ୬୩ତମ ବାର୍ଷିକ ଡିଭିଜନ ସମ୍ପାଦକ ନିର୍ବାଚନ ସୋମବାର ସଂଘର ସଭାପତି ପ୍ରଶାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସଂଘର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ, ଉପସଭାପତି ନରେଶ ତ୍ରିପାଠୀ, ଯୁଗ୍ମସମ୍ପାଦକ ଦିଲ୍ଲୀପ ସାହୁ, ମୁଖ୍ୟ ସଂଗଠନ ସମ୍ପାଦକ ବିପିନ ସେଠୀ, ଅକ୍ଷୟ କୁମାର ନାୟକ, ଧୀରେନ ସାହୁ, ଅଜିତ କୁମାର ସାମନ୍ତରାୟ, ବିରଞ୍ଚି ନାରାୟଣ ସିଂ, ସର୍କଲ ସମ୍ପାଦକ ତ୍ରିଲୋଚନ ଓଝା ଶ୍ରମିକଙ୍କ ସମସ୍ୟା ଓ ଟେକ୍‌ନିକାଲ କର୍ମଚାରୀଙ୍କ ସମସ୍ୟା ଉପରେ ପ୍ରସ୍ତାବ ରଖିଥିଲେ। ସୂର୍ଯ୍ୟନାରାୟଣ ଦାସ ନୂତନ ଡିଭିଜନ ସମ୍ପାଦକ ଭାବେ ଅଜିତ କୁମାର ସାମନ୍ତରାୟଙ୍କ ନାମ ପ୍ରସ୍ତାବ ଦେବାପରେ ୧୩ଟି ସେକ୍ସନର ଅର୍ଗାନାଇଜର ସମର୍ଥନ କରିଥିଲେ। ସାରଦା ପ୍ରସାଦ ସାମନ୍ତ ଓ ଜ୍ଞାନ ରଞ୍ଜନ ମହାନ୍ତି ସହସମ୍ପାଦକ ଏବଂ ମନୋଜ କୁମାର ବେହେରା ଡିଭିଜନ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ।

# କ୍ରୀଡ଼ା କ୍ଷେତ୍ରରେ ସିଜିୟୁର ସଫଳତା



ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)

ରାଉରକେଲାସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ମହୋତ୍ସବରେ ଭୁବନେଶ୍ୱରସ୍ଥିତ ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି (ସିଜିୟୁ)ର ସ୍ପୋର୍ଟସ ଟିମ୍ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛି। ଜାନୁଆରୀ ୧୬ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି କ୍ରୀଡ଼ା ମହୋତ୍ସବରେ ସିଜିୟୁର ଭଲିବଲ ଦଳ ଚାମ୍ପିୟନ ହୋଇ ଗୌରବ ଅର୍ଜନ କରିଥିବାବେଳେ ଫୁଟବଲ ଓ କ୍ରିକେଟ ଦଳ ରନର୍ସ-ଅପ୍ ହୋଇ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସିଜିୟୁର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ସଞ୍ଜୀବ କୁମାର ରାଉତ କହିଛନ୍ତି, ସିଜିୟୁ ବର୍ତ୍ତମାନ ୟୁନିଭର୍ସିଟିରେ କ୍ରୀଡ଼ା ଭିତ୍ତିଭୂମିର ପ୍ରସାର ପାଇଁ କ୍ରିକେଟ ଷ୍ଟାଡିୟମ, ଫୁଟବଲ ଷ୍ଟାଡିୟମ ପ୍ରତିଷ୍ଠା କରିବା ସହିତ ସମସ୍ତ ଇନ୍‌ଡୋର ଓ ଆଉଟଡୋର୍ ଖେଳର ଭିତ୍ତିଭୂମି ପ୍ରତିଷ୍ଠା କରିବା ପାଇଁ ପ୍ରାଧାନ୍ୟ ଦେଇଛି। ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍‌ସେଲର ପ୍ରଫେସର ବଂଶୀଧର ମାଝୀ ଏବଂ ପ୍ରୋ-ଭାଇସ୍ ଚାନ୍‌ସେଲର ପ୍ରଫେସର ଜି. ଶ୍ରୀଦେବୀ ଛାତ୍ରୀଛାତ୍ରମାନଙ୍କୁ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି।

# ବିଜେଇଏମ୍ ସ୍କୁଲର ବାର୍ଷିକ ପ୍ରକଳ୍ପ ପ୍ରଦର୍ଶନୀ

ଭୁବନେଶ୍ୱର,୨୧।୧ (ସୁଚିସ୍ମିତା ସାହୁ)



ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲରେ ବିଭିନ୍ନ ବିଷୟ ଉପରେ ଆଧାରିତ ପ୍ରକଳ୍ପ ପ୍ରଦର୍ଶନୀ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ଡ. କାର୍ତ୍ତିକ ଚନ୍ଦ୍ର ଦାଶ ଯୋଗଦେଇ ପିଲାମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ ନିମନ୍ତେ ଏପରି କାର୍ଯ୍ୟକ୍ରମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଦ୍ୟାଳୟ ପରିଚାଳକ ପ୍ରତାପ କୁମାର ଜେନା ଯୋଗଦେଇ ପିଲାଙ୍କ ସୃଜନଶୀଳତା ଓ କଳ୍ପନାପ୍ରବଣ ଗୁଣର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ପିଲାଙ୍କ ସହଯୋଗ, ଦକ୍ଷତା ପ୍ରଦର୍ଶନ ଓ ଆତ୍ମବିଶ୍ୱାସ ବୃଦ୍ଧି ହୋଇଥାଏ ବୋଲି ସେ କହିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସନ୍ଧ୍ୟା ଜେନା, ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର, ପର୍ଯ୍ୟବେକ୍ଷକ ନରେଶ କୁମାର ରଥ, ପଦ୍ମାଳୟା ପଲ୍, ପ୍ରଦୀପ କୁମାର ମଲ୍ଲିକ, ସୁଚରିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ତୃତୀୟରୁ ନବମ ଶ୍ରେଣୀର ୨୯୨ ଜଣ ଛାତ୍ରୀଛାତ୍ର ବିଭିନ୍ନ ବିଷୟ ଯଥା-ଶକ୍ତି ସଞ୍ଚୟ ଓ ସବୁଜ ଶକ୍ତି (ପରିବେଶ ବିଜ୍ଞାନ), ଆମ ଗ୍ରହ ଆମ କାହାଣୀ (ସାମାଜିକ ବିଜ୍ଞାନ), କଳ୍ପନା ଓ ସୃଜନଶୀଳତା (ଭାଷା ଓ ସାହିତ୍ୟ) ଏବଂ ବ୍ୟବହାରିକ ଓ ବାସ୍ତବ ପ୍ରୟୋଗ (ଗଣିତ) ଉପରେ ୧୦୭ଟି ପ୍ରକଳ୍ପରେ ଅଂଶଗ୍ରହଣ କରିଥିଲେ।

# ରୟାଲ କଲେଜର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)

ଆବାସିକ +୨ ବିଜ୍ଞାନ ମହାବିଦ୍ୟାଳୟ ରୟାଲ୍ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜିର ୨୩ତମ ପ୍ରତିଷ୍ଠା ଦିବସ ବୁଧବାର ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ଆର୍‌ଡିସି ନିରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟରେ ଯୁକ୍ତ୨ ବିଜ୍ଞାନ ଶିକ୍ଷା କ୍ଷେତ୍ରରେ ରୟାଲ କଲେଜ୍ ଏକ ମାଇଲ୍‌ଖୁଣ୍ଟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଟେକ୍‌ଷ୍ଟ ବୁକ୍ ବ୍ୟୁରୋର ପୂର୍ବତନ ନିର୍ଦ୍ଦେଶକ ଡ. ଆର.ପି. ରୁଥ୍, ବିଶିଷ୍ଟ ପରିବେଶବିତ୍ ତଥା ପୂର୍ବତନ ପ୍ରାଧ୍ୟାପକ ଡ. ଜୟକୃଷ୍ଣ ପାଣିଗ୍ରାହୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଅଧ୍ୟୟନ, ଅଧ୍ୟବସାୟ ଓ ବ୍ୟକ୍ତିତ୍ୱର ବିକାଶ ଉପରେ ଗୁରୁତ୍ୱ ଦେବା ପାଇଁ ଉପଦେଶ ଦେଇଥିଲେ। ଡ. ଜୟକୃଷ୍ଣ ପାଣିଗ୍ରାହୀ ପରିବେଶର ସୁରକ୍ଷା, ଜଳସମ୍ପଦର ସଦୁପଯୋଗ ଓ ପ୍ରାକୃତିକ ପରିବେଶ ମଧ୍ୟରେ ଶିକ୍ଷାଦାନ ବ୍ୟବସ୍ଥା ଉପରେ ଗୁରୁତ୍ୱଦେବାକୁ କହିଥିଲେ। ଗତ ବର୍ଷ +୨ ବିଜ୍ଞାନ ପରିକ୍ଷାରେ କଲେଜର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଆଦ୍ୟାଶା ପ୍ରିୟଦର୍ଶିନୀ ଓ ସିବିଏସ୍‌ଇର +୨ବିଜ୍ଞାନ ପରିକ୍ଷାରେ ରୟାଲ ପବ୍ଲିକ୍ ସ୍କୁଲର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ପ୍ରିୟଦର୍ଶିନୀ ମଙ୍ଗରାଜଙ୍କୁ ସମ୍ମାନିତ କରାଯାଇଥିଲା। ରୟାଲ ପ୍ରିନ୍‌ସ ଭାବେ +୨ଦ୍ୱିତୀୟ ବର୍ଷ ଛାତ୍ର ଶିବତନୟା ମହାରଣା ଓ ରୟାଲ ପ୍ରିନ୍‌ସେସ୍ ଭାବରେ +୨ଦ୍ୱିତୀୟ ବର୍ଷ ଛାତ୍ରୀ ଲକ୍ଷ୍ମୀବ୍ରତା ପ୍ରଧାନଙ୍କୁ ସମ୍ମାନତ କରାଯାଇଥିଲା। କଲେଜର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଡ. ବିଷ୍ଣୁମୋହନ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଛାତ୍ରୀ ରାଇଶ୍ରୀ ବେହେରା ଅତିଥି ପରିଚୟ ଓ ଅଧ୍ୟାପକ ସମ୍ପିତ କୁମାର ମିଶ୍ର ସଭା ପରିଚାଳନା କରିଥିଲେ। ଅତିଥିମାନେ କଲେଜ ମୁଖପତ୍ର 'ଦି ଏଲାନ୍ ଭାଇଟାଲ' ଉନ୍ମୋଚିତ ହୋଇଥିଲା । ପୂର୍ବତନ ନିର୍ଦ୍ଦେଶକ ସ୍ୱର୍ଗତ ଡ. ଅମଲ୍ୟ କୁମାର ପଣ୍ଡାଙ୍କ ଦ୍ୱାରା ସ୍ଥାପିତ 'ରୟାଲ ଟିଚର ଅଫ୍ ଦି ଇୟର ଆୱାର୍ଡ- ୨୦୨୫-୨୬' ସମ୍ମାନ ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଡ. ପଙ୍କଜ କୁମାର ଜେନା ଏବଂ ଶିକ୍ଷକ ସନ୍ତୋଷ କୁମାର କରଙ୍କୁ ଉଚ୍ଚମାନର ଶିକ୍ଷାଦାନ ପାଇଁ ସମ୍ମାନିତ କରାଯାଇଥିଲା। କଲେଜ ଅଧ୍ୟକ୍ଷ ଜୀବନ କିଶୋର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। କଲେଜର କୋଅର୍ଡିନେଟର ସଂଘମିତ୍ରା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ୨ କାର ମୁହାଁମୁହିଁ ଧକ୍କା ,୨ ଗାଈ ମୃତ

ବାରଙ୍ଗ,୨୧।୧(ଲିଙ୍ଗରାଜ ରାଉତ)

ଚନ୍ଦକା କୁଜିମହଲ ଗ୍ରାମ ନିକଟରେ ବୁଧବାର ଦୁଇଟି କାର ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୨ଟି ଗାଈଙ୍କ ମୃତ୍ୟୁ ଘଟିଥିବା ବେଳେ ଚାଳକ ଓ ଅନ୍ୟ ଯାତ୍ରୀମାନେ ଆହତ ହୋଇଛନ୍ତି। ଚନ୍ଦକା ଥାନା ପୋଲିସ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିକଟସ୍ଥ ଚନ୍ଦକା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏନେଇ ପୋଲିସ ମାମଲା (ନଂ.୩୭/୨୬) ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରିଛି।

ସକାଳେ ଚନ୍ଦକାପଟୁ କିଟ୍‌ର ୪ଜଣ ଛାତ୍ର କାର (ନଂ.ଓଡି ୦୨ସିଏସ୍ ୦୦୬୯) ଯୋଗେ କଣ୍ଟାବାଡ଼ ଅଭିମୁଖେ ଯାଉଥିଲେ। କଣ୍ଟାବାଡ଼ ପଟୁ ଅନ୍ୟ ଏକ କାର୍ (ନଂ.ଓଡି ୩୩ ଏଆର ୦୦୧୪) ଯୋଗେ ସ୍ୱାମୀ-ସ୍ତ୍ରୀ ଚନ୍ଦକା ଅଭିମୁଖେ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।


ସରସ୍ୱତୀ ପୂଜା ପାଇଁ ଭୁବନେଶ୍ୱର ୟୁନିଟ୍-୧ ମାର୍କେଟ୍ ରାସ୍ତା ପାର୍ଶ୍ୱରେ ବିକ୍ରି ପାଇଁ ରହିଥିବା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି। (ଫଟୋ ବିକାଶ)

# ଘରୋଇ ଆଇଟିଆଇ ମଙ୍ଗଳକାରୀ ମହାସଂଘର ବାର୍ଷିକ ସାଧାରଣସଭା

ଭୁବନେଶ୍ୱର,୨୧।୧(ସୁଚିସ୍ମିତା ସାହୁ)

ଘରୋଇ ଆଇଟିଆଇ ମଙ୍ଗଳକାରୀ ମହାସଂଘର ଦ୍ୱିତୀୟ ବାର୍ଷିକ ସାଧାରଣ ଅଧିବେଶନ ବୁଧବାର ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଇଂ. ଦେବାଶିଷ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବରିଷ୍ଠ ସଦସ୍ୟ କ୍ଷେତ୍ରବାସୀ ମହନ୍ତ ସ୍ୱାଗତ ଭାଷଣ, ସମ୍ପାଦକ ଇଂ. ଦେବୀ ପ୍ରସାଦ ଦାସ ବାର୍ଷିକ ବିବରଣୀ ପାଠ ଓ କୋଷାଧ୍ୟକ୍ଷ ଇଂ. ଦୀପ୍ତିରଞ୍ଜନ ପଣ୍ଡା ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ସରକାରଙ୍କ ଡାଟା ମାଇଗ୍ରେଶନ ପଲିସିରେ ଅସୁବିଧା, ଏସ୍‌ସି/ଏସ୍‌ଟି ଷ୍ଟାଇପେଣ୍ଡ୍ ମିଳିବାରେ ବିଳମ୍ବ, ପି.ଆର୍.ଏନ୍. ସମସ୍ୟା, ଆଡ୍‌ମିଶନ ଏବଂ ଏସ୍‌ସି/ଏସ୍‌ଟି ପୋର୍ଟାଲରେ ଥିବା ଜଟିଳତା ଆଦି ବହୁବିଧ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଂଘ ପକ୍ଷରୁ ଖୁବ୍‌ଶୀଘ୍ର ବିଭାଗୀୟ ଅଧିକାରୀଙ୍କ ନିକଟରେ ପ୍ରସ୍ତାବିତ ସମସ୍ୟାର ସମାଧାନ ଲାଗି ଉଦ୍ୟମ କରାଯିବ ବୋଲି ସଭାପତି ଇଂ. ଦେବାଶିଷ ଆଚାର୍ଯ୍ୟ ଘୋଷଣା କରିଥିଲେ। ସଂଘର ସଦସ୍ୟ ହେବା ପାଇଁ ରାଜ୍ୟର ଆହୁରି ଅନେକ ଆଇଟିଆଇ ପ୍ରମୋଟର ଇଚ୍ଛା ପ୍ରକାଶ କରୁଥିବାରୁ ସେମାନଙ୍କୁ ସାମିଲ କରାଯିବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ରାଜ୍ୟର ବିଭିନ୍ନ ଜିଲାରୁ ପ୍ରାୟ ଶତାଧିକ ଘରୋଇ ଆଇଟିଆଇ କର୍ତ୍ତୃପକ୍ଷ ଯୋଗଦେଇଥିଲେ। ସଂଘର ଯୁଗ୍ମ ସମ୍ପାଦକ ଧର୍ମାଶୋକ ମହାଲାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଡାକ୍ତରଙ୍କୁ ୩୫ ହଜାର ଠକେଇ, ୨ ଗିରଫ

ଭୁବନେଶ୍ୱର,୨୧।୧(ତ୍ରିନାଥ ମହାନ୍ତି)

ମନ୍ତ୍ରୀଙ୍କ ପରିଚୟ ଦେଇ ଜଣେ ରେଡିଓଲୋଜି ଡାକ୍ତରଙ୍କୁ ୩୫ ହଜାର ଟଙ୍କା ଠକିବା ଅଭିଯୋଗରେ ଭରତପୁର ଥାନା ପୋଲିସ ୨ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବୀରେନ୍ ପ୍ରଧାନ ଏବଂ ସିଦ୍ଧାନ୍ତ ମିର୍ଦ୍ଧା। ମିଳିଥିବା ସୂଚନାନୁସାରେ ଅଭିଯୋଗକାରୀ ସତ୍ୟସୁନ୍ଦର ଭୁବନେଶ୍ୱରସ୍ଥିତ ଏକ ପ୍ରତିଷ୍ଠିତ ହସ୍ପିଟାଲରେ ରେଡିଓଲୋଜି ଡାକ୍ତର ଭାବେ କାର୍ଯ୍ୟ କରନ୍ତି। ଗତ ୧୮ ତାରିଖ ସକାଳ ପ୍ରାୟ ୧୦ଟା ୧୬ ରେ ସତ୍ୟସୁନ୍ଦର ଡ୍ୟୁଟିରେ ଥିବା ବେଳେ ତାଙ୍କ ମୋବାଇଲକୁ ଏକ କଲ୍ ଆସିଥିଲା। କଲ୍ କରୁଥିବା ବ୍ୟକ୍ତି ନିଜକୁ ଜଣେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ (ପିଏ) ବୋଲି ପରିଚୟ ଦେଇଥିଲେ। ଏଥିସହ ମନ୍ତ୍ରୀ ତାଙ୍କ ସହିତ ସ୍ୱାସ୍ଥ୍ୟସେବା ସମ୍ପର୍କିତ କିଛି ବିଷୟରେ କଥା ହେବାକୁ ଚାହୁଁଛନ୍ତି ବୋଲି କହିଥିଲେ। ପରେ ବ୍ୟକ୍ତି ଜଣକ ପ୍ରତାରଣାମୂଳକ ଉଦ୍ଦେଶ୍ୟରେ ନିଜ ସ୍ୱରକୁ ପରିବର୍ତ୍ତନ କରି ମନ୍ତ୍ରୀଙ୍କ ସ୍ୱର ଅନୁକରଣ କରି କଥା ହୋଇଥିଲେ। ବିଭିନ୍ନ ପ୍ରକାର ପ୍ରଲୋଭିତ କଥା କହି ସରୋଜ କୁମାର ମହାପାତ୍ରଙ୍କ ନାମରେ ଥିବା ଏକ ନିର୍ଦ୍ଦିଷ୍ଟ ମୋବାଇଲ ନମ୍ବରକୁ ଫୁପିଆଇ ମାଧ୍ୟମରେ ୩୫ ହଜାର ଟଙ୍କା ସ୍ଥାନାନ୍ତର କରିବାକୁ ପ୍ରବର୍ତ୍ତାଇଥିଲେ। ଅଭିଯୁକ୍ତଙ୍କ କଥାକୁ ସତ୍ୟ ବୋଲି ବିଶ୍ୱାସ କରି, ସତ୍ୟସୁନ୍ଦର ଫୁପିଆଇ ମାଧ୍ୟମରେ ୩୫ହଜାର ଟଙ୍କା ସ୍ଥାନାନ୍ତର କରିଥିଲେ। ହେଲେ ପରେ ସେ ଠକେଇର ଶିକାର ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ।

# ଦଧୀଚି ସମୂହ ଅନୁଷ୍ଠାନ ପକ୍ଷରୁ ୱାକାଥନ

ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)



ସଡ଼କ ସୁରକ୍ଷା ସଚେତନତା ମାସ ପାଳନ ଅବସରରେ କଣ୍ଟାପଡ଼ା ବ୍ଲକ ବାଗଲପୁର ପଞ୍ଚାୟତ ସୁନ୍ଦର ଗ୍ରାମରେ ଦଧୀଚି ସମୂହ ଅନୁଷ୍ଠାନ ପକ୍ଷରୁ ଏକ ୱାକାଥନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଟ୍ରାଫିକ ପୋଲିସ ଓ କଟକ ଏମ୍‌ଭିଆଇ ଆର୍‌ଟିଓର ମିଳିତ ଉଦ୍ୟମରେ ଆୟୋଜିତ ଏହି ୱାକାଥନରେ ପ୍ରାୟ ୩୦୦ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ଏବଂ ସ୍ଥାନୀୟ ଲୋକ ସୁନ୍ଦରଗ୍ରାମରୁ ଏକ ୱାକାଥନରେ ବାହାରି ବାଗଲପୁର ପଞ୍ଚାୟତ ପର୍ଯ୍ୟନ୍ତ ଯାଇଥିଲେ। ଏହାକୁ ଦଧୀଚି ଅନୁଷ୍ଠାନର ଚେୟାରମ୍ୟାନ ଡ. ମନୋଜ କୁମାର ଦାଶ ଓ ପ୍ରଶାସନ ବିଭାଗ ଅଧ୍ୟକ୍ଷ ସୀମାଞ୍ଚଳ ପଣ୍ଡା, କଟକ ଅତିରିକ୍ତ ଏସ୍‌ପି (ଟ୍ରାଫିକ୍) ମୀନାକ୍ଷୀ ଠାକୁର, ଡେପୁଟି ଏସ୍‌ପି ନିରଞ୍ଜନ ଶବର, ଟ୍ରାଫିକ୍ ଇନ୍ସପେକ୍ଟର ରଞ୍ଜନ କୁମାର ଦୋରା, ଆସିଷ୍ଟାଣ୍ଟ ଆର୍‌ଟିଓ ଆଦ୍ୟାଶା ପରିଡ଼ା, ଓଲଟପୁର ଥାନା ଆଇଆଇସି କାଦମ୍ବିନୀ ପରିଡ଼ା ଓ ସୁନ୍ଦରଗ୍ରାମ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ସେଠୀ ଅତିଥି ଭାବେ ଯୋଗଦେଇଥିଲେ। ବାଟରେ ଯାଉଥିବା ଲୋକ, ହେଲ୍‌ମେଟ୍ ପିନ୍ଧିଥିବା ବାଇକ୍ ଚାଳକ, ସିଟ୍ ବେଲ୍ଟ ବାନ୍ଧିଥିବା କାର ଚାଳକଙ୍କୁ ପୋଲିସ ଓ ଛାତ୍ରୀଛାତ୍ର ଗୋଲାପ ଫୁଲ ଦେଇ ଉତ୍ସାହିତ କରାଇଥିଲେ। ଯେଉଁମାନେ ହେଲମେଟ୍ ପିନ୍ଧି ନ ଥିଲେ, ମୋବାଇଲରେ କଥାହୋଇ ଗାଡି ଚଳାଉଥିଲେ, ସେମାନଙ୍କୁ ଦୁର୍ଘଟଣାରୁ ରକ୍ଷା ପାଇବା ଲାଗି ସଚେତନ କରାଉଥିଲେ। ଦଧୀଚି ସମୂହ ଅନୁଷ୍ଠାନର ଚେୟାରମ୍ୟାନ ଡ. ମନୋଜ କୁମାର ଦାଶ ସଡ଼କ ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ଶପଥପାଠ କରାଇଥିଲେ। ଦୀପ୍ତି ପଟ୍ଟନାୟକ, ବିଶ୍ୱନାଥ ପ୍ରଧାନ, ଉଦୟନାଥ ସାହୁ, ନୀଳକଣ୍ଠ ଦାଶ, ସତ୍ୟନାରାୟଣ ଦାଶ, ସୌଭାଗ୍ୟ ରଞ୍ଜନ କାନୁନ୍‌ଗୋ ସହଯୋଗ କରିଥିଲେ। ଦଧୀଚି ସମୂହ ଅନୁଷ୍ଠାନର ନିଯୁକ୍ତି ଓ ପ୍ରଶିକ୍ଷଣ ଅଫିସର ହରେକୃଷ୍ଣ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରିୟବ୍ରତ ଥିଲେ 'ବେଦ ପୁରୁଷ'

ଭୁବନେଶ୍ୱର ୨୧।୧ (ସୌମ୍ୟରଞ୍ଜନ ରାଉତ)



ବିଶିଷ୍ଟ ବୈଦିକ ବିଦ୍ୱାନ, ବେଦଗବେଷକ ତଥା ଆର୍ଯ୍ୟସମାଜ ଭୁବନେଶ୍ୱରର ପ୍ରତିଷ୍ଠାତା ଇଂ. ପ୍ରିୟବ୍ରତ ଦାସ ଥିଲେ ବାସ୍ତବରେ ଜଣେ 'ବେଦ ପୁରୁଷ'। ବେଦ ଓ ବୈଦିକ ସାହିତ୍ୟ ହିଁ ଥିଲା ତାଙ୍କ ଜୀବନର ବ୍ରତ। ୧୯୭୬ ମସିହାରେ ପ୍ରତିଷ୍ଠା ହୋଇଥିବା ଭୁବନେଶ୍ୱର ଆର୍ଯ୍ୟସମାଜ ହେଉଛି ତାଙ୍କର ସର୍ବଶ୍ରେଷ୍ଠ ଦାନ। ଇଂ. ଦାସଙ୍କ ବିୟୋଗରେ ଆର୍ଯ୍ୟସମାଜରେ ଆୟୋଜିତ ଶାନ୍ତିଯଜ୍ଞ ଓ ସ୍ମୃତିସଭାରେ ଯୋଗଦେଇ ବକ୍ତାମାନେ ଏହା ପ୍ରକାଶ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ସ୍ମୃତିଚାରଣ କରିଥିଲେ। ସ୍ମୃତିସଭାରେ ବିଶିଷ୍ଟ ବୈଦିକ ବିଦ୍ୱାନ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ଆମସେନା ଗୁରୁକୁଳ ଆଶ୍ରମର ଆଚାର୍ଯ୍ୟ ତଥା ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର ସଭାପତି ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ, କୋଲକତାର ବ୍ରହ୍ମଦ ଜୀ, ବେଦଧାମର ମୁଖ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ପ୍ରମୁଖ ଯୋଗଦେଇ ଇଂ. ଦାସ ବେଦାୟନର ପଥିକ 'ବେଦ ପୁରୁଷ' ବୋଲି କହିଥିଲେ। ଶାନ୍ତିଯଜ୍ଞରେ ଯଜମାନଥିଲେ ଯଜ୍ଞପ୍ରକାଶ ଦାସ ଓ ସୁଶ୍ରୀତା ଦାସ। ଏହି ଅବସରରେ ଇଂ ପ୍ରିୟବ୍ରତ ଦାସଙ୍କ ସ୍ମୃତିରେ ଆର୍ଯ୍ୟ ସମାଜ ପକ୍ଷରୁ ପ୍ରକାଶିତ 'ବେଦ ପୁରୁଷ' ସ୍ମରଣିକାକୁ ଇଂ. ଦାସଙ୍କ ସହଧର୍ମିଣୀ ବେଦ ବିଦୂଷୀ ଶନ୍ତୋଦେବୀ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଆର୍ଯ୍ୟ ସମାଜର ବରିଷ୍ଠ ସଦସ୍ୟ ଡାକ୍ତର ଗୋପାଳ ଚନ୍ଦ୍ର ଦାଶ। ମହାଶ୍ୱେତା ଦାସ, ପ୍ରଜ୍ଞା ଦାସ, ରତିକ ଦାସ, ନିଷ୍ଠା ରତମ୍, ସୁମେଧା ଦାଶ ଓ ଦୀକ୍ଷା ଦାସ ସାମୂହିକ ଶାନ୍ତିଯଜ୍ଞ ସହ ଶାନ୍ତିପାଠ କରିଥିଲେ।

## ସଂକ୍ଷେପରେ

### ବାଙ୍କୀ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ସମ୍ମିଳନୀ

ବାଙ୍କୀ,୨୧।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର) ବାଙ୍କୀ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ କାର୍ଯ୍ୟାଳୟଠାରେ ଏକ ମହିଳା ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ମହିଳା ଭାଜପା ସମ୍ପାଦିକା ଅନୀତା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଙ୍କୀ ଭାଜପା ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଆଗକୁ ମହିଳାମାନଙ୍କୁ ନେଇ କିପରି ଏକ ସୁନ୍ଦର ବାଙ୍କୀ ଗଠନ କରାଯିବ, ସେ ବିଷୟରେ ଆଲୋକପାତ କରିଥିଲେ। ନଗର ମଣ୍ଡଳ ଭାଜପା ସଭାପତି ସଞ୍ଜୟ ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ବାଙ୍କୀ ବ୍ଲକ ପୂର୍ବତନ ଅଧ୍ୟକ୍ଷ ତଥା ବରିଷ୍ଠ ଭାଜପା ନେତା କାହ୍ନୁଚରଣ ସିଂହ ନାରୀଶକ୍ତି ବିଷୟରେ ଆଲୋଚନା କରିଥିଲେ। କଟକ ସାଂସଦଙ୍କ ପ୍ରତିନିଧି ସରୋଜ ମଉଗଜସିଂହ ନାରୀମାନେ ନିର୍ବାଚନ ସମୟରେ ସଙ୍ଗଠିତ ହୋଇ ବୁଥ୍‌ଗୁଡ଼ିକୁ କିଭଳି ଭୋଟରମାନେ ଆସିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରମୁଖ କାର୍ଯ୍ୟକର୍ତ୍ତା ଦେବାଶିଷ ମାନସିଂହ ମହିଳା ମୋର୍ଚ୍ଚାର ସଭ୍ୟମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସରକାରଙ୍କ ମହିଳା ସଶକ୍ତୀକରଣ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ସଭାରେ ଭାଜପାର ୭ ମଣ୍ଡଳର ସମସ୍ତ ପ୍ରମୁଖ କାର୍ଯ୍ୟକର୍ତ୍ତା ଓ ମଣ୍ଡଳ ସଭାପତିମାନେ ଉପସ୍ଥିତ ରହିଥିଲେ। ଭାଜପା କାର୍ଯ୍ୟାଳୟ ସମ୍ପାଦକ ରବୀନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

### ଶିବିରରେ ୭୦ ୟୁନିଟ୍ ରକ୍ତ ସଂଗ୍ରହ

ଟିଗିରିଆ, ୨୧।୧( ଜାଫର ଖାଁ) :ଟିଗିରିଆ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ରବୀନ୍ଦ୍ର କୁମାର ମିଶ୍ରଙ୍କ ୧୬ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଟିଗିରିଆ ବ୍ଲକ ନିଜିଗଡ଼ସ୍ଥିତ କଲ୍ୟାଣ ମଣ୍ଡପଠାରେ ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି ପୃଥ୍ୱିବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରିବା ସହ ରବୀନ୍ଦ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶିବିରକୁ ଆଠଗଡ଼-ଟିଗିରିଆ ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ଆୟୋଜନ କରାଯାଇଥିଲା -ଏଥିରେ ରବୀନ୍ଦ୍ରଙ୍କ ପୁଅ ଶୁଭାଶିଷ ମିଶ୍ର, ସରୋଜ ଦାଶ, କଂଗ୍ରେସ ନେତା ଆଲୋକ ମହାନ୍ତି, ଅକ୍ଷୟ ତୁଙ୍ଗ ସାମନ୍ତ, ଆଠଗଡ଼ର କଂଗ୍ରେସ ନେତା ମନୋରଞ୍ଜନ ପଟ୍ଟନାୟକ, ସାଇରାମ ମହାନ୍ତି, ଶୁଭେନ୍ଦୁ ବେହେରା, ରମେଶ ରାଉତ, ଶ୍ରୀକାନ୍ତ ମହାନ୍ତି, ଅଭିଷେକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବାଙ୍କୀରେ ଧାନମଣ୍ଡି ଅବ୍ୟବସ୍ଥା, ତେଜୁଛି ଚାଷୀ ଅସନ୍ତୋଷ

- ମଣ୍ଡିରେ ଚାଷୀଙ୍କ ନାମରେ ବେପାରୀ ଧାନ ବିକୁଛନ୍ତି
- ଚାଷୀଙ୍କ ପାଇଁ ନାହିଁ ସୁବ୍ୟବସ୍ଥା

ବାଙ୍କୀ,୨୧।୧(ଶୁଭେନ୍ଦୁ ମହାପାତ୍ର): କଟକ ଜିଲା ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଉପଖଣ୍ଡରେ ଚଳିତବର୍ଷ ୪୯ ପ୍ରାଥମିକ କୃଷି ସେବା ସମବାୟ ସମିତି (ପାକ୍ସ)ରେ ମଣ୍ଡି ଖୋଲିବାକୁ ନିର୍ଦ୍ଦେଶ ମିଳିଛି। ସୂଚନାଥାଉ କି ମଣ୍ଡି ଖୋଲିବା ପୂର୍ବରୁ ମଣ୍ଡିରେ ଚାଷୀମାନଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି କିମ୍ବା ବେପାରୀଙ୍କଠାରୁ ଧାନ ସଂଗ୍ରହ କରାଯିବ ନାହିଁ ଏବଂ ପ୍ରତ୍ୟେକ ଧାନମଣ୍ଡିରେ ଚାଷୀ ଧାନ ରଖିବାକୁ ଉପଯୁକ୍ତ ସ୍ଥାନ ନିରୂପଣ ସହ ସେଠାରେ ଟେଷ୍ଟ କରି ଛାଇ କରିବା ସହିତ ଧାନ ରଖିବା ପାଇଁ ବସ୍ତା, ପାଲ, ପାନୀୟ ଜଳ ବ୍ୟବସ୍ଥା, ଶୌଚାଳୟ ଆଦି ଯୋଗାଇ ଦେବାକୁ ସରକାରୀ ନିର୍ଦ୍ଦେଶନାମା ଦିଆଯାଇଥିଲା। ପାକ୍ସର ସମ୍ପାଦକମାନେ


ମଣ୍ଡିକୁ ଆସିଥିବା ଧାନ ବାହାରେ ପଡ଼ିରହିଛି।

ସରକାରୀ ନିୟମକୁ ବେଖାତିର କରି ସମ୍ପାଦକମାନେ ଖୋଲାଆକାଶ ତଳେ ମଣ୍ଡି ଖୋଲି ଧାନ ସଂଗ୍ରହ କରିଥିବା ଦେଖିବାକୁ ମିଳିଛି। ଧାନମଣ୍ଡି ଉଦ୍‌ଘାଟନ ସମୟରେ ବାଙ୍କୀ ଉପଖଣ୍ଡ ନିବନ୍ଧକ ଅଧିକାରୀ ସୁରେନ୍ଦ୍ର କୁମାର ଜେନାଙ୍କ ସହିତ ପାକ୍ସର ସମ୍ପାଦକ, ନୋଡାଲ ଅଧିକାରୀ ଭାବେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ, ଆରଏମ୍‌ସି କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଧାନ ସଂଗ୍ରହ କରୁଥିବାବେଳେ ଉପସ୍ଥିତ ସରକାରୀ ଅଧିକାରୀ ଓ କର୍ମଚାରୀମାନେ କେହି ବି ସରକାରୀ ନିୟମ ମାନୁ ନ ଥିବା ଜଣାପଡ଼ୁଛି। କାହା ସାହସରେ ଅଧିକାରୀମାନେ ସରକାରୀ ନିୟମକୁ ଖୁଲମ୍‌ଖୁଲା ଉଲ୍ଲଂଘନ କରୁଛନ୍ତି। ଏସବୁର ବିଭାଗୀୟ ଅଧିକାରୀ ଏବଂ କଟକ ଜିଲାପାଳ ଯଦି ଏହାର ନିରପେକ୍ଷ ତଦନ୍ତ କରି ସରକାରୀ ନିୟମ ଉଲ୍ଲଂଘନକାରୀ କର୍ମଚାରୀମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପାକ୍ସଗୁଡ଼ିକର ଚାଷୀ ଓ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ବାଙ୍କୀ ଆରଏମ୍‌ସି ଅଧିକାରୀ ଅଶୋକ ପ୍ରଧାନଙ୍କୁ ପଚାରିବାରେ ପ୍ରତ୍ୟେକ ପାକ୍ସର ସମ୍ପାଦକମାନଙ୍କୁ ଆବଶ୍ୟକ ମୁତାବକ ପାଲ ଯୋଗାଇଦେବା, ସରକାରୀ ନିୟମ ମାନି ପ୍ରଥମେ ଚାଷୀମାନଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବା ସହ ମଣ୍ଡି ଖୋଲି ଧାନ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ବାଙ୍କୀ ଏଆର୍‌ସିସି ସୁରେନ୍ଦ୍ର କୁମାର ଜେନାଙ୍କୁ ପଚାରିବାରେ ପଞ୍ଜୀକୃତ ଚାଷୀଙ୍କ ନାମ ଅନୁସାରେ ଯେଉଁ ଜମିର ପଟ୍ଟା ଜମା ଦିଆଯାଇଛି, ସେହି ଜମିରେ କେଉଁ ଧାନ ଚାଷ କରିଛନ୍ତି ଏବଂ ମଣ୍ଡିରେ କେଉଁ ଧାନ ସଂଗ୍ରହ କରାଯାଉଛି, ତାହାର ତଦନ୍ତ କରାଯିବ। ତ୍ରୁଟି ଥିଲେ ସମ୍ପାଦକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ବିଭାଗ ଅଧିକାରୀ ଚନ୍ଦ୍ରଶେଖର ପାତ୍ରଙ୍କୁ ପଚାରିବାରେ ପ୍ରତ୍ୟେକ ଧାନମଣ୍ଡିରେ ପାକ୍ସର ସମ୍ପାଦକମାନେ ଚାଷୀମାନଙ୍କ ସୁବ୍ୟବସ୍ଥା କରିବେ। ଯଦି ଏଥିରେ ତ୍ରୁଟି ହୋଇଥାଏ, ଜିଲା ସିଏସ୍‌ଓଙ୍କ ସହ ଆଲୋଚନା କରି ତଦନ୍ତ କରାଯିବା ସହ ସତ୍ୟତା ଅନୁସନ୍ଧାନ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ବୁଥ୍‌ସ୍ତରରେ ଦଳକୁ ସୁଦୃଢ଼ କର

### ବାଙ୍କୀ ନଗର ଭାଜପାର ଏନ୍‌ଏସି ଅଞ୍ଚଳରେ ବୁଥ୍‌ସ୍ତରୀୟ ବୈଠକ

ବାଙ୍କୀ,୨୧।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ନଗର ଭାଜପା ପକ୍ଷରୁ ଏନ୍‌ଏସି ଅନ୍ତର୍ଗତ ଶିଶୁଆ ୱାର୍ଡ ନଂ. ୩, ବୁଥ୍ ନଂ.୧୧୯ରେ କର୍ମୀମାନଙ୍କର ଏକ ବୈଠକ ନଗର ସଭାପତି ସଞ୍ଜୟ ରଣାଙ୍କ ନେତୃତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭାଜପା ବାଙ୍କୀ ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବୁଥ୍ କମିଟିକୁ ଶକ୍ତିଶାଳୀ କରିବା ସହ ଆଗକୁ କିଭଳି ଅଧିକ ଲୋକମାନଙ୍କୁ ଭାଜପାରେ ସାମିଲ କରାଯିବ, ସେ ବିଷୟରେ ଆଲୋଚନା କରିଥିଲେ। ବୁଥ୍ ସଭାପତି ସୁରେନ୍ଦ୍ର ରାଉତ, ନଗର ମଣ୍ଡଳ ଉପସଭାପତି ମାନସ ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସମସ୍ତ ବୁଥ୍ କମିଟି ମେମ୍ବର ଏବଂ ଭାଜପାର ଆଗଧାଡ଼ିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ନଗର ମଣ୍ଡଳ ପ୍ରଭାରୀ ଜୟନ୍ତ କୁମାର ବେଉରା, ସାଙ୍ଗଠନିକ ସମ୍ପର୍କରେ ନିଜର ମତପ୍ରକାଶ କରିବା ସହିତ ଜିଲା ସମ୍ପାଦକ ଅନୀତା ମିଶ୍ର ଏବଂ ଜିଲା ପ୍ରତିନିଧି ସରୋଜ କୁମାର ମିଶ୍ର ବୁଥ୍‌ସ୍ତରରେ ଦଳକୁ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ନଗର ମଣ୍ଡଳ ସାଧାରଣ ସମ୍ପାଦକ ଅଶୋକ କୁମାର ରାଜ ଏବଂ ପ୍ରମୋଦ ଚନ୍ଦ୍ର ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଣବ କୁମାର ରାଉତ, ଗୁରୁପ୍ରସାଦ ରାଉତ, ସୌମ୍ୟରଞ୍ଜନ ବେହେରା, ଚିତ୍ତରଞ୍ଜନ ରାଉତ, ରୁଦ୍ରପ୍ରସାଦ ରାଉତ, ଅନିଲ କୁମାର ରାଉତ ପ୍ରମୁଖ ସହଯୋଗ କରିଥିଲେ।


ବୈଠକରେ ଯୋଗ ଦେଇଥିବା ଭାଜପା ନେତା କର୍ମୀମାନେ।

# ସେମିରେ ଜାକୋବିନ୍ କ୍ରିକେଟ କ୍ଲବ୍ ଚୌଦ୍ୱାର


ଅତିଥିଙ୍କ ଗହଣରେ ଉଭୟଦଳର ଖେଳାଳି ।

### ୧ମ ରାଜ୍ୟସ୍ତରୀୟ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଟିଗିରିଆ,୨୧।୧(ଜାଫର ଖାଁ)

ଟିଗିରିଆ ବ୍ଲକ୍ ଅନ୍ତର୍ଗତ ସୋମପଡ଼ା ଖେଳ ପଡ଼ିଆରେ ଲିଟିଲ ଷ୍ଟାର କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ପ୍ରଥମ ରାଜ୍ୟସ୍ତରୀୟ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବୁଧବାର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ବାଙ୍କୀର ବିଏଏ କ୍ରିକେଟ କ୍ଲବ୍‌କୁ ୬୯ ରନରେ ହରାଇ ଚୌଦ୍ୱାରର ଜାକୋବିନ କ୍ରିକେଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚରେ ଚୌଦ୍ୱାର ଦଳ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୮ଓଭରରେ ୬ ଉଇକେଟ ହରାଇ ୨୫୩ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବ୍ୟାଟିଂରେ ଆଲୋକ ରାୟ ୨୦ ବଲରୁ ୫୫ ରନ ଓ ଭକ୍ତବନ୍ଧୁ ରାଉତ ୨୪ ବଲରୁ ୬୬ ରନ ସଂଗ୍ରହ କରିଥିଲେ। ବାଙ୍କୀ ଦଳ ପକ୍ଷରୁ ବୋଲିଂରେ ଏନ୍.କେ. ନିହାର ୫୨ ରନ ବ୍ୟୟରେ ୨ ଓ ସାଗର ବେହେରା ୩୫ ରନ ଦେଇ ୨ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ବାଙ୍କୀ ଦଳ ୧୬.୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୮୪ ରନକରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ବ୍ୟାଟିଂରେ ତପନ ନାୟକ ୧୭ ବଲରୁ ୪୫ରନ ଓ ଜିତେନ୍ଦ୍ର ବେହେରା ୧୩ ବଲରୁ ୩୧ ରନ ସଂଗ୍ରହ କରିଥିଲେ। ଚୌଦ୍ୱାର ଦଳ ପକ୍ଷରୁ ବୋଲିଂରେ ଲିପନ ବିଶ୍ୱାଳ ୪୪ ରନ ବିନିମୟରେ ୩ ଓ ସୁରଜ ହଳଧର ୩୨ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ଖେଳରେ ଉନ୍ନତ ବ୍ୟାଟିଂ ପ୍ରଦର୍ଶନ ପାଇଁ ଚୌଦ୍ୱାର ଦଳର ଭକ୍ତବନ୍ଧୁ ରାଉତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳରେ ମୁଖ୍ୟ ଅତିଥି ଭାବେ ବ୍ଲକର ଯୁବନେତା ଚିନ୍ମୟ କୁମାର ମଲ୍ଲିକ ଯୋଗଦେଇ ଉଭୟ ଦଳର ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ସଲିପ ସାମନ୍ତରାୟ ଓ ମଥୁରା ପ୍ରଧାନ ପରିଚାଳନା କରିଥିଲେ। ସ୍କୋରରେ ଗୋବିନ୍ଦ ଚନ୍ଦ୍ର ବେହେରା, ସଞ୍ଜୟ କୁମାର ଗଣ୍ଡିଆ ସହଯୋଗ କରିଥିଲେ। ମଳୟ ପ୍ରଧାନ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଖେଳ ପରିଚାଳନାରେ ଲିଟିଲ ଷ୍ଟାର କ୍ରିକେଟ ଆସୋସିଏଶନର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

### ବିଜ୍ଞାନ ପ୍ରଚାର ସମିତିର ଅଧିବେଶନ, କର୍ମକର୍ତ୍ତା ନିର୍ବାଚନ

ସାଲେପୁର,୨୧।୧(ଅରବିନ୍ଦ ଭୂୟାଁ)
ସାଲେପୁର ବ୍ଲକ ଅଞ୍ଚଳରେ ବିଜ୍ଞାନର ପ୍ରସାର ଓ ବୈଜ୍ଞାନିକ ମନୋବୃତ୍ତିର ଜାଗରଣ ପାଇଁ ବିଜ୍ଞାନ ପ୍ରଚାର ସମିତି ୪୯ତମ ଅଧିବେଶନ ପିକୋଲ ପଞ୍ଚାୟତସ୍ଥିତ ଜଗନ୍ନାଥ-ଗୋପୀନାଥ ଟ୍ରଷ୍ଟ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମେଜର ମଞ୍ଜୁଶ୍ରୀ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମିତିର ଆଗାମୀ କାର୍ଯ୍ୟପନ୍ଥା ଓ ବାର୍ଷିକ ଉତ୍ସବ ସମ୍ପର୍କରେ ଆଲୋଚନା କରାଯାଇଛି। ଅଧିବେଶନର ପ୍ରାରମ୍ଭରେ ଡ. ପୂର୍ଣ୍ଣଚନ୍ଦ୍ର ଓଝାଙ୍କ ଆବାହକତ୍ୱରେ ସମିତିର କାର୍ଯ୍ୟକର୍ତ୍ତା ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତିକ୍ରମେ ମେଜର ପତି ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ବିପିନ ବିହାରୀ କର ଉପସଭାପତି, ମହେଶ ଚନ୍ଦ୍ର କର ସମ୍ପାଦକ, ଇଂ. ହରିହର ତ୍ରିପାଠୀ ବାର୍ତ୍ତା ସମ୍ପାଦକ ଓ ପୁରସ୍ତମ ବେହେରା କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ସେହିପରି ଶାରଦା ପ୍ରସାଦ ରଥଙ୍କୁ ଜୈବିକ ଉପଦେଷ୍ଟା, ପୂର୍ଣ୍ଣଚନ୍ଦ୍ର ଓଝା, ପ୍ରଭାତ କିଶୋର ନାୟକ ଓ ଉମେଶ ଚନ୍ଦ୍ର ପତିଙ୍କୁ ଉପଦେଷ୍ଟା ମଣ୍ଡଳୀରେ ସାମିଲ କରାଯାଇଛି। ଟ୍ରଷ୍ଟର ପ୍ରତିଷ୍ଠାତା ସୁକାନ୍ତ କିଶୋର ମହାନ୍ତିଙ୍କୁ ସମିତିର ମୁଖ୍ୟ ପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇଛି। ଶେଷରେ ସମ୍ପାଦକ ମହେଶ ଚନ୍ଦ୍ର କର ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ଧନ୍ୟବାଦ ଦେଇଥିଲେ।

# ସୁସ୍ଥ ସମାଜ ଗଠନ ପାଇଁ ମତଦାତା ସାକ୍ଷର ହେବା ଜରୁରୀ

### ନିର୍ବାଚନ ସାକ୍ଷରତା କ୍ଲବ୍ ପକ୍ଷରୁ ସାଧାରଣ ଜ୍ଞାନ ପ୍ରତିଯୋଗିତା

ଟିଗିରିଆ,୨୧।୧ ( ଜାଫର ଖାଁ)

ଏକ ସୁସ୍ଥ ସମାଜ ଗଠନ ପାଇଁ ମତଦାତା ସାକ୍ଷର ହେବା ଜରୁରୀ। ଏହାସହ ପ୍ରତ୍ୟେକ ନିର୍ବାଚନରେ ମତଦାତା ନିଜର ମତଦାନ ସାବ୍ୟସ୍ତ କରିବା ଦରକାର। ବୁଧବାର ଟିଗିରିଆ ବ୍ଲକ୍ ଅଧୀନ ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଚୈତନ୍ୟ ସାହୁ ଉଚ୍ଚତର ବିଦ୍ୟାଳୟରେ ନିର୍ବାଚନ ସାକ୍ଷରତା କ୍ଲବ ପକ୍ଷରୁ ପୃଥକ୍ ଭାବେ ଅନୁଷ୍ଠିତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଭବିଷ୍ୟତ ଭୋଟରମାନଙ୍କୁ ମତଦାନକୁ ନେଇ ସଚେତନ କରାଇବା ଲାଗି ଆଠଗଡ଼ ଉପଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ବାଚନ ସାକ୍ଷରତା କ୍ଲବଗୁଡ଼ିକରେ 'ମତଦାନ ସମାନ କୌଣସି କାର୍ଯ୍ୟ ନାହିଁ, ମୁଁ ନିଶ୍ଚିତ ଭୋଟ ଦେବି' ଏହି ଉକ୍ତିକୁ ନେଇ ନିର୍ବାଚନ ସାକ୍ଷରତା କ୍ଲବ୍‌ରେ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସହକାରୀ ଜିଲାପାଳ ମାନସ ରଞ୍ଜନ ବେହେରାଙ୍କ ସହଯୋଗରେ ସ୍ଥାନୀୟ ତହସିଲଦାର ଅକ୍ଷୟ କୁମାର ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହାସହ ବିଇଓ ଅମର କୁମାର ମହାରଣା ଏବଂ ଏବିଡିଓ ଯାଜ୍ଞସେନୀ ଗୋଛାୟତ, ଚୈତନ୍ୟ ସାହୁ ଉଚ୍ଚତମ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁ, ଅଧ୍ୟାପକ ପଦ୍ମନାଭ ଶତପଥୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମତଦାନ ସମ୍ପର୍କରେ ଧାରଣା ଦେଇଥିଲେ। ବୁଥ୍‌ସ୍ତରୀୟ ପର୍ଯ୍ୟବେକ୍ଷକ ଚନ୍ଦ୍ରକାନ୍ତ ମିଶ୍ରଙ୍କ ସଂଯୋଜନା ଏବଂ ପର୍ଯ୍ୟବେକ୍ଷକ ବିଶ୍ୱରଞ୍ଜନ ଜେନା, ମହେଶ୍ୱର ସେଠୀଙ୍କ ସହଯୋଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଅତିଥିମାନେ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପିଏମ୍ ନୋଡାଲ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ସାହୁ, ଉଚ୍ଚତମ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ପର୍ଯ୍ୟବେକ୍ଷକ ପ୍ରମୋଦ କୁମାର ଗୋଛି, ସଚ୍ଚିଦାନନ୍ଦ ରାଉଳ, ସାଧନ କେନ୍ଦ୍ର ସଂଯୋଜକ ଉମାଶଙ୍କର ରାଉତ, ଅଶୋକ କୁମାର ଦାସ ଏବଂ ଚନ୍ଦ୍ରମଣି ସ୍ୱାଇଁଙ୍କ ସମେତ ବହୁ ବୁଥ୍‌ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଭୋଳାନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ଚଢ଼େଇବନ୍ଧ ବିଜୟୀ


ଉଦ୍‌ଘାଟନୀ ମ୍ୟାଚରେ ଉଭୟ ଦଳର ଖେଳାଳି। ।

ବାଙ୍କୀ,୨୧।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀ ବ୍ଲକ ଅନ୍ତର୍ଗତ କିଆପଲ୍ଲା ନୂଆଗାଁ ଶିବଶକ୍ତି କ୍ଲବର ଭୋଳାନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମଦିନରେ ଚଢ଼େଇବନ୍ଧ ଟସ୍ ଜିତି ବ୍ୟାଟିଂକରି ୧୪୦ରନ୍ କରିଥିଲା। ନୂଆଗାଁ ଟିମ୍ ୮୦ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଏଥିରେ ଚଢ଼େଇବନ୍ଧ ବିଜୟୀ ହୋଇଥିଲା। ସାମାଜିକ କର୍ମୀ ବବୁଲ୍ ରାଉତ ମୁଖ୍ୟ ଅତିଥି, ଚରଣ ବେହେରା, ହରିବନ୍ଧୁ ବେହେରା ଅନ୍ୟତମ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଖେଳ ୭ଦିନ ଧରି ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଗିଟୁନ୍ ନାୟକ, ବାପି ରାଉତ, ବିକାଶ ପରିଡ଼ା, ପିଙ୍କୁ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

# ତାଳବସ୍ତରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

ତାଳବସ୍ତ,୨୧।୧ (ସୁବ୍ରତ କୁମାର ନାୟକ)

ବାଙ୍କୀ ନିର୍ବାଚନମଣ୍ଡଳୀ ଡମପଡ଼ା ବ୍ଲକର ସବୁଠାରୁ ବୃହତ୍ ପଞ୍ଚାୟତ ହେଉଛି ତାଳବସ୍ତ। ଗ୍ରାମ ଲୋକଙ୍କ ଭଲମନ୍ଦ, ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିବାକୁ ଅରପୁର ମୌଜାରେ ତାଳବସ୍ତ ଫାଣ୍ଡି ରହିଛି। ସବୁବେଳେ ଦେଖାଯାଉଛି ଆବଶ୍ୟକ ସଂଖ୍ୟକ କର୍ମଚାରୀ ଏଠାରେ ରହୁନାହାନ୍ତି। ଜମିବାଡ଼ି ତଥା ଘରୋଇ କଳିର ସମାଧାନ ପାଇଁ ଲୋକ ଆସି ବାହାରେ ବହୁ ସମୟ ଅପେକ୍ଷା କରୁଛନ୍ତି। ରାତିଅଧିଆ ଘଟଣାଗୁଡିକରେ ଅଭିଯୋଗକାରୀଙ୍କୁ ଫାଣ୍ଡି ବାରଣ୍ଡାରେ ସକାଳ ପର୍ଯ୍ୟନ୍ତ ବସି ରହିବାକୁ ପଡୁଛି। ଡିସେମ୍ବର ପ୍ରଥମ ସପ୍ତାହରୁ ଏଠାରେ ଥିବା ଫାଣ୍ଡି ଅଧିକାରୀ ରତ୍ନାକର ପ୍ରଧାନଙ୍କର ବଦଳି ପରଠୁ ଦେଢ଼ମାସ ହେବ କୌଣସି ଅଧିକାରୀ ଏପର୍ଯ୍ୟନ୍ତ ଯୋଗ ଦେଇନାହାନ୍ତି। ୫ ଜଣ କନ୍‌ଷ୍ଟେବଲଙ୍କ ସ୍ଥାନରେ ବର୍ତ୍ତମାନ ଜଣଙ୍କ ଉପସ୍ଥିତିରେ ତାଳବସ୍ତ ଫାଣ୍ଡି ଚାଲୁଅଛି। ଫାଣ୍ଡି ଅଧିକାରୀଙ୍କ ଅନୁପସ୍ଥିତି ପାଇଁ ବନ୍ଦ ରହିଥିବା ଗୋ ଚାଲାଣ, ଲଘୁ ଖଣିଜ ଦ୍ରବ୍ୟ ଚୋରି, ରାଜରାସ୍ତାରେ ମାରପିଟ, ଦେଶୀ ବିଦେଶୀ ମଦ ବିକ୍ରି କାର୍ଯ୍ୟକଳାପଗୁଡିକ ବଢ଼ିବାରେ ଲାଗିଛି। ଜେଲଫେରନ୍ତା ବ୍ରାଉନସୁଗାର ବ୍ୟବସାୟୀ ପୁଣି ଥରେ କାରବାର ଆରମ୍ଭ କରିଦେଇଛନ୍ତି। ନୂଆବର୍ଷ ଆରମ୍ଭରୁ ଭୋଜିଭାତ କରି ବିଦ୍ୟାଧରପୁର ବାସିନ୍ଦା ବ୍ୟବସାୟୀ ଚିନ୍ତାମଣି ବେହେରାଙ୍କ ଘରୁ ଏସି ଚୋରି ଘଟଣାର ମୁଖ୍ୟମାନଙ୍କୁ ଏ ପର୍ଯ୍ୟନ୍ତ ପୋଲିସ ଧରିପାରିନାହିଁ। କର୍ମଚାରୀ ଅଭାବ ପାଇଁ ଯେଉଁ ପରିମାଣରେ ପାଟ୍ରୋଲିଂ ହେବା କଥା ତାହା ହୋଇପାରୁନାହିଁ। ଖୁଲୁମଖୁଲା ପଞ୍ଚାୟତ ଗେଟ୍ ପାଖରେ ଦେଶୀମଦ ଏବଂ ତାଳବସ୍ତ ଚେକ୍ ଗେଟ ପାଖରେ ଥିବା ଢାବାଗୁଡ଼ିକରେ ବିଦେଶୀ ମଦ ବିକ୍ରି ହେଉଛି। ପ୍ରଶାସନ ଏବଂ ପୋଲିସ ସମ୍ପୂର୍ଣ୍ଣ ଏଥିପାଇଁ ନୀରବଦ୍ରଷ୍ଟା ସାଜିଛି ବୋଲି ତାଳବସ୍ତର ସାମାଜିକ କର୍ମୀ କାର୍ତ୍ତିକ କୁମାର ନାୟକ କହିଛନ୍ତି। ପୋଲିସ ଭୟ ରହୁ ନ ଥିବାରୁ ତାଳବସ୍ତ, ଦୁଲଣାପୁର ମୌଜାରେ ପାନୀୟଜଳ ମେଗା ପ୍ରୋଜେକ୍ଟର ବହୁ ଦାମୀ ପାଇପ୍ ଏବଂ ଜାତମୁଣ୍ଡିଆରୁ ସାମନ୍ତରାପୁର ପର୍ଯ୍ୟନ୍ତ ରାସ୍ତା ନବୀକରଣ ପାଇଁ ଆସୁଥିବା ବାଲି, ରଡ଼, ଗୋଡ଼ି ରାତାରାତି ଏକ ଯୁବଗୋଷ୍ଠୀଙ୍କ ଦ୍ୱାରା ନିୟମିତ ଚୋରିହେଉଛି। ଫଳରେ ପଞ୍ଚାୟତ ସବୁର ଉନ୍ନତିମୂଳକ କାର୍ଯ୍ୟକ୍ରମ ବହୁ ପଛରେ ପଡୁଛି ବୋଲି ସାମାଜିକ କର୍ମୀ ପ୍ରଦ୍ୟୁମ୍ନ କୁମାର ଦାସ କହିଛନ୍ତି। ପାଥପୁର, ଗୋବିନ୍ଦପୁର, ଡମପଡା, କୁସୁପଙ୍ଗୀ, ତାଳବସ୍ତ, ଦୁଲଣାପୁର ପଞ୍ଚାୟତ ଅଧୀନ ୧୫ ଗ୍ରାମର ଲୋକ ତାଳବସ୍ତ ଫାଣ୍ଡି ଉପରେ ନିର୍ଭର କରିଥାନ୍ତି। ଏ ସମ୍ପର୍କରେ ବାଙ୍କୀ ଥାନା ଅଧିକାରୀ ଦିଲୀପ କୁମାର ଭୂୟାଁଙ୍କୁ ପଚାରିବାରେ ନୂତନ ଫାଣ୍ଡି ଅଧିକାରୀ ଏବଂ ଆବଶ୍ୟକ କନ୍‌ଷ୍ଟେବଲ୍ ଖୁବ୍‌ଶୀଘ୍ର ତାଳବସ୍ତ ଫାଣ୍ଡିକୁ ଯୋଗାଇ ଦିଆଯିବ ବୋଲି ଉକ୍ତ ଅଧିକାରୀଙ୍କ ଦୃଷ୍ଟିକୁ ଅଣାଯାଇଛି ବୋଲି ସେ କହିଛନ୍ତି।

### ଦେଢ଼ମାସ ହେବ ତାଳବସ୍ତ ଫାଣ୍ଡିରେ ନାହାନ୍ତି ଅଧିକାରୀ

## ଫଟୋରେ ଖବର


ଶିଳ୍ପୀ କୁମ୍ଭାର ସାହି ଅଞ୍ଚଳରେ ସରସ୍ୱତୀଙ୍କ ମୃଣ୍ମୟୀ ପ୍ରତିମାକୁ ରଙ୍ଗତୂଳୀରେ ଶେଷ ସ୍ପର୍ଶ ଦେଉଛନ୍ତି ଶିଳ୍ପୀ।


ସାଧାରଣତନ୍ତ୍ର ଦିବସ ପାଳନ ଅବ୍ୟବହିତ ପୂର୍ବରୁ ବୁଧବାର ବାରବାଟୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ପରେଡ୍ ଅଭ୍ୟାସ। (ଫଟୋ: ରାଜକିଶୋର ମହାନ୍ତି)

## ସଂକ୍ଷେପରେ

### ୨ କାର୍ ମୁହାଁମୁହିଁ ଧକ୍କା: ୨ ଗାଈ ମୃତ

ବାରଙ୍ଗ,୨୧।୧(ଲିଙ୍ଗରାଜ ରାଉତ)

ଚନ୍ଦକା କୁଜିମହଲ ଗ୍ରାମ ନିକଟରେ ବୁଧବାର ଦୁଇଟି କାର ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୨ଟି ଗାଈଙ୍କ ମୃତ୍ୟୁ ଘଟିଥିବା ବେଳେ ଚାଳକ ଓ ଅନ୍ୟ ଯାତ୍ରୀମାନେ ଆହତ ହୋଇଛନ୍ତି। ଖବର ପାଇ ଚନ୍ଦକା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିକଟସ୍ଥ ଚନ୍ଦକା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏନେଇ ପୋଲିସ ମାମଲା (ନଂ.୩୭/୨୬) ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରିଛି। ସକାଳେ ଚନ୍ଦକାପଟୁ କିଟ୍‌ର ୪ଜଣ ଛାତ୍ର କାର (ନଂ.ଓଡି ୦୨ସିଏସ୍ ୦୦୬୯) ଯୋଗେ କଣ୍ଟାବାଡ଼ ଅଭିମୁଖେ ଯାଉଥିଲେ। ଅନ୍ୟପକ୍ଷରେ କଣ୍ଟାବାଡ଼ ପଟୁ ଅନ୍ୟ ଏକ କାର୍ (ନଂ.ଓଡି ୩୩ ଏଆର ୦୦୧୪) ଯୋଗେ ସ୍ୱାମୀ-ସ୍ତ୍ରୀ ଚନ୍ଦକା ଅଭିମୁଖେ ଆସୁଥିଲେ। କୁଜିମହଲ ପାଖରେ କିଟ୍ ଛାତ୍ରମାନେ ଥିବା କାର୍‌ଟି ରାସ୍ତାରେ ଯାଉଥିବା ଗାଈ ୨ଟିକୁ ଧକ୍କା ଦେଇ ବିପରୀତ ପଟରୁ ସ୍ୱାମୀ-ସ୍ତ୍ରୀ ଆସୁଥିବା କାରକୁ ମୁହାଁମୁହିଁ ଧକ୍କା ଦେଇଥିଲା।

### କୁକୁର ମୁହଁରେ ପ୍ଲାଷ୍ଟିକ୍ ବୋତଲ, ଖାଇପିଇ ପାରୁନି

ବେଗୁନିଆ,୨୧।୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ କଣ୍ଟାବାଡ଼ ଗ୍ରାମରେ ଏକ ବୁଲା କୁକୁର ମୁହଁରେ ପ୍ଲାଷ୍ଟିକ ବୋତଲ ଲାଗିଥିବାରୁ ଅସହାୟ ଅବସ୍ଥାରେ ସେ ଘୁରିବୁଲୁଛି। ଫଳରେ ଦୀର୍ଘ ୪ ଦିନ ହେବ କୁକୁରଟି ଖାଇପିଇ ପାରୁନାହିଁ। କୁକୁରଟି ଭୟରେ କାହାରିକୁ ଧରାଦେଉନାହିଁ। ଗ୍ରାମର ଆସ୍ଥା ଚାରିଟେବୁଲ୍ ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ସୁଶାନ୍ତ କୁମାର ମହାପାତ୍ର କହିଛନ୍ତି, କୌଣସି ବ୍ୟକ୍ତି କୁକୁରକୁ ଧରିଦେଲେ ତାଙ୍କୁ ୧ହଜାର ଟଙ୍କା ପୁରସ୍କାର ଦିଆଯିବ। ଅପରପକ୍ଷରେ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରୀତିଶ ରଥଙ୍କୁ ଘଟଣା ସମ୍ପର୍କରେ ଜଣାଇବାରୁ କୁକୁରଟି ଧରାପଡ଼ିଲେ, ଆମେ କିଛି କରିପାରିବୁ ବୋଲି କହିଛନ୍ତି।

### ବ୍ୟବସାୟୀ ନଗେନ୍ଦ୍ର ପୃଷ୍ଟିଙ୍କ ପରଲୋକ

ଟାଙ୍ଗୀ,୨୧।୧(ରଘୁନାଥ ସାହୁ)

ଟାଙ୍ଗୀ ଚାନ୍ଦପୁର ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ନଗେନ୍ଦ୍ରନାଥ ପୃଷ୍ଟିଙ୍କର ଗତ ୧୮ ତାରିଖରେ ପରଲୋକ ହୋଇଯାଇଛି। ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ସେ ଜଣେ ସ୍ନେହୀ, ମେଳାପି ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲାବେଳେ ବଡ଼ପୁଅ ଶ୍ରୀନିବାସ ମୁଖାଗ୍ନି ଦେଇଥିଲେ। ଡାକ୍ତର ମଧୁସୂଦନ ସେନାପତି, ମହେଶ୍ୱର ସେନାପତି, ନନ୍ଦ କିଶୋର ପୃଷ୍ଟି, ପଦ୍ମ ଚରଣ ପୃଷ୍ଟି, ଅଶ୍ୱିନୀ ପୃଷ୍ଟିଙ୍କ ସମେତ ବହୁ ବ୍ୟବସାୟୀ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# 'ପରିବାରରୁ ସ୍ୱଦେଶୀ ବିଚାର ଆରମ୍ଭ ହେଉ'

## ଖୋର୍ଦ୍ଧାରେ ସ୍ୱଦେଶୀ ସଂକଳ୍ପ ଯାତ୍ରା

ଖୋର୍ଦ୍ଧା,୨୧।୧(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧାରେ ଆୟୋଜିତ ସ୍ୱଦେଶୀ ସଂକଳ୍ପ ଯାତ୍ରା।

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ବର୍ଷରେ ସ୍ୱଦେଶୀ ଜାଗରଣ ମଞ୍ଚ ଉତ୍କଳ ପୂର୍ବପ୍ରାନ୍ତ ଆନୁକୂଲ୍ୟରେ ଚାଲିଥିବା ସ୍ୱଦେଶୀ ସଂକଳ୍ପ ଯାତ୍ରା ରଥକୁ ବୁଧବାର ଖୋର୍ଦ୍ଧାରେ ଭବ୍ୟ ସ୍ୱାଗତ କରାଯାଇଛି। ଜଟଣୀ କୁଦିଆରୀ ହନୁମାନ ମନ୍ଦିର ନିକଟରେ କର୍ମକର୍ତ୍ତାମାନେ ଫୁଲ, ଚନ୍ଦନ, ଅକ୍ଷତ ପକାଇ ଭବ୍ୟ ସ୍ୱାଗତ କରିଥିଲେ। ସେଠାରୁ ବାଇକ୍ ଶୋଭାଯାତ୍ରାରେ ଯାଇ ମା' ଉତ୍ତରାୟଣୀ ମନ୍ଦିରରେ ପହଞ୍ଚିଥିଲେ। ଆର୍‌ଏସ୍‌ଏସ୍ ଜିଲା ସଂଘଚାଳକ ନିରଞ୍ଜନ ସାହୁ ଉଦ୍‌ବୋଧନ ଦେଇ କହିଲେ, ସ୍ୱଦେଶୀ ଏକ ବିଚାର। ଏହା ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ରାଷ୍ଟ୍ରପ୍ରେମ ଜାଗରଣ କରିଥିଲା। ଗାନ୍ଧିଜୀଙ୍କ ସ୍ୱଦେଶୀ ଆନ୍ଦୋଳନ ସାରା ଭାରତରେ ପ୍ରଭାବ ବିସ୍ତାର କରିଥିଲା। ଆର୍‌ଏସ୍‌ଏସ୍‌ର ଶତାବ୍ଦୀ ବର୍ଷରେ ପଞ୍ଚ ପରିବର୍ତ୍ତନ ବାର୍ତ୍ତା ମଧ୍ୟରେ ସ୍ୱଦେଶୀ ଅନ୍ୟତମ। ପାଶ୍ଚାତ୍ୟ ସଂସ୍କୃତି ପ୍ରଭାବରେ ଆମ ପାରମ୍ପରିକ ଜ୍ଞାନକୌଶଳରେ ନିର୍ମିତ ସାମଗ୍ରୀ ବ୍ୟବହାରକୁ ଭୁଲିଯାଇଛୁ। ଆମ ବିଚାରଧାରା ସ୍ୱଆଧାରିତ ହେଲେ ଭାରତ ସମୃଦ୍ଧ ଓ ସଶକ୍ତ ହୋଇପାରିବ। ପ୍ରତି ଘର ପର୍ଯ୍ୟନ୍ତ ଏହି ବାର୍ତ୍ତା ଆମକୁ ପହଞ୍ଚାଇବାକୁ ପଡ଼ିବ। ପରିବାରରୁ ସ୍ୱଦେଶୀ ଜାଗରଣ ଆରମ୍ଭ କରିବାକୁ ସେ ଆହ୍ୱାନ କରିଥିଲେ। ସଂକଳ୍ପ ଯାତ୍ରା ଜିଲା ପ୍ରମୁଖ ପ୍ରଭାତ ପାଣିଗ୍ରାହୀ କହିଲେ, ଭାରତକୁ ଆର୍ଥିକ ରୂପେ ସମୃଦ୍ଧ, ସଶକ୍ତ ଓ ସ୍ୱାବଲମ୍ବୀ କରିବା ପାଇଁ ଆମ ପରିବାରରେ ପ୍ରାଥମିକତା ଦେବାକୁହେବ। ବିଦେଶୀ ଉତ୍ପାଦ ବ୍ୟବହାର କରିବେ ନାହିଁ। ସ୍ୱଦେଶୀ ବିଚାରଧାରା ଦେଶକୁ ସମୃଦ୍ଧିପଥରେ ଆଗେଇନେବ। ସ୍ୱଦେଶୀ ଭାଷା, ବେଶଭୂଷା, ଉତ୍ସବ, ପର୍ବପର୍ବାଣି ଉପରେ ଗୁରୁତ୍ୱ ଦେବାକୁ ସେ କହିଥିଲେ। ଏହି ଅବସରରେ ସ୍ୱଦେଶୀ ସଂକଳ୍ପପାଠ କରାଯାଇଥିଲା। ସେଠାରୁ ମା' ଉତ୍ତରାୟଣୀଙ୍କ ଆଶୀର୍ବାଦ ନେଇ ସଂକଳ୍ପ ରଥ ଖୋର୍ଦ୍ଧା ଅଭିମୁଖେ ବାହାରିଥିଲା। ମୁକୁନ୍ଦପ୍ରସାଦ ମେଳଣପଡ଼ିଆରେ ରଥକୁ ହିନ୍ଦୁ ଜାଗରଣ ମଞ୍ଚ, ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳର କର୍ମକର୍ତ୍ତା ସ୍ୱାଗତ କରିଥିଲେ। ସେଠାରୁ ଛକ ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ରଥ ଖୋର୍ଦ୍ଧା ସହର ପରିକ୍ରମା କରିବା ସମୟରେ ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସ୍ୱଦେଶୀ ଜାଗରଣ ମଞ୍ଚ ଜିଲା ସଂଯୋଜକ ସୁଶାନ୍ତ ମୋହନ ପଟ୍ଟନାୟକ ସଂଯୋଜନା କରିଥିଲେ। ଭାଜପା ନେତା ନିକୁଞ୍ଜ ପଟ୍ଟନାୟକ, ସହପ୍ରଧାନାଚାର୍ଯ୍ୟ ପ୍ରଭାକର ସ୍ୱାଇଁ, ଏବିଭିପି ସହବିଭାଗ ପ୍ରମୁଖ ସରୋଜ ପାଲ୍‌ଟାସିଂହ, ଭିଏଚ୍‌ପି ଜିଲା କୋଷାଧକ୍ଷ ଅଭିମନ୍ୟୁ ଘଟୁଆଳ, ଜିତେନ୍ଦ୍ର ବେହେରା, ଏସ୍‌ଏମ୍ ଦିବ୍ୟପ୍ରକାଶ, କେ. ଆଦର୍ଶ ଅଂଶୁମାନ, ସତ୍ୟଜିତ ବେହେରା, ହୃଷୀକେଶ ପ୍ରଧାନ, ଗୌତମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁବାର ଶିଶୁମନ୍ଦିରଠାରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ସ୍ୱଦେଶୀ ସଂକଳ୍ପ ଦୌଡ଼ କାର୍ଯ୍ୟକ୍ରମ ପରେ ରଥ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବ ବୋଲି ମଞ୍ଚ ଜିଲା ସଂଯୋଜକ ସୂଚନା ଦେଇଛନ୍ତି।

# ସ୍ୱାମୀଙ୍କୁ ଆଜୀବନ ଜେଲ, ୨୦ ହଜାର ଜରିମାନା

## ଯୌତୁକଜନିତ ବଧୂହତ୍ୟା ମାମଲା

ବାଣପୁର,୨୧।୧(ଦିଲୀପ କୁମାର ସ୍ୱାଇଁ)

୫ ବର୍ଷ ୬ ମାସ ତଳର ଏକ ଯୌତୁକ ନିର୍ଯାତନାଜନିତ ବଧୂହତ୍ୟା ମାମଲାର ରାୟ ବୁଧବାର ବାଣପୁର ସର୍କିଟ୍ କୋର୍ଟରେ ଖୋର୍ଦ୍ଧା ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଦ୍ୱାରା ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଦୌରାଜଜ୍ (୧) ରଞ୍ଜୁଲତା ଲେଙ୍କା ଅଭିଯୁକ୍ତ ସ୍ୱାମୀ ତପନ କୁମାର ପ୍ରଧାନଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି।

କୋର୍ଟ ବିବରଣୀ ଅନୁଯାୟୀ, ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ନରେନ୍ଦ୍ରପୁର ଗ୍ରାମର ଚିତ୍ତ ପ୍ରଧାନଙ୍କ ପୁଅ ତପନ କୁମାର ପ୍ରଧାନ ୨୦୨୦ ଜୁଲାଇ ୧୧ ରାତିରେ ଅଧିକ ଯୌତୁକ ଲୋଭରେ ସ୍ତ୍ରୀ ରଶ୍ମିତାଙ୍କୁ ମାଡ଼ମାରି ତଣ୍ଟିଚିପି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ମୃତ ରଶ୍ମିତାଙ୍କ ମା' ରେଣୁବାଳାଙ୍କ ଅଭିଯୋଗକ୍ରମେ ବାଣପୁର ପୋଲିସ ଭାରତୀୟ ଦଣ୍ଡବିଧି ଆଇନର ୩୦୨, ୩୦୪(ଖ), ୪୯୮ ଏବଂ ଯୌତୁକ ନିରୋଧ ଆଇନର ବିଭିନ୍ନ ଦଫାରେ ଏକ ମକଦ୍ଦମା ରୁଜୁକରି ଅଭିଯୁକ୍ତ ସ୍ୱାମୀ ତପନଙ୍କୁ ଗିରଫ କରି ଘଟଣାର ତଦନ୍ତ ଜାରି ରଖିଥିଲା। ତଦନ୍ତ ପରେ ତତ୍କାଳୀନ ଆରକ୍ଷୀ ନିରୀକ୍ଷକ ସଞ୍ଜୟ କୁମାର ପଟ୍ଟନାୟକ ଯୌତୁକ ନିର୍ଯାତନା, ଘରୋଇ ହିଂସା, ମାର୍‌ପିଟ୍ ଏବଂ ହତ୍ୟା ଅଭିଯୋଗରେ ତପନଙ୍କ ବିରୋଧରେ ଅଦାଲତରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଦ୍ୱାରା ଏହାର ଶୁଣାଣି ଚାଲିଥିଲା। ତଦନ୍ତକାରୀ ଅଧିକାରୀ ଓ ଡାକ୍ତରଙ୍କ ସମେତ ୨୭ ଜଣ ସାକ୍ଷୀଙ୍କ ବୟାନ, ପାରିପାର୍ଶ୍ୱିକ ସ୍ଥିତି, ଡାକ୍ତରୀ ରିପୋର୍ଟ, ବ୍ୟବଚ୍ଛେଦ ରିପୋର୍ଟ ପ୍ରଭୃତି ତଥ୍ୟ ପ୍ରମାଣକୁ ଆଧାରକରି ବିଚାରପତି ଲେଙ୍କା ଅଭିଯୁକ୍ତଙ୍କୁ ୩୦୨ ଦଫାରେ ହତ୍ୟା ଅଭିଯୋଗରେ ଆଜୀବନ କାରାଦଣ୍ଡ ସମେତ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଯୌତୁକଜନିତ ହତ୍ୟା ୩୦୪(ଖ) ଦଫାରେ ୧୦ ବର୍ଷ କାରାଦଣ୍ଡ ସମେତ ୫ ହଜାର ଜରିମାନା ଓ ଯୌତୁକ ନିରୋଧ ଆଇନରେ ମୋଟ ଦେଢ଼ବର୍ଷ କାରାଦଣ୍ଡ ଏବଂ ୫ ହଜାର ଟଙ୍କା ଜରିମାନା କରିଥିବା ସରକାରୀ ଓକିଲ ରଜନୀକାନ୍ତ ପଟ୍ଟନାୟକ କହିଛନ୍ତି। ୪ ମାସ ପୂର୍ବେ ସେପ୍ଟେମ୍ବର ୨୪ରେ ଅତିରିକ୍ତ ଜିଲା ଦୌରାଜଜ୍ ଲେଙ୍କା ବାଣପୁର ସର୍କିଟ୍ କୋର୍ଟରେ ବହୁଚର୍ଚ୍ଚିତ ଝରିଆ ଟାଙ୍ଗୀ ହତ୍ୟାକାଣ୍ଡ ଏବଂ ଡିସେମ୍ବର ୨୪ରେ ଝିଣ୍ଟିକାପଲ୍ଲୀ ହତ୍ୟାକାଣ୍ଡ ମାମଲାର ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ।

# ଶ୍ରୀରାଧାଗୋବିନ୍ଦ ମହୋତ୍ସବ ଉଦ୍‌ଘାଟିତ



ଶ୍ରୀରାଧାଗୋବିନ୍ଦ ମହୋତ୍ସବ ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥି।

ନିରାକାରପୁର/ଟାଙ୍ଗୀ,୨୧।୧
(ମାନସ ଚନ୍ଦ୍ର ପଟ୍ଟନାୟକ/ ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ବାଲିପାଟପୁର ପଞ୍ଚାୟତ ଜେବିଜି (ଝଟିନୂଆଗାଁ, ଗୋବର୍ଦ୍ଧନପୁର, ବାଲିପାଟପୁର) କଲୋନୀଠାରେ ବୁଧବାର ଗ୍ରାମ୍ୟ କମିଟି ପକ୍ଷରୁ ଶ୍ରୀରାଧାଗୋବିନ୍ଦ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଉପଦେଷ୍ଟା ଡ. ସଞ୍ଜୟ କୁମାର ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ମାନସିକଧାରୀ ମହିଳା ଓ ପୁରୁଷମାନେ ସ୍ଥାନୀୟ ଚାପ ପୋଖରୀରୁ କଳସରେ ଜଳ ଉଠାଇ ତେନ୍ତୁଳିଆପଡ଼ା ଛକଦେଇ ମନ୍ଦିର ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରାରେ ଯାଇ ଶ୍ରୀଜୀଉଙ୍କ ମନ୍ଦିର ପରିସରରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ସାଧୁ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ଉଦ୍‌ଘାଟନ କରିବା ସହ ପ୍ରଭୁ ଶ୍ରୀଜଗନ୍ନାଥ ଓ ରାଧାକୃଷ୍ଣଙ୍କ ଜନ୍ମକାହାଣୀ ବୃତ୍ତାନ୍ତ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତାଭାବେ ଓଡ଼ିଶା ଆର୍ଯ୍ୟସମାଜର ମୁଖ୍ୟ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଯୋଗଦେଇ 'ଶ୍ରୀକୃଷ୍ଣ ଓ ଜରାସନ୍ଧ' କାହାଣୀ ଅନୁବାଦ କରିଥିଲେ। ଅନ୍ୟତମ ଅତିଥିଭାବେ ବିଶିଷ୍ଟ କଥାବାଚକ ଅମୃତାନନ୍ଦ ଦାସ ମହାରାଜ ଯୋଗଦେଇ ଶ୍ରୀମଦ୍ ଭାଗବତ କଥାମୃତରେ ରାଧାକୃଷ୍ଣଙ୍କ ଜନ୍ମଲୀଳା କାହାଣୀ ଓ ବିଭିନ୍ନ ଅବତାର ସମ୍ପର୍କରେ କହିଥିଲେ। ଉକ୍ତ ମହୋତ୍ସବରେ ରାଜ୍ୟର ପ୍ରାୟ ୧୨୦ଟି ମଠ ଓ ଆଶ୍ରମରୁ ଯୋଗଦେଇଥିବା ସାଧୁସନ୍ଥଙ୍କ ସମ୍ପର୍କରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଡ. ପଟ୍ଟନାୟକ ସୂଚନା ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିଭାବେ ଭୂଷଣ୍ଡପୁର ସରପଞ୍ଚ ସୌରଭ ଦାସ ମହାପାତ୍ର, ଯୁବସଂଗଠକ ଭାଗୀରଥି ସାମନ୍ତରାୟ, ସାମାଜିକ କର୍ମୀ ଦୁର୍ଯ୍ୟୋଧନ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ମହୋତ୍ସବ ଅନୁଷ୍ଠାନର ସଭାପତି ସୁଦୀପ୍ତ ମଣ୍ଡଳ, ଉପସଭାପତି ସୀତାନାଥ ଦାସ, ସମ୍ପାଦକ ତାପସ ମଣ୍ଡଳ, ସହସମ୍ପାଦକ ବିଶ୍ୱନାଥ ଦାସ, କୋଷାଧକ୍ଷ ଉତ୍ତମ ଦାସ, ଶିବ ପ୍ରସାଦ ବଡ଼ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କାର୍‌ରେ ବନ୍ଧୁକ ଷ୍ଟିକର ମାରି ପତିଆରା

### ରାସ୍ତା ମଝିରୁ ଗାଡ଼ି ଉଠାଇ ଆଣିଲା ପୋଲିସ

ଭୁବନେଶ୍ୱର,୨୧।୧(ତ୍ରିନାଥ ମହାନ୍ତି)

କାରରେ ବନ୍ଧୁକ ଷ୍ଟିକର ମାରି ପତିଆରା ଦେଖାଉଥିଲେ। ଗାଡ଼ିରେ ୫୦ ହଜାରରୁ ଅଧିକ ଜରିମାନା ଥିଲେ ମଧ୍ୟ ଗାଡ଼ି ଆଗରେ ବଡ଼ ବଡ଼ ଅକ୍ଷରରେ ଏମ୍ ବ୍ରଦର୍ସ ଲେଖିବା ସହ କାର୍‌କୁ ୯ ଏମ୍‌ଏମ୍ ବନ୍ଧୁକ ସୁରକ୍ଷା ଦେଉଥିବା ଲେଖାଯିବା ସହ ବନ୍ଧୁକ ଷ୍ଟିକର ରହିଥିଲା। ଗାଡ଼ି ମାଲିକ ଟ୍ରାଫିକ୍ ନିୟମ ନ ମାନି ସହରରେ ବୁଲିଥିଲେ। ତାଙ୍କର ଏଭଳି ଷ୍ଟିକର ଦେଖି ଲୋକ ଭୟଭୀତ ହୋଇଯାଉଥିଲେ। ବୁଧବାର ଅପରାହ୍ନରେ ଏହି ଗାଡ଼ି ଶହୀଦନଗର ଥାନା ଅଞ୍ଚଳରେ ପଇଁତରା ମାରୁଥିବାବେଳେ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ବାଣୀବିହାର ଛକରେ ଜଗି ରହି ଗାଡ଼ିକୁ ଧରି ଥାନାକୁ ଆଣିଥିଲା। ଗାଡ଼ି ମାଲିକଙ୍କୁ ଥାନାକୁ ଆଣି ଅଟକ ରଖି ଶହୀଦନଗର ଥାନା ପୋଲିସ ପଚରାଉଚରା କରିଥିଲା। ହେଲେ ସେ ମଜାରେ ଏଭଳି କରିଥିବା ପୋଲିସ ଆଗରେ ସଫେଇ ଦେଇଥିବାବେଳେ ପୋଲିସ ତାହାକୁ ବିଶ୍ୱାସ କରିପାରିନାହିଁ। ପୋଲିସ ଉକ୍ତ ଗାଡ଼ି ମାଲିକଙ୍କ ଆପରାଧିକ ରେକର୍ଡ ଖୋଳତାଡ଼ କରୁଛି।

# ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ


ଶିବିରରେ ଅତିଥିଙ୍କ ସହ ଯୋଗଦେଇଥିବା ଛାତ୍ରୀମାନେ।

ବେଗୁନିଆ,୨୧।୧
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ମହାବିଦ୍ୟାଳୟ ପକ୍ଷରୁ ଗତ ୧୨ତାରିଖରୁ ଚାଲିଥିବା ଆତ୍ମରକ୍ଷା କୌଶଳ ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷା ଡ. ସବିତାଞ୍ଜଳି ସେନାପତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ମୋନାଲି ବେହେରା, ସ୍ମିତିମୟୀ ବସନ୍ତିଆ, ରୋନାଲିସା ପାତ୍ର, ଅନୁଜା ପାଲଟାସିଂହ, ଦେବୀ ଦେବଯାନୀ ପାଇକରାୟ ଏବଂ ସୁଶ୍ରୀ ସଙ୍ଗୀତା ରଥ ପ୍ରମୁଖ ଉପସ୍ଥିତ ଥିଲେ। ବାଳିକାମାନଙ୍କୁ ସୁରକ୍ଷା ଦେବା ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଅଧ୍ୟାପିକା ପ୍ରିୟମ୍ବଦା ବେହେରାଙ୍କ ତତ୍ତ୍ୱାବଧାନରେ ଉକ୍ତ ଶିବିର ଆୟୋଜିତ ହୋଇଥିଲା। ବର୍ତ୍ତମାନ ସମାଜରେ ବାଳିକା ଓ ମହିଳାଙ୍କ ସୁରକ୍ଷା ନେଇ ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ନିଜ ସୁରକ୍ଷା ପାଇଁ ସର୍ବଦା ସତର୍କ ରହିବା ସହ ସଚେତନ ହେବା ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଯୁକ୍ତ୩ ପ୍ରଥମ ବର୍ଷର ୭୩ ଜଣ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ରାମେଶ୍ୱରୀ ଏବଂ ଅଞ୍ଜଳି ପ୍ରଧାନ ତାଲିମ ଦେଇଥିଲେ। ତାଲିମଧାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ଆରାଧନା ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ସ୍ୱାମୀଙ୍କ ମୃତ୍ୟୁ ପରେ ମହିଳାଙ୍କଠାରୁ ଜମି ହଡ଼ପ

## ୩କୋଟିର ଜାଲ୍ ଚେକ୍ ଦେଇ ୬ ପ୍ଲଟ୍ ନେଇଗଲେ ବିଲ୍ଡର

ଭୁବନେଶ୍ୱର,୨୧।୧(ତ୍ରିନାଥ ମହାନ୍ତି)

ଜଣେ ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ବିଲ୍ଡର ତାଙ୍କୁ ମାନସିକ ନିର୍ଯାତନା ଦେଉଥିଲେ। ତାଙ୍କ ଘରକୁ ଏକାଧିକ ଥର ଯାଇ ହଇରାଣ ହରକତ କରିବା ସହ ବାରମ୍ବାର ଫୋନ୍ କରି ବିରକ୍ତ କରିଥିଲେ। ଏପରି କି ମହିଳାଙ୍କୁ ୩ କୋଟି ଟଙ୍କାର ୭ଟି ଜାଲ୍ ଚେକ୍ ଦେଇ ବାରଙ୍ଗ ତହସିଲ ପାଟପୁର ମୌଜାରେ ଥିବା ଏ୬.୯ ଡିସିମିଲି ଜମିକୁ ନିଜ ନାମରେ କରାଇ ନେଇଥିବା ନେଇ ଅର୍ଥନୈତିକ ଅପରାଧ ଶାଖା( ଇଓଡବ୍ଲ୍ୟୁ)ରେ ନାଗେଶ୍ୱର ଟାଙ୍ଗୀର ସିପ୍ରା ମୌତ୍ର ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ବିଲ୍ଡର ଦିଲ୍ଲୀପ କୁମାର ନାୟକଙ୍କ ନାମରେ ଇଓଡବ୍ଲ୍ୟୁ କେସ୍ ନଂ-୧/୨୬ରେ ମାମଲା ରୁଜୁ ହୋଇଛି। ଦିଲ୍ଲୀପଙ୍କ ବିରୋଧରେ ବିଏନ୍‌ଏସ୍ ଧାରା ୩୧୮(୪), ୩୩୮, ୮୩୬(୩), ୩୭୦(୨), ୩୫୧(୩) ଲାଗିଛି। ସିପ୍ରାଙ୍କଠାରୁ ତଦନ୍ତ ଅଧିକାରୀ ସମସ୍ତ ଦସ୍ତାବିଜ୍ ଏବଂ ଜାଲ୍ ଚେକ୍ ନେଇ ତଦନ୍ତ ଚଳାଇଛନ୍ତି। ଏପରିକି ଦିଲ୍ଲୀପଙ୍କୁ ଧରିବା ପାଇଁ କଟକ, ଖଣ୍ଡଗିରୀମଙ୍ଗଳାରେ ଥିବା ବିଲ୍ଡର ଅଫିସରେ ଚଢ଼ାଉ ଜାରି ରଖିଥିବା ଜଣାପଡ଼ିଛି।

# ଚଳନ୍ତା ସ୍କୁଟରରେ ଲାଗିଲା ନିଆଁ, ଅଳ୍ପକେ ବର୍ତ୍ତିଲେ ଚାଳକ

ବାରଙ୍ଗ,୨୧।୧(ଲିଙ୍ଗରାଜ ରାଉତ)

ତ୍ରିଶୂଳିଆ ଛକରେ ବୁଧବାର ଚଳନ୍ତା ସ୍କୁଟରରେ ନିଆଁଲାଗି ଜଳିଯାଇଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହାଦେଖି ସ୍ଥାନୀୟ ଲୋକେ ବାରଙ୍ଗ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ସ୍କୁଟରଟି ସମ୍ପୂର୍ଣ୍ଣ ଜଳିପୋଡ଼ି ନଷ୍ଟ ହୋଇଯାଇଥିଲା। ପଟିଆ ଅଞ୍ଚଳର ବିଶ୍ୱରଞ୍ଜନ ମହାନ୍ତି ସ୍କୁଟରରେ ଚୌଦ୍ୱାର ଅଭିମୁଖେ ଯାଉଥିଲେ। ତ୍ରିଶୂଳିଆ ବଜାରରେ ପହଞ୍ଚିବା ବେଳେ କୌଣସି କାରଣରୁ ସ୍କୁଟରରେ ନିଆଁ ଲାଗିଯାଇଥିଲା। ଫଳରେ ସ୍କୁଟରଟି ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା। ଏହି ସମୟରେ ବିଶ୍ୱରଞ୍ଜନ ଗାଡ଼ିରୁ ଓହ୍ଲାଇ ପଡ଼ିବାରୁ ଅଳ୍ପକେ ରକ୍ଷା ପାଇ ଯାଇଥିଲେ।

# ଡିଏଭି ମହାବିଦ୍ୟାଳୟର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ନିରାକାରପୁର,୨୧।୧
(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁରସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ୩ଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ. ପ୍ରତିଭାମୟୀ ମିତ୍ର ମୁଖ୍ୟ ଅତିଥି ଓ ଶିକ୍ଷାବିତ୍ ଡ. ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ ମୁଖ୍ୟବକ୍ତାଭାବେ ଯୋଗଦେଇ କ୍ରୀଡ଼ାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷା କାଦମ୍ବିନୀ ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ସଂସଦର ଉପସଭାପତି ଶିବ ପ୍ରସାଦ ପିଡିକା ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଚନ୍ଦନ କୁମାର ମିଶ୍ର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାଧ୍ୟାପିକା ଅନୁଜା ତ୍ରିପାଠୀ ନିମନ୍ତ୍ରିତ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ କ୍ରୀଡ଼ା ପ୍ରଶିକ୍ଷକ ମନୋଜ କୁମାର ବାରିକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅଧ୍ୟାପକମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ହୋଇଥିଲା। କୃତୀ ପ୍ରତିଯୋଗୀ ଓ ବିଜୟୀ ଦଳକୁ ଅତିଥି ଏବଂ ଅନ୍ୟମାନେ ଅଭିନନ୍ଦନ ଜଣାଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଏବଂ ଛାତ୍ରୀଛାତ୍ର।

# 'ସମସ୍ତ ଚାଷୀଙ୍କ ଧାନ ନ ଉଠିଲେ ଆନ୍ଦୋଳନ'

## ପିଚୁକୁଳି ସେବା ସମବାୟ ସମିତିରେ ଖୋଲିଲା ମଣ୍ଡି

ବୋଲଗଡ, ୨୧।୧(ଦେବବ୍ରତ ହୋତା)


ବିଧାୟକ ପ୍ରଦୀପ ସାହୁଙ୍କୁ ଚାଷୀମାନେ ଦାବିପତ୍ର ଦେଉଛନ୍ତି।

ବୋଲଗଡ଼ ବ୍ଲକ ଅନ୍ତର୍ଗତ ପିଚୁକୁଳି ସେବା ସମବାୟ ସମିତି ପରିସରରେ ବୁଧବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ତେବେ ପଞ୍ଜୀକୃତ ସମସ୍ତ ଚାଷୀଙ୍କ ଧାନ ଉଠିବା ନେଇ ଆଶଙ୍କା ପ୍ରକାଶ ପାଇଥିବାରୁ ଚାଷୀମାନେ ବିଧାୟକ ପ୍ରଦୀପ ସାହୁଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ବିଭାଗୀୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏନେଇ ଚଳିତ ବର୍ଷ ସମସ୍ତ ପଞ୍ଜୀକୃତଙ୍କ ଧାନ କ୍ରୟ ପାଇଁ ପଦକ୍ଷେପ ନେବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ ପିଚୁକୁଳି ସେବା ସମବାୟ ସମିତି ଅଧୀନରେ ମୋଟ ୫୩୧ ଜଣ ଚାଷୀ ପଞ୍ଜୀକୃତ ଥିବାବେଳେ, ମାତ୍ର ୧୫୧ ଜଣଙ୍କ ପାଖକୁ ମୋବାଇଲରେ ଟୋକନ ମେସେଜ ଆସିଛି। ବୋଲଗଡ଼ ଓ ବେଗୁନିଆ ବ୍ଲକର ଅନେକ ସମବାୟ ସମିତିରେ ମଧ୍ୟ ଅଳ୍ପ ଚାଷୀଙ୍କୁ ଟୋକନ ମିଳିଥିବା ଅଭିଯୋଗ ଥିବାରୁ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ମଣ୍ଡି ଖୋଲିବା ବିଳମ୍ବ ହେବା ସହ ଆସିଥିବା ଟୋକନର ଅବଧି ଶେଷ ହେବାକୁ ଥିବାବେଳେ ନୂଆ ଟୋକନ ଆସୁ ନ ଥିବାରୁ ଅନେକ ଚାଷୀଙ୍କ ଧାନ ବିକ୍ରୟ ଅନିଶ୍ଚିତ ହୋଇପଡ଼ିଛି। ଏନେଇ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଚାଷୀମାନେ କହିଛନ୍ତି। ବିଧାୟକ ସାହୁ ଦାବିପତ୍ର ଗ୍ରହଣ କରି ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଯଦି ୭ଦିନ ମଧ୍ୟରେ ପଦକ୍ଷେପ ନିଆ ନ ଯାଏ, ତେବେ ଚାଷୀଙ୍କ ସହ ବିଧାୟକ ମିଶି ଜାତୀୟ ରାଜପଥ ୫୭ର ସାରୁଆଠାରୁ ଦିଘିରି ପର୍ଯ୍ୟନ୍ତ ରାଜରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସ୍ଥାନୀୟ ଜନ ପ୍ରତିନିଧି, ସମବାୟ ସମିତି କର୍ମକର୍ତ୍ତା ଓ ଚାଷୀଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ପରେ ଧାନମଣ୍ଡିର ଶୁଭାରମ୍ଭ କରାଯାଇଥିଲା। ବିଧାୟକଙ୍କ ସହ ସମବାୟ ସଭାପତି ପବିତ୍ର ମୋହନ ମାଝୀ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବଡ଼କୁମାରୀ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ସାନପଦର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ପିଚୁକୁଳି ସମିତି ସଭ୍ୟ ସଞ୍ଜୟ ଗୁମାନସିଂହ, ପୂର୍ବତନ ସମିତିସଭ୍ୟ ପ୍ରମୋଦ ପ୍ରତାପସିଂହ, ସମିତି ସମ୍ପାଦକ ସୁନିଲ ପ୍ରଧାନ, ନୋଡାଲ ଅଧିକାରୀ ଯୋଗୀନାଥ ସାହୁ, ବାଲୁଗାଁ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ବିଶ୍ୱନାଥ ସ୍ୱାଇଁ, ବ୍ୟାଙ୍କ ପରିଚାଳକ ଜଗନ୍ନାଥ ପାଲ ଓ ପ୍ରଭାକର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI
ଧରିତ୍ରୀ 52 Years


# କ୍ୱାଲିଫାୟର-୧ରେ ରାଞ୍ଚି ରୟାଲ୍ସ

## ଶୁଟ୍‌ଆଉଟରେ ଜିତିଲା ତାମିଲନାଡୁ ଡ୍ରାଗନ୍ସ

### ହକି ଇଣ୍ଡିଆ ଲିଗ୍

ଭୁବନେଶ୍ୱର, ୨୧।୧ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ତାମିଲନାଡୁ ଡ୍ରାଗନ୍ସ ଶୁଟ୍‌ଆଉଟ ୪-୨ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଛି। ଡ୍ରାଗନ୍ସ ପକ୍ଷରୁ ନାଥନ ଇଫ୍ରାଉମ୍ସ, ବ୍ଲେକ୍ ଗୋଭର୍ସ, ଉତ୍ତମ ସିଂ ଓ ଟମ୍ କ୍ରେଗ୍ ଗୋଲ ଦେଇଥିଲେ। ରାଞ୍ଚି ପକ୍ଷରୁ ୟଶ୍‌ଦୀପ ସିୱାଚ ଓ ମାକ୍ସିମେ ଭାନ୍ ଓଷ୍ଟ ଗୋଲ ଦେଇଥିବାବେଳେ ବିଷ୍ଣୁକାନ୍ତ ସିଂ ଓ ମନପ୍ରୀତ ସିଂ ମିସ୍ କରିଥିଲେ। ନିର୍ଦ୍ଧାରିତ ସମୟରେ ଖେଳ ୩-୩ ଗୋଲରେ ବରାବର ରହିଥିଲା। ପରାଜୟ ସତ୍ତ୍ୱେ ରାଞ୍ଚି ରୟାଲ୍ସ କ୍ୱାଲିଫାୟର-୧ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ୭ ମ୍ୟାଚ୍‌ରୁ ଏହି ଦଳ ୩ ବିଜୟ, ୧ ଶୁଟ୍‌ଆଉଟ ବିଜୟ, ୨ ପରାଜୟ ଓ ୧ ଶୁଟ୍‌ଆଉଟ ପରାଜୟ ସହ ୧୨ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। କଳିଙ୍ଗ ଲାନ୍ସର୍ସ ଓ ରାଞ୍ଚି ରୟାଲ୍ସ ମଧ୍ୟରେ କ୍ୱାଲିଫାୟର-୧ ୨୩ ତାରିଖରେ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ଦୌଡ଼ରୁ ବାଦ୍ ପଡ଼ିସାରିଥିବା ଡ୍ରାଗନ୍ସ ୭ ମ୍ୟାଚ୍‌ରୁ ୧୦ ପଏଣ୍ଟ ସହିତ ଅଭିଯାନ ଶେଷ କରିଛି।

ମ୍ୟାଚ୍‌ଟି ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମ ମିନିଟ୍‌ରେ ମନଦୀପ ସିଂ ଏକ ଗୋଲକରି ରାଞ୍ଚିକୁ ଅଗ୍ରଣୀ କରିବା ସହ ମ୍ୟାଚ୍‌ରେ ରୋମାଞ୍ଚ ଭରିଦେଇଥିଲେ। ୯ମ ମିନିଟ୍‌ରେ ଟମ୍ ବୁନ୍‌ଙ୍କ ଗୋଲ ସହାୟତାରେ ରାଞ୍ଚିର ଅଗ୍ରଣୀ ବ୍ୟବଧାନ ୨-୦ରେ ପହଞ୍ଚି ଥିବାବେଳେ ତାମିଲନାଡୁ ଡ୍ରାଗନ୍ସ ଉପରେ ଚାପ ବଢ଼ିଥିଲା। ଦ୍ୱିତୀୟ କ୍ୱାର୍ଟର ଶେଷ ପର୍ଯ୍ୟାୟରେ ବ୍ଲେକ୍ ଗୋଭର୍ସ ଗୋଟିଏ ଗୋଲ ପରିଶୋଧ କରିବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ରାଞ୍ଚିର ଅଗ୍ରଣୀ ବ୍ୟବଧାନ ୨-୧ ରହିଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରୁ ଉଭୟ ଦଳ ଗୋଲ ଦେବା ଆଭିମୁଖ୍ୟରେ ଆକ୍ରମଣାତ୍ମକ ପନ୍ଥା ଅବଲମ୍ବନ କରିଥିଲେ। ୩୨ତମ ମିନିଟ୍‌ରେ ତାମିଲନାଡୁର ସେଲଭାମ କାର୍ଥୀ ଆଉ ଏକ ଗୋଲ ପରିଶୋଧ କରିବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲିଆସିଥିଲା। ମାତ୍ର ଦଳର ଏହି ଖୁସି ବେଶି ସମୟ ରହି ନ ଥିଲା। ଏହାର ୩ ମିନିଟ୍ ପରେ ଅର୍ଥାତ୍ ୩୫ତମ ମିନିଟରେ ଟମ୍ ବୁନ୍ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ତୃତୀୟ ଗୋଲ ଦେଇ ରାଞ୍ଚିକୁ ପୁଣି ଅଗ୍ରଣୀ କରାଇଥିଲେ। ମାତ୍ର ଓଡ଼ିଶାର ତାରକା ଖେଳାଳି ଅମିତ୍ ରୋହିଦାସଙ୍କ ନେତୃତ୍ୱାଧୀନ ଡ୍ରାଗନ୍ସ ସହଜରେ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲା। ୫୩ତମ ମିନିଟ୍‌ରେ ଗୋଭର୍ସ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ତୃତୀୟ ଗୋଲ ସ୍କୋର କରିବାରୁ ମ୍ୟାଚ ୩-୩ ଗୋଲରେ ବରାବର ରହି ଶେଷ ହୋଇଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା।


ତାମିଲନାଡୁ ଡ୍ରାଗନ୍ସ ବିପକ୍ଷରେ ଏକ ଗୋଲ୍ ସ୍କୋର ହେବା ପରେ ଉଲ୍ଲସିତ ରାଞ୍ଚି ରୟାଲ୍ସ ଦଳର ଖେଳାଳିମାନେ।

# ଭାରତର ସହଜ ବିଜୟ

### ପ୍ରଥମ ଟି୨୦

ନାଗପୁର,୨୧।୧

ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ବୁଧବାର ଏଠାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚ୍‌କୁ ଭାରତୀୟ ଦଳ ୪୮ ରନରେ ଜିତି ନେଇଛି। ଏହି ବିଜୟ ସହ ଭାରତ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ରେ ଅଗ୍ରଣୀ ହାସଲ କରିଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ୨୩ ତାରିଖରେ ରାଇପୁରରେ ଖେଳାଯିବ।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଆରମ୍ଭରୁ ସଞ୍ଜୁ ସାମସନ ଓ ଇଶାନ କିଶନଙ୍କ ଉଇକେଟ ହରାଇଥିଲା। ଏହାପରେ ଅଭିଷେକ ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ତୃତୀୟ ଉଇକେଟରେ ୪୭ ବଲରେ ୯୯ ରନ ଯୋଡ଼ିଥିଲେ। ଅଧିନାୟକ ସୂର୍ଯ୍ୟକୁମାର (୩୨ ରନ, ୪ ଚୌକା ଓ ୧ ଛକା) ବଡ଼ ଶଟ୍ ଖେଳିବାକୁ ଯାଇ ବାଉଣ୍ଡ୍ରି ଲାଇନରେ କ୍ୟାଚ୍ ଆଉଟ୍ ହେବାରୁ ଯୋଡ଼ି ଭାଙ୍ଗିଥିଲା। ତାଙ୍କ ପରେ ଅଭିଷେକ ୩୫ ବଲରେ ବିସ୍ଫୋରକ ୮୪ ରନ କରି ପାଭିଲିଅନ ଫେରିଥିଲେ। ତାଙ୍କ ଇନିଂସରେ ୫ ଚୌକା ଓ ୮ ଛକା ସାମିଲ ଥିଲା। ମିଡିଲ ଅର୍ଡରରେ ହାର୍ଦ୍ଦିକ ପାଣ୍ଡ୍ୟା ୧୬ ବଲରେ ୨୫ ( ୩ ଚୌକା ଓ ୧ ଛକା) ରନ କରିଥିବା ବେଳେ ଶିବମ ଦୁବେ (୯) ବିଫଳ ହୋଇଥିଲେ। ଶେଷ ଆଡ଼କୁ ରିଙ୍କୁ ସିଂ ୨୦ ବଲରେ ୪ ଚୌକା ଓ ୩ ଛକା ସହିତ ଦ୍ରୁତ ୪୪ ରନ କରିଥିଲେ। ଫଳରେ ଭାରତୀୟ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୩୮ରନ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରିବା ସତ୍ତ୍ୱେ ୭ ଉଇକେଟ ହରାଇ ୧୯୦ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପାଇଁ ଗ୍ଲେନ ଫିଲିପ୍ସ ୪୦ ବଲରେ ୭୮ (୪ ଚୌକା ଓ ୬ ଛକା) ଓ ମାର୍କ ଚାପମାନ ୨୪ ବଲରେ ୩୯ (୪ ଚୌକା ଓ ୨ ଛକା) ରନ କରିଥିଲେ। ବିଜୟୀ ଭାରତ ପାଇଁ ବରୁଣ ଚକ୍ରବର୍ତ୍ତୀ ଓ ଶିବମ ଦୁବେ ୨ ଲେଖାଏ ଉଇକେଟ ନେଇଥିଲେ।


ଶଟ୍ ଖେଳିବା ଅବସରରେ ଅଭିଷେକ ଶର୍ମା।

**ସଂକ୍ଷିପ୍ତ ସ୍କୋର**

ଭାରତୀୟ ଦଳ: ୨୦ ଓଭରରେ ୨୩୮/୭ (ଅଭିଷେକ ଶର୍ମା-୮୪, ରିଙ୍କୁ ସିଂ-୪୪*, ସୂର୍ଯ୍ୟକୁମାର ଯାଦବ-୩୨, ଜାକବ ଡଫି- ୨/୨୭)। ନ୍ୟୁଜିଲାଣ୍ଡ ଦଳ: ୨୦ ଓଭରରେ ୧୯୦/୭ (ଗ୍ଲେନ ଫିଲିପ୍ସ-୭୮, ମାର୍କ ଚାପମ୍ୟାନ- ୩୯, ବରୁଣ ଚକ୍ରବର୍ତ୍ତୀ-୨/୩୭)।

## ୨୭ ସୁଦ୍ଧା ଆର୍‌ସିବି ଭେନ୍ୟୁ ନିର୍ଦ୍ଧାରଣ

ବେଙ୍ଗାଲୁରୁ,୨୧।୧

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଆଇପିଏଲ୍ ଫ୍ରାଞ୍ଚାଇଜ୍ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ଆସନ୍ତା ୨୭ ତାରିଖ ସୁଦ୍ଧା ତା'ର ଭେନ୍ୟୁ ନିର୍ଦ୍ଧାରଣ କରିବାକୁ କୁହାଯାଇଛି। ଆର୍‌ସିବି ତା'ର ଘରୋଇ ମ୍ୟାଚ୍ ଏମ୍. ଚିନାସ୍ୱାମୀ ଷ୍ଟାଡିୟମରେ ଖେଳିବାକୁ ଚାହୁଁଥିବା ବେଳେ କର୍ନାଟକ ରାଜ୍ୟ ସରକାରଙ୍କ ପକ୍ଷରୁ ରଖାଯାଇଥିବା ସର୍ତ୍ତ ଫ୍ରାଞ୍ଚାଇଜ୍ ପାଇଁ ଅସୁବିଧା କରିପାରେ। ଆର୍‌ସିବିକୁ ଷ୍ଟାଡିୟମ ସମ୍ପର୍କିତ ସମସ୍ୟା ସହ ଷ୍ଟାଡିୟମ ବାହାର ରୋଡ୍‌କୁ ତଦାରଖ କରିବାକୁ ଦାୟିତ୍ୱ ଦିଆଯାଇଛି। ଏଥିସହିତ ଡିଜେ ବ୍ୟବହାର ଉପରେ କଟକଣା ଜାରି କରାଯାଇଥିବା ବେଳେ ଅଗ୍ନିଶମ ବିଭାଗ ମୁତୟନ ଲାଗି ବ୍ୟବସ୍ଥା ରହିଛି। ଏହା ଦର୍ଶାଉଛି ଯେ, ରାଜ୍ୟ ସରକାର ପ୍ରଶାସନିକ ଦାୟିତ୍ୱ ନେବାକୁ ଚାହୁଁନାହାନ୍ତି। ଏଣୁ ଏହି ଫ୍ରାଞ୍ଚାଇଜ୍ ତା'ର ଅନ୍ତିମ ନିଷ୍ପତ୍ତି ସମ୍ପର୍କରେ ବିସିସିଆଇକୁ ଅବଗତ କରିବା ପୂର୍ବରୁ ରାଜ୍ୟ ସରକାର ଓ କର୍ନାଟକ ରାଜ୍ୟ କ୍ରିକେଟ ଆସୋସିଏଶନ(କେଏସ୍‌ସିଏ) ସହ ଆଲୋଚନା କରିବ। କେଏସ୍‌ସିଏ ସଭାପତି ଭେଙ୍କଟେଶ ପ୍ରସାଦ ପ୍ରକାଶ କରିଛନ୍ତି, ରାଜ୍ୟ କ୍ରିକେଟ ବୋର୍ଡ ଆର୍‌ସିବି ଫ୍ରାଞ୍ଚାଇଜ୍‌କୁ ରାଜ୍ୟ ସରକାରଙ୍କଠାରୁ ନିଃସର୍ତ୍ତମୂଳକ ଅନୁମତି ପ୍ରଦାନ ଦିଗରେ ଆମେ କାର୍ଯ୍ୟ କରୁଛୁ।

# ଅଭିଜିତ୍ ଗୁପ୍ତାଙ୍କ ସହ ୩ ଅଗ୍ରଣୀ

### ଓଡ଼ିଶା ଓପନ୍ ଗ୍ରାଣ୍ଡମାଷ୍ଟର୍ସ ଚେସ୍

ଭୁବନେଶ୍ୱର, ୨୧।୧(ତପନ ସ୍ୱାଇଁ)

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଓଡ଼ିଶା ଓପନ୍ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଚାମ୍ପିୟନଶିପ୍‌ର ୬ଷ୍ଠ ରାଉଣ୍ଡ ଖେଳ ବୁଧବାର ଶେଷ ହୋଇଛି। ଏହା ମଧ୍ୟରୁ ୫.୫ ପଏଣ୍ଟ ଲେଖାଏ ପାଇ ୩ ଖେଳାଳି ମିଳିତ ଅଗ୍ରଣୀଲାଭ କରିଛନ୍ତି। ସେମାନେ ହେଲେ ଗ୍ରାଣ୍ଡମାଷ୍ଟର ଅଭିଜିତ୍ ଗୁପ୍ତା ଓ ଏନ୍‌ଗୁଏନ ଭାନ୍ ହୁୟାଣ୍ଡ ଏବଂ ୧୩ ବର୍ଷୀୟ କ୍ୟାଣ୍ଡିଡେଟ୍ ମାଷ୍ଟର ମଧ୍ୟପ୍ରଦେଶର ପ୍ରତାପ ଶର୍ମା।

#### 'ସି' ବର୍ଗ ଇଭେଣ୍ଟ ଆରମ୍ଭ

ସର୍ବଭାରତୀୟ ଚେସ୍ ଫେଡେରେଶନ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ(ଏଓସିଏ) ଏବଂ ଇ-ସ୍ପୋର୍ଟ୍ସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଚାଲିଥିବା ଏହି ପ୍ରତିଯୋଗିତାର 'ସି' ବର୍ଗ ଇଭେଣ୍ଟ ଆରମ୍ଭ ହୋଇଛି। ଏଥିରେ ମୋଟ ୪୪୫ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୨୮୮ ରେଟେଡ୍ ଖେଳାଳି ସାମିଲ। ବିଧାୟିକା ସୋଫିଆ ଫିର୍ଦ୍ଦୋସ ଅତିଥିଭାବେ ଯୋଗଦେଇ ଏହି ଇଭେଣ୍ଟକୁ ଉଦ୍‌ଘାଟନ କରିଛନ୍ତି। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ତଥା ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ, ରୋଟାରି କ୍ଲବ ନୀଳାଦ୍ରିର ସଭାପତି ସୁଜିତ୍ ରାଉତ, କିଙ୍ଗ୍ସ ଚେସ୍ ସେଣ୍ଟର ପ୍ରତିଷ୍ଠାତା ବିଶ୍ୱଜିତ୍ ରାୟ, ଚେସ୍ ଟର୍ଫ ଏକାଡେମୀ ନିର୍ଦ୍ଦେଶକ ଏସ୍. ସତ୍ୟକାମ ପ୍ରମୁଖ ଉପସ୍ଥିତ ଥିଲେ।


ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବାଂଲାଦେଶ ମ୍ୟାଚ୍ ଭାରତରେ ଖେଳାଯିବ

ଦୁବାଇ,୨୧।୧(ପି.ଟି.)

ଟି୨୦ ବିଶ୍ୱକପ୍ ଲାଗି ମ୍ୟାଚ୍ ସ୍ଥାନାନ୍ତର କରିବାକୁ ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି) ପକ୍ଷରୁ କରାଯାଇଥିବା ଅନୁରୋଧକୁ ବୁଧବାର ବସିଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ବୋର୍ଡ ବୈଠକରେ ପ୍ରତ୍ୟାଖ୍ୟାନ କରାଯାଇଛି। ବାଂଲାଦେଶ ଖେଳାଳିଙ୍କ ପ୍ରତି ଭାରତରେ ସେଭଳି କୌଣସି ସୁରକ୍ଷାଜନିତ ବିପଦ ନ ଥିବାରୁ ଟୁର୍ନାମେଣ୍ଟ କାର୍ଯ୍ୟସୂଚୀ ମୁତାବକ ଆଗକୁ ବଢ଼ିବ ବୋଲି କୁହାଯାଇଛି। ଭିଡିଓ କନ୍‌ଫରେନ୍ସ ଜରିଆରେ ଅନୁଷ୍ଠିତ ବୈଠକରେ ସମସ୍ତ ସଦସ୍ୟ ବୋର୍ଡର ପ୍ରତିନିଧି ଯୋଗଦେଇଥିଲେ। ଭେନ୍ୟୁ ପରିବର୍ତ୍ତନକୁ ନେଇ ବିସିବି ଚିନ୍ତା ବ୍ୟକ୍ତ କରିବା ପରେ ଏହି ବିଷୟ ଉପରେ ଆଲୋଚନା ହୋଇଥିଲା। ଆଇସିସି ପକ୍ଷରୁ ବାଂଲାଦେଶ ଦଳ ଲାଗି କରାଯାଇଥିବା ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରାଯାଇଥିଲା। ବୋର୍ଡ ମିଟିଂରେ ଭାଗ ନେଇଥିବା ୧୬ରୁ ୧୪ ସଦସ୍ୟ ବୋର୍ଡ ବିସିବିର ଅନୁରୋଧ ବିରୋଧରେ ଭୋଟ ଦେଇଥିଲେ। ତେବେ ଆଇସିସି ପକ୍ଷରୁ ବିସିବିକୁ ତା'ର ଚୂଡ଼ାନ୍ତ ନିଷ୍ପତ୍ତି ଲାଗି ଗୁରୁବାର ପର୍ଯ୍ୟନ୍ତ ସମୟ ଦିଆଯାଇଛି। କିନ୍ତୁ ଆଇସିସି ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବା ପରେ ବିସିବିକୁ ଚୂଡ଼ାନ୍ତ ନିଷ୍ପତ୍ତି ନେବା ପାଇଁ ଏକ ଅତିରିକ୍ତ ଦିନ ଦିଆଯାଇଛି। ବୋର୍ଡ ମିଟିଂରେ ଏଭଳି ନିଷ୍ପତ୍ତିର ଅର୍ଥ ବିଶ୍ୱକପ୍ କାର୍ଯ୍ୟସୂଚୀରେ କୌଣସି ପରିବର୍ତ୍ତନ ହେବନାହିଁ। ବର୍ତ୍ତମାନ ପରିସ୍ଥିତିରେ ମ୍ୟାଚ୍ ସ୍ଥାନାନ୍ତର କରିବା ଦ୍ୱାରା ଆଇସିସି ପ୍ରତିଯୋଗିତାର ମର୍ଯ୍ୟାଦା ହାନି ହେବ ଏବଂ ଅନ୍ତିମ ପର୍ଯ୍ୟାୟରେ ଟୁର୍ନାମେଣ୍ଟ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିବା ସମ୍ଭବ ନୁହେଁ ବୋଲି ଆଇସିସି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

#### ବାଂଲାଦେଶ ସପକ୍ଷରେ ପାକିସ୍ତାନ

ସୁରକ୍ଷାଗତ କାରଣ ଦର୍ଶାଇ ଭାରତରେ ଟି୨୦ ବିଶ୍ୱକପ୍ ଖେଳିବାକୁ ମନା କରୁଥିବା ବାଂଲାଦେଶ ପ୍ରତି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ସମର୍ଥନ ବ୍ୟକ୍ତ କରିଛି। ଏପରିକି ପିସିବି ବାଂଲାଦେଶ ଦଳର ମ୍ୟାଚ୍ ଆୟୋଜନ କରିବାକୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି)କୁ ପ୍ରସ୍ତାବ ଦେଇଛି।

ପିସିବି ପକ୍ଷରୁ ଏକ ଇ-ମେଲ୍ ଜରିଆରେ ବାଂଲାଦେଶ ବୋର୍ଡ ଦ୍ୱାରା କରାଯାଇଥିବା ଦାବିକୁ ଯଥାର୍ଥ ଦର୍ଶାଯାଇଛି।

# ବିହାର ଚାମ୍ପିୟନ, ଓଡ଼ିଶା ରନରଅପ୍

ଭୁବନେଶ୍ୱର,୨୧।୧(ଅନାଦି କର)

ଓଡ଼ିଶା ସରକାର ସହ ରଗ୍‌ବୀ ଇଣ୍ଡିଆ ଏବଂ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନର ମିଳିତ ଉଦ୍ୟମରେ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଦଶମ ୧୫ ବର୍ଷରୁ କମ୍ ବାଳକ ସବ ଜୁନିୟର ଜାତୀୟ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଓଡ଼ିଶାକୁ ପରାସ୍ତ କରି ବିହାର ଚାମ୍ପିୟନ ହୋଇଛି। ଗତ ବର୍ଷ ରନରଅପ୍ ହୋଇଥିବା ରାଜସ୍ଥାନ ତୃତୀୟ ସ୍ଥାନ ଅଧିକାର କରିଛି। ତୃତୀୟ ସ୍ଥାନ ଲାଗି ଅନୁଷ୍ଠିତ ମ୍ୟାଚ୍‌ରେ ରାଜସ୍ଥାନ ୩୮-୭ ବ୍ୟବଧାନରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ଓଡ଼ିଶା ସେମିଫାଇନାଲରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲା। ଦଳ ୦-୫ରେ ପଛରେ ଥିବା ସତ୍ତ୍ୱେ ଓଡ଼ିଶା ୧୨-୫ ବ୍ୟବଧାନରେ ରାଜସ୍ଥାନକୁ ହରାଇଥିଲା। ଅନ୍ୟ ଏକ ସେମିଫାଇନାଲରେ ବିହାର ୧୫-୭ ବ୍ୟବଧାନରେ ମହାରାଷ୍ଟ୍ରକୁ ହରାଇ ଫାଇନାଲରେ ସ୍ଥାନ ପକ୍କା କରିଥିଲା। ଡିଫେଣ୍ଡିଂ ଚାମ୍ପିୟନ ବିହାର ଦଳୀୟ ଯୋଜନାକୁ ସଠିକ ଭାବେ କାର୍ଯ୍ୟକାରୀ କରି ଫାଇନାଲକୁ ୩୮-୭ ବ୍ୟବଧାନରେ ଜିତି ବାଳକ ୧୫ ବର୍ଷରୁ କମ୍ ଟାଇଟଲ ପୁଣି ଥରେ ଜିତିଛି। ଏହା ଏହି ବୟସ ବର୍ଗର ରଗବୀ ପ୍ରତିଯୋଗିତାରେ ବିହାରର ପ୍ରଭୁତ୍ୱକୁ ଦର୍ଶାଉଛି। ମହାରାଷ୍ଟ୍ରର ଅଥର୍ଭ ଭିଲାସ ଇନ୍ଦୁଲକର ସର୍ବାଧିକ ୯୧ ପଏଣ୍ଟ ସ୍କୋର କରିଥିଲେ। ଏଥିରେ ୧୫ ଟ୍ରାଇଜ ଓ ୮ କନଭରସେଶନ ସାମିଲ ଥିଲା। ରାଜସ୍ଥାନର ପ୍ରିୟାଂଶୁ ମିଶ୍ରା ଓ ଅନୁଜ କୁମାର ଯଥାକ୍ରମେ ୭୯ ଓ ୭୧ ପଏଣ୍ଟ ସହ ଦ୍ୱିତୀୟ ଓ ତୃତୀୟ ସ୍ଥାନ ରହିଥିଲେ। ବାଳକ ସବ-ଜୁନିୟର ଜାତୀୟ ଚାମ୍ପିୟନଶିପ୍‌ରେ ୨୪ ରାଜ୍ୟ, ୫୫୦ ଆଥଲେଟ୍, ୧୦୦ ଟିମ ଅଫିସିଆଲ୍ସ ଓ ୩୦ ଜାତୀୟ ଟେକନିକାଲ ଅଧିକାରୀ ଭାଗ ନେଇଥିଲେ।







କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନ୍‌ଶିପ୍‌ରେ ଚାମ୍ପିୟନ ବିହାର ଓ ରନରଅପ୍ ଓଡ଼ିଶା ଦଳର ଖେଳାଳିମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ